# ନୀଳକଂଠ ସ୍ମାରକୀ

## ୬ଷ୍ଠ ଖଣ୍ଡ

## ଲୋକ ସଂସ୍କୃତିବିତ୍ ନୀଳକଂଠ



ପଣ୍ଡିତ ନୀଳକଂଠ ସ୍ମୃତି ସମିତି

# ନୀଳକଂଠ ସ୍ମାରକୀ

## ଷଷ୍ଠ ଖଣ୍ଡ

### ଲୋକ ସଂସ୍କୃତିବିତ୍ ନୀଳକଂଠ

ଡଃ ମହେନ୍ଦ୍ର କୁମାର ମିଶ୍ର, ଏମ୍.ଏ.ପି.ଏଚ୍.ଡି:

ପଣ୍ଡିତ ନୀଳକଂଠ ସ୍ମୃତି ସମିତି
୩୦୩, ଖାରବେଳ ନଗର
ଭୁବନେଶ୍ୱର-୭୫୧ ୦୦୧

**ନୀଳକଂଠ ସ୍ମାରକୀ-୬ଷ୍ଠ ଖଣ୍ଡ**
ଲୋକ ସଂସ୍କୃତିବିତ୍ ନୀଳକଂଠ
ରଚନା : ଡଃ ମହେନ୍ଦ୍ର କୁମାର ମିଶ୍ର, ଏମ୍.ଏ.ପି.ଏଚ୍.ଡ଼ି.
ପ୍ରକାଶକ : ପଣ୍ଡିତ ନୀଳକଂଠ ସ୍ମୃତି ସମିତି
୩୦୩, ଖାରବେଳ ନଗର
ଭୁବନେଶ୍ୱର–୭୫୧୦୦୧
ମୁଦ୍ରାକର : କ୍ୱାଲିଟି ପ୍ରେସ୍ (ପ୍ରା) ଲିମିଟେଡ
ଇଣ୍ଡଷ୍ଟ୍ରିୟାଲ ଏରିଆ
ଭୁବନେଶ୍ୱର–୭୫୧୦୦୧
ପ୍ରଥମ ସଂସ୍କରଣ : ୧୯୯୦
ମୂଲ୍ୟ : ସାଧା ସିଲେଇ– ଟ ୨୦–୦୦
ବୋର୍ଡ ବଂଧାଇ– ଟ ୨୫–୦୦

NILAKANTHA SMARAKI—Vol. VI
Lok Saskrutibit Pandit Nilakantha
Writer
Dr. Mahendra Kumar Misra, M.A. Ph.D.
Publisher
Pandit Nilakantha Smruti Samiti
303, Kharabela Nagar
Bhubaneswar-751 001
Printed at
Kwality Press (P) Ltd.
Industrial Area
Bhubaneswar-751 001
Price
Rs. 20.00 (Paper Pack)
Rs. 25.00 (Board Bound)

# ସୂଚୀପତ୍ର

ସ୍ମୃତି ସମିତି ତରଫରୁ
ମୁଖବନ୍ଧ

୧ମ ଅଧ୍ୟାୟ–
ବିଶ୍ୱ ଲୋକ ସଂସ୍କୃତି ଚର୍ଚ୍ଚାର କ୍ରମ ବିକାଶ ପୃ ୧

୨ୟ ଅଧ୍ୟାୟ–
ଭାରତରେ ଲୋକ ସଂସ୍କୃତି ଚର୍ଚ୍ଚାର କ୍ରମ ବିକାଶ ପୃ ୨୬

୩ୟ ଅଧ୍ୟାୟ–
ନୀଳକଂଠଙ୍କ ଲୋକ ସଂସ୍କୃତି ଚର୍ଚ୍ଚାର ପ୍ରେରଣା ଓ ପୃଷ୍ଠଭୂମି ପୃ ୪୬

୪ର୍ଥ ଅଧ୍ୟାୟ–
ଲୋକ ସଂସ୍କୃତି ଚର୍ଚ୍ଚାରେ ନୀଳକଂଠ ପୃ ୬୧

୫ମ ଅଧ୍ୟାୟ–
ନୀଳକଂଠଙ୍କ ଲୋକ ସାହିତ୍ୟ ଚର୍ଚ୍ଚା–କିଂବଦଂତୀ ପୃ ୭୬

# ସ୍ମୃତି ସମିତି ତରଫରୁ

ଏଥି ସହିତ ନୀଳକଂଠ ସ୍ମାରକୀ—୬ଷ୍ଠ ଖଣ୍ଡ "ଲୋକସଂସ୍କୃତିବିତ୍ ପଣ୍ଡିତ ନୀଳକଂଠ" ପ୍ରକାଶ ପାଉଛି । କଳାହାଣ୍ଡି ସିନାପାଲିର ଡଃ ମହେନ୍ଦ୍ର କୁମାର ମିଶ୍ର M.A. Ph.D. ଏହା ରଚନା କରିଚନ୍ତି । ପଣ୍ଡିତ ନୀଳକଂଠ ଯେ ଅସାଧାରଣ ପାଣ୍ଡିତ୍ୟର ଅଧିକାରୀ ଥିଲେ, ଏହା ସମସ୍ତେ ଭଣା ଅଧିକେ ଜାଣନ୍ତି ଏବଂ ଏହା ଯେ ବହୁ ଦିଗକୁ ଦିଗନ୍ତ ପ୍ରସାରୀ ଥିଲା, ତାହା ମଧ୍ୟ ଅନେକକୁ ଜଣା । ତେବେ ସେଥିର ଅନୁଶୀଳନ ଲାଗି ପଣ୍ଡିତ ନୀଳକଂଠ ସ୍ମୃତି ସମିତି ଯେତେ ଉଦ୍ୟମ କଲେ ମଧ୍ୟ, ତାହା ଯଥେଷ୍ଟ ହୋଇ ପାରି ନାଇ । ଉଦାହରଣ ସ୍ୱରୂପ, ସ୍ମୃତି ସମିତି ନୀଳକଂଠଙ୍କର କୃତିର ପ୍ରଧାନତଃ ୩ଟି ଦିଗ, ସାହିତ୍ୟ, ରାଜନୀତି ଓ ଦାର୍ଶନିକ ଦୃଷ୍ଟିକୋଣ ଉପରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଗୋଟିଏ ଗବେଷକ ପଦ ଲାଗି ୧୯୭୯ ମସିହାରୁ Endowment ସୃଷ୍ଟି କରିଥିଲେ ମଧ୍ୟ ତାଙ୍କ ସାହିତ୍ୟିକ କୃତିର ୨ ବର୍ଷର ଅନୁଶୀଳନ ପରେ ଉକ୍ତ ବିଭାଗର ମୁଖ୍ୟ ସାଧାରଣ ସଭାରେ ପ୍ରକାଶ କରିଥିଲେ ଯେ "ଆମେ ଏ ଯାଏ ନୀଳକଂଠଙ୍କ ସାହିତ୍ୟର ଅଗାଧ ପାରାବାରର ପାଦଦେଶରୁ ଉପଳ ଖଣ୍ଡମାନ ମଧ୍ୟ ସଂଗ୍ରହ କରି ପାରି ନାହୁଁ ।" ଲୋକ ସଂସ୍କୃତି ଚର୍ଚ୍ଚା ସାହିତ୍ୟିକ କୃତିର ଗୋଟାଏ ଅଙ୍ଗ ହେଲେହେଁ ସେଥି ଲାଗି କୌଣସି ଉଦ୍ୟମ ହୋଇ ପାରି ନଥିଲା । ଏଥିପ୍ରତି ଦୃଷ୍ଟି ପଡ଼ିଲା, ଯେତେବେଳେ ସମିତି କାର୍ଯ୍ୟକାରୀ କମିଟିର ସଭ୍ୟ ସାହିତ୍ୟିକ ଡଃ ଭବଗ୍ରାହୀ ମିଶ୍ର ଗତବର୍ଷ ଡିସେମ୍ବର ମାସରେ ବ୍ରହ୍ମପୁର ବିଶ୍ୱ-ବିଦ୍ୟାଳୟରେ "Luiguistics and Folkloristics—An assesment of Pt. Nilakantha's contributions ଉପରେ ସମିତି ତରଫରୁ ଗୋଟିଏ ଆଲୋଚନା ଚକ୍ରର ଆୟୋଜନ କଲେ । ସେଥିରେ ଆଲୋଚିତ ପ୍ରବଂଧ ଗୁଡ଼ିକ ଅବଶ୍ୟ ଏଯାଏ ପ୍ରକାଶ ପାଇ ନାହିଁ ।

ଏବେ ସାହିତ୍ୟିକ ଡଃ ମିଶ୍ର ନୀଳକଂଠଙ୍କ ଲୋକ ସାହିତ୍ୟ ଚର୍ଚ୍ଚା ଉପରେ ବହୁତ କିଛି ଅନୁଶୀଳନ କରି ଉକ୍ତ ପୁସ୍ତକଟି ରଚନା କରିଚନ୍ତି ।

ଏହା ଯେ ପାଠକମାନଙ୍କର ଏ ବିଷୟକ ଜ୍ଞାନ ଆହରଣରେ ବିଶେଷ ସହାୟକ ହେବ ଏଥିରେ ସନ୍ଦେହ ନାଇ ।

ପଣ୍ଡିତ ନୀଳକଂଠ ଏ ଦିଗରେ ଯେତେ କିଛି ଲେଖି ଯାଇଚନ୍ତି, ତହିଁର ପ୍ରଭୂତ ଅନୁଶୀଳନ ସହିତ ଲେଖକ ବିଶ୍ୱ ସଂସ୍କୃତି ଚର୍ଚ୍ଚା ଓ ବିଶ୍ୱ-ସଂସ୍କୃତିବିତ୍ ମାନଙ୍କ ସମ୍ପର୍କରେ ମଧ୍ୟ ଅନେକ ବିଷୟର ଅବତାରଣା କରିଚନ୍ତି ଏବଂ ଓଡ଼ିଆ ଲୋକ ସଂସ୍କୃତି ଚର୍ଚ୍ଚା କ୍ଷେତ୍ରରେ ନୀଳକଂଠ ଯେ ଅଗ୍ରଦୂତ ଥିଲେ ତାହା ଲେଖକ ଅତି ନମ୍ରତାର ସହିତ ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ସେ ଯେ ଯଥାର୍ଥରେ ଜଣେ ଉଚ୍ଚ ସ୍ତରର ଲୋକ ସଂସ୍କୃତିବିତ୍ ଥିଲେ ତାହା ପ୍ରତିପାଦନ କରିଚନ୍ତି ।

ଲେଖକଙ୍କର ନୀଳକଂଠ ପ୍ରୀତି ସହିତ ଓଡ଼ିଆ ସାହିତ୍ୟ ଓ ଆଦିବାସୀ ଭାଷା ଓ ସଂସ୍କୃତି ଚର୍ଚ୍ଚାରେ ଅଦମ୍ୟ ଉଦ୍ୟମ ନିଶ୍ଚୟ ଏ ରାଜ୍ୟ ପକ୍ଷରେ ଏକ ସୌଭାଗ୍ୟର ବିଷୟ । ଆମ୍ଭେମାନେ ତାଙ୍କର ଶ୍ରୀ ବୃଦ୍ଧି କାମନା କରିବା ସଙ୍ଗେ ସଙ୍ଗେ ତାଙ୍କ ପ୍ରତି ପଣ୍ଡିତ ନୀଳକଂଠଙ୍କ ଅମର ଆତ୍ମାର ଆଶୀର୍ବାଦ ଭିକ୍ଷା କରୁଚୁ ।

କହିବା ନିଷ୍ପ୍ରୟୋଜନ ଯେ ଆମମାନଙ୍କ ପକ୍ଷରେ ଏହା ଏକ ବିଶେଷ ଆନନ୍ଦର ବିଷୟ ଯେ ଗତବର୍ଷ କୋରାପୁଟ ବାସୀ ଡଃ K. C. Padhyଙ୍କ UTKALA GURU NILAKANTHA ପୁସ୍ତକ ପ୍ରକାଶନ ପରେ ଏ ବର୍ଷ ଉପାନ୍ତ ଅଞ୍ଚଳ କଳାହାଣ୍ଡି ବାସୀ ଡଃ ମିଶ୍ର ଏ ପୁସ୍ତକଟି ରଚନା କରି ଆମମାନଙ୍କୁ ପ୍ରକାଶ ନିମନ୍ତେ ଦେଇଚନ୍ତି । ଓଡ଼ିଆ ଭାଷା ଭାଷୀ ସମସ୍ତ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବୀ ଯେଉଁ ନୀଳକଂଠଙ୍କ ପ୍ରଥମ ରାଜନୈତିକ ଜୀବନର ଲକ୍ଷ ଓ ଉଦ୍ୟମ ଥିଲା ତାଙ୍କର ଅମର ଆତ୍ମା ମଧ୍ୟ ଏଥିରେ ଯେ ଅଧିକ ସନ୍ତୋଷ ଲାଭ କରୁଥିବ ଏହା ନିଃସନ୍ଦେହ ।

ସବୁ ଶୁଭ ହେଉ ।

**ମଧୁସୂଦନ ଦାଶ**
ସାଧାରଣ ସମ୍ପାଦକ
ପଣ୍ଡିତ ନୀଳକଂଠ ସ୍ମୃତି ସମିତି

# ମୁଖବନ୍ଧ

ମୋ ବିଚାରରେ ପଣ୍ଡିତ ନୀଳକଂଠ ଥିଲେ ଜଣେ ଦେଶବତ୍ସଳ "ରାଷ୍ଟ୍ରନୀତିଜ୍ଞ" । ନିଜର ରାଷ୍ଟ୍ରକୁ ଚିହ୍ନି ଚିହ୍ନାଇବାରେ, ବୈଶିଷ୍ଟ୍ୟ ଖୋଜିବାରେ ଓ ଭବିଷ୍ୟତର ଅଭିବୃଦ୍ଧି ବା ବିକାଶର ସ୍ୱପ୍ନ ଦେଖିବାରେ ତାଙ୍କର ସମଗ୍ର ଜୀବନକାଳ କଟିଗଲା । ଜାଗତିକ କ୍ରିୟା କଳାପ ଦୃଷ୍ଟିରୁ ସେ କୌଣସି ବିଦ୍ୟାରେ "ପେଷାଦାର" (Professional) ନ ଥିଲେ, କିମ୍ବା "ସୌଖୀନ" (Amateur) ମଧ୍ୟ ନ ଥିଲେ । ଜାତିକୁ ଚିହ୍ନି ଚିହ୍ନାଇବାକୁ ଯେଉଁ "ପୂର୍ଣ୍ଣାଙ୍ଗ" (Holistic) ଦୃଷ୍ଟିଭଙ୍ଗୀ ଆବଶ୍ୟକ, ସେ ସବୁ ଦିଗରୁ ପଣ୍ଡିତ ନୀଳକଂଠ ନିଜର ଅବବୋଧ ପାଇଁ ଓ ଜଗତକୁ ତାଙ୍କର ସ୍ୱକୀୟ ଚିନ୍ତାଧାରା ଜଣେଇଦବା ପାଇଁ ଯେଉଁ ସଂଗ୍ରାମ କରିଥିଲେ, ତାଙ୍କର କୃତି ଗୁଡ଼ିକ ତାହାରି ସଫଳ ରୂପାୟନ । ଏଥିପାଇଁ ଭାଷା, ସାହିତ୍ୟ, ସଂସ୍କୃତି, ସାମ୍ବାଦିକତା, ରାଜନୀତି, ଅର୍ଥନୀତି, ଇତିହାସ, ଧର୍ମଦର୍ଶନ ଆଦିର କଳନା କରି କେତେବେଳେ ପ୍ରବନ୍ଧ ଆକାରରେ, କେବେ କବିତା ଆକାରରେ ବା କେତେବେଳେ ଜଣେ ବିଧାୟକର ଭାଷଣ, ମନ୍ତବ୍ୟ ଆକାରରେ ନିଜର ଅନୁସନ୍ଧିତ୍ସୁ ଭାବାବେଗର ସ୍ୱାକ୍ଷର ଲିପିବଦ୍ଧ କରିଯାଇଛନ୍ତି । ତେଣୁ ପଣ୍ଡିତ ନୀଳକଂଠଙ୍କୁ "ଶିକ୍ଷାଜଗତ" (Academia)ର କୌଣସି ନିର୍ଦ୍ଦିଷ୍ଟ ବିଷୟ ଶୃଙ୍ଖଳାର (Discipline) ପରିଧି ମଧ୍ୟରେ ସୀମିତ ରଖିବା ଏକ "ପେଷାଦାରୀ" ଆକଳନ ହୋଇପାରେ ଓ ଏପରି କଳନା ମଧ୍ୟ "ସ୍ୱୟଂ ସଂପୂର୍ଣ୍ଣ" ଭାବରେ ଉପସ୍ଥାପିତ କରାଯାଇପାରେ । କିନ୍ତୁ ଏହା ପଣ୍ଡିତ ନୀଳକଂଠଂକର "ବ୍ୟକ୍ତିତ୍ୱ"ର ପରିପୂର୍ଣ୍ଣ ସମୀକ୍ଷା ପାଇଁ କେବଳ କେତେ-ଗୁଡ଼ିଏ "ଆଙ୍ଗିକ ଦୃଷ୍ଟିକୋଣ"ର ସମାହାର ଭାବରେ ଗ୍ରହଣ କରାଯାଇ-ପାରେ । ଏହି "ଆଙ୍ଗିକ ଦୃଷ୍ଟିକୋଣ"ର ବିଚାରକୁ ଯେତିକି ଗଭୀର ଭାବରେ ଅନୁଶୀଳନ କରାଯାଇ ପାରିବ, ପଣ୍ଡିତ ନୀଳକଂଠଙ୍କର ବ୍ୟକ୍ତିତ୍ୱ ଓ ଜୀବନାଦର୍ଶ ସେତିକି ଜାଜ୍ୱଲ୍ୟମାନ ହୋଇ ପାରିବ ଓ ତାଙ୍କର "ଓଡ଼ିଆ-ପ୍ରାଣତା" ସେତିକି ସୁସ୍ପଷ୍ଟ ହୋଇ ପାରିବ ।

ଏହି "ଗ୍ରନ୍ଥ ରଚନା", ଡକ୍ଟର ମହେନ୍ଦ୍ର ମିଶ୍ରଙ୍କର ସେହିଭଳି ଦୃଷ୍ଟିଭଙ୍ଗୀର ପରିଚୟ ପ୍ରଦାନ କରୁଛି । ବିଶ୍ୱସଭ୍ୟତାରେ, "ଶିକ୍ଷାଜଗତ"ରେ ଏଇଭଳି ସୂତ୍ରମାନ ଖୋଜି ବ୍ୟକ୍ତିର, ସାହିତ୍ୟାଦର୍ଶର, ସଂସ୍କୃତିର କଳନା କରଯାଇଛି । ଭାରତବର୍ଷର ସଙ୍ଗୀତ ଶାସ୍ତ୍ରରେ ଉପାଦାନ ସଂଗ୍ରହ ଓ ଆଲୋଚନାର ଦୁଇଟି ମାର୍ଗ ସ୍ୱୀକୃତ—ଶାସ୍ତ୍ରୀୟ ଓ ଦେଶୀ । ପରସ୍ପର ପରସ୍ପରର ପରିପୂରକ । ଭାଷା କ୍ଷେତ୍ରରେ ମଧ୍ୟ ସେଇଭଳି "କଥିତ" ଓ "ଲିଖିତ" ଭାଷାର ଅନୁଧ୍ୟାନ ହୋଇ ଆସୁଛି । କିନ୍ତୁ "ସଂସ୍କୃତି"ର କଳନା କ୍ଷେତ୍ରରେ "ଲୋକ-ସଂସ୍କୃତି", ବିଦଗ୍ଧ (ବା ଶାସ୍ତ୍ରୀୟ ବା ଲିଖିତ) ସଂସ୍କୃତି ମଧ୍ୟରେ ଥିବା ସଂପର୍କ ଓ ପରସ୍ପର ନିର୍ଭରଶୀଳତାକୁ ଅନୁଶୀଳନ କରିବା ପାଇଁ ଯେଉଁ "ଶିକ୍ଷା-ପରିବେଶ" ସୃଷ୍ଟି ହେବା ଆବଶ୍ୟକ, ଯେଉଁ ଯୋଜନା-ବଦ୍ଧ ଉଦ୍ୟମ ହେବା କଥା, ତାହା ସ୍ୱାଧୀନତା ପ୍ରାପ୍ତିର ୪୩ ବର୍ଷ ପରେ ମଧ୍ୟ ସମ୍ଭବ ହୋଇ ପାରିନାହିଁ । କିନ୍ତୁ ଏଠାରେ ସ୍ମରଣ ରଖିବା ଆବଶ୍ୟକ ଯେ ପଣ୍ଡିତ ନୀଳକଂଠ ସ୍ୱାଧୀନତା ପ୍ରାପ୍ତିର ବହୁ ବର୍ଷ ପୂର୍ବରୁ ଲୋକ-ସଂସ୍କୃତି ଓ ଶାସ୍ତ୍ରୀୟ ସଂସ୍କୃତିର ପରିପୂରକତା ସଂପର୍କରେ କେବଳ ସଚେତନ ନଥିଲେ—ବରଂ ଏହାକୁ ଏକ "ବିଷୟ-ଶୃଙ୍ଖଳା"ର ଆନୁସଙ୍ଗିକ ବିଚାରଧାରା ଭାବରେ ଗ୍ରହଣ କରି ନେଇ "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ" ଗ୍ରନ୍ଥରେ ସାହିତ୍ୟ ଓ ସଂସ୍କୃତିର କଳନା କରିବା କ୍ଷେତ୍ରରେ "ଲୋକ-ଉପାଦାନ" (Folk element)ର କି ଭଳି ଆବଶ୍ୟକତା ରହିଛି, ତାହାର ପ୍ରୟୋଗ ପରୀକ୍ଷା କରି ମାର୍ଗ ଦର୍ଶାଇ ଦେଇଯାଇଥିଲେ ।

ପଣ୍ଡିତ ନୀଳକଂଠଙ୍କ ପରେ ଏଭଳି ଅନୁଶୀଳନର ଧାରା ସେପରି ବିଶେଷ ପ୍ରସିଦ୍ଧି ପାଇ ପାରିନାହିଁ । ବୋଧହୁଏ ସେଥିପାଇଁ ସାମାଜିକ, ଶିକ୍ଷା, ସଂସ୍କୃତିର ନିୟାମକମାନଙ୍କର ଉତ୍ସାହର ଅଭାବ ବା ଅଗଭୀର ଜ୍ଞାନ ହିଁ ଦାୟୀ । ଅନୁକରଣ ସର୍ବସ୍ୱ ଏକ ଜାତି ପୃଥିବୀରେ ନିଜର ସ୍ୱକୀୟତା, ବୈଶିଷ୍ଟ୍ୟ ପ୍ରତିପାଦନ କରିପାରେ ନାହିଁ । ଏଥିପାଇଁ ଗଭୀର ଅଧ୍ୟୟନ, ମନନଶୀଳତା, ଯୁକ୍ତିପ୍ରବଣତା ଓ ସର୍ବୋପରି ଏକ "ଦୂରଦୃଷ୍ଟି"ର ଆବଶ୍ୟକତା ରହିଛି । ପଣ୍ଡିତ ନୀଳକଂଠଙ୍କର କୃତି ଆଲୋଚନା କାଳରେ ଏଭଳି ଅନୁଭବମାନ ଆସେ । ତେଣୁ ପଣ୍ଡିତ ନୀଳକଂଠ "ଲୋକ-ସଂସ୍କୃତି" ଚର୍ଚ୍ଚା କ୍ଷେତ୍ରରେ ଯେଉଁ ସୁସ୍ପଷ୍ଟ ଅବଦାନ ଲିପିବଦ୍ଧ କରିଯାଇଛନ୍ତି, ତାହାର କଳନା କରିବା ଆବଶ୍ୟକ ଥିଲା । ଏହି ଗ୍ରନ୍ଥର ଲେଖକ ଡକ୍ଟର ମହେନ୍ଦ୍ର ମିଶ୍ର "ଲୋକ-ସଂସ୍କୃତି" ଅଧ୍ୟୟନର ତାତ୍ତ୍ୱିକ ଓ ବିଜ୍ଞାନ ସମ୍ମତ ପୃଷ୍ଠ ଭୂମିରେ ପଣ୍ଡିତ ନୀଳକଂଠଙ୍କ ଅବଦାନର ଯେଉଁ କଳନା କରିଛନ୍ତି, ତାହା ମୋ ବିଚାରରେ ଏକ "ମୁଖଶାଳା" ମାତ୍ର । ଏହି ଚର୍ଚ୍ଚାର ଧାରାକୁ ଆହୁରି ବ୍ୟାପକ, ଗଭୀର, ତୁଳନାତ୍ମକ କରିବାର ଆବଶ୍ୟକତା ରହିଛି ଓ ମୋ ବିଚାରରେ ପରବର୍ତ୍ତୀ କାଳରେ ଡକ୍ଟର ମହେନ୍ଦ୍ର ମିଶ୍ରଙ୍କ ଠାରୁ ହିଁ ସେଭଳି ଅଧ୍ୟୟନ ଆମେ ଆଶା କରି ପାରିବା ।

ଗ୍ରନ୍ଥ-ରଚନା କାଳରେ ଡକ୍ଟର ମିଶ୍ର ମୋ ସହିତ ଆଲୋଚନା ଅବ୍ୟାହତ ରଖିଥିଲେ । ସାମଗ୍ରିକ ଭାବରେ ବିଚାର କଲେ, ମୋ ଦୃଷ୍ଟିରେ ଏ ଗ୍ରନ୍ଥଟି ଭବିଷ୍ୟତ ଗବେଷକଙ୍କ ପାଇଁ ଏକ ଭିତ୍ତି—(Foundational) ଆଲୋଚନା ଭାବରେ ନିଶ୍ଚିତ ଗୃହୀତ ହେବ ବୋଲି କୁହାଯାଇପାରେ । କିନ୍ତୁ ଏଇ ପରିପ୍ରେକ୍ଷୀରେ ସୂଚାଇ ଦେବା ଅପ୍ରାସଙ୍ଗିକ ହେବ ନାହିଁ ଯେ ଶିକ୍ଷା-ଜଗତର ଯେ କୌଣସି "ବିଷୟ-ଶୃଙ୍ଖଳା" ତା'ର ନିଜସ୍ୱ ଶବ୍ଦାବଳୀ, ଧାରଣା, ପରିଭାଷା ବ୍ୟବହାର ସଂପର୍କରେ ଏକ ସର୍ବବାଦୀ ସମ୍ମତ "ଶବ୍ଦ ଭଣ୍ଡାର" ସୃଷ୍ଟି କରି ନ ପାରିଲେ, ସେହି "ବିଷୟ-ଶୃଙ୍ଖଳା"କୁ ଅବଲମ୍ବନ କରି ତାତ୍ତ୍ୱିକ ଆଲୋଚନାକୁ ବ୍ୟାପକ, ଗଭୀର ଓ ସର୍ବବାଦୀ-ସମ୍ମତ କରିବା କ୍ଷେତ୍ରରେ ପ୍ରତିବନ୍ଧକ ଉପୁଜି ପାରେ । "ଫୋକଲୋର" ସେହି ଭଳି ଏକ "ବିଷୟ-ଶୃଙ୍ଖଳା", ଯାହା ପାଇଁ ଓଡ଼ିଶାର ବିଶ୍ୱବିଦ୍ୟାଳୟ-ମାନଙ୍କରେ ଏକ ସ୍ୱତନ୍ତ୍ର ଅଧ୍ୟୟନର ପରିବେଶ ସୃଷ୍ଟି ହେବା ଆବଶ୍ୟକ । ତାହା ଏ ଯାଏ ହୋଇପାରି ନାହିଁ । ଏବେ ପାଶ୍ଚାତ୍ୟ ଦେଶରେ "ଫୋକଲୋର" ଉପାଦାନ ଓ ତତ୍ସଂଲଗ୍ନ ବିଷୟ-ଶୃଙ୍ଖଳାଟି "ଫୋକ୍‌ଲୋରି-ଷ୍ଟିକ୍‌ସ" ନାମରେ ପ୍ରସିଦ୍ଧ ହୋଇ ସାରିଛି । ତେଣୁ "ପରିଭାଷାଗତ" ଯେଉଁ ସମସ୍ୟା ଆମ ଆଗରେ ରହିଛି, ତା'କୁ ବିଚାରକୁ ନେବାକୁ ହେବ ଓ ସେ ସଂପର୍କରେ ଏକ ନିର୍ବିବାଦୀୟ ଶବ୍ଦ ଭଣ୍ଡାର ସୃଷ୍ଟି କରିବାକୁ ପଡ଼ିବ । ଓଡ଼ିଶାର ତରୁଣ, ଯୁବ ଆଲୋଚକମାନେ ଏ ଦିଗରେ ଅଧିକ ଧ୍ୟାନ ଦେବେ ବୋଲି ଆଶା କରୁଛି, କେବଳ ମୂଳ ଅର୍ଥକୁ ଆଖି ଆଗରେ ରଖି କୁହା-ଯାଇପାରେ ଯେ "ଫୋକଲୋର"ର ପ୍ରତିଶବ୍ଦ "ଲୋକ-ବିଦ୍ୟା" ଓ "ଫୋକ୍‌ଲୋରିଷ୍ଟିକ୍‌ସ"ର ପ୍ରତିଶବ୍ଦ "ଲୋକ-ବିଦ୍ୟା ବିଜ୍ଞାନ" ଭାବରେ ଗ୍ରହଣ

କରିବା ଅଧିକ ଯୁକ୍ତି ସଂଗତ, ଅର୍ଥପ୍ରଦ ଓ ଦୂରଦୃଷ୍ଟି ସମ୍ପନ୍ନ ହେବ । ଏହି ଭାବରେ ଦେଖିଲେ ସମ୍ଭାବ୍ୟ "ଲୋକ-ବିଦ୍ୟା-ବିଜ୍ଞାନ" ବିଷୟ-ଶୃଙ୍ଖଳାକୁ ସମୃଦ୍ଧ କରିବା ଦିଗରେ ଡକ୍ଟର ମହେନ୍ଦ୍ର ମିଶ୍ରଙ୍କର ଏହି ଗ୍ରନ୍ଥ ଏକ "ମୁଖଶାଳା" ଓ ଏହି "ମୁଖଶାଳା"ରେ ପ୍ରବେଶ କରିବା ମାତ୍ରେ ପଣ୍ଡିତ ନୀଳକଂଠଙ୍କୁ ଦର୍ଶନ କରିବାରେ ଯେଉଁ ଆବେଗିକ ଉଚ୍ଛ୍ୱାସ ଉପୁଜୁଛି, ତାହା ଭବିଷ୍ୟତ ବଂଶଧରଙ୍କ ପାଇଁ ଏକ ଆହ୍ୱାନ । ଆଉ ପଣ୍ଡିତ ନୀଳକଂଠଙ୍କର ବ୍ୟକ୍ତିତ୍ୱ ଓ ମନନଶୀଳତାକୁ କଳନା କରିବା ହିଁ ସେହି ଆହ୍ୱାନ ।

ସେ "ଆହ୍ୱାନ"କୁ ଭବିଷ୍ୟତରେ ଗବେଷକମାନେ ଗ୍ରହଣ କରି ନେଇ ଯେଭଳି କର୍ମ ପ୍ରବଣ ହେବେ, ସେଥିପାଇଁ ଏ ଗ୍ରନ୍ଥରେ ଥିବା ଉପାଦାନ ନିଶ୍ଚିତ ଭାବରେ ଉନ୍ମାଦନା ସୃଷ୍ଟି କରିବ । ସେତେବେଳେ ଡକ୍ଟର ମହେନ୍ଦ୍ର ମିଶ୍ର ନିଶ୍ଚିତ ଭାବରେ ସ୍ମରଣୀୟ ରହିବେ ।

ଭାବଗ୍ରାହୀ ମିଶ୍ର

ତା ୫ । ୮ । ୯୦
(ପଣ୍ଡିତ ନୀଳକଂଠ ଜନ୍ମ ବାର୍ଷିକୀ)
ଭୁବନେଶ୍ୱର

# ଉପୋଦ୍‌ଘାତ

ପଣ୍ଡିତ ନୀଳକଂଠ ଓଡ଼ିଆ ସଂସ୍କୃତି ଓ ସାହିତ୍ୟର ଆନ୍ତର୍ବିଦ୍ୟା ଭିତ୍ତିକ ଶୃଙ୍ଖଳାଗତ ଅଧ୍ୟୟନ ତଥା ଲୋକସାଂସ୍କୃତିକ ଦିଗରୁ ବିଶ୍ଳେଷଣ କରିଥିଲେ । ଏହା ତାଙ୍କ ଓଡ଼ିଆ ସାହିତ୍ୟର କ୍ରମପରିଣାମ ତଥା ସଂସ୍କୃତ ଓ ସଂସ୍କୃତି ପୁସ୍ତକ ଦ୍ୱୟ ପଢ଼ି ଉପଲବ୍ଧି କରିଥିଲି । ନୀଳକଂଠ ସ୍ମୃତି ସମିତି ତରଫରୁ ନୀଳକଂଠଙ୍କ ଜୀବନୀ, ସୃଷ୍ଟି ଓ ସମୀକ୍ଷା ସଂପର୍କରେ ବହୁ ଆଲୋଚନା ପୁସ୍ତକ ପ୍ରକାଶିତ ହେଲାଣି । ଏସବୁ ବହିରୁ ତାଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ଓ ମନସ୍ୱୀତାର ପରିଚୟ ମିଳେ । କିନ୍ତୁ ଏସବୁ ପୁସ୍ତକ ପଢ଼ିଲା ପରେ ମୋର ମନେହେଲା ନୀଳକଂଠଙ୍କ ଓଡ଼ିଆ ସଂସ୍କୃତି ଓ ସାହିତ୍ୟର ଲୋକଭିତ୍ତିକ ଦିଗଟି ଏଯାବତ୍ ଅଚର୍ଚ୍ଚିତ ହୋଇ ରହିଅଛି । ଏଣୁ ଏହି ଦିଗଟି ଉପରେ କିଛି ଲେଖିବାକୁ ମୁଁ ଆଗ୍ରହୀ ହେଲି ।

ଲୋକସଂସ୍କୃତି ଚର୍ଚ୍ଚା ଭାରତର ଅନ୍ୟପ୍ରଦେଶ ମାନଙ୍କରେ ଯେପରି ସମୃଦ୍ଧ ହୋଇଛି, ବିଦଗ୍ଧ ସାହିତ୍ୟ ସହିତ ଏହାର ପରିପୂରକତାକୁ ଯେପରି ଶ୍ରଦ୍ଧାର ସହିତ ଗ୍ରହଣ କରାଯାଉଛି, ଆଞ୍ଚଳିକ ସଂସ୍କୃତିର ସ୍ୱରୂପକୁ ଜାଣିବା ପାଇଁ ଯେପରି ଲୋକସଂସ୍କୃତି ଗବେଷଣାର ଆଗ୍ରହ ବଢ଼ୁଛି, ତୁଳନାତ୍ମକ ଭାବେ ଓଡ଼ିଶାରେ ସେହି ପ୍ରବଣତା ଥିଲେ ହେଁ, ଗୁଣାତ୍ମକ ଦିଗରୁ କିମ୍ବା ପରିମାଣାତ୍ମକ ଦିଗରୁ ସନ୍ତୋଷ ଜନକ ନୁହେଁ । ଆମ ସଂସ୍କୃତିର ବହୁ ବିଷୟ ଆମ ଆଗରେ ବିଲୁପ୍ତ ହୋଇ ଯାଉଛି । ଲୋକସଂସ୍କୃତି ଓ ଲୋକସାହିତ୍ୟର ସୌନ୍ଦର୍ଯ୍ୟ ବୋଧ ଓ କଳା ବିଧାୟକ ସାମଗ୍ରୀର ସଂଗ୍ରହ ଓ ସଂରକ୍ଷଣ ତଥା ସେଇ ଭିତ୍ତିରେ ଓଡ଼ିଆ ସଂସ୍କୃତିର ସମାକଳନ ଓ ସଂଦର୍ଶନ ପାଇଁ ବିଧିବଦ୍ଧ ଉଦ୍ୟମ ହୋଇନାହିଁ । ଓଡ଼ିଶାରେ ଲୋକସଂସ୍କୃତି ଗବେଷଣା ଏକାଡ଼େମୀଟିଏ କିମ୍ବା ଲୋକସଂସ୍କୃତି ସଂଗ୍ରହାଳୟଟିଏ ବି ନାହିଁ । ବିଶ୍ୱବିଦ୍ୟାଳୟ ସ୍ତରରେ ସୁଦ୍ଧା ଏଥିପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇ ପାରିନାହିଁ । ଏହାଫଳରେ ପରଂପରା ସହିତ ପରିସ୍ଥିତିର ଯୋଗସୂତ୍ର ରହୁନାହିଁ । ନିଜ ସଂସ୍କୃତିର ମୂଳଛାଡ଼ି ଆମେ ବିଚ୍ଛିନ୍ନତା ବୋଧ ଉପଲବ୍ଧି କରୁଛୁଁ । ଲୋକସଂସ୍କୃତିର ବହୁ କଳା ଓ ସୌନ୍ଦର୍ଯ୍ୟ ବିଧାୟକ ବସ୍ତୁ ଓ ମୂଲ୍ୟବୋଧ ଆମ ଓଡ଼ିଆତ୍ୱର ପରିଚୟ ଦିଅନ୍ତି । ଆଧୁନିକତା ଓ ପାଶ୍ଚାତ୍ୟ ପ୍ରଭାବକୁ କେହି ରୋକି ପାରିବେ ନାହିଁ, କିନ୍ତୁ ଜାତୀୟ ସଂସ୍କୃତି ପ୍ରତି ଆମ ମମତ୍ୱବୋଧ ଯେପରି

ଉଣା ନହୁଏ ସେଥିପ୍ରତି ମଧ୍ୟ ଦୃଷ୍ଟି ଦେବା ଆମର ଦରକାର । ଆଜି ଋଷ, ଆମେରିକା, ଫ୍ରାନସ୍, ଇଂଲଣ୍ଡ ପ୍ରଭୃତି ପ୍ରଗତିଶୀଳ ଦେଶରେ ପାରଂପରିକତା ପ୍ରତି ଯେଉଁ ଶ୍ରଦ୍ଧା ଓ ସମ୍ମାନ ରହିଛି ତାହା ପରଂପରା ଓ ପରିସ୍ଥିତି ମଧ୍ୟରେ ମହାମିଳନ ଛଡ଼ା ଅନ୍ୟକିଛି ନୁହେଁ ।

ଓଡ଼ିଶାକୁ ଭାରତ ତଥା ବିଶ୍ୱ ପରିପ୍ରେକ୍ଷୀରେ ଏକ ସ୍ୱକୀୟ ସାଂସ୍କୃତିକ ମୂଲ୍ୟବୋଧ ସଂପନ୍ନ ଓ ସୌନ୍ଦର୍ଯ୍ୟ ପ୍ରିୟ ଜାତି ରୂପେ ପରିଚିତ ଦେବା ପାଇଁ ନୀଳକଂଠ ଓଡ଼ିଆ ସଂସ୍କୃତିର ମୌଳିକତା ଖୋଜି ଏହାର ବହୁ ବିଷୟ ଆଲୋଚନା କରି ଆମ ଆଗରେ ରଖିଦେଇଛନ୍ତି । ତାଙ୍କ ଆଲୋଚନା ବହୁ ଆଲୋଚକ, ଗବେଷକ ଓ ସାହିତ୍ୟିକଙ୍କୁ ପ୍ରେରିତ କରିଛି—ଦିଗ୍‌ଦର୍ଶନ ଦେଇଛି । ଏହି ପରିପ୍ରେକ୍ଷୀରେ ନୀଳକଂଠଙ୍କ ଅନୁଶୀଳନାତ୍ମକ ଚେତନା ପର୍ଯ୍ୟନ୍ତ ପହଂଚିବାର ଉପଲବ୍ଧି ନଥିଲେ ହେଁ, ବିଶ୍ୱ ଲୋକସଂସ୍କୃତି ଚର୍ଚ୍ଚାର ସମତୁଳନାରେ ସେ କିପରି ଓଡ଼ିଆ ଲୋକସଂସ୍କୃତି ଚର୍ଚ୍ଚାକୁ ଆଗେଇ ନେଇଛନ୍ତି, ତାହାର ଏକ ସଂକ୍ଷିପ୍ତ ଆଲୋଚନା ଏଥିରେ କରଯାଇଛି । ନୀଳକଂଠ ତାଙ୍କ କାଳରେ ଯେଉଁସବୁ ଆଲୋଚନା କରିଯାଇଛନ୍ତି ସଂପ୍ରତି ବିଶ୍ୱ ଲୋକସଂସ୍କୃତିବିତ୍ ମାନଙ୍କ ଦ୍ୱାରା ସେହି ଧାରା ଓ ଶୃଙ୍ଖଳାର ଅଧ୍ୟୟନ ହେଉଛି । ଏହି ଦୃଷ୍ଟିରୁ ତାଙ୍କୁ ଜଣେ ପୁରୋଦୃଷ୍ଟି ସଂପନ୍ନ ଲୋକସଂସ୍କୃତିବିତ୍ କୁହାଯାଇ ପାରେ ।

ନୀଳକଂଠ ସ୍ମୃତି ସମିତି ତରଫରୁ ଏହି ପୁସ୍ତକ ପ୍ରକାଶିତ ହେଉଛି । ଏହା ଫଳରେ ନୀଳକଂଠଙ୍କ ଆଲୋଚନାର ଏକ ଅଚର୍ଚ୍ଚିତ ଦିଗର ସ୍ୱରୂପ ପ୍ରକାଶ ପାଇବ । ଏହି ପୁସ୍ତକ ଲେଖିବାରେ ଡଃ ଭବଗ୍ରାହୀ ମିଶ୍ର, ଡଃ ଗଗନେନ୍ଦ୍ରନାଥ ଦାଶ, ଡଃ ନରେନ୍ଦ୍ର ନାଥ ମିଶ୍ର, ଡଃ ବିଜୟ ପ୍ରସାଦ ମହାପାତ୍ର ଓ ଡଃ ଦାଶରଥି ଦାସଙ୍କ ଠାରେ ମୁଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଋଣୀ । ସମିତିର ସଂପାଦକ ଶ୍ରୀଯୁକ୍ତ ମଧୁସୂଦନ ଦାଶଙ୍କ ଶ୍ରଦ୍ଧା ଓ ପ୍ରେରଣା ଏହି କାମଟିକୁ ସୁଗମ କରିଛି । ନୀଳକଂଠଙ୍କ ଅପ୍ରକାଶିତି ପାଣ୍ଡୁଲିପି ଯୋଗାଇ ସେ ମୋ କାର୍ଯ୍ୟଟିକୁ ଅଧିକ ତଥ୍ୟାତ୍ମକ କରିଛନ୍ତି । ଏଣୁ ତାଙ୍କ ପାଖରେ ମୁଁ ଚିରକୃତଜ୍ଞ ରହିଲି । ଇତି ।

ମକର ସଂକ୍ରାନ୍ତି — ଲେଖକ

ତା ୧୪ । ୧ । ୯୦


## ପ୍ରଥମ ଅଧ୍ୟାୟ — ପୃ ୧

### ବିଶ୍ୱ ଲୋକ-ସଂସ୍କୃତି ଚର୍ଚ୍ଚାର କ୍ରମବିକାଶ :

ଉପକ୍ରମ—ଫୋକ୍‌ଲୋର୍ ସଂଜ୍ଞା ଓ ସ୍ୱରୂପ, ଲୋକ ସଂସ୍କୃତିର ( Folklore ) ଭାରତୀୟ ବିକଳ୍ପ ପ୍ରତିଶବ୍ଦ ସଂସ୍କୃତି ଓ ଲୋକ ସଂସ୍କୃତି, ଲୋକ ସଂସ୍କୃତିର ବିଷୟ ଶୃଙ୍ଖଳା, ଲୋକ ସଂସ୍କୃତି ଚର୍ଚ୍ଚାର ସିଦ୍ଧାନ୍ତ, ଗ୍ରୀମ୍‌ସଙ୍କ ମତବାଦ, ମାକ୍ସ-ମୁଲରଙ୍କ ବିସରଣବାଦୀ ସିଦ୍ଧାନ୍ତ, ବେନଫିଙ୍କ ସ୍ଥାନାନ୍ତରଣ ସିଦ୍ଧାନ୍ତ, ଫିନିଶ୍ ସ୍କୁଲ, ମାନବ ବିଜ୍ଞାନୀ ବା ନୃତାତ୍ତ୍ୱିକ ସ୍କୁଲ, ବିଂଶ ଶତାବ୍ଦୀର ତୁଳନାତ୍ମକ ଧାରା, ମନସ୍ତାତ୍ତ୍ୱିକ ପଦ୍ଧତି, ପ୍ରକାର୍ଯ୍ୟବାଦୀ ସିଦ୍ଧାନ୍ତ, ସଂରଚନାତ୍ମକ ବିଶ୍ଳେଷଣ, ପଟ୍ଟଭୂମିକ ଅଧ୍ୟୟନ—

## ଦ୍ୱିତୀୟ ଅଧ୍ୟାୟ — ପୃ ୨୬

### ଭାରତରେ ଲୋକ ସଂସ୍କୃତି ଚର୍ଚ୍ଚାର କ୍ରମ ବିକାଶ—

ମିଶନାରୀ କାଳ, ଜାତୀୟବାଦୀ କାଳ ଓ ଆନୁଷ୍ଠାନିକ କାଳ, ଓଡ଼ିଆ ଲୋକ ସଂସ୍କୃତି ଚର୍ଚ୍ଚାର କ୍ରମବିକାଶ—ପ୍ରାକ୍ ସ୍ୱାଧୀନ କାଳ ଓ ସ୍ୱାଧୀନୋତ୍ତର କାଳ, ଓଡ଼ିଆ ଲୋକ ସଂସ୍କୃତି ଗବେଷକ, ଓଡ଼ିଆ ଲୋକ ସଂସ୍କୃତିର ସ୍ଥିତି ଓ ଗତି, ଓଡ଼ିଆ ଲୋକ ସଂସ୍କୃତି ଚର୍ଚ୍ଚାରେ ନୀଳକଣ୍ଠ—

## ତୃତୀୟ ଅଧ୍ୟାୟ — ପୃ ୪୭

### ନୀଳକଣ୍ଠଙ୍କ ଲୋକସଂସ୍କୃତି ଚର୍ଚ୍ଚାର ପ୍ରେରଣା ଓ ପୃଷ୍ଠଭୂମି—

ନୀଳକଂଠଂକ ସଂସ୍କୃତି ଚର୍ଚ୍ଚାର ଆଦର୍ଶ ଓ ଆଭିମୁଖ୍ୟ, ସଂସ୍କୃତି ଚର୍ଚ୍ଚାର ପରିମାପକ ଗ୍ରହାଣି, ଚଳଣି ଓ ଚମକ, ନୀଳକଂଠଂକ ପୂର୍ବରୁ ଓଡ଼ିଆ ସାହିତ୍ୟ ଚର୍ଚ୍ଚାର ଧାରା, ନୀଳକଂଠଂକ ବହୁ ଶାସ୍ତ୍ରଦର୍ଶିତା, ଅଧ୍ୟୟନର ପଦ୍ଧତି—ସଂସ୍କୃତି ଆଲୋଚନାର ମାର୍ଗ—

### ଚତୁର୍ଥ ଅଧ୍ୟାୟ — ପୃ ୬୧

### ଲୋକସଂସ୍କୃତି ଚର୍ଚ୍ଚାରେ ନୀଳକଂଠ :

ଓଡ଼ିଶାର ପ୍ରଜାତିକ ଗୋଷ୍ଠୀ, ଭାଷା–ଇତିହାସ, ଓଡ଼ିଶାର ଗ୍ରାମଭିତ୍ତିକ ଲୋକଶାସନ, ଓଡ଼ିଶାର ଶିଳ୍ପ ଓ ଖୋଦନ କଳା, ଲୋକଧର୍ମ, ଶବର ଓ ଦ୍ରାବିଡ଼ ଧର୍ମ ଧାରା–

### ପଞ୍ଚମ ଅଧ୍ୟାୟ — ପୃ ୬୭

### ନୀଳକଂଠଂକ ଲୋକସାହିତ୍ୟ ଚର୍ଚ୍ଚା

ନୀଳକଂଠଂକ ଦୃଷ୍ଟିରେ ସାହିତ୍ୟ ଲିଖିତ ଓ କଥିତ ସାହିତ୍ୟ, ପୁରାଣ, ପୌରାଣିକ ମିଥ୍ୟା ଓ ଭକ୍ତିକ ମିଥ୍ୟା, ପୁରାଣର ତୁଳନାତ୍ମକ ଅଧ୍ୟୟନ, ନାୟକ ପ୍ରକରଣ, କାର୍ତ୍ତିକେୟ, କର୍ଣ୍ଣ ଓ ସାର୍ଗନ ଉପାଖ୍ୟାନ– ସାମାନ୍ୟ ଉପାଦାନର ବିଶ୍ଳେଷଣ– ନାୟିକା ପ୍ରକରଣ– ସେମିରାମିସ୍, ସମୁର୍‌ମାତ୍, ଓ ଶକୁନ୍ତଳା– ସୀତା ଲବକୁଶ ଓ ସୁସୀମା, ଗ୍ରୀକ୍ ଓ ସୁମେରୀୟ ପୁରାଣ ସହ ଭାରତୀୟ ପୁରାଣର ସାଦୃଶ୍ୟ ତୁଳନା, କିମ୍ବଦନ୍ତୀ– ହାତୀ ସୁନାକଳସ ଢ଼ାଳିବା, ଛେରାପହଁରା, ମାଣିକୀ ଗଉଡୁଣୀ, କଳାପାହାଡ଼, ଲୋକକାବ୍ୟ ଓ ମହାକାବ୍ୟ, ଲୋକକଥା, ନାଁ ଦିଆ, ସୂକ୍ତି, ପ୍ରବଚନ, ସୁଭାଷଣ ଆଦି–

### ନୀଳକଂଠଂକ ଭାଷା ଭିତ୍ତିକ ଚର୍ଚ୍ଚା

ଲୋକସଂସ୍କୃତିର ପ୍ରାୟୋଗିକ ଦିଗ ପ୍ରତି ଯୋଜନା

**ଗ୍ରନ୍ଥ ପଂଜୀ :** ଓଡ଼ିଆ ପୁସ୍ତକ ଓ ପତ୍ରପତ୍ରିକା
ବଙ୍ଗଳା ଓ ହିନ୍ଦୀ ପୁସ୍ତକ
ଇଂରାଜୀ ପୁସ୍ତକ ଓ ପତ୍ରପତ୍ରିକା


**ପ୍ରଥମ ଅଧ୍ୟାୟ**

# ବିଶ୍ୱ ଲୋକସଂସ୍କୃତି ଚର୍ଚ୍ଚାର କ୍ରମବିକାଶ

ବିଶ୍ୱର ଯେ କୌଣସି ମାନବ ଗୋଷ୍ଠୀର ସଭ୍ୟତାର ଚରମ ବିକାଶ ମୂଳରେ କଥିତ ଓ ଲିଖିତ ସାହିତ୍ୟର ଭୂମିକା ଉଲ୍ଲେଖନୀୟ । ସଭ୍ୟତାର ବିକାଶ ସଙ୍ଗେ ସଙ୍ଗେ କଥିତ ସାହିତ୍ୟ ମାର୍ଜିତ ହୋଇ ଲିଖିତ ସାହିତ୍ୟ ରୂପେ ପ୍ରତିଷ୍ଠିତି ପାଇଥାଏ । କ୍ରମଶଃ ସମାଜରେ ଲିଖିତ ସାହିତ୍ୟ ଶିଷ୍ଟ ପରଂପରା ରୂପେ ଉଚ୍ଚ ପ୍ରତିଷ୍ଠିତି ପାଇଲେ ସୁଦ୍ଧା ଏହାର ପୃଷ୍ଠଭୂମିରେ ଲୋକ ସାହିତ୍ୟ ଓ ଲୋକ ସଂସ୍କୃତିର ବଳିଷ୍ଠ ସ୍ୱାକ୍ଷର ବିଦ୍ୟମାନ । ପୃଥିବୀର ଅନେକ ପ୍ରାଚୀନ ଓ ନବୀନ ସଭ୍ୟତାରେ ଲିଖିତ ଅନେକ ମହାକାବ୍ୟ, ବୀରଗାଥା, ପୁରାଣାଦି ଲୋକ ସାହିତ୍ୟ ଓ ଲୋକ ପରଂପରାରୁ ଆହୃତ । ବାଇବେଲ୍‌ର ଉପାଖ୍ୟାନ, ରାମାୟଣ ଓ ମହାଭାରତ ଇଲିୟାଡ୍ ଓ ଓଡ଼େଶୀ କଥା ସରିତ ସାଗର, ପଞ୍ଚତନ୍ତ୍ର, ଜାତକ କାହାଣୀ ପରି ଲୋକ ମୌଖିକ ପରଂପରାରୁ ନିର୍ଜିତ ଶାଶ୍ୱତ ସାହିତ୍ୟର ମୂଳ ଏହିଠାରେ । ଏ ସବୁ ସାମଗ୍ରୀରେ ଜାତି ଓ ଦେଶର ପ୍ରାଣ ସ୍ପନ୍ଦନ ତଥା ଐତିହ୍ୟବୋଧ ଗର୍ଭିତ । ତେଣୁ ଶିଷ୍ଟସାହିତ୍ୟର ସମପର୍ଯ୍ୟାୟରେ ଲୋକସାହିତ୍ୟର ଜୀବନ୍ତ ପରଂପରାକୁ ସଂପ୍ରତି ବିଶ୍ୱର ଅନେକ ଦେଶରେ ଅକ୍ଷୁର୍ଣ୍ଣ ରଖିବା ପାଇଁ ବରାବର ସଂରକ୍ଷଣ, ସଂପାଦନା ଓ ସମୀକ୍ଷା କରାଯାଉଅଛି ।

କୌଣସି ଦେଶର ଜାତୀୟ ଜାଗରଣ କେବଳ ସେହି ଦେଶର ଜାତୀୟ ସଂସ୍କୃତିକୁ ଭିତ୍ତି କରି ଗଢ଼ି ଉଠିଥାଏ । ଏହା ଏକ ଜାତୀୟ ଚେତନାର ପ୍ରତୀକ ଓ ସମ୍ବାହକ ରୂପେ ଗୋଟିଏ ସାଂସ୍କୃତିକ ଅଞ୍ଚଳର ଐତିହ୍ୟ ତଥା ପ୍ରଚଳିତ ପରଂପରାକୁ ଯଥେଷ୍ଟ ଗୁରୁତ୍ୱ ଦିଏ । ନବଜାଗରଣ

ହେଲେ ଗୋଟିଏ ଜାତିର ସାଂସ୍କୃତିକ ସ୍ୱରୂପ ସ୍ପଷ୍ଟ ହୋଇ ପ୍ରାଣ ପ୍ରାଚୁର୍ଯ୍ୟ ଭରିଉଠେ । ମାଟି, ପାଣି ଓ ପବନ ତଥା ଐତିହ୍ୟ ଗାରିମାମୟ ହୋଇଉଠେ । ୟୁରୋପରେ ଚସର୍ ଓ ସେକ୍ସପିୟର୍‌ଙ୍କ ଇଂରେଜୀ କାବ୍ୟ ନାଟକାଦିରେ ବୋକାସିଓ ତଥା ଷ୍ଟାପାରୋଲା ଇଟାଲୀୟ ସାହିତ୍ୟରେ, ପେରଲଟ ପ୍ରମୁଖଙ୍କ ଫରାସୀ ସାହିତ୍ୟରେ ଲୋକସାହିତ୍ୟ ଓ ବୀରଗାଥା-ଆଦିକୁ ମୁଖ୍ୟ ଉପଜୀବ୍ୟକରା କରାଯାଇଥିଲା ।(୧) ଲୋକ ପରଂପରା ଅନ୍ତର୍ଗତ ଜାତୀୟ ମୂଲ୍ୟବୋଧ ଓ ଶାଶ୍ୱତ ସୃଷ୍ଟିକୁ ନେଇ ଏମାନେ ଲିଖିତ ସାହିତ୍ୟକୁ ରୂପବନ୍ତ କରିଥିଲେ । ଭାରତୀୟ ରାମାୟଣ ଓ ମହାଭାରତକୁ ମଧ୍ୟ ଏ ଦେଶର ନବଜାଗରଣକାଳୀନ ସୃଷ୍ଟି ବୋଲି ତଦ୍‌ବିଦ୍‌ମାନେ କହନ୍ତି । (୨)

ଅଷ୍ଟାଦଶ ଶତାବ୍ଦୀର ଶେଷକାଳରୁ ଓ ଊନବିଂଶ ଶତାବ୍ଦୀର ପ୍ରାରମ୍ଭରୁ ୟୁରୋପରେ ଲୋକସାହିତ୍ୟ ସଂଗ୍ରହ ଓ ସମ୍ପାଦନା ଆରମ୍ଭ ହୋଇଥିଲା । ପଲ୍ଲୀ ଅଞ୍ଚଳର ଲୋକସାହିତ୍ୟରେ ଚିରସଂଜୀବିତ ବୀରଗାଥା ଓ ଗୀତିକାଦିରେ ଲୋକସଂସ୍କୃତି ଓ ଜାତୀୟ ଚେତନା ସଂଗୋପିତ ହୋଇ ରହିଥିଲା । ସେଗୁଡ଼ିକ ଚେତନଶୀଳ ଜାତୀୟବାଦୀ ଲେଖକଙ୍କ ଦ୍ୱାରା କେବଳ ସଂଗୃହୀତ ହେଲାନାହିଁ, ବରଂ ପାରଂପରିକ ସଂସ୍କୃତିର ଜାତୀୟ ଭାବନାକୁ ନେଇ ଭାବବାଦୀ ସାହିତ୍ୟର ସୃଷ୍ଟିହେଲା । ଜର୍ମାନରେ ଜୋହାନ୍ ଗୋଟୋଫ୍ରିଡ୍ ହେର୍ଡର (୧୭୪୪-୧୮୦୩) ଲୋକଗୀତ ଓ ଲୋକଗାଥା ମାଧ୍ୟମରେ ଜର୍ମାନର ଜାତୀୟ ଜାଗରଣକୁ ଭାବାତ୍ମକ ରୂପଦେଲେ । (୩) ୟୁରୋପରେ ସ୍କାଣ୍ଡିଭିକ୍, ଫିନ୍‌ଲାଣ୍ଡ ଓ ନରୱେ ପ୍ରଭୃତି ଅଞ୍ଚଳରେ ଲୋକଗୀତ ଓ କାହାଣୀର ସଂଗ୍ରହ ବ୍ୟାପକ ଭାବେ ଚାଲିଲା । କ୍ରମଶଃ ୟୁରୋପୀୟ ସଂଗ୍ରାହକଙ୍କ ଦ୍ୱାରା ପୃଥିବୀର ଅନ୍ୟାନ୍ୟ ଅଞ୍ଚଳମାନଙ୍କରୁ ମଧ୍ୟ ଲୋକସାହିତ୍ୟ

୧ । Brunvand, J.H, ''Folklore : A study of Research and guide Newyork, 1976'' pp-8

୨ । Majumdar, B. C. "Evolution of Religious-Philosophic Culture In India" in "Cultural Heritage of India" Vol. I, Calcutta, 1968, p-43

୩ । Brunvand. T.H. op. cit p-10



ସଂଗ୍ରହ ପ୍ରବୃତ୍ତି ବୃଦ୍ଧି ପାଇଲା । ଯଦିଓ ପ୍ରଥମତଃ ପ୍ରତ୍ୟେକେ ନିଜ ଭୂମିର ସଂସ୍କୃତି ଜାଣିବାର ଆଗ୍ରହ ନେଇ ଏହି ସଂଗ୍ରହ ଓ ସମୀକ୍ଷା କରୁଥିଲେ, ପରବର୍ତ୍ତୀକାଳରେ ନିଜ ସଂସ୍କୃତିର ଉପାଦାନ ଅନ୍ୟ ଦେଶରେ ଦେଖି ଏହି ସାମଞ୍ଜସ୍ୟର ମୂଳ ଖୋଜିବାରେ ଏମାନେ ଆଗ୍ରହ ପ୍ରକାଶ କଲେ ।

ଖ୍ରୀ ୧୮୧୨ ରେ ଜର୍ମାନୀ ଗ୍ରୀମସ୍ ଭାତୃଦ୍ୱୟଙ୍କ ଦ୍ୱାରା ଜର୍ମାନୀ ଲୋକସାହିତ୍ୟ ସଂଗ୍ରହ, ୧୮୪୬ ରେ ଇଂରେଜ ବିଦ୍ୱାନ ଉଇଲିୟମ୍ ଜନ୍ ଥମସ୍‌ଙ୍କ ଦ୍ୱାରା ଏହି ସଂଗ୍ରହକୁ 'Folklore' ରୂପେ ନାମିତ କରିବା, ୧୮୭୮ ରେ ବ୍ରିଟିଶ୍ ଫୋକ୍‌ଲୋର୍ ସୋସାଇଟି ଗଠନ, ୧୮୮୮ ରେ ଆମେରିକାନ୍ ଫୋକ୍‌ଲୋର୍ ସୋସାଇଟି ଗଠନ, ୧୮୮୨ ରେ ସ୍ପେନ୍‌ରେ, ୧୮୮୫ ରେ ଫ୍ରାନ୍ସରେ, ୧୮୯୦ ରେ ଜର୍ମାନୀଠାରେ ତଥା ୧୯୦୯ ରେ ଗ୍ରୀକ୍ ଫୋକ୍‌ଲୋର୍ ସୋସାଇଟି ଗଠନ ଦ୍ୱାରା ବିଶ୍ୱଲୋକ ସଂସ୍କୃତି ଚର୍ଚ୍ଚାର ଦୃଢ଼ ଭିତ୍ତିଭୂମି ସ୍ଥାପିତ ହେଲା । (୪)

ଊନବିଂଶ ଶତାବ୍ଦୀର ଶେଷଭାଗରେ ଭାରତରେ ଖ୍ରୀଷ୍ଟିୟାନ ମିଶନାରୀ ତଥା ବ୍ରିଟିଶ୍ ପ୍ରଶାସକମାନଙ୍କ ଦ୍ୱାରା ଲୋକସାହିତ୍ୟ, ପ୍ରଜାତିତତ୍ତ୍ୱ ତଥା ଲୋକ ପରଂପରାର ବହୁଦିଗ ସଂଗୃହୀତ ଓ ଚର୍ଚ୍ଚିତ ହେଲା । ବସ୍ତୁତଃ ଏହି ପୃଷ୍ଠଭୂମିରୁ ମାନବ ବିଜ୍ଞାନ (anthropology) ଓ ଲୋକସଂସ୍କୃତି (Folklore) ଚର୍ଚ୍ଚାର ଅୟମାରମ୍ଭ ହୋଇଥିଲା ।

## ଫୋକ୍‌ଲୋର : ସଂଜ୍ଞା ଓ ସ୍ୱରୂପ

Folklore ଶବ୍ଦଟି ଇଂରେଜ ଗବେଷକ ଉଇଲିୟମ ଜନ୍ ଥମସ୍‌ଙ୍କ ଦ୍ୱାରା ଖ୍ରୀ ୧୮୪୬ରେ ବ୍ୟବହୃତ ହୋଇଥିଲା । ଲୋକଙ୍କର ମୌଖିକ ପରଂପରାକୁ ସେ Popular antiquity ଓ Popular literature ବୋଲି ଅଭିହିତ କରି ସେଗୁଡ଼ିକୁ Folklore(lore of the folk) ନାମ ଦେଇଥିଲେ । (୫) ଅବଶ୍ୟ ଥମସ୍‌ଙ୍କ ପୂର୍ବରୁ ଖ୍ରୀ : ୧୮୧୨ରେ ଗ୍ରୀମସ୍

୪। ମଣ୍ଡଳ, ଚିତ୍ତ, "ଫୋକ୍‌ଲୋରେର୍ ସ୍ୱରୂପ"(ବଙ୍ଗଳା) ପୁସ୍ତକ ବିପନୀ, କଲିକତା, ୧୯୮୩ ପୃ-୧୦

୫ । Handoo J. ''Folklore An Introduction'' 1988. P-1.

ଭ୍ରାତୃଦ୍ୱୟ ଲୋକ ମୌଖିକ ପରଂପରାର ବହୁ ଗ'ଳ୍ପ, ଗାଥା ଓ କାହାଣୀ ସଂଗ୍ରହ କରିଥିଲେ । ଏଣୁ ଯଦିଓ ଥମସ୍ 'Folklore' ଶବ୍ଦଟିର ଆଦ୍ୟ ପ୍ରବର୍ତ୍ତକ, ଗ୍ରୀମସ୍ ଭ୍ରାତୃଦ୍ୱୟଙ୍କୁ ପ୍ରକୃତରେ Folklore ଚର୍ଚ୍ଚାର ଆଦ୍ୟ ପ୍ରବର୍ତ୍ତକ ବୋଲି ସ୍ୱୀକାର କରିବାକୁ ହେବ ।

ଥମସ୍ ଲୋକସମାଜରେ ପ୍ରଚଳିତ ଅତୀତର ବ୍ୟବହାର, ପ୍ରଥା ଚଳଣି, ଲୋକ ବିଶ୍ୱାସ, ଆଗ୍ରର ଅନୁଷ୍ଠାନ ପାଳଣୀ, ଗାଥା, ଗୀତ ଓ ପ୍ରବାଦ ପ୍ରବଚନାଦିକୁ ଫୋକ୍‌ଲୋର୍ ଅନ୍ତର୍ଭୁକ୍ତ କରିଥିଲେ (୬) ହରସ୍କୋଭିଟସ୍ (Herskovits) ମଧ୍ୟ ଅଶିକ୍ଷିତ ସମାଜରେ ପ୍ରଚଳିତ ମିଥ୍, କାହାଣୀ ଲୋକୋକ୍ତି, ଗୀତ ଓ ସଙ୍ଗୀତ ସମେତ ସଂସ୍କୃତିର ସୌନ୍ଦର୍ଯ୍ୟ ବିଧାୟକ କଳା ସମୂହକୁ ଫୋକ୍‌ଲୋର୍ ଅନ୍ତର୍ଭୁକ୍ତ କରିଥିଲେ । (୭) ଉଭୟ ଥମସ୍ ଓ ହରସ୍କୋଭିଟସ୍ ତଥା ସେ କାଳର ଅନେକ ଗବେଷକ ସହରୀ ସଭ୍ୟତା-ଠାରୁ ଦୂରେ ରହିଥିବା ପଲ୍ଲୀବାସୀଙ୍କ ସଂସ୍କୃତିକୁ ଫୋକ୍‌ଲୋର ବୋଲି ଓ ଏହା ଅତୀତ ପ୍ରବଣ ବୋଲି ଭାବି ନେଇଥିଲେ ।

ମାନବ ବିଜ୍ଞାନୀମାନେ ଫୋକ୍‌ଲୋର୍‌ର ସଂଜ୍ଞା ନିରୂପଣ କରି କହି-ଥିଲେ– "the term Folklore was coined in the 19th century to denote the unwritten stories, beliefs and customs of the European peasants as opposed to the sophisticated traditions of the educated elite. (୮)

ଊନବିଂଶ ଶତାବ୍ଦୀର ଏହି ପରିଭାଷା କିନ୍ତୁ ବିଂଶ ଶତାବ୍ଦୀର ଗବେଷକଙ୍କ ଦ୍ୱାରା ବ୍ୟାପକ ହୋଇଛି । ସଂପ୍ରତି ଏହାର ସଂଜ୍ଞା ଓ ସ୍ୱରୂପ ତଥା ପରିସର ବ୍ୟାପକ ଦୃଷ୍ଟିଭଙ୍ଗୀ ସମ୍ପନ୍ନ ହୋଇ ସଂସ୍କୃତିର ବହୁ ବିଭବର ପ୍ରତିନିଧିତ୍ୱ କରିଛି ।

---

୬ । "the manners, customs observance, superstitions, ballads, proverbs & relics of the old times." See Herskovits M. J. Cultural Anthropology OxFord, 1974 PP-272.

୭ । Ibid- P-267

୮ । Haviland, willium, A. "Cultural Anthropology, Holt, Rinehart & Winston, 1981. PP. 374-375.



Don Ben Amos ଫୋକ୍‌ଲୋର୍‌ର ସଂଜ୍ଞା ସମ୍ପର୍କରେ ବିଶଦ୍ ବିଶ୍ଳେଷଣ କରିଛନ୍ତି । ତାଙ୍କର ଏହି ସଂଜ୍ଞା ନିରୂପଣ ସାମାଜିକ ବେଷ୍ଟନୀ (social context) ଭିତ୍ତିରେ ତଥା ସଂଗୃହୀତ ଲୋକ ଉପାଦାନର ବିଭାଗୀକରଣ ଭିତ୍ତିରେ ପ୍ରତିଷ୍ଠିତ । ଫୋକ୍‌ଲୋରର ପରିଭାଷା ନେଇ Ben Amos କହନ୍ତି, 'ମାନବ ବିଜ୍ଞାନୀମାନେ ଫୋକ୍‌ଲୋର୍‌କୁ ସାହିତ୍ୟ ପର୍ଯ୍ୟାୟ-ଭୁକ୍ତ କଲାବେଳେ ସାହିତ୍ୟବିତ୍ ମାନେ ଏହାକୁ ସଂସ୍କୃତି ବୋଲି ମତ ଦେଇ-ଥାନ୍ତି । (୯) ସେ ଫୋକ୍‌ଲୋର୍‌ର ସଂଜ୍ଞା ଦେବାକୁ ଯାଇ ବିଷୟଟିର ସାମାଜିକ ବେଷ୍ଟନୀରେ ଏହାର ସଂଖ୍ୟାତ୍ମକ (numerical), ଅନ୍ତର୍ଦୃଷ୍ଟି ଭିତ୍ତିକ (intutive) ତଥା ବ୍ୟବହାରିକ (operational) ଦିଗ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ତାଙ୍କ ମତରେ–

Folklore is one of these three . a body of knowledge, a mode of thought or a kind of art (୧୦) ଏହାର ସାମାଜିକ ବେଷ୍ଟନୀ (social context), ସମୟର (time depth) ତଥା ପ୍ରସାରଣର ମାଧ୍ୟମ(medium of transmission) ଭିତ୍ତିରୁ ସଂଜ୍ଞା ନିରୂପିତ । (୧୧)

Ben Amos ଫୋକ୍‌ଲୋରର ସ୍ୱରୂପ ସଂପର୍କରେ କହନ୍ତି, ଏହାର ଅଧିକାର, ପ୍ରତିନିଧିତ୍ୱ ଓ ପୁନଃ ସୃଷ୍ଟି (Possession, representa-tion and recreation) ର ମୂଳ ସାମାଜିକ ବେଷ୍ଟନୀ (୧୨) । ଏହା ଲୋକଙ୍କର ଶିକ୍ଷଣ ପ୍ରକ୍ରିୟା ଅନ୍ତର୍ଗତ । ସମାଜରେ ଏହା ସୃଷ୍ଟି ହୁଏ, ସମାଜ ଦ୍ୱାରା ପ୍ରତିନିଧିତ୍ୱ ପାଏ ତଥା ଏହା ସମାଜରେ ସାମୂହିକ ଭାବେ ଭୋଗ୍ୟ । ଏହା ସର୍ବସାଧାରଣର ସଂପତ୍ତି ରୂପେ ପରଂପରାକ୍ରମେ ଜୀବନ୍ତ ଥାଏ ।

---

୯ । Ben Amos Dan. "Towords a definitions of Folklore in context' in 'Social and Cultural Anthropology" Ed. Hammond, Peter B.

୧୦ । Ibid PP-359

୧୧ । Ibid - PP-359

୧୨ । Ibid-PP-360—"the whole body of people's traditionally beliefs and customs."

ଫୋକ୍‌ଲୋର୍‌କୁ ଆଦିମ ମାନଙ୍କର ମାନସିକ ଅଭିବ୍ୟକ୍ତି ବୋଲି କୁହାଯାଏ । ଯୁଗ ଯୁଗ ଧରି ମାନବ ଚିନ୍ତା ଓ କଳ୍ପନାର ପ୍ରତୀକକୁ ଏହା କଳା ଓ ଶିଳ୍ପ ମଧ୍ୟରେ ଧରି ରଖିଥାଏ । ସାମୂହିକ ଆମୋଦ ପ୍ରମୋଦ ତଥା କଳାର ପୁନରୁତ୍ପାଦନ ପ୍ରକ୍ରିୟା ମଧ୍ୟରେ ଏହା ଚିରସଜୀବ ଥାଏ । ଏହା ଏକ ସୁନିର୍ଦ୍ଦିଷ୍ଟ ସଂପ୍ରସାରଣଶୀଳ ପ୍ରକ୍ରିୟା ଯାହା ମଧ୍ୟରେ ବାସ୍ତବିକତା ଓ କଳାତ୍ମକତା ସନ୍ନଦ୍ଧ ଥାଏ ବୋଲି Bon amos କହନ୍ତି । (୧୩)

ଫୋକ୍‌ଲୋର୍ ବିଷୟ ଶୃଙ୍ଖଳାର ଗବେଷଣା ବ୍ୟାପକ ହେବା ସଙ୍ଗେ ସଙ୍ଗେ ଏହାର ସଂଜ୍ଞା ଓ ସ୍ୱରୂପରେ ମଧ୍ୟ ବହୁ ପରିବର୍ତ୍ତନ ସାଧିତ ହୋଇଛି । ପ୍ରଥମତଃ ଏହା ଲୋକସାହିତ୍ୟ ରୂପେ ପରିଚିତ ଥିଲା । ସଂପ୍ରତି ଏହା ସ୍ୱତନ୍ତ୍ର ବିଷୟ ହେଲା ପରେ ଫୋକ୍‌ଲୋରରୁ ଫୋକ୍‌ଲାଇଫ୍ (Folk life) ବା ଲୋକଜୀବନ ବିଷୟର ଉଦ୍‌ଭବ ହେଲାଣି । ପୁନଶ୍ଚ ଏହା କେବଳ ଗ୍ରାମୀଣ ଲୋକ ପରଂପରାର ସଂବାହକ ହୋଇ ଆଉ ରହି ନାହିଁ । ସମୃଦ୍ଧ ଶିଳ୍ପ ନଗରୀର କୁଲି, ଶ୍ରମିକ ସମାଜର ଚିନ୍ତା କିମ୍ବା ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସ୍ପଷ୍ଟ କଥା, ଉକ୍ତି, ଚାତୁର୍ଯ୍ୟ ପୂର୍ଣ୍ଣ ଶ୍ଳେଷ ଆଦି ଫୋକ୍‌ଲୋର ରୂପେ ସ୍ୱୀକୃତ । ଫୋକ୍ ସମ୍ପର୍କରେ ଆମେରିକୀୟ ଲୋକ ସଂସ୍କୃତିର Alan Dundesଙ୍କ ମତ ଏହି ପରିପ୍ରେକ୍ଷୀରେ ଉଲ୍ଲେଖ ଯୋଗ୍ୟ । ତାଙ୍କ ମତରେ–

"the term folk can refer to any group of people who so ever who share at least one common factor. x x Even ethnic group has its own folklore, just as each occupational group has its own folklore. (୧୪)

## ଲୋକ ସଂସ୍କୃତି : Folkloreର ଭାରତୀୟ ବିକଳ୍ପ ପ୍ରତିଶବ୍ଦ

ଇଂରାଜୀ 'Folklore' ଶବ୍ଦର ଭାରତୀୟ ପ୍ରତିଶବ୍ଦ ଯଦିଓ ପ୍ରଥମେ ଲୋକସାହିତ୍ୟ ରୂପେ ଖ୍ୟାତ ଥିଲା, ଏବେ ତାହା ଅଗ୍ରାହ୍ୟ ହୋଇଛି ।

୧୩ । I bid– PP-363.

୧୪ । Dundes, Alan, "Who are the Folk ?" in Essays in Folkloristics Folklore institute, 1978, p-7



ସାହିତ୍ୟ ଯେ ହେତୁ literature, lore ବା ବିଦ୍ୟା ସାହିତ୍ୟ ବ୍ୟତୀତ ଜୀବନର ଅନେକ ଦିଗକୁ ପ୍ରତିନିଧିତ୍ୱ କରେ । ଏଣୁ ଭାରତୀୟ ଗବେଷକ ମାନେ ଫୋକ୍‌ଲୋରକୁ ନିଜ ନିଜ ପରିପ୍ରେକ୍ଷୀରୁ ବିଚାର କରି ଏହାର ସମାର୍ଥ ବାଚକ ଶବ୍ଦ ରୂପେ ଲୋକ ବିଦ୍ୟା, ଲୋକଧାରଣା, ଲୋକଯାନ, ଲୋକଶ୍ରୁତି, ଲୋକସାହିତ୍ୟ, ଲୋକବିଜ୍ଞାନ, ଲୋକଚର୍ଯ୍ୟା, ଲୋକବୃତ୍ତ, ଲୋକକୃତି, ଲୋକତତ୍ତ୍ୱ, ଲୋକବାଙ୍ମୟ, ଗ୍ରାମ୍ୟ ସାହିତ୍ୟ ଓ ଲୋକସଂସ୍କୃତି ଆଦି ବିଭିନ୍ନ ନାମରେ ନାମିତ କରିଛନ୍ତି । (୧୫) ଏଥି ମଧ୍ୟରୁ ଲୋକସଂସ୍କୃତି' ଶବ୍ଦଟି ବ୍ୟାପକ ହୋଇଅଛି, ଯଦିଓ ଲୋକସଂସ୍କୃତିର ଇଂରେଜୀ Folk culture ହେବ । ଗବେଷକଙ୍କ ମତରେ 'ଲୋକସଂସ୍କୃତି' ଫୋକ୍‌ଲୋରର ଯଥାର୍ଥ ପ୍ରତିଶବ୍ଦ ନ ହେଲେ ହେଁ, 'ଲୋକ ପ୍ରଚଳିତ ବ୍ୟବହାରିକ ସାର୍ଥକତା ଓ ସାଧାରଣ ସ୍ୱୀକୃତି ସୂତ୍ରରେଇ ଲୋକସଂସ୍କୃତି ଶବ୍ଦଟିର ପ୍ରସଙ୍ଗ ସାଧାରଣ ଭାବରେ ବିବେଚନାର ଯୋଗ୍ୟ । (୧୬)

## ସଂସ୍କୃତି ଓ ଲୋକସଂସ୍କୃତି :

ମାନବ ବିଜ୍ଞାନୀମାନେ ଫୋକ୍‌ଲୋରକୁ ସାହିତ୍ୟ ଅନ୍ତର୍ଭୁକ୍ତ କଲେ ହେଁ ଏହା ସଂପ୍ରତି ସଂସ୍କୃତିର ବହୁ ଆଶୟକୁ ନେଇ କ୍ରମ ବର୍ଦ୍ଧମାନ ଏକ ବିଷୟ ଶୃଙ୍ଖଳା । ତେବେ ସଂସ୍କୃତି (culture) ସହିତ Folkloreର ସମ୍ପର୍କ କ'ଣ ?

ସଂସ୍କୃତି ଶବ୍ଦର ଅର୍ଥ ବ୍ୟାପକ । Folklore ବା ଲୋକସଂସ୍କୃତି ଏହାର ଅଂଶବିଶେଷ । Folkloreର ସଂଜ୍ଞା ନିରୂପଣରେ ମାନବବିଜ୍ଞାନୀ, ସାହିତ୍ୟବିତ୍ ଓ ସଂସ୍କୃତବିତ୍‌ମାନେ ଭିନ୍ନ ଭିନ୍ନ ମତ ଦେଲେ ସୁଦ୍ଧା ଏହାର ସ୍ୱାତନ୍ତ୍ର୍ୟ ଅନସ୍ୱୀକାର୍ଯ୍ୟ । ଏ ସମ୍ପର୍କରେ ଥିବା ଭେଦାଭେଦ ଦୂର କରି ଲୋକ-ସଂସ୍କୃତିବିତ୍ ମଝହାରୁଲ ଇସଲାମ ଏକ ସନ୍ତୋଷ ଜନକ ମତାମତ ଦେଇଛନ୍ତି । ସେ କହନ୍ତି–

୧୫ । ମଣ୍ଡଳ, ଚିତ୍ତ, op. cit PP–20

୧୬ । ଚଟ୍ଟୋପାଧ୍ୟାୟ, ତୁଷାର, "ଲୋକସଂସ୍କୃତିର ତତ୍ତ୍ୱରୂପ ଓ ସ୍ୱରୂପ ସଂଧାନ" (ବଙ୍ଗଳା) କଲିକତା, ୧୯୮୫ ପୃ ୨୯ ।

"If culture is the Product of the intellectual faculty of men, folklore is the result of his urge for creativity and inpulsive love for beauty—in one, he finds his intellect and sense of refinement released, in the other his creative ideas are expressed and shaped, his aesthetic inpulse speaks. By doing so, man also nourishes his culture through folklore. Folklore is thus the product of culture, a component part of culture. (୧୭)

ସର୍ବଭାରତୀୟ ସ୍ତରରେ 'ଲୋକ ସଂସ୍କୃତି' ଶବ୍ଦକୁ Folklore ଶବ୍ଦର ପର୍ଯ୍ୟାୟବାଚୀ ବୋଲି ଗ୍ରହଣ କରିଥିବାରୁ ଏହି ପୁସ୍ତକରେ Folkloreକୁ 'ଲୋକସଂସ୍କୃତି' ବୋଲି ଗ୍ରହଣ କରାଯାଇଛି ।

## ଲୋକସଂସ୍କୃତିର ବିଷୟ ଶୃଙ୍ଖଳ :

ବିଂଶ ଶତାବ୍ଦୀର ବିଶିଷ୍ଟ ଲୋକ ସଂସ୍କୃତିବିତ୍ R. M. Dorson ଲୋକ ସଂସ୍କୃତିର ବିଷୟ ଶୃଙ୍ଖଳାକୁ ମୁଖ୍ୟତଃ ଚାରି ଭାଗରେ ବିଭକ୍ତ କରିଛନ୍ତି । ସେଗୁଡ଼ିକ ହେଲା– (୧) ଲୋକ ମୌଖିକ ସାହିତ୍ୟ (oral literature) (୨) ଭୌତିକ ଲୋକ ଜୀବନ (physical Folklife) (୩) ସାମାଜିକ ଲୋକ ଚଳଣି (social folk customs) (୪) ପ୍ରଦର୍ଶନଶୀଳ ଲୋକ କଳା (performing folk arts) (୧୮)

୧୭ । Islam, Majharul, 'Folklore : The pulse of the people concept' Publication New Delhi, 1985 PP-14.

୧୮ । Dorson, R. M. "Folklore and Folklife : An Introduction' 1972 P-4.



**୧. ମୌଖିକ ସାହିତ୍ୟ :** (Oral literature ): ଏଥି–ମଧ୍ୟରେ ଲୋକଙ୍କର ମୁଖନିଃସୃତ ଓ ପରଂପରା କ୍ରମେ ଜୀବିତ ଲୋକ ଗୀତ, କାହାଣୀ, ଗାଥା, କାବ୍ୟ, ଲୋକୋକ୍ତି ଆଦି ଅନ୍ତର୍ଭୁକ୍ତ ।

**୨. ଭୌତିକ ଲୋକଜୀବନ :** (Material culture or Physical Folk life)– ଏଥିମଧ୍ୟରେ ମାନବ ଜୀବନର ଆର୍ଥିକ–କାରିଗରୀ ଭିତ୍ତିକ କୌଶଳ ଯଥା ଖାଦ୍ୟ ସଂଗ୍ରହ ଓ ଖାଦ୍ୟ ଉତ୍ପାଦନ, ବସ୍ତ୍ର ବୟନ, ବାସଗୃହ ନିର୍ମାଣ, ନାନା ଉପାୟ ଓ କୌଶଳର ଉଦ୍‌ଭାବନ ଅନ୍ତର୍ଭୁକ୍ତ । Dorson ଲୋକଶିଳ୍ପ ( Folkcraft ) ଲୋକକଳା (Folkart) ଲୋକସ୍ଥପତି ( Folk architecture ) ଲୋକ ପ୍ରସାଧନ (Folk costumes) ତଥା ଲୋକ ରନ୍ଧଣା (Folk cookery) ଆଦିକୁ ଭୌତିକ ଲୋକଜୀବନ ଅନ୍ତର୍ଭୁକ୍ତ କରିଛନ୍ତି ।

**୩. ସାମାଜିକ ଲୋକ-ଚଳଣି :** ( Social Folk customs) : ସମାଜ ତଥା ବ୍ୟକ୍ତିର ଆଦର୍ଶଗତ ଉପପଦ୍ଧତି, ପାରିବାରିକ ତଥା ସାମାଜିକ ଜୀବନ ବୃତ୍ତିରେ ନାନା ଧାର୍ମିକ ଓ ଆଭିଚାରିକ ଆଚାର ଅନୁଷ୍ଠାନ, ପରଂପରା ଓ ପ୍ରଥା ସର୍ବସ୍ୱ ରୂପେ ଏହାର ପାଳଣା, ଲୋକବିଶ୍ୱାସ, ଯାଦୁବିଦ୍ୟା, ଶକୁନ ଓ ଆଗତଭବିଷ୍ୟ କଥା ଆଦି ଏଥିମଧ୍ୟରେ ଅନ୍ତର୍ଭୁକ୍ତ । ସାମାଜିକ ଆଚାର ଅନୁଷ୍ଠାନ ବେଳେ ଆଉ ଏକ ପ୍ରକାର କ୍ରିୟା ଗୁଂଜିତ । ତାହା ହେଉଛି ପର୍ବପର୍ବାଣି, ଧର୍ମାନୁଷ୍ଠାନ ବେଳେ ନୃତ୍ୟ, ଗୀତ ଓ ଅଭିନୟାଦିର ପ୍ରଦର୍ଶନ । ତନ୍ମଧ୍ୟରେ ଉଭୟ ଧାର୍ମିକ ଓ ଧର୍ମ ନିରପେକ୍ଷ ଅଭିକ୍ରିୟା ଗୁଡ଼ିକର ପ୍ରଦର୍ଶନ ହୋଇଥାଏ । Dorson କହନ୍ତି–

All kind of cult leaders, Prophets, faith healers, Occultist, hoodoo doctors, and dealers in white and black magic cast their charismatic spells over their Followers. (୧୯)

ସେ ସାମାଜିକ ଲୋକଚଳଣିକୁ ପର୍ବ (Festival) ଧର୍ମାଚାର ପାଳନ (Celebration) ଆମୋଦ ପ୍ରମୋଦ ଓ କ୍ରୀଡ଼ା ( recreation and

୧୯ । Ibid p-4

games ), ଲୋକ ଔଷଧ (Folk medicine) ତଥା ଲୋକଧର୍ମ (Folk religion) ଭେଦରେ ବିଭକ୍ତ କରିଛନ୍ତି ।

**୪: ପ୍ରଦର୍ଶନଶୀଳ ଲୋକକଳା :** (Performing Folk Arts) : ଏଥିମଧ୍ୟରେ ଲୋକବାଦ୍ୟ, ଲୋକନୃତ୍ୟ, ଲୋକନାଟ୍ୟ ଆଦି ଅନ୍ତର୍ଗତ ।

ଡନ୍ ବେନ ଆମସ୍‌ଙ୍କ ଲୋକସଂସ୍କୃତିର ବିଷୟ ବିଭଜନ Dorsonଙ୍କ ବିଭଜନଠାରୁ ଭିନ୍ନ । ତାଙ୍କ Folklore genre ପୁସ୍ତକରେ ସେ ଲୋକ-ସଂସ୍କୃତି ବିଷୟକୁ ନିମ୍ନ ପ୍ରକାରେ ବିଭଜନ କରିଛନ୍ତି । ଯଥା– ୧. Conversational genre– କଥୋପକଥନ ମୂଳକ ୨. Play genre–କ୍ରୀଡ଼ା ଭିତ୍ତିକ ୩. Fictive genre ବା କାହାଣୀ ଧର୍ମୀ ବିଭଗ ୪. Static genre (୨୦) ସ୍ଥିତିଶୀଳ ବିଭବ ।

ଉଭୟ ମୌଖିକ ତଥା ଅମୌଖିକ କଳାର ବିଭଜନ କ୍ରମକୁ Ben-Amos ନୂତନ ଦୃଷ୍ଟିରୁ ବିଚାର କରିଛନ୍ତି । ଏହା ସର୍ବଦିଶାନୁସାରୀ (multidimonsionally) ଅଧ୍ୟୟନ ଅନ୍ତର୍ଭୁକ୍ତ । ସେ ଏହି ଦୃଷ୍ଟିରୁ ଲୋକସଂସ୍କୃତିର ପରସ୍ପର ସମ୍ବନ୍ଧଯୁକ୍ତ ବିଭବମାନଙ୍କର ବିଶ୍ଲେଷଣ କରିଛନ୍ତି । ଉଦାହରଣ ସ୍ୱରୂପ ଧର୍ମାଚାର (ritual) ସହିତ ମୌଖିକ ପରଂପରା (oral tradition) ର ଅଙ୍ଗାଙ୍ଗୀଭବ ତଥା କ୍ରୀଡ଼ା, ନୃତ୍ୟ, ନାଟ୍ୟ ସହିତ ମୌଖିକ କଳାର ସଂପୃକ୍ତ ରହିଛି । ଏହି ଦୃଷ୍ଟିରୁ, ସେ ପ୍ରବାଦପ୍ରବଚନ, ନାମକରଣ, ମନ୍ତ୍ର, ଛଟା, ଗାଳି, ସୁଭାଷଣ ଆଦିକୁ କଥୋପକଥନ ବିଭଗରେ ରଖି ନାଁ ଦିଆ, (riddle) ଶବ୍ଦଖେଳ, ଓ ପ୍ରତିଯୋଗିତା ଆଦିକୁ କ୍ରୀଡ଼ା ବିଭଗ (play genre) ର ଅନ୍ତର୍ଭୁକ୍ତ କରିଛନ୍ତି । ପୁଣି ପର୍ବପର୍ବାଣି କାଳୀନ ଧର୍ମୀୟ ଅଭିଚାର, କାଳିସୀ ନାଚିବା, ତଥା ଲୋକନୃତ୍ୟ ଓ ନାଟ୍ୟକୁ ମଧ୍ୟ କ୍ରୀଡ଼ା ଅନ୍ତର୍ଭୁକ୍ତ କରିଛନ୍ତି । (୨୧)

Fictive genre ବା କାହାଣୀଧର୍ମୀ ବିଭବ ରୂପେ ସେ ଲୋକକାହାଣୀ, ଲୋକଗାଥା, ଲୋକକାବ୍ୟ, ବର୍ଣ୍ଣନାଧର୍ମୀ ଗୀତିକା ଆଦିକୁ

୨୦ । Ben-Amos, Don, Folklore genre
୨୧ । Ibid—



ଗ୍ରହଣ କରିଛନ୍ତି । ତଥା Static genre ରୂପେ ଲୋକକଳା (Folk art) Folk painting ( ଲୋକ ଚିତ୍ରକଳା ) terracota ମୃଣ୍ମୟ କଳା ଆଦିକୁ ଗ୍ରହଣ କରିଛନ୍ତି । ପ୍ରଥମ ତିନୋଟି ବିଭବକୁ ସେ ସ୍ରଷ୍ଟା ଓ ଭୋକ୍ତା ମଧ୍ୟରେ ପ୍ରତ୍ୟକ୍ଷ ସଂପର୍କ ଥିବାର ଦେଖାଇ ଶେଷୋକ୍ତ ବିଭବରେ ସ୍ରଷ୍ଟା ଓ ଭୋକ୍ତା ମଧ୍ୟରେ ଅପ୍ରତ୍ୟକ୍ଷ ସଂପର୍କ ଦେଖିଛନ୍ତି । ଏଣୁ ସେ ପୂର୍ବୋକ୍ତ ବିଭବମାନଙ୍କର ସମୟାନୁସାରୀ ଗତିଶୀଳତା ତଥା ଶେଷୋକ୍ତ ବିଭବରେ ସ୍ଥିତିଶୀଳତା ପ୍ରତ୍ୟକ୍ଷ କରିଛନ୍ତି ।

ଆଲୋଚକଙ୍କ ମତରେ "ଇତିହାସ, ସମାଜତତ୍ତ୍ୱ, ପରିବେଶ ବିଦ୍ୟା, ମାନବବିଜ୍ଞାନ, ଭାଷା, ସାହିତ୍ୟ, ଶିଳ୍ପ, ସଙ୍ଗୀତ, ଶିଳ୍ପତତ୍ତ୍ୱ, ନନ୍ଦନତତ୍ତ୍ୱ, ମନସ୍ତତ୍ତ୍ୱ ପ୍ରଭୃତି ବିଭିନ୍ନ ଶିକ୍ଷାଗତ ବିଷୟର ସଙ୍ଗେ ଲୋକସଂସ୍କୃତି ପରସ୍ପରା-ଶ୍ରୟୀ ସଂପର୍କ ସଂଯୁକ୍ତ ଏବଂ ଏହି କାରଣରୁ ମିଶ୍ରଚରିତ୍ରର ଐଶ୍ୱର୍ଯ୍ୟ ସମୃଦ୍ଧ ଲୋକସଂସ୍କୃତିର ସ୍ୱତନ୍ତ୍ର ଶୃଙ୍ଖଳା ସ୍ଥାପନ ଅସୁବିଧା ଜନକ " । (୨୨)

ଲୋକସଂସ୍କୃତି ସହିତ ବିଭିନ୍ନ ବିଷୟର ସଂପୃକ୍ତି ଦେଖାଇ ଆଲୋଚକ ନିମ୍ନ ଚିତ୍ରଲେଖାଟି ପ୍ରସ୍ତୁତ କରିଛନ୍ତି । (୨୩)

| | | |
|---|---|---|
| ଇତିହାସ | | ନନ୍ଦନତତ୍ତ୍ୱ |
| ଭାଷା / ସାହିତ୍ୟ | ଲୋକସଂସ୍କୃତି | ଶିଳ୍ପ / ସଙ୍ଗୀତ |
| ମାନବ ବିଜ୍ଞାନ | | ସମାଜ ବିଜ୍ଞାନ |

ଉପରୋକ୍ତ ସମସ୍ତ ବିଷୟକୁ ଆମୂଳ କରି ଲୋକସଂସ୍କୃତି ଆଦିର ପରି-ପ୍ରେକ୍ଷୀରେ ଆନ୍ତଃଶୃଙ୍ଖଳା ଭିତ୍ତିକ ବିଦ୍ୟା (interdisciplinary Study) କ୍ଷେତ୍ରକୁ ସଂପ୍ରସାରିତ ହୋଇଅଛି । ତେଣୁ ମାନବବିଜ୍ଞାନୀ ତଥା ଲୋକସଂସ୍କୃତି-ବିତ୍ ବାସ୍କମ କହନ୍ତି, ସଂସ୍କୃତି ଚର୍ଚ୍ଚାର ଇତିହାସରେ ସୁନିର୍ଦ୍ଦିଷ୍ଟ ବିଷୟ

୨୨ । ଚଟ୍ଟୋପାଧ୍ୟାୟ, ତୁଷାର, op. cit. p-99.
୨୩ । Ibid—P-99

ରୂପେ ଲୋକସଂସ୍କୃତି ସୁକୁମାର ବିଦ୍ୟା ଓ ସମାଜ ବିଜ୍ଞାନ ଉଭୟ ଦିଗକୁ ସ୍ପର୍ଶ କରିଛି । (୨୪)

## ଲୋକସଂସ୍କୃତି ଚର୍ଚ୍ଚାର ସିଦ୍ଧାନ୍ତ : (Theories of Folklore Research)

ସାଂସ୍କୃତିକ ମାନବବିଜ୍ଞାନୀମାନେ ପୁରାତତ୍ତ୍ୱ, ଭାଷାତତ୍ତ୍ୱ ଓ ପ୍ରଜାତି-ତତ୍ତ୍ୱର ଅଧ୍ୟୟନକୁ ପୁଷ୍ଟ କରିବା ପାଇଁ ଲୋକ ପରଂପରାର ଅଧ୍ୟୟନ କଲାବେଳେ ଲୋକ ସଂସ୍କୃତିର ଏକ ବିଶେଷ ରୂପରେଖ ପ୍ରସ୍ତୁତ ହେଲା । ପୂର୍ବରୁ ଅନେକ ବିଦ୍ୱାନଙ୍କ ଦ୍ୱାରା ଏହି ବିଷୟର ବୈଧତା ସମ୍ପର୍କରେ ପ୍ରଶ୍ନ ଉଠିଛି । ଅନେକେ ଏହାକୁ wrongness, fantasy and distortion ବୋଲି କହିଛନ୍ତି । (୨୫) କିନ୍ତୁ କାଳକ୍ରମେ ସେମାନଙ୍କ ଏହି ଉକ୍ତି ଭ୍ରାନ୍ତ ପ୍ରମାଣିତ ହୋଇଛି । ବିଶ୍ୱରେ ପ୍ରାୟ ଗତ ଦୁଇ ଶତାବ୍ଦୀ ଧରି ଏହି ଅଧ୍ୟୟନ କିପରି ନାନା ସିଦ୍ଧାନ୍ତ ଦେଇ ଅଗ୍ରଗତି କରି ଆସିଛି ତାହା ଏହି ପରି-ପ୍ରେକ୍ଷୀରେ ଜାଣିବା ବାଞ୍ଛନୀୟ ।

**ଗ୍ରୀମସ୍‌ଙ୍କ ତୁଳନାତ୍ମକ ପଦ୍ଧତି :** ଖ୍ରୀ ୧୮୧୨ରେ ଜର୍ମାନୀ ଲୋକଭାଷା ଓ ଉପଭାଷାର ସଂଗ୍ରହ ଓ ଅଧ୍ୟୟନ କାଳରେ ଗ୍ରୀମସ୍ ଭ୍ରାତୃଦ୍ୱୟ ଲୋକମୌଖିକ ପରଂପରାର ବହୁ ଉପାଦାନ ସଂଗ୍ରହ କରିଥିଲେ । ଜର୍ମାନ ଭାଷାର ଇତିହାସ ଓ ଏହାର ଉପଭାଷା ଅଧ୍ୟୟନ ପାଇଁ ସେମାନେ ତୁଳନାତ୍ମକ ପଦ୍ଧତିର ପ୍ରୟୋଗ କରିଥିଲେ । ସେହି ପଦ୍ଧତି ସମଭାବରେ ଜର୍ମାନୀ ବର୍ଣ୍ଣନାତ୍ମକ ଲୋକଗୀତି ପାଇଁ ମଧ୍ୟ ଗ୍ରୀମସ୍ ଭ୍ରାତୃଦ୍ୱୟ ବ୍ୟବହାର କରିଥିଲେ । (୨୬)

ଗ୍ରୀମସ୍‌ଙ୍କ ତୁଳନାତ୍ମକ ପଦ୍ଧତି ଅବଲମ୍ବନରେ ଋଷୀୟ ଲୋକସଂସ୍କୃତିବିତ୍ ସୋକୋଲୋଭ୍ କହନ୍ତି– ଯଦି ଭାଷା ବିଜ୍ଞାନ କ୍ଷେତ୍ରରେ, ଶବ୍ଦ ସାମ୍ୟ, ଧ୍ୱନି

---

୨୪ । Ibid—PP-99-100 and see Bascon W. R. Folk lore and Anthroplogoy Journal of American Folklore, vol. 67, PP 447.

୨୫ । Dorson, R. M, op. cit, P. 1

୨୬ । Handoo J. op. cit, P-35



ସାମ୍ୟ ଓ ରୂପତତ୍ତ୍ୱର ସାମ୍ୟ ଉପଲବ୍ଧ ହୋଇ ଜର୍ମାନ ଉପଭାଷା ଓ ଭାଷା ଅଧ୍ୟୟନରୁ ଏହାର ମୂଳ ଇଣ୍ଡୋ-ୟୁରୋପୀୟ ଭାଷା ବୋଲି ପ୍ରମାଣିତ ତେବେ ସେହି ପଦ୍ଧତିର ଆଧାରରେ ଲୋକ ସଂସ୍କୃତିର ଆଙ୍ଗିକ ଓ ବିଷୟ-ବସ୍ତୁର ବିଶ୍ଳେଷଣ କରି ଗୋଟିଏ ମୂଳମାନବ ଗୋଷ୍ଠୀର ବିଭିନ୍ନ ଶାଖା ପ୍ରଶାଖା ରୂପେ ଇଣ୍ଡୋ-ଜର୍ମାନିକ ଲୋକ ସଂସ୍କୃତିର ମୂଳ ପର୍ଯ୍ୟନ୍ତ ପହଞ୍ଚ୍ ହେବ । (୨୭)

## ମାକ୍ସମୁଲାରଙ୍କ ସୋଲାର୍ ମିଥଲଜି ସିଦ୍ଧାନ୍ତ :

ଗ୍ରୀମ୍‌ସଙ୍କ ତୁଳନାତ୍ମକ ପଦ୍ଧତି ଦ୍ୱାରା ବିଶ୍ଳେଷିତ ଜର୍ମାନୀ ଲୋକଭାଷା ଓ ଲୋକ ସାହିତ୍ୟ ପରବର୍ତ୍ତୀ କାଳରେ ମାକ୍ସମୁଲରଙ୍କ ଦ୍ୱାରା 'ମିଥଲଜିକାଲ ସ୍କୁଲ' ରୂପେ ପରିଚିତ ହେଲା । ମାକ୍ସମୁଲର ଜଣେ ଭାଷାବିଶାରଦ ତଥା ସଂସ୍କୃତ ପଣ୍ଡିତ ଥିଲେ । ସେ ଲାଟିନ୍ ଓ ସଂସ୍କୃତ ପୁରାଣ (myth)ର ଉପାଦାନ ଓ ଭାଷା ସାମଞ୍ଜସ୍ୟକୁ ଲକ୍ଷ୍ୟ କରି ଏହାର ମୂଳ ଉତ୍ସ ('proto' form) ସନ୍ଧାନ କରିଥିଲେ । (୨୮) ତାଙ୍କ ସିଦ୍ଧାନ୍ତକୁ ସୋଲାର ମିଥଲଜି ଥିଓରୀ (Solar mythology theory) କୁହାଯାଏ । ତାଙ୍କ ମତରେ ପ୍ରାଚୀନ ୟୁରୋପୀୟ ମିଥ୍‌ର ଦେବାଦେବୀ ଓ ନାୟକ ନାୟିକା ଭାରତର ସଂସ୍କୃତରୁ ଆହୃତ । ସେମାନେ ନାନା ରୂପକ ଓ ପ୍ରତୀକ ମଧ୍ୟରେ ପ୍ରକୃତି ଦେବାଦେବୀ ରୂପେ ଭାଷା ମାଧ୍ୟମରେ ପ୍ରକଟିତ । (୨୯) ଏହି ଦେବା-ଦେବୀର ସୃଷ୍ଟିର ମୂଳ ସୂର୍ଯ୍ୟଦେବତା । ଏଣୁ ସେହି ନାମ ଅନୁସାରେ ମାକ୍ସ ମୁଲର ସୋଲାର ମିଥଲଜି ସିଦ୍ଧାନ୍ତର ପ୍ରବର୍ତ୍ତକ ମିଥ୍ ସୃଷ୍ଟି ସମ୍ପର୍କିତ ମୁଲର୍‌ଙ୍କ ଏହି ସିଦ୍ଧାନ୍ତ ପରବର୍ତ୍ତୀ କାଳରେ ଥିଓଡ଼ର ବେନଫି (Theoder Benfey)ଙ୍କ ଦ୍ୱାରା ଗୃହୀତ ହୋଇଥିଲା । ଊନବିଂଶ ଶତାବ୍ଦୀର ମଧ୍ୟ-ଭାଗରେ ମାକ୍ସ ମୁଲରଙ୍କ ଏହି ସିଦ୍ଧାନ୍ତ ଲୋକପ୍ରିୟ ହୋଇ ବେନଫିଙ୍କ ଦ୍ୱାରା Theory of Borrowing ରୂପେ ତଥା ବିସରଣବାଦୀ ସିଦ୍ଧାନ୍ତ-ରୂପେ ପରିଚିତ ହୋଇଥିଲା ।

---

୨୭ । Sokolov, Y. M. Russian foklore, New york, 1950, p. 50

୨୮ । Handoo, J. op. cit. p-36

୨୯ । Baunvand, J. H. op. cit. p-12

## ବେନଫିଙ୍କ ସ୍ଥାନାନ୍ତରୀକରଣ ସିଦ୍ଧାନ୍ତ :

(Migrational theory ef Benfey)

ବେନଫି ଜଣେ ଜର୍ମାନ ପ୍ରାଚ୍ୟ ବିଦ୍ୟାବିତ୍ ଥିଲେ ଓ ମାକ୍ସମୁଲରଙ୍କ ବିସରଣବାଦୀ ସିଦ୍ଧାନ୍ତ (diffusionistic theory) ଦ୍ୱାରା ଅଭିପ୍ରେରିତ ହୋଇଥିଲେ । ସେ ଭାରତର ପଞ୍ଚତନ୍ତ୍ରର ଲାଟିନ୍ ଅନୁବାଦ କରିଥିଲେ ଓ ସେହି ସୂତ୍ରରେ ଭାରତୀୟ ଓ ୟୁରୋପୀୟ କାହାଣୀର ସାମଞ୍ଜସ୍ୟ ଦେଖି ଏହାର ଆନୁବଂଶିକ ସମ୍ପର୍କ (genetic relationship) ଥିବାର ଦେଖାଇ ଦୁଇ ଅଞ୍ଚଳ ମଧ୍ୟରେ ଐତିହାସିକ ଓ ସାଂସ୍କୃତିକ ସମ୍ପର୍କ ବହୁ ଦୂର ଅତୀତରୁ ରହିଥିଲା ବୋଲି ମତ ପ୍ରକାଶ କରିଥିଲେ । (୩୦) ତାଙ୍କ ମତରେ ଭାରତରୁ କିମ୍ବା କୌଣସି ମୂଳ ସ୍ଥାନରୁ ଖାଦ୍ୟ ଅନ୍ୱେଷଣ, ଯୁଦ୍ଧ କିମ୍ବା ରାଜ୍ୟ ଜୟ ପାଇଁ ଜର୍ମାନ ଅଞ୍ଚଳକୁ ବିଭିନ୍ନ ଜନଗୋଷ୍ଠୀଙ୍କ ସ୍ଥାନାନ୍ତରଣ (migration) ହୋଇଥିବ । ସେହି ସୂତ୍ରରେ ଭାଷା, ଐତିହ୍ୟ ଓ ସଂସ୍କୃତିର ସାମଞ୍ଜସ୍ୟ ରହିଛି ବୋଲି ସେ ମତ ଦେଇଥିଲେ ।

ବେନଫିଙ୍କ ମତରେ 'the basic reservoir' from which the European peoples drew materials for poetic creations was seen to be ancient India. (୩୧) ଭାରତ ତଥା ଜର୍ମାନୀ ଭାଷା, ପୁରାଣ ଓ ଲୋକକଥାର ବିଚିତ୍ର ସାମଞ୍ଜସ୍ୟ ଦେଖି ସେ ଏହାର ଭୌଗୋଳିକ ଗତିପଥ, ଓ ଐତିହାସିକ ସତ୍ୟ ନିରୂପଣ କରିଥିଲେ । ତାଙ୍କ ମତରେ ଭାରତରୁ ଏହି କାହାଣୀ ଗୁଡ଼ିକ ଭୂମଧ୍ୟସାଗର, ଦୂରପଶ୍ଚିମ, ସ୍ପେନ୍, ଗ୍ରୀକ୍ ଉପଦ୍ୱୀପ ଦେଇ ୟୁରୋପକୁ ଆସି ପହଞ୍ଚିଛି । (୩୨)

## ଐତିହାସିକ ଭୌଗୋଳିକ ସିଦ୍ଧାନ୍ତ ବା ଫିନ୍ନିଶ ସ୍କୁଲ :

ମାକ୍ସ ମୁଲରଙ୍କ ସିଦ୍ଧାନ୍ତ ଇଣ୍ଡୋ-ୟୁରୋପୀୟ ଭାଷା ଓ ଲୋକ ସଂସ୍କୃତିର ଐତିହାସିକ–ପୁନର୍ଗଠନ ନିମିତ୍ତ ତଥା ବେନଫିଙ୍କ ପରସ୍ପର ଆନୁବଂଶିକ ସମ୍ପର୍କ ବିହୀନ ସଂସ୍କୃତିରେ ଏହାର ବିସରଣ ପରବର୍ତ୍ତୀ କାଳରେ

୩୦ । Handoo. J. cit. cit. p-40
୩୧ । Ibid p-40
୩୨ । Ibid p-40



ଲୋକସଂସ୍କୃତିର ଅଧ୍ୟୟନକୁ ବହୁ ପରିମାଣରେ ସୁଶୃଙ୍ଖଳିତ କରିଛି । ବିଶେଷତଃ ଊନବିଂଶ ଶତାବ୍ଦୀର ଉପରୋକ୍ତ ସିଦ୍ଧାନ୍ତ ବିଂଶଶତାବ୍ଦୀର ଲୋକସଂସ୍କୃତି କ୍ଷେତ୍ରରେ ଐତିହାସିକ-ଭୌଗୋଳିକ ( Historical-geographical theoy ) ସିଦ୍ଧାନ୍ତକୁ ଜନ୍ମଦେଲା । ଫିନ୍‌ଲାଣ୍ଡର ଗବେଷକଙ୍କ ଦ୍ୱାରା କାହାଣୀର ମୂଳ ଖୋଜିବା, ଏହାର ଐତିହାସିକ ତଥା ଭୌଗୋଳିକ - ବିସରଣପଥ ନିର୍ଦ୍ଧାରଣ କରିବା ଦ୍ୱାରା ଏହା Finnish method ରୂପେ ମଧ୍ୟ ପରିଚିତ । ଏହି ସିଦ୍ଧାନ୍ତର ପ୍ରତିପାଦିକ ସତ୍ୟ ଏହା ଯେ, ଗୋଟିଏ କାହାଣୀ ସମୟ, ସ୍ଥାନ, ଭାଷା ଓ ସଂସ୍କୃତି ନିର୍ବିଶେଷରେ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ପ୍ରସରିଯାଏ । ପ୍ରସରିତ ହେଲା ବେଳେ ଏଥି ମଧ୍ୟରେ ଅନେକ ଉପାଦାନର ଆଗମନ ହୁଏ ତଥା କେତେକ ଉପାଦାନ ବର୍ଜିତ ହୋଇଥାଏ ମଧ୍ୟ । କିନ୍ତୁ ସେହି କାହାଣୀ ଗୁଡ଼ିକର ସାମାନ୍ୟ ଉପାଦାନ ଗୁଡ଼ିକର ତୁଳନା ଦ୍ୱାରା ଏହାର ମୂଳରୂପ ( 'Vr' form ) ଜଣାପଡ଼େ । (୩୩)

## ମାନବ ବିଜ୍ଞାନୀ ସ୍କୁଲ :

ବିଗତ ଶତାବ୍ଦୀରେ ସଭ୍ୟ ଦେଶମାନଙ୍କ ଦ୍ୱାରା ତଥା କଥିତ ଅସଭ୍ୟ ଦେଶମାନଙ୍କର ପ୍ରଜାତିତତ୍ତ୍ୱ, ଭାଷା, ଐତିହ୍ୟ ଲୋକସଂସ୍କୃତି ଆଦିର ଅନୁଶୀଳନରୁ ମାନବବିଜ୍ଞାନ (anthropology) ର ସୃଷ୍ଟି । ବିଶ୍ୱର ପରସ୍ପର ସମ୍ପର୍କ ବିହୀନ ଅଞ୍ଚଳମାନ ଅଧ୍ୟୟନ କରି ତନ୍ମଧ୍ୟରେ ଥିବା ସାମଞ୍ଜସ୍ୟକୁ ଲକ୍ଷ୍ୟକରି ଟାଇଲର (E.B. Tylor) ଓ ଆଣ୍ଡ୍ରୁ ଲାଙ୍ଗ (Andrew Lang) ଆଦି ମାନବ ବିଜ୍ଞାନୀମାନେ ମତ ଦେଇଥିଲେ ଯେ, ମାନବର ସ୍ଥାନାନ୍ତରଣ ଯୋଗୁଁ କିମ୍ବା ଆନୁବଂଶିକ ସମ୍ପର୍କ ଯୋଗୁଁ ନୁହେଁ, ବରଂ ମାନବ ସଭ୍ୟତା ଏକ ନିର୍ଦ୍ଦିଷ୍ଟ ବିକାଶ କ୍ରମ ଦେଇ ଗତି କରିଥିବାରୁ ସେମାନଙ୍କର ସାଂସ୍କୃତିକ ସାମଞ୍ଜସ୍ୟ ରହିଅଛି । (୩୪) ଏମାନଙ୍କ ଦ୍ୱାରା theoy of polygenesis ବା ସଂସ୍କୃତିର ବହୁଉତ୍ସ, Psychic unity of man ବା ମନୁଷ୍ୟ ସମ ମାନସିକତା, ସମାନ୍ତରାଳ ସାଂସ୍କୃତିକ ଘଟନା

୩୩। ଚଟ୍ଟୋପାଧ୍ୟାୟ, ତୁଷାର, op. cit pp-146
୩୪ । Brunvand, J. H. op. cit, p-12

(parallel cultural phenomena) ତଥା ସରଳରୈଖିକ ବିବର୍ତ୍ତନ (unilinear evolution) ସମ୍ମୁଖରେ ପ୍ରବର୍ତ୍ତନ ହୋଇଥିଲା । (୩୫)

ଆଣ୍ଡ୍ରୁ ଲାଙ୍ଗ ମୁଲରଙ୍କ ବିସରଣବାଦ ବିପକ୍ଷରେ ସାଂସ୍କୃତିକ ବିକାଶ ଓ ବିବର୍ତ୍ତନବାଦ ପ୍ରବର୍ତ୍ତନ କରିଥିଲେ । ତାଙ୍କ theory of survival ଅନୁସାରେ—all societies passed through the same stages of mental development with characteristic customs and beliefs developing at each level. (୩୬) । ତାଙ୍କ ମତାନୁସାରେ ସମଗ୍ର ବିଶ୍ୱର ମାନବ ଗୋଷ୍ଠୀର ବିକାଶ ସ୍ତର ସମାନ ଭାବେ ଉପଲବ୍ଧ । ତାହା ମଣିଷର ପ୍ରବୃତ୍ତି ଓ ପ୍ରକୃତି, ମନ ଓ ଚିନ୍ତନ ପ୍ରକ୍ରିୟାରେ ଏକ କ୍ରମ ବିବର୍ତ୍ତନର ଫଳଶ୍ରୁତି ଅଟେ । ଏମାନଙ୍କ ମତରେ ମଣିଷ ସମାଜ ଓ ସଂସ୍କୃତି ଏକ ନିର୍ଦ୍ଦିଷ୍ଟ ସ୍ତର ଦେଇ ବିକଶିତ । ସେଗୁଡ଼ିକ savagery barbarism ଓ civilization (୩୭) । ମାନବ ବିଜ୍ଞାନୀ ମାନଙ୍କ ଏହି ସିଦ୍ଧାନ୍ତରୁ ସୃଷ୍ଟି ହୋଇଥିଲା ଜେମସ୍ ଫ୍ରେଜରଙ୍କ ଗୋଲ୍ଡେନ୍ ବାଓ (golden Bough) । କିନ୍ତୁ ଯେହେତୁ ଏହି ବିକାଶବାଦର ଧାରାକୁ ସମକାଳୀନ ବିଶ୍ୱର ପ୍ରେକ୍ଷାପଟରେ ପ୍ରମାଣିତ କରିବା ଅସମ୍ଭବ—କାରଣ ପାରସ୍ପରିକ ସାଂସ୍କୃତିକ ଆଦାନ ପ୍ରଦାନକୁ ଅସ୍ୱୀକାର କରିବାର ଉପାୟ ନାହିଁ, ସେହି ହେତୁ ଏହି ସିଦ୍ଧାନ୍ତ ପରବର୍ତ୍ତୀ ଗବେଷକ ମାନଙ୍କ ଦ୍ୱାରା ଅଗ୍ରାହ୍ୟ ହୋଇଥିଲା ।

**ବିଂଶ ଶତାବ୍ଦୀର ତୁଳନାତ୍ମକ ଧାରା :** ମୁଲର୍‌ଙ୍କ ବିସରଣବାଦୀ ସିଦ୍ଧାନ୍ତ ବେନଫିଙ୍କ ସ୍ଥାନାନ୍ତରଣ ସିଦ୍ଧାନ୍ତ ତଥା ପରସ୍ପର ସମ୍ପର୍କ ବିହୀନ ଅଥବା ଆନୁବଂଶିକ ସମ୍ପର୍କଯୁକ୍ତ ଉପାଦାନ ସମ୍ପର୍କୀୟ ତୁଳନାତ୍ମକ ଧାରା ଯାହାକି ଊନବିଂଶ ଶତାବ୍ଦୀରେ ଲୋକପ୍ରିୟ ହୋଇ ମାନବ ବିଜ୍ଞାନୀ ମାନଙ୍କ ଦ୍ୱାରା ଅଗ୍ରାହ୍ୟ ହୋଇଥିଲା—ବିଂଶ ଶତାବ୍ଦୀର ଆଦ୍ୟ ପାଦରେ ଏହା

୩୫। ଚଟ୍ଟୋପାଧ୍ୟାୟ, ତୁଷାର op. cit pp-155

୩୬ । Brunvand J H. op. cit P-12

୩୭ । Herskovit M. J. op. cit. P-433. "The history of the human race is one in source, one in experience, one in Progress" P-430.



ସ୍କାଣ୍ଡିନେଭିୟା—ଫିନ୍‌ଲାଣ୍ଡର ଗବେଷକ ମାନଙ୍କ ଦ୍ୱାରା ବେଶ୍ ଲୋକପ୍ରିୟ ହୋଇ ଉଠିଲା । ଫିନିଶ୍ ଜାତୀୟ କାବ୍ୟ 'କାଲେବାଲା' (kalevala)ର ସଂଗ୍ରହ ଓ ସମୀକ୍ଷା କଲାବେଳେ ଫିନିଶୀୟ ଲୋକସଂସ୍କୃତିବିତ୍ ଜୋସେଫ୍ କ୍ରୋନ୍ (Joseph Krohn) ଓ ତାଙ୍କ ପୁତ୍ର Karle Krohn ଚର୍ଚ୍ଚିତ କାବ୍ୟର ଅନେକ ସମଧର୍ମୀ ରଚନା ସେହି ଅଞ୍ଚଳମାନଙ୍କରୁ ପାଇ ତାହାର ମୂଳ ଉତ୍ସ (Urform) ସନ୍ଧାନ କରିବା ସଙ୍ଗେ ସଙ୍ଗେ ଏହାର ବିଭିନ୍ନ ଆକାର ପ୍ରକାର, ଐତିହାସିକ—ଭୌଗୋଳିକ ଭିତ୍ତିଭୂମିରୁ କଥାବସ୍ତୁରେ ବିସରଣ ପଥ ନିରୂପଣ କଲେ । ଏହା ଫିନିଶ୍ ସ୍କୁଲ ବା ଐତିହାସିକ—ଭୌଗୋଳିକ ସିଦ୍ଧାନ୍ତ ରୂପେ ତୁଳନାତ୍ମକ ପଦ୍ଧତିକୁ ଧରି ପରିଚିତ ହେଲା । (୩୮)

ଏହି ପଦ୍ଧତି କ୍ରମଶଃ ସ୍କାଣ୍ଡିନେଭିଆର C. W. Sydow, (ସୁଇଡ଼େନ) ଓ ଡେନ୍‌ମାର୍କର Axel Orlik ତଥା ଫିନ୍‌ଲାଣ୍ଡର କ୍ରୋନ୍ ଓ ଏଲିୟାସ୍ ଲୋନୋର୍ଟ (Elias Lonnert) ଙ୍କ ଦ୍ୱାରା ନୂତନ ରୂପରେଖ ନେଲା । ଏହି ପଦ୍ଧତିର ମୂଳ ସୂତ୍ର ଅନୁସାରେ ।

(କ) କୌଣସି ଏକ ପ୍ରକାର କାହାଣୀ, ଗାଥା, ମିଥ୍, କାବ୍ୟ ଆଦି ଯଦି କୌଣସି ଅଞ୍ଚଳରେ ଏକାଧିକ ରୂପେ ଉପଲବ୍ଧ, ତେବେ ସେ ସମସ୍ତଙ୍କୁ ଏକତ୍ର କରି ତନ୍ମଧ୍ୟରେ ଥିବା ସମାନ ଉପାଦାନ (common motif) ଗୁଡ଼ିକ ଏକ ଏକ ୟୁନିଟ୍‌ରେ ସଜାଇ ରଖି, ସେମାନଙ୍କୁ କେତେକ ଆଶୟ (trait) ଓ ଉପ-ଆଶୟ (Sub-trait) ରେ ବିଭକ୍ତ କରାଯାଏ ।

(ଖ) କାହାଣୀର ଆଶୟ ଓ ଉପଆଶୟ ବିଭକ୍ତ କଲାପରେ ଏହାର ପ୍ରକାର ଭେଦ ନିର୍ଣ୍ଣୟ କରି ଏକତ୍ରିତ କରି ସଜା ଯାଇଥାଏ ।

(ଗ) ପ୍ରତ୍ୟେକ ଆଶୟର ସମ୍ଭାବ୍ୟ ଉପକଳ୍ପିତ ଆର୍କିଟାଇପ୍ (hypothetical architype)କୁ ବାହାର କରାଯାଏ ତଥା ସେମାନଙ୍କର ପ୍ରଦର୍ଶିତ ତାଲିକାକୁ ଏକତ୍ର ସଜାଇ ଏକ ମୂଳ ଟାଇପ୍ ବା ସମଗ୍ର କାହାଣୀର ଆର୍କିଟାଇପ୍‌କୁ ବାହାର କରାଯାଏ ।

(ଘ) ଗବେଷଣାର ପ୍ରାରମ୍ଭରେ ସଂଗୃହୀତ କାହାଣୀଟିର ସ୍ୱରୂପ ସହିତ ଗବେଷଣାଲବ୍ଧ ଆର୍କିଟାଇପ ସମୂହ ଦ୍ୱାରା ସର୍ଜିତ କାହାଣୀଟିର

୩୮ । Handoo J. op. cit. P-46

ସ୍ୱରୂପ ଭିନ୍ନ ହେଲେ, ସେ କ୍ଷେତ୍ରରେ ଶେଷୋକ୍ତ କଥାବସ୍ତୁଟିକୁ ହିଁ ବିଚାରକୁ ନିଆଯାଏ । (୩୯)

ଏହିପରି ତୁଳନାତ୍ମକ ପଦ୍ଧତି ସାହାଯ୍ୟରେ ଗୋଟିଏ କାହାଣୀର ଐତିହାସିକ– ଭୌଗୋଳିକ ଭିତ୍ତି, ବିସରଣ ପଥ ଓ ସୃଷ୍ଟି ଉତ୍ସ ନିର୍ଣ୍ଣୟ କରାଯାଏ ।

ସାଂପ୍ରତିକ ଲୋକସଂସ୍କୃତି ଗବେଷକ ଆର୍ଚର ଟେଲର, ଓ୍ୱାରେନ୍ ଇ ରବର୍ଟସ, ଷ୍ଟିଥ୍ ଥମ୍ପସନ ଆଦି ଏହି ପଦ୍ଧତି ଅବଲମ୍ବନ କରିଛନ୍ତି ।

କିନ୍ତୁ ଯେହେତୁ ଏହି ପଦ୍ଧତି କାହାଣୀର ନାନ୍ଦନିକ, ଶୈଳୀଭିତ୍ତିକ ଦିଗ ତଥା ବିଷୟର ପଟ୍ଟଭୂମିର ଅଧ୍ୟୟନକୁ ଅବହେଳା କରେ, ଏହା ପୂର୍ଣ୍ଣାଙ୍ଗ ଅଧ୍ୟୟନର ସହାୟକ ନୁହେଁ ବୋଲି କେତେକ ତତ୍ତ୍ୱବିଦ ମତ ଦିଅନ୍ତି ।

## ମନସ୍ତାତ୍ତ୍ୱିକ ପଦ୍ଧତି :

ସିଗ୍‌ମଣ୍ଡ ଫ୍ରୟେଡ୍‌ଙ୍କ ମନୋବିଶ୍ଳେଷଣ ପଦ୍ଧତି ତଥା ମନସ୍ତତ୍ତ୍ୱ ସୂତ୍ର ବିଂଶ ଶତାବ୍ଦୀର ମାନବିକ ଶୃଙ୍ଖଳାନ୍ତର୍ଗତ ସମସ୍ତ ବିଷୟକୁ ଭଣା ଅଧିକେ ପ୍ରଭାବିତ କରିଅଛି । ସାହିତ୍ୟ ଓ କଳାରେ ପ୍ରତୀକାତ୍ମକ ପ୍ରକାଶର ବିଶ୍ଳେଷଣ ଏହାରି ମାଧ୍ୟମରେ ହୋଇଥାଏ । ଫ୍ରୟେଡ୍ ନିଜେ ମିଥ୍, କାହାଣୀ ଓ ସ୍ୱପ୍ନ ସବୁର ମନୋ–ବିଶ୍ଳେଷଣ କରି କହିଥିଲେ–

"Dreams express the latent repressed wishes and fears of infentile sexuality in symbol disguise. (୪୦)

ଫ୍ରୟେଡ୍‌ଙ୍କ ମନୋବିଶ୍ଳେଷଣ ପଦ୍ଧତିର ଆଧାରରେ ଲୋକସଂସ୍କୃତିବିତ୍ ମାନେ ମିଥ୍‌ର ବିଶ୍ଳେଷଣ କରି ଏହାକୁ 'ସଂସ୍କୃତିର ସ୍ୱପ୍ନ' ବୋଲି କହିଛନ୍ତି । ସେମାନଙ୍କ ମତରେ ବ୍ୟକ୍ତି କ୍ଷେତ୍ରରେ ସ୍ୱପ୍ନ ଯେପରି ରହସ୍ୟମୟ ଓ ପ୍ରତୀକର ସମ୍ବାହକ, ସଂସ୍କୃତି କ୍ଷେତ୍ରରେ ମଧ୍ୟ ମିଥ୍‌ର ଅନୁରୂପ ଭୂମିକା

୩୯ । Handoo J. op–cit P. 46
୪୦ । Ibid P. 47



ରହିଛି । ମିଥ୍ ମଧ୍ୟରୁ ଜାତିମାନସରେ ଅବଦମିତ ଚିତ୍ର ସ୍ପଷ୍ଟ ରୂପେ ପ୍ରତୀକିତ ହୋଇ ରହିଥାଏ ।

ଫ୍ରଏଡ୍‌ଙ୍କ ଅଡ଼ିପସ୍ କଂପ୍ଲେକସ୍, ସ୍ୱପ୍ନ ବିଶ୍ଳେଷଣ, ଲିବିଡୋ ତତ୍ତ୍ୱ, ତଥା ଯୌନ ଚେତନାର ପ୍ରତୀକାତ୍ମକ ପ୍ରକାଶ ପ୍ରମୁଖ ତତ୍ତ୍ୱ ବର୍ଣ୍ଣନାତ୍ମକ ମୌଖିକ ପରଂପରାରେ ବିଶ୍ଳେଷଣ କ୍ଷେତ୍ରରେ ବହୁ ସାଂସ୍କୃତିକ ସମସ୍ୟାର ସମାଧାନ କରିଅଛି । ୟୁଙ୍ଗଙ୍କ ସାମୂହିକ ଅବଚେତନ (Collective unconscious) ତଥା ବ୍ୟକ୍ତିକ ଅବଚେତନ (Personal unconscious) ଲୋକ ସଂସ୍କୃତି ବିଶ୍ଳେଷଣ ଉଲ୍ଲେଖନୀୟ ।

କିନ୍ତୁ ମନୋବିଶ୍ଳେଷଣର ନଗ୍ନସତ୍ୟ ସାମାଜିକ ନୀତିନିୟମର ଅସ୍ୱୀକୃତି ପରି ଲୋକସଂସ୍କୃତି କ୍ଷେତ୍ରରେ ମଧ୍ୟ ଏହାର ବୈଧତା ସଂପର୍କରେ ପ୍ରଶ୍ନଉଠେ । କିନ୍ତୁ ମଣିଷର ମନୋଜଗତର ସଂଗୁପ୍ତ ଚିତ୍ରକୁ ଉଦ୍‌ଘାଟନ କରି ପ୍ରକୃତ ମଣିଷର ସ୍ୱରୂପ ଦେଖାଇବାରେ ମନୋବିଶ୍ଳେଷଣ ଯେପରି ସମର୍ଥ ହୋଇଛି, ତାହା ଅବଶ୍ୟ ସ୍ୱୀକାର କରିବାକୁ ହେବ ।

## ପ୍ରକାର୍ଯ୍ୟବାଦୀ ସିଦ୍ଧାନ୍ତ : (Theory of Functionalism)

ବିଶିଷ୍ଟ ମାନବବିଜ୍ଞାନୀ ବ୍ରନିସଲ ମାଲିନସ୍କି ଲୋକସଂସ୍କୃତିର ପ୍ରକାର୍ଯ୍ୟବାଦୀ ସିଦ୍ଧାନ୍ତର ପ୍ରବର୍ତ୍ତକ ଥିଲେ । ସେ ମିଥ୍ ଓ ରିଚୁଆଲର ପ୍ରକାର୍ଯ୍ୟବାଦୀ ବିଶ୍ଳେଷଣ କରି ପ୍ରତ୍ୟେକ କ୍ରିୟାମଧ୍ୟରେ କିଛି ଭୂମିକା ଥିବାର ଦେଖାଇଥିଲେ । ପ୍ରକାର୍ଯ୍ୟବାଦୀ ସିଦ୍ଧାନ୍ତ ସଂପର୍କରେ ତତ୍‌ବିଦ୍ କହନ୍ତି–

Functionalism-theory according to which cultural phenomenon should be studied with respect to their function, Functional Folklore - the study of Folklore according to functional and sociological methods. (୪୧)

ବାସକମ୍ ତାଙ୍କ four functions of Folklore ପ୍ରବନ୍ଧରେ ମୌଖିକ କଳାକୁ ସାମାଜିକ ପଟ୍ଟଭୂମି ଦୃଷ୍ଟିରୁ, ସାଂସ୍କୃତିକ ସଂପର୍କ ଦୃଷ୍ଟିରୁ,

୪୧ । ଚଟ୍ଟୋପାଧ୍ୟାୟ, ତୁଷାର, op. cit P–233

ଅଶିକ୍ଷିତ ସମାଜରେ ଶିକ୍ଷଣ ପ୍ରକ୍ରିୟା ଦୃଷ୍ଟିରୁ ତଥା ଶେଷରେ ସାମାଜିକ ନିୟନ୍ତ୍ରଣ ଦୃଷ୍ଟିରୁ ଏହାର ପ୍ରକାର୍ଯ୍ୟଗତ ଅଧ୍ୟୟନ କରିଛନ୍ତି । (୪୨) ଭ୍ଲାଦିମିର ପ୍ରପ୍ ଯିଏକି ପରବର୍ତ୍ତୀ କାଳରେ କାହାଣୀର ସଂରଚନାତ୍ମକ–ରୂପତାତ୍ତ୍ୱିକ ବିଶ୍ଳେଷଣର ପ୍ରବର୍ତ୍ତକ ରୂପେ ପ୍ରଖ୍ୟାତ ହେଲେ, ସେ ପ୍ରକାର୍ଯ୍ୟଗତ ଦୃଷ୍ଟିରୁ ପ୍ରଥମେ ଅନୁଶୀଳନ ଆରମ୍ଭ କରିଥିଲେ । ତାଙ୍କ ମତରେ କାହାଣୀରେ ଚରିତ୍ର ଗୁଡ଼ିକ ପରିବର୍ତ୍ତନଶୀଳ, କିନ୍ତୁ ପ୍ରକାର୍ଯ୍ୟଟି ସ୍ଥିର । ଏହି ସିଦ୍ଧାନ୍ତଟି ସଂରଚନାତ୍ମକ ବିଶ୍ଳେଷଣ ପୂର୍ବରୁ ଲୋକସଂସ୍କୃତି ଚର୍ଚ୍ଚା କ୍ଷେତ୍ରରେ ପ୍ରଭୂତ ପ୍ରଭାବ ପକାଇଥିଲା ତଥା ଏହା ବିଜ୍ଞାନ ଭିତ୍ତିକ ହେତୁ ଅଦ୍ୟାପି ଲୋକସଂସ୍କୃତି ଗବେଷଣା କ୍ଷେତ୍ରରେ ଅନୁସୃତ ହେଉଅଛି ।

## ସଂରଚନାତ୍ମକ ବିଶ୍ଳେଷଣ ପଦ୍ଧତି :

ବର୍ଣ୍ଣନାତ୍ମକ ମୌଖିକ କଳାରେ ଯୁଗ ଯୁଗର ସଂଚିତ ଜାତି ମାନସିକତା ପରଂପରାକ୍ରମେ ପ୍ରତୀକ ରୂପେ ସଂରଚିତ ହୋଇ ରହିଥାଏ । ସାମାଜିକ ଓ ସାଂସ୍କୃତିକ ପରିବର୍ତ୍ତନ ସହ ଏହାର ମୂଳ ରୂପଟିରେ ନାନା ପ୍ରକାର ଉପାଦାନ ମଧ୍ୟ ମିଶି ଯାଇଥାଏ । ଏପରିକି ମୂଳ ଉପାଦାନ ସମୟାନୁକ୍ରମେ ପରିବର୍ତ୍ତନ ହୋଇଥାଏ । ଏହିପରି ଗୋଟିଏ ସଂସ୍କୃତିରେ ପରସ୍ପର ବିପରୀତ-ଧର୍ମୀ ଉପାଦାନର ଏକତ୍ର ସମାବେଶ ହୋଇ ଯାଇଥିବା ହେତୁ ତନ୍ମଧ୍ୟରେ ଦ୍ୱୈତ ବିରୋଧ (binary opposition) ରହିଯାଏ । ତେଣୁ ଗୋଟିଏ ମିଥ୍, କିମ୍ବା କାହାଣୀ ବା ଧର୍ମାଚାରର ବିଶ୍ଳେଷଣ କାଳରେ ଏହି ବିପରୀତ-ମୁଖୀ ଉପାଦାନମାନଙ୍କୁ ଜାଣି ପ୍ରଭେଦ ବାରିବାର ଯଥେଷ୍ଟ ଆବଶ୍ୟକତା ରହିଛି । ଏଥିପାଇଁ ଐତିହାସିକ କାଳାନୁକ୍ରମିକ (diachronic study) ଅଧ୍ୟୟନ ଯଥେଷ୍ଟ ନୁହେଁ । କାରଣ ଏହା ଗୋଟିଏ ନିର୍ଦ୍ଦିଷ୍ଟ କାହାଣୀର ଜୀବନୀ ଓ ଇତିବୃତ୍ତିରେ ହିଁ ପର୍ଯ୍ୟବସିତ (a study of complete life history of a particular tale) । କିନ୍ତୁ ଗଠନତତ୍ତ୍ୱ ମୂଳକ ବା ଏକକାଳିକ (synchronic study) ଅଧ୍ୟୟନ ପୂର୍ବୋକ୍ତ ପାରଂପରିକ-ଐତିହାସିକ ପଟ୍ଟଭୂମିରୁ କିମ୍ବା ତୁଳନାତ୍ମକ ପଟ୍ଟଭୂମିରୁ ବିଚାର ନକରି ଏକ

୪୨ । Bascom. W. R. Contributions to Folkloristics, 1981 p. 40-60



ଯୁକ୍ତି ସମ୍ମତ ଭିତ୍ତିରୁ **ବିଷୟବସ୍ତୁରେ** ସଂରଚନା ଭୂମି ପର୍ଯ୍ୟନ୍ତ ପହଂଚି-ପାରେ । (୪୩)

ମିଥ୍ ଅଧ୍ୟୟନ ତଥା ବର୍ଣ୍ଣନାତ୍ମକ କଳାରେ ସଂପ୍ରତି ଗଠନତତ୍ତ୍ୱ ମୂଳକ ଅଧ୍ୟୟନ ରୀତିକୁ ବିଶେଷ ଗୁରୁତ୍ୱ ଦିଆଯାଇଛି, ବିଶେଷତଃ ଫରାସୀ ମନୋବିଜ୍ଞାନୀ କ୍ଲଦ୍ ଲେଭିଷ୍ଟ୍ରାସ୍ (claude levi strauss)ଙ୍କ structural study of myth (1955) ବା ମିଥ୍ର ସଂରଚନାତ୍ମକ ଅଧ୍ୟୟନ ପ୍ରବନ୍ଧ ପ୍ରକାଶ ପାଇଲାପରେ । ଭାଷା ବିଶ୍ଳେଷଣ କ୍ଷେତ୍ରରେ De Saussare ଙ୍କ Synchronic Structuralism ବା ଭାଷାର ଏକକାଳିକ ଗଠନତତ୍ତ୍ୱମୂଳକ ସଂରଚନାତ୍ମକ ବିଶ୍ଳେଷଣର ସୂତ୍ରଧରି ଷ୍ଟ୍ରସ୍ ମିଥ୍ର ସଂରଚନାତ୍ମକ ବିଶ୍ଳେଷଣ କରିଥିଲେ । (୪୪)

ଏକକାଳିକ ଅଧ୍ୟୟନ (synchronic study)ର ବିଶେଷତ୍ୱ ଏହା ଯେ, ଏହା ବାହ୍ୟତଃ ଅସଙ୍ଗତ ଓ ପରସ୍ପର ବିରୋଧୀ ମନେ ହେଉ-ଥିବା ଏକ ମିଥ୍ର କଥାବସ୍ତୁକୁ ବିଶ୍ଳେଷଣ କରି ଏହାର ମୂଳ ଗାଠନିକ ନିୟମକୁ ଆବିଷ୍କାର କରିପାରେ । ସାଧାରଣ ଭାବେ ଦେଖିଲେ ମିଥ୍ କେତୋଟି ବାକ୍ୟର ସମଷ୍ଟି ମାତ୍ର । କିନ୍ତୁ ମିଥ୍ଟିର ପ୍ରତ୍ୟେକ ବାକ୍ୟର ପ୍ରକାର୍ଯ୍ୟ (function) ସମେତ ବାକ୍ୟାଂଶ ଓ ଶବ୍ଦ ଗୁଡ଼ିକ ଗଭୀର ଭାବେ ଅର୍ଥପୂର୍ଣ୍ଣ । ଉକ୍ତ ମିଥ୍ଟିକୁ ପ୍ରକାର୍ଯ୍ୟ ଦୃଷ୍ଟିରୁ କେତୋଟି ଏକକ (gross constituent unit)ରେ ବିଭକ୍ତ କରାଯାଏ । ଭାଷାକୁ ମରଫିମ୍ ଓ ଫୋନିମ୍ରେ ବିଭକ୍ତ କଲାପରି ମିଥ୍ର ବାକ୍ୟାଂଶକୁ ମିଥିମ୍ରେ ବିଭକ୍ତ କରାଯାଏ । ଏହାପରେ ପ୍ରତ୍ୟେକ ମିଥିମ୍ର ପ୍ରକାର୍ଯ୍ୟଗତ ସାଦୃଶ୍ୟ ଖୋଜି ସେମାନଙ୍କୁ ଏକ ଏକ ସ୍ତମ୍ଭ କରି ଚାରୋଟି ସ୍ତମ୍ଭରେ ସଜାଯାଏ । ଏହାପରେ ତନ୍ମଧ୍ୟରେ ଥିବା ପ୍ରକାର୍ଯ୍ୟମାନଙ୍କର ଗାଠନିକ ଆନ୍ତଃସଂପର୍କ ବା ଅନ୍ତର୍ବିରୋଧକୁ ତର୍କସମ୍ମତ ରୂପେ ଜାଣିବାକୁ ପଡ଼େ । ଚରିତ୍ର (term) ଓ ପ୍ରକାର୍ଯ୍ୟ (function)କୁ ଷ୍ଟ୍ରସ୍ ଏକ ନିର୍ଦ୍ଦିଷ୍ଟ ବୀଜଗାଣିତିକ ଫର୍ମୁଲା $(F_x(a) : F_y(b) :: F_x(b) : F\ a-(y))$ ସାହାଯ୍ୟରେ ମିଥ୍ର ଲବ୍ଧ ଏକକ ମାନଙ୍କରେ ଥିବା ସାଧାରଣ ବକ୍ତବ୍ୟ (Paradigm)କୁ

୪୩—Handoo J. op.cit P-43
୪୪—Ibid-PP-40-43

ସଜାଇ ତନ୍ମଧ୍ୟରେ ଥିବା ଦ୍ୱୈତ ବିରୋଧର ଗ୍ରନ୍ଥିମୋଚନ କରି ଏକ ସିଦ୍ଧାନ୍ତରେ ପହଂଚି ହୁଏ । (୪୫) ପ୍ରକୃତି ଓ ସଂସ୍କୃତି ମଧ୍ୟରେ ଥିବା ଦ୍ୱନ୍ଦ୍ୱର ସମାଧାନ ଏହି ବିଶ୍ଳେଷଣ ମାଧ୍ୟମରେ ସମ୍ଭବପର ହୋଇଥାଏ ।

ଷ୍ଟ୍ରସ୍‌ଙ୍କ ପୂର୍ବରୁ ଋଷୀୟ ଲୋକସଂସ୍କୃତିବିତ୍ V.J. Propp ୧୯୨୮ ରେ ଋଷୀୟ ଭାଷାରେ ଋଷୀୟ ପରୀ କଥାରେ ରୂପତାତ୍ତ୍ୱିକ ବିଶ୍ଳେଷଣ କରିଥିଲେ । ସେ ଶହେଟି ପରୀକଥାରୁ ୩୧ଟି ପ୍ରକାର୍ଯ୍ୟ ନିରୂପଣ କରି ଚରିତ୍ର ଗୁଡ଼ିକ ପରିବର୍ତ୍ତନୀୟ କିନ୍ତୁ ପ୍ରକାର୍ଯ୍ୟଟି ସ୍ଥିର ବୋଲି ମତ ଦେଇଥିଲେ । କିନ୍ତୁ ତାହା ୧୯୬୮ରେ ଇଂରେଜୀ ଭାଷାରେ ଅନୂଦିତ ହେବାରୁ ଷ୍ଟ୍ରସ୍‌ଙ୍କ ବହୁ ପୂର୍ବରୁ ସେ ସଂରଚନାତ୍ମକ ବିଶ୍ଳେଷଣ କରିଥିଲେ ବୋଲି ଜଣାଗଲା । (୪୬) ଷ୍ଟ୍ରସ୍‌ଙ୍କ ବିଶ୍ଳେଷଣ ପଦ୍ଧତିକୁ Paradigmatic analysis ତଥା ପ୍ରପ୍‌ଙ୍କ ବିଶ୍ଳେଷଣକୁ Syntagmatic analysis କୁହାଯାଏ । ଷ୍ଟ୍ରସ୍‌ଙ୍କ ପରେ ମାରଣ୍ଡା ଦମ୍ପତି ଓ ଆଲନ୍ ଡଣ୍ଡିସ୍ ସଂରଚନାତ୍ମକ ବିଶ୍ଳେଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିଛନ୍ତି ତଥା ଲୋକସଂସ୍କୃତି ଗବେଷଣାକୁ ବିଜ୍ଞାନ ଶୃଙ୍ଖଳା ଭିତ୍ତିକ କରିପାରିଛନ୍ତି ।

## ପଟ୍ଟଭୂମିକ ଅଧ୍ୟୟନ : (Contextual Study)

Oral Formulaic Theoryର ପ୍ରବର୍ତ୍ତକ ମିଲ୍‌ମାନ୍ ପାରୀ (Milman parry) ୧୯୩୫ ମସିହାରେ ଗ୍ରୀକ୍ ମହାକାବ୍ୟ ଇଲିୟାଡ୍ ଓ ଅଡେଶୀର ନିର୍ଦ୍ଦିଷ୍ଟ ସୂତ୍ରଭିତ୍ତିକ ଚରିତ୍ର (formulaic character) ଉପରେ ବିଶ୍ଳେଷଣ କରିଥିଲେ (୪୭) । ଲିଖିତ ମହାକାବ୍ୟଠାରୁ କଥିତ ଲୋକକାବ୍ୟର ଆଙ୍ଗିକ କିପରି ଭିନ୍ନ ତାହା ସେ ଅଶିକ୍ଷିତ ପାରଂପରିକ ଗାୟକ ମାନଙ୍କଠାରୁ ଦେଖି ଓ ଶୁଣି ଅନୁଶୀଳନ କରିଥିଲେ । ଏହି ପରିପ୍ରେକ୍ଷୀରେ ସେ ୟୁଗୋସ୍ଲାଭ ଲୋକକାବ୍ୟ ପରଂପରାର ଜୀବନ୍ତ ପ୍ରତିନିଧି ଲୋକଗାୟକମାନଙ୍କ ମଧ୍ୟରେ ଥିବା ଗାନ ସମୂହ କିପରି ଏକ ନୀତି ନିୟମ ଦେଇ ଯଥାଯଥ ଭାବେ ସୃଷ୍ଟି ହୋଇ ପାରୁଛି ତଥା ସମୟକ୍ରମେ ନୂତନ

୪୫—Ibid-P-44
୪୬—Ibid-P-61
୪୭—Handoo, op cit-P. 50-51



ଉପାଦାନମାନଙ୍କର ମିଶ୍ରଣ ହୋଇ ସୁଦ୍ଧା କାବ୍ୟର ମୂଳ ଆଙ୍ଗିକ ଅପରିବର୍ତ୍ତନୀୟ ରହୁଛି ତାହା ବିଶ୍ଳେଷଣ କରି ଦେଖାଇଥିଲେ । ପାରୀ ତଥା ଆଲବର୍ଟ ବି. ଲର୍ଡଙ୍କ ଦ୍ୱାରା ଲୋକକାବ୍ୟ ଓ ମହାକାବ୍ୟର ଗାଠନିକ ନିୟମର ବିଶ୍ଳେଷଣ ଦ୍ୱାରା ଏହି ଅଧ୍ୟୟନ ସ୍ପଷ୍ଟ ହୋଇଥିଲା । ଏହି ନିୟମଟି ହେଉଛି–

These formulas are, according to Lord, made up of melodic, metric, syntactic and acoustic patterns and are carried on in oral tradition and begin assimilating in to the young singers mind before he actually begins to sing. (୪୮)

ଲୋକ କାବ୍ୟ ଓ ଲୋକଗାଥା ଠାରୁ ଲିଖିତ ଗାଥା ଓ ମହାକାବ୍ୟର ବିକାଶ କ୍ରମର ନିୟମ ଏଥିରେ ଗର୍ଭିତ ।

ପାରୀଙ୍କ ଏହି ମୌଖିକ ସୂତ୍ର ଭିତ୍ତିକ ସିଦ୍ଧାନ୍ତ (oral formularic theory)–ଯାହାକି ବିଷୟ ବସ୍ତୁ (Text) ସହିତ ପଟଭୂମି (context)କୁ ଗୁରୁତ୍ୱ ଦିଏ–ପଟଭୂମିକ ଅଧ୍ୟୟନ (contextual study) ର ସ୍ରଷ୍ଟା ରୂପେ ପରିଚିତ ।

ପୂର୍ବୋକ୍ତ ସିଦ୍ଧାନ୍ତଟି ବିଷୟ କୈନ୍ଦ୍ରିକ (Text oriented) ଥିଲା । କିନ୍ତୁ ତନ୍ମଧ୍ୟସ୍ଥ ଲୋକଗାୟକମାନଙ୍କର ଗୀତଟିକୁ ମନେ ରଖିବା ପ୍ରଣାଳୀ ପଟଭୂମିକ ଅଧ୍ୟୟନ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥିଲା । ଏହା ପୂର୍ବରୁ କେବଳ ସଂଗ୍ରହ, ସଂରକ୍ଷଣ ଓ ପୁନର୍ଗଠନ ଭିତ୍ତିରେ ଲୋକ ସଂସ୍କୃତିକୁ ଅତୀତର ବିଷୟ-ବସ୍ତୁ ବୋଲି ବିଚାର କରାଯାଉଥିଲା । କିନ୍ତୁ ଏହା ସମୟ ନିରପେକ୍ଷ ନୁହେଁ, ସମୟ ଓ ପରିସ୍ଥିତିର ପରିବର୍ତ୍ତନ ସହିତ ଏହାର ବି ଆବଶ୍ୟକୀୟ ପରିବର୍ତ୍ତନ ଘଟେ ଓ ତହିଁରେ ତା'ର ସାମାଜିକ ଓ ସାଂସ୍କୃତିକ ପଟଭୂମିର ପ୍ରଭାବ ରହିବା ସ୍ୱାଭାବିକ । ତେଣୁ ବିଷୟ ଅଧ୍ୟୟନ ସଂପୃକ୍ତ ପୃଷ୍ଠଭୂମିରୁ ଏହା ବିଚାରଯୋଗ୍ୟ । ଏହି ସିଦ୍ଧାନ୍ତ ଦ୍ୱାରା ଅନୁରୁଦ୍ଧ ଆମେରିକା ଓ ୟୁରୋପୀୟ ଲୋକ ସଂସ୍କୃତିବିତ୍‌ମାନେ ସଂସ୍କୃତିର ସାମଗ୍ରୀକ ବସ୍ତୁ ସ୍ଥିତିରୁ

୪୮—Ibid-P. 51

ଯାହା କିଛି ଅନୁଶୀଳନ ପାଇଁ ପ୍ରସଙ୍ଗ ଅନୁରୋଧରେ ଆବଶ୍ୟକ, ସେହି ବିଭବମାନଙ୍କୁ ନେଇ ଅଧ୍ୟୟନ ଆରମ୍ଭ କଲେ । Dorsonଙ୍କ ମତରେ ଏମାନେ ଭାଷାତତ୍ତ୍ୱରୁ ବ୍ୟବହାର ସମ୍ପର୍କରେ ଧାରଣା (concept of behaviour) ମାନବ ବିଜ୍ଞାନରୁ ପ୍ରକାର୍ଯ୍ୟବାଦ (functionalism) ସମାଜ ବିଜ୍ଞାନରୁ ଭୂମିକା ପରିଗ୍ରହଣ (role playing) ତଥା ମନସ୍ତତ୍ତ୍ୱରୁ ଅହଂ ପ୍ରକ୍ରିୟା (ego-mechanism) ଗ୍ରହଣ କରି ଲୋକସଂସ୍କୃତିର ଅଧ୍ୟୟନ କରିଥିଲେ । (୪୯)

ଏମାନଙ୍କ ମତରେ, ବିଷୟ ବସ୍ତୁର ଅଧ୍ୟୟନ କେବଳ ପାଠାଗାରରେ ନ ହୋଇ କ୍ଷେତ୍ର ଅଧ୍ୟୟନରେ ମଧ୍ୟ ପର୍ଯ୍ୟବସିତ ହେବା ଦରକାର । ତେବେ ଯାଇ ଏହାର ବହୁ ତଥ୍ୟ ଆବିଷ୍କୃତ ହୋଇ ପାରିବ । ଏହା ଦ୍ୱାରା ଲୋକ ସଂସ୍କୃତିର ଏକ ପୂର୍ଣ୍ଣାଙ୍ଗ (wholistic) ଓ ଅନ୍ତର୍ଦୃଷ୍ଟି ସମ୍ପନ୍ନ ଅଧ୍ୟୟନ ହୋଇପାରିବ । ସାମାଜିକ ଓ ସାଂସ୍କୃତିକ ପଟ୍ଟଭୂମିରୁ ବିଷୟବସ୍ତୁର ବିଶ୍ଳେଷଣ ବହୁ ଦିଗ ସ୍ପର୍ଶୀ ବକ୍ତବ୍ୟ (multidimensional paradigm) ର ଉଦ୍‌ଘାଟକ ହେବ । ପ୍ରଦର୍ଶନଶୀଳ ଲୋକ କଳା ଯଥା— ନୃତ୍ୟ, ନାଟ୍ୟ, ବାଦ୍ୟ, କାହାଣୀର କଥକ, କିମ୍ବା ଚାରଣଗୀତିକା ଗାୟନ ଓ ପ୍ରଦର୍ଶନ କାଳୀନ ଭଙ୍ଗୀ ଓ ପରିବେଶ ଆଦି ପଟ୍ଟଭୂମିକ ଅଧ୍ୟୟନର ଅନ୍ତର୍ଗତ । (୫୦)

ଆଲନ୍ ଡଣ୍ଡିସ୍ ତାଙ୍କ Texture Text and context ପ୍ରବନ୍ଧରେ (୫୧) କହନ୍ତି, ଲୋକସଂସ୍କୃତିବିତ୍ ମାନେ କେବଳ ବିଷୟ (text) ଅନୁଶୀଳନ କରନ୍ତି; Texture ବା ବିଷୟ ପ୍ରକାଶକ ଭାଷା ଭଙ୍ଗିକୁ ଭାଷା ବିଜ୍ଞାନୀ ମାନଙ୍କ ତଥା ବିଷୟର ପଟ୍ଟଭୂମି (context) ଅଧ୍ୟୟନକୁ ସାଂସ୍କୃତିକ ମାନବ ବିଜ୍ଞାନୀମାନଙ୍କ ହାତରେ ଛାଡ଼ି ଦିଅନ୍ତି । କିନ୍ତୁ ଉତ୍ତମ ଲୋକସଂସ୍କୃତିବିତ୍ ହେବାପାଇଁ ଏ ତିନୋଟି ବିଷୟର ଆନ୍ତଃଶୃଙ୍ଖଳା ନିତାନ୍ତ ପ୍ରୟୋଜନ । (୫୨)

---

୪୯ । Handoo J. op cit p~62
୫୦ । I bid p-64
୫୧ । Dundes, Alan. op cit. p~27
୫୨ । I bid—p~37



ଉପରୋକ୍ତ ସିଦ୍ଧାନ୍ତ ଓ ପଦ୍ଧତି ଗୁଡ଼ିକ ବିଶ୍ୱ-ଲୋକ ସଂସ୍କୃତି ଚର୍ଚ୍ଚାରି ନିୟାମକ ରୂପେ ପ୍ରସିଦ୍ଧ । ଏଥିମଧ୍ୟରୁ ମାକ୍ସମୁଲରଙ୍କ Solar Mythology Theory ତଥା Theoder Benfeyଙ୍କ Migrational Theory ଭାରତୀୟ ଲୋକ ସାହିତ୍ୟର ଉପାଦାନକୁ ଭିତ୍ତି କରି ବିଶ୍ଳେଷିତ । ଏତଦ୍‌ଭିନ୍ନ ଅନ୍ୟାନ୍ୟ ସିଦ୍ଧାନ୍ତ ଓ ପଦ୍ଧତି ଗୁଡ଼ିକ ବିଶେଷତଃ ୟୁରୋପୀୟ ଉପାଦାନର ଗବେଷଣା ପ୍ରସୂତ । ତେଣୁ ଭାରତୀୟ ଲୋକ ସଂସ୍କୃତିବିତ୍‌ମାନେ ୟୁରୋପୀୟ ଅଧ୍ୟୟନ ପଦ୍ଧତି ଗ୍ରହଣ କରି ଗବେଷଣା କଲାବେଳେ ସତର୍କତା ଅବଲମ୍ବନ କରିବା ଉଚିତ । (୫୩) ବିଷୟ ତଥା ଉପାଦାନର ସ୍ୱରୂପ, ଏହାର ସାମାଜିକ ଓ ସାଂସ୍କୃତିକ ପଟ୍ଟଭୂମିରୁ ଗବେଷଣା ହେବା ଉଚିତ ।

---

୫୩ । Handoo J. op. cit p-65

## ଦ୍ୱିତୀୟ ଅଧ୍ୟାୟ

# ଭାରତରେ ଲୋକସଂସ୍କୃତି ଚର୍ଚ୍ଚାର କ୍ରମବିକାଶ

ବିଶ୍ୱର ଏକ ସର୍ବପ୍ରାଚୀନ ଗତିଶୀଳ ସାଂସ୍କୃତିକ ପରଂପରର ଅବଧାରକ ଦେଶ ରୂପେ ଭାରତବର୍ଷର ତୁଳନା ନାହିଁ । ନାନା ଯୁଦ୍ଧ ବିଗ୍ରହ ଆକ୍ରମଣ ଓ ସହାବସ୍ଥାନ ସତ୍ତ୍ୱେ ଭାରତୀୟ ସଂସ୍କୃତି ସମସ୍ତଙ୍କୁ ଆତ୍ମସ୍ଥ କରି ଉଦାରତାର ପରିଚୟ ଦେଇଛି ସିନା, ନିଜେ ନିଜର ପରିଚୟକୁ ହଜାଇ ଦେଇ ନାହିଁ । ଏହାର ସାଂସ୍କୃତିକ ବିବିଧତାର ମଧ୍ୟ ପଟାନ୍ତର ନାହିଁ । ଭୌଗୋଳିକ ଓ ପ୍ରାକୃତିକ ବିସମତା ଜାତି ପ୍ରଜାତିକ ବିବିଧତା ତଥା ଭାଷା, ଖାଦ୍ୟ, ବସ୍ତ୍ର, ଚଳଣି, ପ୍ରଥା ଓ ପରଂପରା, ଧର୍ମ, ନୃତ୍ୟ, ଗୀତ ଆଦିରେ ବହୁ ଆଞ୍ଚଳିକ ସ୍ୱରୂପ ପରିଦୃଷ୍ଟ । ଏହା ସତ୍ତ୍ୱେ ଏ ଦେଶର ସଂସ୍କୃତିରେ ଭାବାତ୍ମକ ଏକତା ରହିଛି । ପାଶ୍ଚାତ୍ୟ ବିଦ୍ୱାନମାନେ ଭାରତର ଏହି ସାଂସ୍କୃତିକ ବୈଚିତ୍ର୍ୟକୁ ଲକ୍ଷ୍ୟ କରି ଏହାକୁ ମହାନ୍ ପରଂପରା (great tradition) ଓ କ୍ଷୁଦ୍ର ପରଂପରା ( little tradition ) ଏହି ଦ୍ୱିକାଳିକ ଭେଦରେ ବିଭକ୍ତ କରିଛନ୍ତି (୧) । ଧର୍ମ, ଭାଷା ଓ ପ୍ରଜାତିକ ବିଭିନ୍ନତାର ସୂତ୍ର ଧରି ନାନା ବିଭେଦର ବାଡ଼ ମଧ୍ୟ ଠିଆ କରି ସେମାନଙ୍କ ଶାସନକୁ ସୁଗମ କରିଛନ୍ତି । ଏ ଦେଶର ସାଂସ୍କୃତିକ ବିବିଧତାକୁ ଆଳ କରି ପାଶ୍ଚାତ୍ୟ ଶାସକ ଓ ଗବେଷକମାନେ ଆମ ସଂସ୍କୃତିକୁ କମ୍ ବିକୃତ କରିନାହାନ୍ତି ।

୧ । Lapoint, Elwin c, The Epic of Goga, in American Studies in the Anthropology of India, (Ed) Vatuk, Sylvia, Manohar, Delhi, 1978 P-281

ତଥାପି ସ୍ୱୀକାର କରିବାକୁ ହେବ ଯେ, ଊନବିଂଶ ଶତାବ୍ଦୀର ଖ୍ରୀଷ୍ଟିୟାନ ମିଶନାରୀ ତଥା ଇଂରେଜ ପ୍ରଶାସକ ମାନଙ୍କ ଦ୍ୱାରା ହିଁ ଭାରତୀୟ ବିଦ୍ୟାର ଆଧୁନିକ-ଅଧ୍ୟୟନ ଆରମ୍ଭ ହୋଇଥିଲା ତଥା, ବିଶ୍ୱ ପରିପ୍ରେକ୍ଷୀରେ ଏକ ପ୍ରାଚୀନ ସମୃଦ୍ଧ ସଂସ୍କୃତିର ଦେଶ ରୂପେ ପରିଚିତ ହୋଇଥିଲା ।

ପାଶ୍ଚାତ୍ୟ ବିଦ୍ୱାନମାନେ ଭାରତୀୟ ବିଦ୍ୟା ଅଧ୍ୟୟନ କରିବା ପୂର୍ବରୁ ସଂସ୍କୃତରେ, ପାଲି ଓ ପ୍ରାକୃତ ଭାଷା ମାନଙ୍କରେ ଆମ ଦେଶର ଲୋକ-ସାହିତ୍ୟର ସଂଗ୍ରହ ଲିପିବଦ୍ଧ ହୋଇ ରହିଥିଲା । ପୁଣି ଏହାର ଆଞ୍ଚଳିକ ସଂସ୍କରଣମାନ ସମଭାବରେ ଲୋକ ମୁଖରେ ପ୍ରଚଳିତ ଥିଲା ଓ ଏହା ଏବେ ମଧ୍ୟ ଜୀବନ୍ତ ରହିଛି । ଭାରତରେ ବେଦ ଉପନିଷଦ, ପୁରାଣାଦି ଲୋକ ମୌଖିକ ପରଂପରା ରୂପେ ବିଦିତ ଥିଲା । ଶୁଣି ଶୁଣି ମନେ ରଖୁଥିବାରୁ ବେଦର ଅନ୍ୟନାମ 'ଶ୍ରୁତି' । ତେଣୁ ଭାରତୀୟ ଶିକ୍ଷ ପରଂପରାରେ ଶିକ୍ଷଣର ମୁଖ୍ୟ ଆଙ୍ଗିକ ଥିଲା ଶୁଣିବା— ମନେ ରଖିବା ଓ ସେହି ଜ୍ଞାନର ବଖାଣ କରି ପରଂପରା ସୂତ୍ରରେ ଜୀବନ୍ତ ରଖିବା । ହଜାର ହଜାର ବର୍ଷ ଧରି ଏହି ପଦ୍ଧତି ଦ୍ୱାରା ହିଁ ଆମ ଦେଶର ବେଦ, ଉପନିଷଦ, ରାମାୟଣ ମହାଭାରତ ଆଦି ମହାକାବ୍ୟ, ବୌଦ୍ଧ ଜାତକ କାହାଣୀ, କଥା ସରିତ ସାଗର, ହିତୋପଦେଶ, ବେତାଳ ପଞ୍ଚବିଂଶତି, ପଞ୍ଚତନ୍ତ୍ର, ବୃହତ୍‌କଥା, ଶୁକସପ୍ତତି ଆଦି ଉଭୟ ସଂସ୍କୃତ ଓ ପ୍ରାକୃତରେ ପ୍ରଚଳିତ ଥିଲା । ଏହା ଦେଶୀ—ମାର୍ଗୀ, ଲୌକିକ—ସଂସ୍କୃତ, ଲୋକ—ବିଦଗ୍ଧ ଭେଦରେ ବିଭକ୍ତ ଥିଲେ ସୁଦ୍ଧା ଏକ ଜ୍ଞାନ ଉଭୟ ସ୍ତରରେ ସମଭାବରେ ସଂରଚିତ ହୋଇ ରହିଥିଲା । (୨)

ଭାରତରେ ଊନବିଂଶ ଶତାବ୍ଦୀରେ ମିଶନାରୀ ତଥା ବ୍ରିଟିଶ୍ ପ୍ରଶାସକଙ୍କ ଦ୍ୱାରା ଲୋକ ସଂସ୍କୃତି ଚର୍ଚ୍ଚାର ଆୟମାରମ୍ଭ ହୋଇଥିଲା । ଆଲୋଚକମାନେ ଭାରତୀୟ ଲୋକ ସଂସ୍କୃତି ଚର୍ଚ୍ଚାକୁ ମୁଖ୍ୟତଃ ତିନୋଟି କାଳରେ ବିଭକ୍ତ କରିଛନ୍ତି । ଯଥା— କ—ମିଶନାରୀ କାଳ ଖ—ଜାତୀୟବାଦୀ କାଳ ଗ—ଆନୁଷ୍ଠାନିକ କାଳ ।

### ମିଶନାରୀ କାଳ

ଭାରତରେ ବ୍ରିଟିଶ୍ ଶାସନ କାଳରେ ଖ୍ରୀ: ୧୭୮୪ରେ କଲିକତା-ଠାରେ ସାର୍ ଉଇଲିୟମ୍ ଜୋନସ୍‌ଙ୍କ ଦ୍ୱାରା ଏସିଆଟିକ୍ ସୋସାଇଟି ସ୍ଥାପିତ

୨ । Ibid- P-282

ହୋଇଥିଲା ଓ ଖ୍ରୀ: ୧୮୭୪ରେ ଇଣ୍ଡିୟାନ ଆର୍ଣ୍ଟିକ୍ୟୁଆରୀ ପତ୍ରିକା ପ୍ରକାଶିତ ହେଲା । ୧୮୮୬ ମସିହାରେ ବମ୍ବେଠାରେ Anthropological Society of Bombayର ମୁଖପତ୍ର ମଧ୍ୟ ପ୍ରକାଶ ପାଇଲା । ଖ୍ରୀଷ୍ଟିୟାନ ମିଶନାରୀମାନେ ଭାରତର ଦୁରଧିଗମ୍ୟ ଅଞ୍ଚଳର ରୋଗ–କ୍ଷୁଧା–ଅଶିକ୍ଷା ପୀଡ଼ିତ ଅଧିବାସୀମାନଙ୍କ ପାଖକୁ ଯାଇ ସେମାନଙ୍କୁ ସେବା କରିବା ଓ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରିବା ଅବସରରେ ସେମାନଙ୍କ ବୈଚିତ୍ର୍ୟମୟ ଜୀବନ ଓ ସଂସ୍କୃତି ସଂପର୍କରେ ନୂତନ ତଥ୍ୟାବଳୀ ପ୍ରକାଶ କଲେ । ଲୌକିକ ସଂସ୍କୃତିର ସାହାଯ୍ୟ ନେଇ ଖ୍ରୀଷ୍ଟ ଧର୍ମ ପ୍ରଚାର କରିବା ସେମାନଙ୍କ ଏହି ଅଧ୍ୟୟନର ଉଦ୍ଦେଶ୍ୟ ଥିଲା । ସେମାନେ ଭାରତର ଜନସାଧାରଣଙ୍କ ଜୀବନଯାପନ ରୀତି, ଧର୍ମ, ପ୍ରଥା ଓ ପରଂପରା ତଥା ଲୋକ ସାହିତ୍ୟ ଆଦି ସଂଗ୍ରହ କରି ପତ୍ରପତ୍ରିକା ତଥା ପୁସ୍ତକାଦିରେ ପ୍ରକାଶ କରିଥିଲେ । କିନ୍ତୁ ଏମାନଙ୍କ ଅଧ୍ୟୟନ ସୁସଂରଚିତ ଓ ଶୃଙ୍ଖଳିତ ନଥିଲା । ତଥାପି ତନ୍ମଧ୍ୟରୁ କେତେକ ସଂଗ୍ରାହକଙ୍କ ଲେଖାବଳୀ ପ୍ରାଥମିକ ତଥ୍ୟ ସ୍ୱରୂପ ଏହି ବିଷୟ ଗବେଷଣା ପାଇଁ ଯଥେଷ୍ଟ ସହାୟକ ହୋଇପାରିଥିଲା । ମେରୀ ଫ୍ରେରେ ( Mary Frere )ଙ୍କ Old Deccan Days or Hindoo Fairy legends Current in Southern India collected from Oval Tradition ( 1868 ) A. J. Duboisଙ୍କ Hindu Manners, Customs and Ceremories (1897) J. Hinton Knowlesଙ୍କ Dictionary of Kasmiri Proverbs and Sayings Explained and Illustrated From the Rich and Interesting Folklore of the Valley ( 1885 ) ଓ Folk-tales of Kasmir ( 1893 ), Aurel Steinsଙ୍କ Hatim's Tales ( 1937 ), Charles E. Groverଙ୍କ The Folksongs of Southern India ( 1871 ) ଏବଂ John Lazarus ଙ୍କ A Dictionary of Tamil Proverbs ( 1894 ) ପ୍ରମୁଖ ପୁସ୍ତକାବଳୀ ଭାରତୀୟ ଲୋକ ସଂସ୍କୃତି ଗବେଷଣାର ପ୍ରଥମ ପଦକ୍ଷେପ ରୂପେ ପ୍ରକାଶିତ ହୋଇଥିଲା । (୩)

୩ । Handoo, J. Foklore . An Introduction 1987 P- 136.



ବ୍ରିଟିଶ୍ ପ୍ରଶାସକମାନଙ୍କ ଦ୍ୱାରା ମଧ୍ୟ ଭାରତର ବହୁ ଅଞ୍ଚଳରୁ ଲୋକସଂସ୍କୃତି ସଂଗ୍ରହ ଓ ସମୀକ୍ଷଣ ହୋଇଥିଲା । ସେମାନଙ୍କ ମଧ୍ୟରୁ କେତେକ ତୁଳନାତ୍ମକ ଧାରା ଦ୍ୱାରା ପ୍ରଭାବିତ ହୋଇଥିଲେ । ଏମାନଙ୍କ ଦ୍ୱାରା ସଂଗୃହୀତ ତଥ୍ୟାବଳୀ ବର୍ତ୍ତମାନ ସୁଦ୍ଧା ଲୋକସଂସ୍କୃତି, ମାନବ ବିଜ୍ଞାନ ଓ ପ୍ରଜାତିତତ୍ତ୍ୱର ଗବେଷକ ମାନଙ୍କ ପାଇଁ ଅତି ଉପାଦେୟ ବୋଲି ପ୍ରମାଣିତ ହୋଇଅଛି ।

ଏହି କାଳରେ ଯେଉଁମାନେ ଭାରତୀୟ ପ୍ରଜାତିତତ୍ତ୍ୱ, ଭାଷା, ଲୋକ-ସାହିତ୍ୟ, ଧର୍ମ ଆଦିର ଗବେଷଣା କରିଥିଲେ ସେମାନଙ୍କ ରଚନା ମଧ୍ୟରୁ Flora Annie Steel ଙ୍କ Wide-Awake stories (Tales of the Punjab Told by the People 1894) Willium C. Crookeଙ୍କ Introduction to the Popular Religion and Folklore of Northen India (1894) ଏବଂ Natives of Northen India (1907), S. Mahalinga Natesa Sastriଙ୍କ Folklore in South India (1884) ଏବଂ Indian Folktales (1900). ରିଚ୍ଚର୍ଡ ଟେମ୍ପଲଙ୍କ The legends of the Punjab (1884-1900), Robinson Edward Jewittଙ୍କ Tales and Poems of South India (1885) G. A. Griersonଙ୍କ The Linguistic Survey of India (1903-1907), John F.A Mc Nair ଓ ଥମାସ ଲମ୍ବେର୍ଟ ବାରଲୋଙ୍କ Oral Tradition from Indus : Comprised in Tales to which are added Explanatory Notes (1908), E.M. Gordonଙ୍କ Indian Folktales (1908), Cecil Henry Bompasଙ୍କ Folklore of the Santal Parganas (1909) ଓ ଜେମସ୍‌ଟଡ୍‌ଙ୍କ Annals and Antiquities of Rajasthan (1920) ଅନ୍ୟତମ । (୪)

ଏହି କାଳରେ ଭେରିଅର ଏଲୱିନ୍‌ଙ୍କ ଭାରତର ଲୋକସଂସ୍କୃତି ସଂଗ୍ରହ ଓ ସମୀକ୍ଷାର ଆରମ୍ଭ ହୋଇ ବିଗତ ପଚାଶ ଦଶକ ପର୍ଯ୍ୟନ୍ତ ଅବିଶ୍ରାନ୍ତ ଭାବେ ବିଶ୍ୱ ଲୋକସଂସ୍କୃତି କ୍ଷେତ୍ରରେ ଭାରତୀୟ ବିଦ୍ୟାର ଗୁରୁତ୍ୱ ବୃଦ୍ଧି

୪ । Handoo-J. op-cit p. 137

କରିଅଛି । ତାଙ୍କ Songs of the Forest (1935), The Baiga (1939), The Agaria (1942), Folk tales of Mahakoshal (1944), Folk-songs of the Maikal Hills (1944), Folk-songs of Chhatishgarh (1946), The Muria and their Ghotul (1947), Bondo High lander (1950), Tribal myth, of Orissa (1954), The myths of Middle India (1949) ଆଦି ପୁସ୍ତକ ଭାରତୀୟ ଆଦିମ ଜନଜାତି ତଥା ଲୋକସଂସ୍କୃତିର ପ୍ରକୃତ ଚିତ୍ରର ସମ୍ବାହକ (୫) । ତାଙ୍କ ସଂଗୃହୀତ ତଥ୍ୟାବଳୀ ତୁଳନାତ୍ମକ ସିଦ୍ଧାନ୍ତ, ରାଷ୍ଟ୍ରୀୟବାଦୀ ସିଦ୍ଧାନ୍ତ, ମାନବବିଜ୍ଞାନୀ ଓ ମନସ୍ତାତ୍ତ୍ୱିକ ସିଦ୍ଧାନ୍ତ ଦ୍ୱାରା ବିଶ୍ଳେଷିତ ହୋଇ ଭାରତୀୟ ଲୋକସଂସ୍କୃତି କ୍ଷେତ୍ରରେ ଏକ ବିଜ୍ଞାନ ଭିତ୍ତିକ ଅଧ୍ୟୟନର ସୂତ୍ରପାତ ହୋଇଅଛି । (୬) କେବଳ ଲୋକସଂସ୍କୃତିର ସଂଗ୍ରାହକ ଓ ସମୀକ୍ଷକ ରୂପେ ନୁହେଁ ବରଂ ଏହାର ପ୍ରାୟୋଗିକ ଦିଗ ପ୍ରତି ତଥା ଆଦିବାସୀମାନଙ୍କର ଉନ୍ନତି କଳ୍ପେ ଭାରତ ସରକାରଙ୍କ ନାନା ଯୋଜନା ସହ ଏଲଓ୍ୱିନଙ୍କ ସଂପୃକ୍ତି ତାଙ୍କ ମାନବ ପ୍ରୀତିର ପରିଚାୟକ ।

## ରାଷ୍ଟ୍ରୀୟତାବାଦୀ କାଳ : (Nationalistic Period)

ଭାରତ ସଂପର୍କରେ ବ୍ରିଟିଶ୍ ମିଶନାରୀ ତଥା ପ୍ରଶାସକମାନଙ୍କର ଗବେଷଣା ଭାରତୀୟ ଶିକ୍ଷିତବର୍ଗଙ୍କ ହୃଦୟକୁ ଉଦ୍‌ବେଳିତ କଲା । ଭାରତର ରାଜନୈତିକ ମୁକ୍ତି ସ୍ୱପ୍ନ ସହିତ ସାଂସ୍କୃତିକ ସ୍ୱତନ୍ତ୍ରତା ଓ ରାଷ୍ଟ୍ରୀୟ ଅବବୋଧ ତତ୍‌କାଳୀନ ଭାରତୀୟ ଶିକ୍ଷିତବର୍ଗଙ୍କ ଆଭିମୁଖ୍ୟ ହୋଇ ଉଠିଲା । ଊନବିଂଶ ଶତାବ୍ଦୀରୁ ରାଜନୈତିକ ଜାଗରଣ ହେଲେ ସୁଦ୍ଧା ଏହାର ସୁପ୍ତ ଅଗ୍ନିକଣିକା ବିଂଶ ଶତାବ୍ଦୀର ପ୍ରଥମ ଦଶକରୁ ପ୍ରଜ୍ଜ୍ୱଳିତ ବହ୍ନି ରୂପେ ସମଗ୍ର ଭାରତୀୟ ଚେତନାକୁ ଆଲୋକିତ କଲା । ଭାରତର ସୁପ୍ତ ସାଂସ୍କୃତିକ ମୂଲ୍ୟବୋଧକୁ ଜାତୀୟ ଜାଗରଣର ମାଧ୍ୟମ ରୂପେ ବହୁ ଜନନାୟକ, ପଣ୍ଡିତ, ନେତା,

୫ । Misra, Bhabagrahi, Verrier Elwin : A Pioneer Indian Anthropologist, Mayur Publications, Bhubaneswar, 1987, p. 129

୬ । Ibid p. 57-66



ସଂସ୍କାରକମାନେ ବ୍ୟବହାର କଲେ । ଗୋଟିଏ ଜାତି ତାର ଆତ୍ମ ପରିଚୟ ପାଇବାକୁ ବ୍ୟାକୁଳ ହୋଇ ଉଠିଲା ।

ପାଶ୍ଚାତ୍ୟ ତଦ୍‌ବିଦ୍‌ମାନଙ୍କର ଭାରତ ସଂପର୍କରେ ଧାରଣା ଥିଲା ଏକଦେଶ ଦର୍ଶୀ । ସେମାନେ ସ୍ଥଳବିଶେଷରେ ଭାରତୀୟ ସଂସ୍କୃତିକୁ ବିକୃତ କରିଥିଲେ । କିନ୍ତୁ ଭାରତୀୟ ଗବେଷକମାନେ ଭାରତୀୟ ଦୃଷ୍ଟିକୋଣରୁ– ସଂସ୍କୃତିର ଅଧ୍ୟୟନ କଲେ । ଭାରତୀୟ ଐତିହ୍ୟ ଓ ପରଂପରାର ବୀରଗାଥା, କାବ୍ୟ ଆଦି ଲୋକସାହିତ୍ୟ ଜାତୀୟ ଚେତନାର ବଳିଷ୍ଠ ମାଧ୍ୟମ ରୂପେ ଜନଚେତନାକୁ ପ୍ରଭାବିତ କଲା । ବିଶେଷତଃ ଏହି କାଳରେ ବଙ୍ଗଳାର ଅନେକ ବିଦ୍ୱାନ ଇତିହାସ, ପ୍ରଜାତିତତ୍ତ୍ୱ, ମାନବବିଜ୍ଞାନ, ଲୋକସଂସ୍କୃତି ସଂଗ୍ରହ ଓ ପ୍ରକାଶନ କ୍ଷେତ୍ରରେ ବହୁ ଉଦ୍ୟମ କରିଥିଲେ । ବଙ୍ଗଳାର ଲାଲବିହାରୀ ଦେ, ଦୀନେଶ ଚନ୍ଦ୍ର ସେନ, ଗୁରୁସଦୟ ଦତ୍ତ, ରବୀନ୍ଦ୍ରନାଥ ଟାଗୋର, ଅବନୀନ୍ଦ୍ର ନାଥ ଟାଗୋର, ଡ଼ି. ଏନ୍. ମଜୁମଦାର, ଶରତ ଚନ୍ଦ୍ର ରାୟ, ପ୍ରମୁଖଙ୍କ ଅବଦାନ ଏହି ପରିପ୍ରେକ୍ଷୀରେ ଉଲ୍ଲେଖନୀୟ । (୭)

ପ୍ରାକ୍ ସ୍ୱାଧୀନ ଓ ସ୍ୱାଧୀନୋତ୍ତର ଭାରତରେ ଜାବର ଚନ୍ଦ ମେଘାନୀ, ସୂର୍ଯ୍ୟ କିରଣ ପରିଖ୍, ନରୋତ୍ତମ ସ୍ୱାମୀ, ରାମନରେଶ ତ୍ରିପାଠୀ ଓ ଦେବେନ୍ଦ୍ର ସତ୍ୟାର୍ଥୀ ପ୍ରମୁଖ ଭାରତୀୟ ଲୋକସଂସ୍କୃତି ଚର୍ଚ୍ଚା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । (୮)

## ଶିକ୍ଷାନୁଷ୍ଠାନିକ କାଳ : (Academic Period)

ଭାରତର ସ୍ୱାଧୀନତା ପ୍ରାପ୍ତି ପରେ ପରେ ଲୋକସାହିତ୍ୟ ଚର୍ଚ୍ଚାର ଏକ ବିଧିବଦ୍ଧ ଓ ଆନୁଷ୍ଠାନିକ ଉଦ୍ୟମ ଦେଖାଗଲା । ଏହି କାଳର ଗବେଷଣାରେ ମିଶନାରୀଙ୍କ ଭ୍ରାନ୍ତିପୂର୍ଣ୍ଣ ତଥ୍ୟାବଳୀ କିମ୍ବା ରାଷ୍ଟ୍ରୀୟତାବାଦୀ

୭ । Sengupta, Shankar, "An Account of the Folkloristic activities in Bengal, early period," in "Folkmusic & Folklore," Ed. Biswas H, Folkmusic and Folklore Research Institute, Calcutta, 1967, p. 144-145

୮ । Handoo-J. op. cit p. 140

କାଳର ଭାବାତ୍ମକତା ନଥିଲା; ବରଂ ଗବେଷଣାଲବ୍ଧ ସତ୍ୟ ଉଦ୍‌ଘାଟନ ସହ ବିଶ୍ଳେଷଣାତ୍ମକ ଦୃଷ୍ଟିକୋଣ ନେଇ ଭାରତର ବିଶ୍ୱବିଦ୍ୟାଳୟ ସ୍ତରରେ ତଥା ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାଧ୍ୟମରେ ଏହାର ପ୍ରସାର ଘଟିଲା । ସମ୍ପ୍ରତି ଭାରତୀୟ ଏକାତ୍ମତା, ଜାତୀୟ ସଂହତି ତଥା ଆନ୍ତର୍ଜାତିକ କ୍ଷେତ୍ରରେ ସାଂସ୍କୃତିକ ଆଦାନ ପ୍ରଦାନ ସୂତ୍ରରେ ଲୋକସଂସ୍କୃତିର ଉଲ୍ଲେଖନୀୟ ଭୂମିକାକୁ ଭାରତୀୟ ବିଦ୍ୱାନମାନେ ଉପଲବ୍ଧି କରି ଏହାର ଆନ୍ତଃଶୃଙ୍ଖଳା ଭିତ୍ତିକ ଗବେଷଣା ପ୍ରତି ମନ ବଳାଇଛନ୍ତି ।

ଭାରତରେ ପ୍ରାନ୍ତୀୟ ଲୋକସଂସ୍କୃତି ଚର୍ଚ୍ଚାରେ ସମ୍ପ୍ରତି ବହୁ ଉନ୍ନତି ସାଧିତ ହୋଇଅଛି । ପ୍ରଫେସର ପ୍ରଫୁଲ୍ଲ ଦତ୍ତ ଗୋସ୍ୱାମୀ ଓ ପ୍ରଫେସର ବୀରେନ୍ଦ୍ର ନାଥ ଦତ୍ତ (ଆସାମ), ଶ୍ରୀ ଉମାଶଙ୍କର ଯୋଷୀ, ମଧୁଭାଇ ପଟେଲ ଓ ପ୍ର. ପୁଷ୍କର ଚନ୍ଦ୍ରା ଭରଙ୍କର (ଗୁଜୁରାଟୀ), ପଦ୍ମଶ୍ରୀ ଦେବୀଲାଲ ସାମର, ମହେନ୍ଦ୍ର ଭନାବତ ଓ ଡି. ଆର୍. ଆହୁଜା (ରାଜସ୍ଥାନୀ), ଡଃ ସରୋଜିନୀ ବାବର ଓ ପ୍ରଭାକର ମାଚୱେ (ମରାଠୀ) ଡଃ ଜବାହର ଲାଲ ହାଣ୍ଡୁ ଓ ଯଶୋବନ୍ତ ଧର (କାଶ୍ମୀରୀ) ଡ଼ଃ କୃଷ୍ଣଦେବ ଉପାଧ୍ୟାୟ (ଭୋଜପୁରୀ), ଡଃ ଶ୍ୟାମ ପରମାର, ଡଃ ହିରାଲାଲ ଶୁକ୍ଲା, ଡଃ ଶକୁନ୍ତଳା ବର୍ମା, ଡଃ ବିଜୟ କୁଳଶ୍ରେଷ୍ଠ, ସତ୍ୟ ପ୍ରକାଶ ଆର୍ଯ୍ୟ, ତ୍ରିଲୋଚନ ପାଣ୍ଡେୟ ପ୍ରମୁଖ (ହିନ୍ଦୀ) ଡଃ ଚମାର ଗ୍ରେଣ୍ଡାଲ ଓ ଟି. ଏସ୍. ପାଲ (କେରଳ), ଲକ୍ଷ୍ମଣ ଚେଟ୍ଟିୟାର, ସରସ୍ୱତୀ ବେଣୁ ଗୋପାଳ, ଡଃ ବି. ରମାରାଜୁ (ତାମିଲ), ସ୍ୱର୍ଗତଃ ଆଶୁତୋଷ ଭଟ୍ଟାଚାର୍ଯ୍ୟ, ତୁଷାର ଚଟାର୍ଜୀ, ଦୁଲାଲ ଚୌଧୁରୀ, ସ୍ୱର୍ଗତଃ ଶଙ୍କର ସେନଗୁପ୍ତ, ସୌମେନ୍ ସେନ, ମଜାରୁଲ ଇସଲାମ (ବାଂଲାଦେଶ) ପ୍ରମୁଖ (ବଙ୍ଗଳା), ଡଃ ସଚିନ୍ଦର ସିଂହଦେବୀ ଓ ଡଃ ରଂଜିତ ସିଂହ ବଦଓ୍ୱା (ପଞ୍ଜାବୀ), ଡଃ ବଂଶୀରାମ ଶର୍ମା (କିନ୍ନରୀ) ତଥା ଡଃ କୁଞ୍ଜବିହାରୀ ଦାଶ, ଡଃ ଭବଗ୍ରାହୀ ମିଶ୍ର, ଡଃ ଶ୍ୟାମସୁନ୍ଦର ମହାପାତ୍ର ପ୍ରମୁଖ (ଓଡ଼ିଆ) ଲୋକ ସଂସ୍କୃତି ଗବେଷଣା କ୍ଷେତ୍ରରେ ରାଷ୍ଟ୍ରୀୟ ତଥା ଆନ୍ତର୍ରାଷ୍ଟ୍ରୀୟ ଖ୍ୟାତି ପ୍ରାପ୍ତ ହୋଇଛନ୍ତି । (୯)

---

୯ । Upadhyaya, K. D. Indian Folklore Congress, in Folklore vol. 30, No. 5, May 1989 Fd. Sengupta Sankar, Calcutta p-96-100.



ବିଶ୍ୱ ଲୋକ ସଂସ୍କୃତି ଆନ୍ଦୋଳନରେ ଭାରତର ଡଃ ଜବାହର ଲାଲ ହାଣ୍ଡୁ, ଡଃ କୁଞ୍ଜ ବିହାରୀ ଦାଶ, ଏ. କେ. ରମାନୁଜମ୍, ବେଦ ପ୍ରକାଶ ବଟୁକ୍, ଡଃ ଭବଗ୍ରାହୀ ମିଶ୍ର, ପ୍ରଫୁଲ୍ଲ ଦତ୍ତ ଗୋସ୍ୱାମୀ, ଶଙ୍କର ସେନଗୁପ୍ତ, ଦୁଲାଲ ଚୌଧୁରୀ, ଆଶୁତୋଷ ଭଟ୍ଟାଚାର୍ଯ୍ୟ ପ୍ରମୁଖଙ୍କ ଅବଦାନ ଉଲ୍ଲେଖନୀୟ । ଶଙ୍କର ସେନଗୁପ୍ତ (କଲିକତା) ୧୯୫୬ ମସିହାରୁ ଇଣ୍ଡିଆନ୍ ଫୋକ୍‌ଲୋର ସୋସାଇଟି ଗଠନ କରି ମାସିକ ଆନ୍ତର୍ଜାତିକ ପତ୍ରିକା ‘Folklore’ ମାଧ୍ୟମରେ ବିଶ୍ୱ-ଲୋକ ସଂସ୍କୃତି ଗବେଷଣା କ୍ଷେତ୍ରରେ ମହତ୍ତମ ଭୂମିକା ଗ୍ରହଣ କରିଛନ୍ତି । କଲିକତାର Folk music and Folklore Research Institute ତଥା Indian Publication ଏହି ବିଷୟରେ ସଂଖ୍ୟାଧିକ ପୁସ୍ତକ ପ୍ରଣୟନ କରିଛନ୍ତି । ଡଃ ହାଣ୍ଡୁଙ୍କ ସମ୍ପାଦନାରେ Journal of Indian Folkloristics ପତ୍ରିକା Folklores Fellow of India ଦ୍ୱାରା ବାହାରି ଏହା ବହୁ ଉଚ୍ଚକୋଟିର ପ୍ରବନ୍ଧ ପ୍ରକାଶ କରିଛି । ଡଃ ଦୁଲାଲ ଚୌଧୁରୀଙ୍କ ସମ୍ପାଦନାରେ ଦୀର୍ଘ ୧୨ ବର୍ଷ ହେଲା Indian Folklore Congress ବିଶ୍ୱବିଦ୍ୟାଳୟ ମାନଙ୍କରେ ରାଷ୍ଟ୍ରୀୟ ସମ୍ପାନ କରାଇ ଭାରତରେ ଏହି ଗବେଷଣାକୁ ବହୁ ଭାବରେ ପ୍ରଗତିଶୀଳ କରିଛି । ପ୍ରତ୍ୟେକ ରାଜ୍ୟର ଆଞ୍ଚଳିକ ଲୋକ ସଂସ୍କୃତି, ଲୋକ-କଳା ଓ ଲୋକ ସାହିତ୍ୟ ପରିଷଦମାନ ଗଠିତ ହୋଇ ଏହା କ୍ରମଶଃ ଲୋକପ୍ରିୟ ହେବାରେ ଲାଗିଛି । ଭାରତର ପ୍ରାୟ ପଚିଶଟି ବିଶ୍ୱବିଦ୍ୟାଳୟରେ ଲୋକ ସଂସ୍କୃତି ଚର୍ଚ୍ଚାର ବିଭାଗ ଓ ଉପ-ବିଭାଗ ଖୋଲା ଯାଇ ବିଧିବଦ୍ଧ ଗବେଷଣା କରାଯାଉଛି ।

ଭାରତୀୟ ଲୋକସଂସ୍କୃତି ଚର୍ଚ୍ଚାରେ ବିଦେଶୀ ଗବେଷକ ଯଥା— Alan Dundes, Peter J. Claus, Lapoint, James Preston, Stuart Blackburn, Cristoph Von- Furer Haimendorf, Stith Thompson Brenda F Beck ଓ Barbara M. Boal ପ୍ରମୁଖଙ୍କ ନାମ ଉଲ୍ଲେଖନୀୟ ।

## ଓଡ଼ିଆ ଲୋକସଂସ୍କୃତି ଚର୍ଚ୍ଚାର କ୍ରମବିକାଶ—

### (କ) ପ୍ରାକ୍-ସ୍ୱାଧୀନ କାଳ :

ଊନବିଂଶ ଶତାବ୍ଦୀରେ ଶିକ୍ଷା ଓ ଜନ ସଚେତନତା କ୍ଷେତ୍ରରେ ଅନ୍ୟାନ୍ୟ ପ୍ରାନ୍ତୀୟ ଜାତି ଠାରୁ ଓଡ଼ିଶା କ୍ରମ-ଅନଗ୍ରସର ରହିଥିଲେ ହେଁ

ଲୋକ ସଂସ୍କୃତିର ଲୋଭନୀୟ ଗନ୍ତାଘର ରୂପେ ଏହା ବହୁ ଗବେଷକଙ୍କୁ ଆକୃଷ୍ଟ କରିଛି । ଭାରତୀୟ ଲୋକ ସଂସ୍କୃତି ଚର୍ଚ୍ଚାର ସମପର୍ଯ୍ୟାୟରେ ଓଡ଼ିଶାରେ ମଧ୍ୟ ଲୋକ ସଂସ୍କୃତି ଚର୍ଚ୍ଚାର ବାଟ ଫିଟିଥିଲା । ୧୮୬୮ ମସିହାରେ John Beams ଓଡ଼ିଆ ଲୋକଗୀତ, ଗାଥା ଓ କାହାଣୀ ସଂଗ୍ରହ କରିଥିଲେ । ୧୮୭୨ ମସିହାରେ ତାଙ୍କ ଲିଖିତ Orissan Folklore ପ୍ରବନ୍ଧ କଲିକତାର Indian Antiquary ପତ୍ରିକାରେ ପ୍ରକାଶିତ ହୋଇଥିଲା । (୧୦) ସେହି କାଳରୁ ବିଂଶ ଶତାବ୍ଦୀର ପଞ୍ଚମ ଦଶକ ପର୍ଯ୍ୟନ୍ତ ଓଡ଼ିଶାରେ ବହୁ ସଂଗ୍ରାହକଙ୍କ ଦ୍ୱାରା ଓଡ଼ିଆ ଲୋକଗୀତ, ଗାଥା, ପ୍ରବାଦ, ପ୍ରବଚନ, ଢଗଢ଼ମାଳି, କାନ୍ଦଣା ଆଦି ସଂଗୃହୀତ ଓ ସଂପାଦିତ ହୋଇଅଛି । ଲୋକ-ସଂସ୍କୃତି ଚର୍ଚ୍ଚାର ଏହା ପ୍ରାଥମିକ ପ୍ରୟାସ । ଏହି ସଂଗ୍ରହ ମଧ୍ୟ ଠିକ୍ ସହରୀ ସଭ୍ୟତା ଠାରୁ ଦୂରେ ଥିବା ପଲ୍ଲୀ ଅଞ୍ଚଳର ଲୋକ ମୌଖିକ ପରମ୍ପରା ଭିତରେ ସୀମିତ ଥିଲା ।

ଖ୍ରୀ ୧୮୯୩ ରେ ପଣ୍ଡିତ ଗୋବିନ୍ଦ ରଥଙ୍କ 'ଢ଼ଗଢ଼ମାଳି', ମଧୁସୂଦନ ରାଓଙ୍କ 'କଥାଲହରୀ' (୧୯୦୧), ନୀଳମଣି ବିଦ୍ୟାରତ୍ନଙ୍କ ପ୍ରବାଦ ଓ ଶ୍ଳୋକ ସଂଗ୍ରହ (୧୯୦୩), ବୀରେନ୍ ବାନାର୍ଜୀଙ୍କ A Hand book of Proverbs sayings (1910), ରାଘବାନନ୍ଦ ଦାସଙ୍କ କୃଷି ପ୍ରବଚନ ସଂଗ୍ରହ (୧୯୧୪), ମୋହନ ଚରଣ ଦାସଙ୍କ ନୂଆ ବୋହୂ କାନ୍ଦଣା (୧୯୨୧) ଉପେନ୍ଦ୍ର ନାରାୟଣ ଦାସଗୁପ୍ତାଙ୍କ Folktales of Orissa (1923) ଆପର୍ଣ୍ଣା ପଣ୍ଡାଙ୍କ ଢଗମାଳିକା ସଂଗ୍ରହ ଓ ତତ୍ତ୍ୱବୋଧିନୀ (୧୯୨୩),ନିତ୍ୟାନନ୍ଦ ସାହୁଙ୍କ ଢଗଢ଼ମାଳି (୧୯୨୪), ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଉତ୍କଳ କାହାଣୀ (୧୯୪୬) ଓ ଢଗଢ଼ମାଳି ବଚନ (୧୯୨୬) ମନୋହର ମେହେରଙ୍କ ଗୋବିନ୍ଦ ଚନ୍ଦ୍ର ଲୀଳା (୧୯୨୯), ଶରତ ଚନ୍ଦ୍ର ରାୟଙ୍କ The Hill Bhuyans of Orissa (1935) On Egg myth from Orissa (1937) ନୀଳକଣ୍ଠଙ୍କ ନବଭାରତରେ ଲୋକକାହାଣୀର ଆଲୋଚନାବଳୀ (୧୯୪୧) ମୋହିନୀ ମୋହନ ସେନାପତିଂକ ଓଡ଼ିଆ କାହାଣୀ, ଲାଲ ଶିବନାରାୟଣ ଦେଓଙ୍କ କୌତୁକ କୋଲାହଳ (୧୯୩୫)

୧୦ । Handoo J. A Bibliography of Indian folk literature, 1977 p. 24-25



ଡଃ କୃଷ୍ଣ ଚରଣ ବେହେରାଙ୍କ ମୋଗଲ ତାମସା (୧୯୫୬) ତଥା ଓଡ଼ିଆ କଥା ସାହିତ୍ୟରେ ଆଦିବାସୀ ଓ ଲୋକଗଳ୍ପର ସମୀକ୍ଷା ଓଡ଼ିଆ ଲୋକ-ସାହିତ୍ୟ ଓ ଲୋକ ସଂସ୍କୃତି ସଂଗ୍ରହ ଓ ସମ୍ପାଦନା ତଥା ସମୀକ୍ଷାର ପରିମାଣାତ୍ମକ ଓ ଗୁଣାତ୍ମକ ଅଭିବୃଦ୍ଧି ସାଧନ କରିଥିଲା । (୧୧) ଓଡ଼ିଆ ଲୋକ ସଂସ୍କୃତି ଚର୍ଚ୍ଚାରେ ଏହା ପ୍ରାଥମିକ ପ୍ରୟାସ ବୋଲାଯାଇ ପାରେ ।

## (ଖ) ସ୍ୱାଧୀନୋତ୍ତର କାଳ

ସ୍ୱାଧୀନୋତ୍ତର ଓଡ଼ିଶାର ଲୋକସଂସ୍କୃତି ଅଧ୍ୟୟନ କ୍ଷେତ୍ରରେ ଆମ୍ଭେ ଲୋକରତ୍ନ ଡଃ କୁଂଜବିହାରୀ ଦାଶଙ୍କୁ ଦେଖିବାକୁ ପାଉଁ । ଦୀର୍ଘ ଚାଳିଶ ବର୍ଷ ଧରି ଓଡ଼ିଆ ଲୋକସଂସ୍କୃତି– ଲୋକ ସାହିତ୍ୟ ସଂଗ୍ରହ ଓ ସଂପାଦନାରେ ସେ ଯେଉଁ ଧୈର୍ଯ୍ୟ, ନିଷ୍ଠା, ସାଧନା ଓ ଗବେଷଣାର ମାର୍ଗ ଦର୍ଶନ କରିଛନ୍ତି ତାହା ବାସ୍ତବରେ ଓଡ଼ିଆ ଲୋକ ସଂସ୍କୃତି ଅଧ୍ୟୟନକୁ ଏକ ନିର୍ଦ୍ଦିଷ୍ଟ ରୂପ ଦେଇ ଭିତ୍ତିଭୂମି ପ୍ରସ୍ତୁତ କରିଛନ୍ତି । ତାଙ୍କ ପଲ୍ଲୀପୁଷ୍ପ ( ୧୯୪୮ ), ପଲ୍ଲୀ ଝରଣା ( ୧୯୫୦ ) ଓଡ଼ିଆ ଲୋକଗୀତ ଓ କାହାଣୀ ( Ph. D. ଚର୍ଚ୍ଚା ନିବନ୍ଧ ) ୧୯୫୪, A study of Orissan Folklore ( 1953 ) ଲୋକବାଣୀ ସଂଚୟନ ( ଛଅଖଣ୍ଡ ) ପଲ୍ଲୀଗୀତି ସଂଚୟନ ( ୩ ଖଣ୍ଡ ) ଲୋକଗଳ୍ପ ସଂଚୟନ (୧୯୬୪) ଓଡ଼ିଆ ଲୋକକାହାଣୀ (୧୯୬୧) ତଥା 'ମୋ କାହାଣୀ' ( ଆତ୍ମଜୀବନୀ ) ଓଡ଼ିଆ ଲୋକ ସଂସ୍କୃତିର ଲିଖିତ ସଂଗ୍ରହାଳୟ । (୧୨) ଓଡ଼ିଆ ଲୋକ ସାହିତ୍ୟକୁ ସେ କେବଳ ଶୃଙ୍ଖଳିତ ଅଧ୍ୟୟନ କରି ନାହାନ୍ତି ବରଂ ରାଷ୍ଟ୍ରୀୟ ତଥା ଆନ୍ତଃରାଷ୍ଟ୍ରୀୟ ସ୍ତରରେ ସୁଦ୍ଧା ଏହାକୁ ପ୍ରତିଷ୍ଠିତ କରିବାରେ ତାଙ୍କ ଭୂମିକା ଅତୁଳନୀୟ । ଡଃ ଦାଶଙ୍କର ଏହି ଗବେଷଣା ଯଦିଓ ପାଶ୍ଚାତ୍ୟ ପ୍ରକାର୍ଯ୍ୟବାଦୀ ମନୋବିଶ୍ଳେଷଣାତ୍ମକ କିମ୍ବା ସଂରଚନାତ୍ମକ ବିଶ୍ଳେଷଣ ପଦ୍ଧତି ଅନୁସାରୀ ନୁହେଁ, ବର୍ଣ୍ଣନାତ୍ମକ ଓ ତୁଳନାତ୍ମକ ପଦ୍ଧତି ଅବଲମ୍ବନରେ ସେ ନିଜ ସିଦ୍ଧ ହସ୍ତତାର ପରିଚୟ ଦେଇଅଛନ୍ତି ।

ସଂପର୍କରେ ଡଃ କୁଂଜବିହାରୀ ଦାଶଙ୍କ ଗୁରୁ ହେଲେହେଁ ଲୋକ-ସଂସ୍କୃତି ଗବେଷଣା କ୍ଷେତ୍ରରେ ଏକ ମୁକ୍ତ ଗବେଷକ ରୂପେ ପଣ୍ଡିତ ନୀଳକଣ୍ଠ

୧୧ । Ibid—see alphabetically names and articles.
୧୨ । ପଟ୍ଟନାୟକ କଇଳାସ 'ଲୋକସାହିତ୍ୟ ଚର୍ଚ୍ଚା' କଟକ, ୧୯୮୯, ପୃ-୧୨୨

ସ୍ମରଣୀୟ । ତାଙ୍କ ଓଡ଼ିଆ ସାହିତ୍ୟର ଆନ୍ତର୍ବିଦ୍ୟା ଭିତ୍ତିକ ବିଶ୍ଳେଷଣରେ; ଓଡ଼ିଆ ସାହିତ୍ୟ, ଧର୍ମଧାରା, ଶିଳ୍ପ, ଲୋକସଂସ୍କୃତି, ସଙ୍ଗୀତ ଓ ଭାଷା ଅନୁଶୀଳନ କ୍ଷେତ୍ରରେ ଏକ ମୌଳିକ ଚିନ୍ତନର ସ୍ୱାକ୍ଷର ରହିଅଛି । ଡଃ କୁଂଜବିହାରୀଙ୍କ "ଓଡ଼ିଆ ଲୋକଗୀତ ଓ କାହାଣୀ" ଚର୍ଚ୍ଚା ନିବନ୍ଧର ସେ ଥିଲେ ପରୀକ୍ଷକ । କିନ୍ତୁ କୁଂଜବିହାରୀଙ୍କ ଲୋକସଂସ୍କୃତି ଚର୍ଚ୍ଚା ସମୟ ନିରପେକ୍ଷ ଓ ବିଷୟ ଭିତ୍ତିକ ହୋଇଥିବେଳେ, ନୀଳକଣ୍ଠଙ୍କ ତୁଳନାତ୍ମକ ଓ ପଟ୍ଟଭୂମିକ ତଥା ଭାଷାଭିତ୍ତିକ ଅନୁଶୀଳନ ଓଡ଼ିଆ ଲୋକ ସାହିତ୍ୟ ଓ ଲୋକଚଳଣିର ଅନୁଶୀଳନ ମାର୍ଗକୁ ଏକ ସ୍ୱତନ୍ତ୍ର ଗରିମାରେ ବିମଣ୍ଡିତ କରିଛି । ତାଙ୍କ ଓଡ଼ିଆ ଲୋକସଂସ୍କୃତି ଚର୍ଚ୍ଚାର ଧାରା ଡଃ କୁଂଜବିହାରୀ ଦାଶଙ୍କୁ ବହୁ ପରିମାଣରେ ପ୍ରଭାବିତ କରିଥିଲା । (୧୩) ପୁନଶ୍ଚ ତାଙ୍କ ପ୍ରେରଣାରେ ନୀଳକଣ୍ଠ "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ" ଲେଖିଥିଲେ । (୧୪) ଓଡ଼ିଆ ଲୋକସଂସ୍କୃତିକୁ ନୀଳକଣ୍ଠ ରାଷ୍ଟ୍ରୀୟତାବାଦୀ ଦୃଷ୍ଟିକୋଣରୁ ତଥା କୁଂଜବିହାରୀ ଜାତି ନିରପେକ୍ଷ ଦୃଷ୍ଟିରୁ ଆଲୋଚନା କରି ଏହି ଗୁରୁ-ଶିଷ୍ୟ ଓଡ଼ିଶାରେ ସର୍ବପ୍ରଥମେ ଏହି ଚର୍ଚ୍ଚାର ମୂଳଦୁଆ ସ୍ଥାପନ କରିଥିଲେ ।

କିନ୍ତୁ ନୀଳକଣ୍ଠ ଓ କୁଂଜବିହାରୀ ଉଭୟେ ମନସ୍ତାତ୍ତ୍ୱିକ ଓ ପ୍ରକାର୍ଯ୍ୟ-ବାଦୀ ସିଦ୍ଧାନ୍ତ ସହ ପରିଚିତ ଥିଲେ ହେଁ ଓଡ଼ିଆ ଲୋକସାହିତ୍ୟକୁ ସେହି ଭିତ୍ତିଭୂମିରୁ ଅନୁଶୀଳନ କରିନାହାଁନ୍ତି । ମନେହୁଏ ଆଦର୍ଶ ଦୃଷ୍ଟିରୁ ଉଭୟେ ଭାରତୀୟ ଦର୍ଶନକୁ ଗ୍ରହଣ କରିଥିବାରୁ ଉପରୋକ୍ତ ବିଶ୍ଳେଷଣରେ ପ୍ରବୃତ୍ତ ହୋଇ ନଥିଲେ ।

କୁଂଜବିହାରୀଙ୍କ ବିଶ୍ୱଭାରତୀ, ଶାନ୍ତିନିକେତନର ଓଡ଼ିଆ ବିଭାଗରେ ଯୋଗ ଦେବା ତଥା ସେଠାରେ ଡଃ ନରେନ୍ଦ୍ରନାଥ ମିଶ୍ର, ଡଃ ଭବଗ୍ରାହୀ ମିଶ୍ର, ଡଃ ପ୍ରସନ୍ନ କୁମାର ମିଶ୍ର, ଡଃ ଶ୍ୟାମସୁନ୍ଦର ମହାପାତ୍ର, ଡଃ ଗଗନେନ୍ଦ୍ରନାଥ ଦାଶ ଓ ଡଃ ଖଗେଶ୍ୱର ମହାପାତ୍ର ତଦ୍ୱାରା ଓଡ଼ିଆ ସାହିତ୍ୟର ଭାଷାଭିତ୍ତିକ

---

୧୩ । ଦାସ କୁଂଜବିହାରୀ, "ଯେତେ ନିକଟରେ ସେତେ ଦୂରରେ, ନୀଳକଣ୍ଠ ସ୍ମାରକୀ" ଦ୍ୱିତୀୟଖଣ୍ଡ, ନୀଳକଣ୍ଠ ସ୍ମୃତି ସମିତି, ଭୁବନେଶ୍ୱର, ୧୯୮୪ ପୃ ୧୨୭

୧୪ । ତତୈବ ପୃ ୧୨୭



ଓ ସଂସ୍କୃତି ଭିତ୍ତିକ ଗବେଷଣାରେ ପ୍ରଭୂତ ଗୁଣାତ୍ମକ ଉନ୍ନତି ସାଧିତ ହେବା; ସର୍ବୋପରି ପ୍ରତ୍ୟେକେ ଏକ ଏକ ସୁଦକ୍ଷ ଲୋକ ସଂସ୍କୃତିବିତ୍ ରୂପେ ପ୍ରତିଷ୍ଠିତ ହେବା ପଛରେ ଏକ ଦୀର୍ଘ ନିରବିଚ୍ଛିନ୍ନ ସାଧନାର ଇତିହାସ ରହିଛି । ଏହିମାନଙ୍କ ପ୍ରଚେଷ୍ଟା ବଳରେ ସମ୍ପ୍ରତି ଓଡ଼ିଶାରେ ଭାଷାବିଜ୍ଞାନ ଓ ଲୋକସଂସ୍କୃତିର ଅଧ୍ୟୟନ ଶୃଙ୍ଖଳିତ ହୋଇପାରିଛି । ଏହି ପରିପ୍ରେକ୍ଷୀରେ ଡଃ ଦେବୀପ୍ରସନ୍ନ ପଟ୍ଟନାୟକ, ପୂର୍ବତନ ନିର୍ଦ୍ଦେଶକ କେନ୍ଦ୍ରୀୟ ଭାଷା ସଂସ୍ଥାନ, ମହୀଶୂର, ତଥା ଡଃ ବିଜୟ ପ୍ରସାଦ ମହାପାତ୍ର, ଲାଙ୍ଗୁଏଜ୍ ଡ଼ିଭିଜନ କଲିକତା ଭାଷା ଓ ଲୋକସଂସ୍କୃତି ବିଷୟକ ଗବେଷଣାରେ ଉଭୟ ରଚନାତ୍ମକ ଓ ଗବେଷଣାତ୍ମକ ଅଭିବୃଦ୍ଧି ପାଇଁ ଯୋଜନା କରିଛନ୍ତି । ବିଶ୍ୱଭାରତୀର ଡଃ ନୀଳାଦ୍ରି ଭୂଷଣ ହରିଚନ୍ଦନ ଓ ଡଃ କଇଳାଶ ପଟ୍ଟନାୟକ ପ୍ରମୁଖ ଓଡ଼ିଆ ଲୋକନାଟ୍ୟ ଓ ଲୋକସାହିତ୍ୟ ଚର୍ଚ୍ଚାରେ ପ୍ରବୃତ୍ତ ।

ଉତ୍ତର ପର୍ବରୁ ଓଡ଼ିଆ ଲୋକସଂସ୍କୃତି ଓ ଆଦିବାସୀ ସଂସ୍କୃତି ସମ୍ପର୍କରେ ବହୁ ଲେଖକ, ଅଧ୍ୟାପକ ଓ ଗବେଷକ ଲେଖନୀ ଚାଳନା କରିଛନ୍ତି । ବହୁ ବ୍ୟକ୍ତି ଓ ଅନୁଷ୍ଠାନ ଦ୍ୱାରା ଲୋକସଂସ୍କୃତି ଚର୍ଚ୍ଚାର ଶ୍ରୀବୃଦ୍ଧି ସାଧିତ ହୋଇଛି । ଗୋପୀନାଥ ମହାନ୍ତି, ଡଃ ସୀତାକାନ୍ତ ମହାପାତ୍ର, ଚକ୍ରଧର ମହାପାତ୍ର, ଚିତ୍ତରଞ୍ଜନ ଦାସ, ରାଇ ଚରଣ ଦାସ, ଡଃ କୃଷ୍ଣ ଚରଣ ବେହେରା, ଡଃ ବଂଶୀଧର ମହାନ୍ତି, ଡଃ ଗୋପାଳ ଚନ୍ଦ୍ର ମିଶ୍ର, ଡଃ ଜାନକୀ-ବଲ୍ଲଭ ମହାନ୍ତି, ଡଃ ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ, ଶ୍ରୀ ଅରବିନ୍ଦ ପଟ୍ଟନାୟକ, ଧୀରେନ ଦାସ, ରବିନାରାୟଣ ଦାସ, ନଟବର ସାମନ୍ତରାୟ, ଡଃ ହେମନ୍ତ କୁମାର ଦାସ, ବ୍ରଜମୋହନ ମହାନ୍ତି, ବିନୋଦ ରାଉତରାୟ, ସର୍ବେଶ୍ୱର ଦାସ, ନିମାଇଁ ଚରଣ ପଣ୍ଡା, କୁମାର ହସନ୍, ବୈଷ୍ଣବ ଚରଣ ସାମଲ, ହୃଷିକେଶ ମଲ୍ଲିକ୍, ଲକ୍ଷ୍ମୀନାରାୟଣ ସାହୁ ପ୍ରମୁଖ ତଥା ଅନେକ ଲୋକସଂସ୍କୃତି ପ୍ରେମୀ ଗବେଷକ ଓ ସଂଗ୍ରାହକ ନାନା ଦିଗରୁ ଏହାର ଚର୍ଚ୍ଚା କରିଛନ୍ତି । (୧୫) କିନ୍ତୁ ପ୍ରାନ୍ତୀୟ ଲୋକସଂସ୍କୃତି ଚର୍ଚ୍ଚାର ସମତୁଳନାରେ ଆମ ଅଧ୍ୟୟନରେ ପରିମାଣାତ୍ମକ ଦିଗରୁ ସନ୍ତୋଷଜନକ ହେଲେହେଁ, ଗୁଣାତ୍ମକ ଦିଗରୁ ଆମେ ସେହି ତୁଳନାତ୍ମକ ଓ ବର୍ଣ୍ଣନାତ୍ମକ ଧାରାରେ ଅଟକି ରହିଛୁଁ ବୋଲି କୁହାଯାଇପାରେ ।

---

୧୫ । ପଟ୍ଟନାୟକ, କଇଳାଶ, op. cit P-122 to 124

ଆଲୋଚ୍ୟ କାଳରେ ଡଃ କୁଂଜବିହାରୀ ଦାଶଙ୍କ ସହକର୍ମୀ ରୂପେ ଡଃ ଭବଗ୍ରାହୀ ମିଶ୍ର ଆମେରିକାର ଇଣ୍ଡିୟାନା ବିଶ୍ୱବିଦ୍ୟାଳୟରେ "Verrier Elwin : A Pioneer Indian Anthropologist" (୧୬) ଶୀର୍ଷକ ନେଇ ଲୋକସାଂସ୍କୃତିକ ଦିଗରୁ ଚର୍ଚ୍ଚା ନିବନ୍ଧ ପ୍ରସ୍ତୁତ କରି ପି.ଏଚ୍.ଡ଼ି ଡ଼ିଗ୍ରୀ ପାଇଥିଲେ । ତଥା ସେଠାରେ ସେ ପାଞ୍ଚବର୍ଷ କାଳ ଲୋକସଂସ୍କୃତି ଓ ମାନବ ବିଜ୍ଞାନର ପ୍ରଫେସର ରୂପେ ଅଧ୍ୟାପନା ଓ ଗବେଷଣା କାର୍ଯ୍ୟର ଦିଗ୍‌ଦର୍ଶକ ରୂପେ ସୁଖ୍ୟାତି ଅର୍ଜନ କରିଥିଲେ । ଓଡ଼ିଆ ଲୋକସଂସ୍କୃତି ଚର୍ଚ୍ଚାର ବିଜ୍ଞାନ ଭିତ୍ତିକ ଓ ଶୃଙ୍ଖଳିତ ଅଧ୍ୟୟନ ଦୃଷ୍ଟିରୁ ଡଃ ମିଶ୍ରଙ୍କ ବିଶ୍ଳେଷଣାତ୍ମକ ଦୃଷ୍ଟିଭଙ୍ଗୀ ସ୍ୱତନ୍ତ୍ର ଓ ଅନନ୍ୟ । ଏହି ଦୃଷ୍ଟିରୁ ସେ ଭାରତୀୟ ଲୋକସଂସ୍କୃତିର ସ୍ୱରୂପକୁ ବିଶ୍ୱଲୋକସଂସ୍କୃତି ପରିପ୍ରେକ୍ଷୀରେ ପ୍ରତିଷ୍ଠିତ କରିଥିଲେ । ତାଙ୍କ ଅଧୀନରେ ଆମେରିକାର ଭାରତ—ଲୋକସଂସ୍କୃତି ଗବେଷଣାରେ ଆଗ୍ରହୀ ଗବେଷକ ଓଡ଼ିଶାର ଧର୍ମ ଓ ଦେବାଦେବୀ ତଥା ଲୋକସଂସ୍କୃତି ଉପରେ ଗୁଣାତ୍ମକ ଗବେଷଣା କରି ଓଡ଼ିଆ ସଂସ୍କୃତିକୁ ପାଶ୍ଚାତ୍ୟ ଦେଶରେ ପରିଚିତ କରାଇଛନ୍ତି । କିନ୍ତୁ ଆମେରିକାରୁ ଫେରି ଡଃ ମିଶ୍ର ଯଦି ଓଡ଼ିଆ ଲୋକସଂସ୍କୃତି ଚର୍ଚ୍ଚା କ୍ଷେତ୍ରରେ ଗୁଣାତ୍ମକ ପରିବର୍ତ୍ତନ ଆଣିଥାନ୍ତେ, ଏହି ଅଧ୍ୟୟନ ହୁଏତ ଏତେ ପାରଂପରିକ ନ ହୋଇ ବିଜ୍ଞାନ ଭିତ୍ତିକ ହୋଇ ପାରିଥାନ୍ତା ।

ଓଡ଼ିଶାର ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଯଥା ଓଡ଼ିଆ ଗବେଷଣା ପରିଷଦ, ଉତ୍କଳ ପାଠକ ସଂସଦ, କଲ୍‌ଚରାଲ୍ ଫୋରମ୍, ଦି ୟୁନିଭର୍ସ ତଥା ଏକାଡ଼େମୀ ଅଫ୍ ଟ୍ରାଇବାଲ ଡାଇଲେକ୍ଟ ଏଣ୍ଡ କଲ୍‌ଚର, ଭୁବନେଶ୍ୱର, ଓଡ଼ିଶା ସାହିତ୍ୟ ଏକାଡ଼େମୀ ପ୍ରମୁଖଙ୍କ ଦ୍ୱାରା ଓଡ଼ିଆ ସାହିତ୍ୟ ଗବେଷଣା ଓ ପ୍ରକାଶନ ସହିତ ଲୋକସଂସ୍କୃତି-ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶନ ଓ ଆଲୋଚନା ଚକ୍ର ଆଦି ଅନୁଷ୍ଠିତ ହୋଇ ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି ଚର୍ଚ୍ଚାକୁ ବ୍ୟାପକତର କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଲୋକସାହିତ୍ୟ ଓ ଲୋକସଂସ୍କୃତି ଗବେଷଣା ପାଇଁ ଏଯାବତ୍ ଏକ ଶିକ୍ଷାନୁଷ୍ଠାନର ଅଭାବ ଏ ରାଜ୍ୟରେ ବରାବର ରହି ଆସିଛି, ଯାହାଫଳରେ ତଦ୍‌ବିଦ୍‌ମାନଙ୍କର ସକଳ ସଚେତନତା ସତ୍ତ୍ୱେ ଓଡ଼ିଆ ଲୋକପରଂପରାକୁ ସଂଗ୍ରହ ଓ ସମୀକ୍ଷା

୧୬ । Misra, Bhabagrahi, op-cit.



କରି ଓଡ଼ିଆ ସଂସ୍କୃତିର ଏକ ଲୋକଭିତ୍ତିକ ସ୍ୱରୂପ ନିର୍ଦ୍ଧାରଣ କରାଯାଇ-ପାରୁନାହିଁ । ଏହି ଚର୍ଚ୍ଚା କେବଳ ବିଦଗ୍ଧ ସ୍ତରର ଗବେଷକଙ୍କ ଦ୍ୱାରା 'ଲୋକ' ସମାଜର ଅଧ୍ୟୟନ ମଧ୍ୟରେ ହିଁ ପର୍ଯ୍ୟବସିତ ହୋଇଛି । ଲୋକ ଓ ଲୋକସଂସ୍କୃତି ଓ ବିଦଗ୍ଧ ସଂସ୍କୃତି ଗବେଷକଙ୍କ ମଧ୍ୟରେ ଆନ୍ତରିକ ଯୋଗାଯୋଗ ସ୍ଥାପିତ ହୋଇ ପାରୁନାହିଁ । (୧୭)

ଲୋକସାହିତ୍ୟର ସବୁଜ ଚାରଭୂଇଁ ଓଡ଼ିଶାରେ ତିନୋଟି ବିଶ୍ୱବିଦ୍ୟାଳୟ ଅଛି; କିନ୍ତୁ ଲୋକସଂସ୍କୃତି କିମ୍ବା ଭାଷା ବିଜ୍ଞାନ ପରି ନୂତନ ବିଷୟ ଶୃଙ୍ଖଳାକୁ ରାଷ୍ଟ୍ରୀୟ ସଂସ୍କୃତିର ପୂର୍ଣ୍ଣାଙ୍ଗ ରୂପରେଖ ପ୍ରସ୍ତୁତ କରିବା ଦିଗରେ ବିନିଯୋଗ କରିବା ପାଇଁ ସେପରି ଉଦ୍ୟମ ହୋଇନାହିଁ । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭାଷା ବିଜ୍ଞାନ ବିଭାଗ ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଲୋକସାହିତ୍ୟ ବିଶେଷପତ୍ର ରୂପେ ଯାହା ସ୍ୱୀକୃତ । ଭାରତର ଗୌହାଟୀ, ସୌରାଷ୍ଟ୍ର, ଜବଲପୁର, ଆହ୍ଲାବାଦ, ଗୋରଖପୁର, ଆଗ୍ରା, ମହୀଶ୍ୱର, ମଦୁରାଇ, ତ୍ରିଚୂର, ରବୀନ୍ଦ୍ର ଭାରତୀ, ବିଶ୍ୱଭାରତୀ ତଥା ଦକ୍ଷିଣ ଭାରତର ଅନେକ ବିଶ୍ୱବିଦ୍ୟାଳୟ ମାନଙ୍କରେ ଫୋକ୍‌ଲୋର ତଥା ଭାଷା ବିଜ୍ଞାନକୁ ଏକ ସ୍ୱତନ୍ତ୍ର ବିଷୟ ଶୃଙ୍ଖଳା ରୂପେ ମାନ୍ୟତା ଦିଆଯାଇ ଭାରତୀୟ ଆଞ୍ଚଳିକ ସଂସ୍କୃତିରୁ ସଂରକ୍ଷଣ ଓ ସମୀକ୍ଷା ପାଇଁ ପ୍ରଯତ୍ନ କରାଯାଇଅଛି । ସେହି ଦୃଷ୍ଟିରୁ ତୁଳନାତ୍ମକ ଭାବେ ଓଡ଼ିଶାରେ ଏହି ଚର୍ଚ୍ଚାର ଶୃଙ୍ଖଳିତ ଅଧ୍ୟୟନ ବିଶ୍ୱବିଦ୍ୟାଳୟ ସ୍ତରରେ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି । ସଂପ୍ରତି ଏହା ସ୍ୱତନ୍ତ୍ର ବିଷୟ-ରୂପେ ନ'ହେଲେ ହେଁ, ଓଡ଼ିଆ ସାହିତ୍ୟର ଅଂଶ ବିଶେଷ ରୂପେ ଏହାର ସ୍ଥିତି ସ୍ୱୀକାର୍ଯ୍ୟ । କିନ୍ତୁ ଏହାର ଲୋକପ୍ରିୟତା ବଢ଼ିବାରେ ଲାଗିଛି । ଓଡ଼ିଶାର ପ୍ରାୟ ତିନିଶହଟି ଚର୍ଚ୍ଚା ନିବନ୍ଧ ମଧ୍ୟରୁ ପ୍ରାୟ କୋଡ଼ିଏଟି ଥେସିସ୍ ଲୋକ-ସଂସ୍କୃତିକୁ ଭିତ୍ତିକରି ରଚିତ । ତଥାପି ଗବେଷଣାର ସିଦ୍ଧାନ୍ତ ଓ ପଦ୍ଧତି-ସୂତ୍ର ଅଭାବରୁ ଅନେକ ଚର୍ଚ୍ଚା ନିବନ୍ଧ ବର୍ଣ୍ଣନାତ୍ମକ କିମ୍ବା ବେଶୀ ହେଲେ ତୁଳନାତ୍ମକ ଅଧ୍ୟୟନରେ ସୀମିତ ରହିଯାଇଛି । ଡଃ ଭବଗ୍ରାହୀ ମିଶ୍ର ଓ ଡଃ ଶ୍ୟାମସୁନ୍ଦର ମହାପାତ୍ରଙ୍କ ଚର୍ଚ୍ଚା ନିବନ୍ଧ ଏ ଦିଗରୁ ସ୍ୱତନ୍ତ୍ର । ନିମ୍ନରେ

୧୭ । ସାହୁ ରବୀନ୍ଦ୍ରନାଥ, ଲୋକସାହିତ୍ୟର ପାରଂପରିକ ସଂଜ୍ଞା ଲୋକ ବିରୋଧୀ କି ? ଏଷଣା—୧୩ଶ ଖଣ୍ଡ, ୧୯୮୬ ପୃ ୩୩-୬୮

ଓଡ଼ିଆ ଲୋକସଂସ୍କୃତି ଗବେଷଣା ଚର୍ଚ୍ଚା ନିବନ୍ଧ (Ph· D Thesis)ର ଏକ ତାଲିକା ଦିଆଗଲା—

୧ । କୁଂଜବିହାରୀ ଦାଶ— ଓଡ଼ିଆ ଲୋକଗୀତ ଓ କାହାଣୀ (୧୯୫୪, ବିଶ୍ୱଭାରତୀ)

୨ । ଭବଗ୍ରାହୀ ମିଶ୍ର— Verrier Elwin : A Pineer Indian Anthropologist (୧୯୬୯, ଇଣ୍ଡିଆନା ବିଶ୍ୱବିଦ୍ୟାଳୟ, ଆମେରିକା)

୩ । ପ୍ରସନ୍ନ କୁମାର ମିଶ୍ର— ପୂର୍ବଭାରତୀୟ ହିନ୍ଦୁ ଲୋକମିଥ୍ : ଓଡ଼ିଶା (୧୯୭୨, ବିଶ୍ୱଭାରତୀ)

୪ । ଶ୍ୟାମ ସୁନ୍ଦର ମହାପାତ୍ର—A Study on Orissan Ballads (1975 ବିଶ୍ୱଭାରତୀ)

୫ । ପ୍ରେମାନନ୍ଦ ସାହୁ— ଓଡ଼ିଆ ପ୍ରବଚନ : ଏକ ଅଧ୍ୟୟନ (୧୯୭୭ ବିଶ୍ୱଭାରତୀ)

୬ । ମନୀନ୍ଦ୍ର ମହାନ୍ତି— ଓଡ଼ିଆ ଶିଶୁ ସାହିତ୍ୟ (୧୯୭୮, ସମ୍ବଲପୁର ବିଶ୍ୱବିଦ୍ୟାଳୟ)

୭ । ନିମାଇଁ ଚରଣ ପଣ୍ଡା— ପଶ୍ଚିମ ଓଡ଼ିଶାର ଲୋକସାହିତ୍ୟର ସ୍ୱରୂପ, (୧୯୮୨, ସମ୍ବଲପୁର ବିଶ୍ୱବିଦ୍ୟାଳୟ)

୮ । ପଦ୍ମଲୋଚନ ମହାନ୍ତି— କେନ୍ଦୁଝରର ଲୋକସାହିତ୍ୟ (୧୯୮୬ ସମ୍ବଲପୁର ବିଶ୍ୱବିଦ୍ୟାଳୟ)

୯ । ମହେନ୍ଦ୍ର କୁମାର ମିଶ୍ର— କଳାହାଣ୍ଡିର [redacted] (୧୯୮୭, ସମ୍ବଲପୁର ବିଶ୍ୱବିଦ୍ୟାଳୟ)

୧୦ । ଅଞ୍ଜଳୀ ପାଢ଼ୀ— ଖଡ଼ିଆଙ୍କର ଲୋକସଂସ୍କୃତି (୧୯୮୯, ବ୍ରହ୍ମପୁର)

୧୧ । ସୁଧାକର ମହାନ୍ତି— କଳାହାଣ୍ଡିର ଲୋକସାହିତ୍ୟ : ଏକ ସାମାଜିକ ଅଧ୍ୟୟନ (୧୯୮୮, ସମ୍ବଲପୁର)

୧୨ । ଦୋଳଗୋବିନ୍ଦ ବଂଶୀ— କନ୍ଧ ସମ୍ପ୍ରଦାୟର ଭାବଗୀତ (୧୯୮୮, ସମ୍ବଲପୁର)

୧୩ । ମିହିର କୁମାର ସାହୁ— ଓଡ଼ିଆ ଉପନ୍ୟାସରେ ଲୋକତତ୍ତ୍ୱ (୧୯୮୯)



୧୪ । କୁଞ୍ଜବନ ପୃଷ୍ଟି— ଉତ୍ତର ଓଡ଼ିଶାର ଲୋକନାଟକ (୧୯୮୬ ବିଶ୍ୱଭାରତୀ)

୧୫ । ମୋହନଲାଲ ସାହୁ— ମୟୂରଭଞ୍ଜର ଲୋକଗୀତ ଓ ଲୋକନୃତ୍ୟ (୧୯୮୩-୮୪)

୧୬ । ଦେବରାଜ ପଣ୍ଡା— ପୁରୀ ସଦର ସବ୍‌ଡ଼ିଭିଜନର ଲୋକସାହିତ୍ୟ (୧୯୮୩-୮୪)

୧୭ । ପ୍ରସନ୍ନ କୁମାର ପ୍ରଧାନ— ସିଂହଭୂମିର ଓଡ଼ିଆ ଲୋକସାହିତ୍ୟ(୧୯୮୨)

୧୮ । ନଗେନ୍ଦ୍ର ନାଥ ମହାପାତ୍ର—ମୟୁରଭଞ୍ଜର ଛଉନୃତ୍ୟ

୧୯ । ଆଦିକନ୍ଦ ମହାନ୍ତ— ଓଡ଼ିଶାର 'କୁର୍ମାଲ୍ୟ' ଲୋକଗୀତ

୨୦ । ପ୍ରସନ୍ନ କୁମାର ପାଟଶାଣୀ—ପୂର୍ବଭାରତୀୟ ରାମ ସାହିତ୍ୟରେ ଲୋକ ପରଂପରାର ଚିତ୍ର । (୧୯୯୦)

ସମ୍ପ୍ରତି ଅନେକ ଗବେଷକ ଏହି ବିଷୟ ଗବେଷଣା ପ୍ରତି ଉନ୍ମୁଖ ଅଛନ୍ତି । ବିଶ୍ୱବିଦ୍ୟାଳୟ ଦ୍ୱାରା ମଧ୍ୟ ଲୋକ ମୌଖିକ ପରଂପରାର ସଂଗ୍ରହ ଓ କ୍ଷେତ୍ରଗବେଷଣା କ୍ରମଶଃ ବୃଦ୍ଧି ପାଉଛି ।

## ଓଡ଼ିଆ ଲୋକସଂସ୍କୃତିର ସ୍ଥିତି ଓ ଗତି :

ଖ୍ରୀ ୧୯୮୬ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ନବମ ଭାରତୀୟ ଲୋକସଂସ୍କୃତି କଂଗ୍ରେସ (IXth Indian Folklore Congress) ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭାଷାବିଜ୍ଞାନ ବିଭାଗରେ 'ପଣ୍ଡିତ ନୀଳକଂଠଙ୍କ ଓଡ଼ିଆ ଭାଷାବିଜ୍ଞାନ ଓ ଲୋକସଂସ୍କୃତି କ୍ଷେତ୍ରରେ ଭୂମିକା' ଶୀର୍ଷକ ନେଇ ସେମିନାର (୧୯୮୯) ଅନୁଷ୍ଠିତ ହୋଇଛି । ବିଶ୍ୱଭାରତୀ ଓଡ଼ିଆ ବିଭାଗରେ ୧୯୮୨ରେ ଆଦିବାସୀ ଭାଷା ଓ ସଂସ୍କୃତି ସେମିନାର, ୧୯୮୭ରେ ଓଡ଼ିଆ ଲୋକସଂସ୍କୃତି ସେମିନାର ତଥା ୧୯୮୯ରେ ୧୧ଶ ଭାରତୀୟ ଲୋକସଂସ୍କୃତି କଂଗ୍ରେସର ସେମିନାର ଅନୁଷ୍ଠିତ ହୋଇ ଓଡ଼ିଆ ଲୋକସଂସ୍କୃତି ଗବେଷଣାକୁ ରାଷ୍ଟ୍ରୀୟ ପରିପ୍ରେକ୍ଷୀରେ ପରିଚିତ କରାଯାଇଅଛି ।

ଓଡ଼ିଆ ଗବେଷକଙ୍କ ଦ୍ୱାରା ଲୋକସଂସ୍କୃତି ଚର୍ଚ୍ଚା ଭଣା ଅଧିକେ ହୋଇ ଆସୁଥିଲେ ହେଁ ଏକ ନିର୍ଦ୍ଦିଷ୍ଟ ଆନୁଷ୍ଠାନିକ (academic)

ଫୋରମ୍‌ର ଅଭାବରୁ ତଥ୍ୟ ସଂଗ୍ରହ, ସଂପାଦନା ଓ ସମୀକ୍ଷାରେ ଏପରି ତ୍ରୁଟି ଲକ୍ଷିତ ହେଉଛି ଯେ ଅନେକ ସଂଗ୍ରାହକଙ୍କ ସଂଗୃହୀତ ମୂଲ୍ୟବାନ ତଥ୍ୟ ପ୍ରାଦେଶିକ ସ୍ତରରେ ସୁଦ୍ଧା ପ୍ରତିନିଧିତ୍ୱ କରିପାରୁନାହିଁ । ଡଃ ନରେନ୍ଦ୍ର ନାଥ ମିଶ୍ରଙ୍କ ମତରେ—"ମାନବ ବିଦ୍ୟାର ସମନ୍ୱିତ ଅଧ୍ୟୟନ ପାଇଁ ଇତିହାସ, ନୃତତ୍ତ୍ୱ, ସାହିତ୍ୟ ବିଦ୍ୟାଠାରୁ ଆରମ୍ଭ କରି ଭାଷାତତ୍ତ୍ୱ ପୁରାଣବିଦ୍ୟା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଲୋକବିଦ୍ୟାର ଓ ଲୋକବୃତ୍ତର ଉପାଦାନ ଆବଶ୍ୟକ ହେଉଚି । ଓଡ଼ିଆ ଲୋକସାହିତ୍ୟ କଥା ଦୂରେ ଥାଉ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ମଧ୍ୟ ଦୃଷ୍ଟି ଭିତ୍ତିରେ କୌଣସି ଉଚ୍ଚତର ଗବେଷଣା ଅନୁଷ୍ଠାନ ଗଢ଼ା ଯିବାର କଳ୍ପନା ପର୍ଯ୍ୟନ୍ତ କରି ହେଉନାହିଁ । ଏହି ପରିସ୍ଥିତିରେ 'ହବି' ଭାବରେ ଲୋକସାହିତ୍ୟ ଚର୍ଚ୍ଚା ଯେଉଁ ସାହିତ୍ୟ ଛାତ୍ରମାନେ କରୁଛନ୍ତି, ତାହାର ବୌଦ୍ଧିକ ମୂଲ୍ୟ କଳନାର ଏବେ ଅବକାଶ ନାହିଁ ।(୧୯)

ଏହି ସଂପର୍କରେ ଏତିକି କୁହାଯାଇପାରେ ଯେ, ପରିମାଣାତ୍ମକ ଦିଗରୁ ଏହି ବିଷୟ ଶୃଙ୍ଖଳା ନେଇ ଯେତିକି ଗବେଷକ—ବୃତ୍ତିଗତ ଦିଗରୁ ହେଉ କିମ୍ବା ସୌଖିନ ଭାବେ ହେଉ—ପ୍ରବୃତ୍ତ ହୋଇଛନ୍ତି, ଗୁଣାତ୍ମକ ଦିଗରୁ ବେଶ୍ ସଫଳ ହୋଇ ପାରିନଥିବା ମନେହୁଏ । ଏଥିପାଇଁ ଗବେଷକଙ୍କୁ ଦାୟୀ କରିବା ଅନ୍ୟାୟ ହେବ । ଓଡ଼ିଆ ଗବେଷକ ଲୋକସଂସ୍କୃତି ଗବେଷଣାର ସିଦ୍ଧାନ୍ତ ଓ ପଦ୍ଧତିର ସ୍ପଷ୍ଟ ଅବଧାରଣା କରିବାରେ ଏ ଯାବତ୍ ସଫଳ ହୋଇ ପାରିନାହାନ୍ତି । ଏଥିପାଇଁ ସଠିକ୍ ଦିଗ୍‌ଦର୍ଶନର ମଧ୍ୟ ଅଭାବ ରହିଛି । ଏ କଥାରେ ଉଣାଅଧିକେ ସଂପୃକ୍ତ ବିଷୟ ପଠନପାଠନ କରୁଥିବା ଅଧ୍ୟାପକ, ଗବେଷକ ଓ ଛାତ୍ର ନିଶ୍ଚୟ ଏକମତ ହେବେ ।

## ଓଡ଼ିଆ ଲୋକସଂସ୍କୃତି ଚର୍ଚ୍ଚାରେ ପଣ୍ଡିତ ନୀଳକଣ୍ଠ :

ଭାରତୀୟ ଲୋକ ସଂସ୍କୃତି ଚର୍ଚ୍ଚାର ତୁଳନା କଲାବେଳେ ମନକୁ ଆସେ ସତେ ଯେମିତି ଆମେ ଅନ୍ୟମାନଙ୍କ ତୁଳନାରେ ପଛେଇ ଯାଇଛୁ । ଏହା ଅସ୍ୱୀକାର୍ଯ୍ୟ ନୁହେଁ ମଧ୍ୟ । ପରମ୍ପରା କ୍ରମେ ସମାଜ ସ୍ୱୀକୃତ ଶିଷ୍ଟ ଓ ଲିଖିତ ସାହିତ୍ୟର ବିପୁଳ ନଭଶ୍ଚୁମ୍ବୀ ବଟ ବିଟପୀ ପାଖରେ ଭୂମିସ୍ପର୍ଶୀ ତୃଣାଦପି—

୧୯ । ସଂପାଦକୀୟ—ବିଶ୍ୱଭାରତୀ ଦୀପିକା—୮, ୧୯୮୭, ବିଶ୍ୱଭାରତୀ ଓଡ଼ିଆ ବିଭାଗ, ଶାନ୍ତି ନିକେତନ



ଲୋକ ସଂସ୍କୃତିର ସ୍ୱୀକୃତି ଓ ସମର୍ଥନ ବା କାହିଁ ? ସମ୍ଭବତଃ ଓଡ଼ିଶାରେ ଲିଖିତ ସାହିତ୍ୟ ସହିତ ଲୋକ ସଂସ୍କୃତିର ଆତ୍ମିକ ଯୋଗାଯୋଗ ଏବେ ସୁଦ୍ଧା ସମ୍ଭବପର ହୋଇ ନାହିଁ । ତେଣୁ 'ଲୋକ' ଓ 'ପୌର' ଭେଦ ରହିଛି । ପାରମ୍ପରିକ ଓଡ଼ିଶା ଭୂମିର ଚଳନ୍ତି ସଂସ୍କୃତି ସମାଜରେ ପାଶ୍ଚାତ୍ୟ ଇଜିମ୍‌ର ପ୍ରୟୋଗ ସାହିତ୍ୟ ସାଧନାର କତିପୟ ବିକୃତ ପ୍ରୟାସ ମଧ୍ୟ ଏଠି କମ୍ ହୋଇ ନାହିଁ । କିନ୍ତୁ ସାହିତ୍ୟ ଯେଉଁ ସାମାଜିକତା ପାଇଁ ଉଦ୍ଦିଷ୍ଟ, ସେହିମାନେ ଏହି ଧାରକରା ଆବେଗକୁ ସ୍ୱୀକୃତିକୁ ସମସ୍ତେ ଫେରି ଚାହିଁଛନ୍ତି । ତେଣୁ ଏଠିକାର ଲୋକ ଛନ୍ଦ, ଲୋକୋକ୍ତି, ଲୋକସଙ୍ଗୀତ, ଲୋକ ନାଟ୍ୟ ଓ ଲୋକନୃତ୍ୟର ଆଙ୍ଗିକ ବର୍ତ୍ତମାନ ବହୁ ପରିମାଣରେ ବିଦଗ୍ଧ ସ୍ତରରେ ଲୋକପ୍ରିୟ ଓ ଆଦୃତ ।

୧୮୭୨ ମସିହାରୁ ୧୯୫୦ ପର୍ଯ୍ୟନ୍ତ ଓଡ଼ିଆ ଲୋକ ସାହିତ୍ୟର ସଂଗ୍ରହ ଓ ସଂପାଦନା ବ୍ୟତୀତ ଏହାର ଅନୁଶୀଳନ ପ୍ରବଣତା କେବଳ ମୋହିନୀ ମୋହନ ସେନାପତି, ପଣ୍ଡିତ ନୀଳକଣ୍ଠ ଓ କୁଞ୍ଜବିହାରୀଙ୍କ ବ୍ୟତୀତ ଅନ୍ୟ କାହାରି ରଚନାରେ ଦୃଷ୍ଟିଗୋଚର ହୁଏ ନାହିଁ । ଏହି ପରିପ୍ରେକ୍ଷୀରେ ନୀଳକଣ୍ଠଙ୍କ ଲୋକ ସଂସ୍କୃତି ଚର୍ଚ୍ଚା ସର୍ବାଦୌ ସ୍ମରଣୀୟ । ଓଡ଼ିଆ ସଂସ୍କୃତି ଓ ସାହିତ୍ୟର ଲୋକ-ବିଦ୍ୟା ବିଜ୍ଞାନ (Folkloristics) ଅନୁଶୀଳନ କରି ତନ୍ମଧ୍ୟରୁ ଓଡ଼ିଆ ମୂଲ୍ୟବୋଧର ଅନୁସନ୍ଧାନ ପ୍ରବୃତ୍ତି ନୀଳକଣ୍ଠଙ୍କ ଗବେଷଣାର ପ୍ରଧାନ ଆଧାର ଥିଲା । ଜଣେ ରାଷ୍ଟ୍ରୀୟତାବାଦୀ ରାଜନୈତିକ ନେତା ଓ ସ୍ୱାଧୀନତା କାମୀ ବିପ୍ଳବୀ ରୂପେ ତଥା ଶିକ୍ଷକ, ଦାର୍ଶନିକ, ଶିଶୁ ସାହିତ୍ୟିକ, କବି, ଭାଷାତତ୍ତ୍ୱବିତ୍, ପ୍ରାବନ୍ଧିକ ତଥା ସମାଜ ସଂସ୍କାରକ ରୂପେ ତାଙ୍କ ବହୁମୁଖୀ ପ୍ରତିଭାର ପଟାନ୍ତର ନାହିଁ ।

ନୀଳକଣ୍ଠଙ୍କ ସୃଷ୍ଟି ଓ ସମୀକ୍ଷା, ତଥା ତାଙ୍କ ରାଜନୈତିକ ଆଦର୍ଶ ଓ ଦାର୍ଶନିକ ସୃଷ୍ଟିକୁ ନେଇ ବହୁ ଆଲୋଚନା ହୋଇଯାଇଛି । ତାଙ୍କ ସହଚର୍ଯ୍ୟା ଲାଭ କରିଥିବା ବହୁ ବିଦ୍ୱାନ ତଥା ଶିଷ୍ୟଗଣ ତାଙ୍କ ବ୍ୟକ୍ତିକ, ସାମାଜିକ, ରାଜନୈତିକ ଓ ଆଦର୍ଶ ଭିତ୍ତିକ ଜୀବନର ସାର୍ବିକ ମୂଲ୍ୟାୟନ କରିସାରିଛନ୍ତି । କିନ୍ତୁ ତାଙ୍କ ସମୀକ୍ଷାର ଅନ୍ତର୍ଲୋକରେ ଲୋକଭିତ୍ତିକ ଦିଗଟିର ପୃଷ୍ଠଭୂମି ଓ ପ୍ରେରଣା ସଂପର୍କରେ ଏଯାବତ୍ ଆଲୋଚନା ହୋଇନାହିଁ । ନୀଳକଣ୍ଠଙ୍କ

ଲୋକସାଂସ୍କୃତିକ, ଭାଷା ଭିତ୍ତିକ ଓ ମାନବବିଜ୍ଞାନୀ ଅଧ୍ୟୟନ ସମ୍ପର୍କରେ ଡଃ ନରେନ୍ଦ୍ରନାଥ ମିଶ୍ର, ଡଃ ଗଗନେନ୍ଦ୍ର ନାଥ ଦାଶ ଓ ଡଃ ଭାବଗ୍ରାହୀ ମିଶ୍ର କେତେକ ଆଲୋଚନା କରିଛନ୍ତି । (୨୦) ଡକ୍ଟର ବିଜୟ ପ୍ରସାଦ ମହାପାତ୍ର ମଧ୍ୟ ନୀଳକଣ୍ଠଙ୍କ 'ଓଡ଼ିଆ ସାହିତ୍ୟର କ୍ରମପରିଣାମ' ପୁସ୍ତକର ତତ୍ତ୍ୱ ନିରୂପଣ ପ୍ରବନ୍ଧରେ ତାଙ୍କ ସାହିତ୍ୟ ଚର୍ଚ୍ଚାର ବହୁମୁଖୀ ଦିଗ ସଂପର୍କରେ ସୂଚନା ଦେଇ ତାଙ୍କର ବିଷୟ ଅଧ୍ୟୟନରେ ଆନ୍ତର୍ବିଦ୍ୟା-ଶୃଙ୍ଖଳା ସମ୍ପର୍କରେ ଆଲୋଚନା କରିଛନ୍ତି । ତାଙ୍କ ମତରେ– "ଏ ଗ୍ରନ୍ଥଟି ( ଓଡ଼ିଆ ସାହିତ୍ୟର କ୍ରମ-ପରିଣାମ )ର ବିଶେଷତ୍ୱ ହେଉଛି ଓଡ଼ିଆର ସାଂସ୍କୃତିକ ବା ଚିନ୍ତାଧାରରେ ସାହିତ୍ୟର ପରିଣାମ । ଏହାର ବିଗ୍ରହ ମଧ୍ୟ ସେହି ଦୃଷ୍ଟିରୁ ହେବା ବିଧେୟ । ଏହାର ବୈଜ୍ଞାନିକ ନିଷ୍ଠାକୁ ଲଂଘନ କରିବା ପ୍ରାୟ ଦୁଃସାଧ୍ୟ କହିଲେ ଚଳେ । ତେବେ ଏହି ଆଲୋଚନାର ସୂତ୍ର ଧରି ଏହାର ମୌଳିକ ଶୃଙ୍ଖଳାର ସ୍ତରଗୁଡ଼ିକ ବଜାୟ ରଖି କେତେଗୁଡ଼ିଏ ଉପଧାର ବି ଠିକ୍ କରିବାକୁ ପଡ଼ିପାରେ, ଯେଉଁଦିଗଟି ପ୍ରତି ପଣ୍ଡିତ ମହାଶୟ ଯଥେଷ୍ଟ ଧ୍ୟାନ ଦେଇପାରି ନାହାନ୍ତି– ଦେବା ସମ୍ଭବ ନଥିଲା ମଧ୍ୟ । (୨୧) × × × କହିବା ବାହୁଲ୍ୟ ଓଡ଼ିଆ ସାହିତ୍ୟର ଜୀବନୋଚ୍ଛ୍ୱାସକୁ ଦେଖାଇବାକୁ ହେଲେ ଶୃଙ୍ଖଳାର ସଜୀବତା ଦିଗଟି ପ୍ରତି ଧ୍ୟାନ ଦେବାକୁ ପଡ଼ିବ । 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ'କୁ ଧରି ସେହି ଆଲୋଚନା କରିବାର ସମୟ ବର୍ତ୍ତମାନ ଆସିଛି । (୨୨)

ଡଃ ମହାପାତ୍ରଙ୍କ ଉପରୋକ୍ତ ମନ୍ତବ୍ୟର ଭିତ୍ତିରେ ନୀଳକଣ୍ଠଙ୍କ ଅଧ୍ୟୟନର 'ମୌଳିକ ଶୃଙ୍ଖଳା'ର ବହୁ ସ୍ତର ମଧ୍ୟରୁ ତାଙ୍କ ଲୋକଭିତ୍ତିକ ଉପଧାରଟି ଅନ୍ୟତମ । ଏଥିମଧ୍ୟରେ ଓଡ଼ିଆ ଜାତୀୟ ଜୀବନ୍‌ର ପ୍ରତିଫଳନ

୨୦ । ମିଶ୍ର ନରେନ୍ଦ୍ର ନାଥ, 'ପଣ୍ଡିତ ନୀଳକଣ୍ଠ, ଜୀବନୀ ଓ କୃତି' ନୀଳକଣ୍ଠ ସ୍ମୃତି ସମିତି, ୧୯୮୩ ଓ ଦାସ, ଗଗନେନ୍ଦ୍ର ନାଥ, 'ଭାଷା ବିଜ୍ଞାନୀ ପଣ୍ଡିତ ନୀଳକଣ୍ଠ' ଓ ମିଶ୍ର, ଭାବଗ୍ରାହୀ, ରାଷ୍ଟ୍ର ଗଠନ, ଭାଷା-ରାଜନୀତି ଓ ପଣ୍ଡିତ ନୀଳକଣ୍ଠଙ୍କ ଭାଷା ଚର୍ଚ୍ଚା, ନୀଳକଣ୍ଠ ସ୍ମାରକୀ ତୃତୀୟ ଖଣ୍ଡ, ୧୯୮୬, ନୀଳକଣ୍ଠ ସ୍ମୃତି ସମିତି, ଭୁବନେଶ୍ୱର ।

୨୧ । ମହାପାତ୍ର, ବିଜୟ ପ୍ରସାଦ, 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମର ତତ୍ତ୍ୱ-ନିରୂପଣ' ଝଂକାର– ୩୭ ବର୍ଷ, ବିଷୁବ ସଂଖ୍ୟା ପୃ ୨୯-୪୧.



ଯେହେତୁ ଏବେ ବି ପ୍ରତ୍ୟକ୍ଷ କରାଯାଇପାରେ, ତେଣୁ ଏହି ଶୃଙ୍ଖଳାର ସଜୀବତା ପ୍ରତି ପଣ୍ଡିତ ନୀଳକଣ୍ଠ ବିଶେଷ ଅବହିତ ଥିଲେ । ତେଣୁ ଏ ପରଂପରା ସହିତ ପରିସ୍ଥିତିର ସୂତ୍ର ଧରି ସଂସ୍କୃତି ଓ ସାହିତ୍ୟର ସ୍ୱରୂପ ନିର୍ଣ୍ଣୟ କରିଥିଲେ ।

ଲୋକଭିତ୍ତିକ ଆଲୋଚନା ପଣ୍ଡିତ ନୀଳକଣ୍ଠଙ୍କ ଆଲୋଚନାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ଭାଷାବିତ୍ ରୂପେ ଯେତିକି ଭୂମିକା ରହିଛି, ଲୋକ-ସଂସ୍କୃତିର ସଜୀବତା ମଧ୍ୟରୁ ସାହିତ୍ୟର ମୂଲ୍ୟବୋଧ ନିରୂପଣ କରିବା କ୍ଷେତ୍ରରେ ତାଙ୍କର ତଦ୍ରୂପ ଭୂମିକା ରହିଛି । Folklore ତାଙ୍କ ପାଖରେ ଏକ ନୂତନ ବିଷୟ ନଥିଲା । ସେ ବିଶ୍ୱ ଲୋକସଂସ୍କୃତି ଚର୍ଚ୍ଚାର ବିଂଶ-ଶତାବ୍ଦୀର ତୁଳନାତ୍ମକ ଧାରା ଓ ମାନବ ବିଜ୍ଞାନର ସିଦ୍ଧାନ୍ତ ସହ ବେଶ୍ ପରିଚିତ ଥିଲେ । ସେ ମଧ୍ୟ ମନସ୍ତାତ୍ତ୍ୱିକ ପଦ୍ଧତି ସହିତ ପରିଚିତ ଥିଲେ, କିନ୍ତୁ ପ୍ରୟୋଗ କରି-ନଥିଲେ । ପ୍ରକାର୍ଯ୍ୟବାଦୀ ସିଦ୍ଧାନ୍ତ ତଥା ସଂରଚନାତ୍ମକ ବିଶ୍ଳେଷଣ ସହ ସେ ପରିଚିତ ନଥିଲେ । ଏହା ତାଙ୍କ ରଚନାବଳୀରୁ ସ୍ପଷ୍ଟ ହୁଏ । ତାଙ୍କ ସମୀକ୍ଷା ପୁସ୍ତକ ଗୁଡ଼ିକରେ ଆଲୋଚିତ ପୁରାଣ, କିମ୍ବଦନ୍ତୀ, ଲୋକକାବ୍ୟ, ମହାକାବ୍ୟ, ଲୋକୋକ୍ତି, ଗ୍ରାମ ଶାସନ ଓ ସମାଜ, ପ୍ରଜାତିତତ୍ତ୍ୱ, ଭାଷା, ଧର୍ମ, ଦେବାଦେବୀ ଓ ଲୋକାଚାର ଆଦିରୁ ତାଙ୍କୁ ସାଂସ୍କୃତିକ ମାନବ ବିଜ୍ଞାନୀ ଦୃଷ୍ଟିରୁ ତଥା ଲୋକ ବିଦ୍ୟା ବିଜ୍ଞାନ ଦୃଷ୍ଟିରୁ ବିବେଚନା କଲେ ବରଂ ଅଧିକ ସତ୍ୟ ଉଦ୍‌ଘାଟନ ହେବ ।

ନୀଳକଣ୍ଠ ରାଷ୍ଟ୍ରୀୟତାବାଦୀ ଆଦର୍ଶରେ ପ୍ରାଣିତ ଏକ ଆଲୋଚକ ହେଲେହେଁ ତାଙ୍କୁ ଜାତି-ନିରପେକ୍ଷ ତଥା ସତ୍ୟ ଓ ଯୁକ୍ତି ଭିତ୍ତିକ ଆଲୋଚକ ରୂପେ ସ୍ୱୀକାର କରିବାକୁ ହେବ । ଏହି ଦୃଷ୍ଟିରୁ ସେ ଉଭୟ ରାଷ୍ଟ୍ରୀୟତା-ବାଦୀ ( Nationalistic ) ତଥା ସାର୍ବଜନୀନ ( Universal ) ଆଲୋଚନା କରିଛନ୍ତି । ଯଦି ସେ କେବଳ ରାଷ୍ଟ୍ରୀୟତାବାଦୀ ଆଲୋଚକ ହୋଇଥାନ୍ତେ ତେବେ ତାଙ୍କ ଆଲୋଚନା ଏକ ଦେଶଦର୍ଶୀ ହୋଇଥାନ୍ତା । କିନ୍ତୁ ଓଡ଼ିଆ ସଂସ୍କୃତିର ଆଲୋଚନା ପରିପ୍ରେକ୍ଷୀରେ ଭାରତ ତଥା ବିଶ୍ୱ ସଂସ୍କୃତିର ସମାକଳନ ଓ 'ବିଶ୍ୱ ସଂସ୍କୃତିକୁ ଓଡ଼ିଶାର ଦାନ' ପରି ଉଦାରବାଦୀ ତଥା ମାନବବାଦୀ ଦୃଷ୍ଟିବୋଧର ସଂକେତ ତାଙ୍କ ରଚନାରେ ଯେହେତୁ

ରହିଛି, ତାଙ୍କୁ ଆମେ ଜଣେ ପୁରେଦୃଷ୍ଟି ସଂପନ୍ନ ବିଶ୍ୱ ଏକ–ପ୍ରାଣତାର ପୁରୋଧା ରୂପେ ଉପଲବ୍ଧି କରୁଁ । ପ୍ରଶ୍ନ ଉଠିପାରେ, ନୀଳକଣ୍ଠ ବଙ୍ଗୀୟ ସଂସ୍କୃତି ପ୍ରତି ଅନୁଦାର ଥିଲେ । ଏହା ସତ୍ୟ । ଜଣେ ସାଂସ୍କୃତିକ-ବିଜ୍ଞାନୀ ବିଶେଷତଃ ସାମାଜିକ ଓ ସାଂସ୍କୃତିକ ପଟ୍ଟଭୂମିରୁ ଗୋଟିଏ ସାଂସ୍କୃତିକ ଅଞ୍ଚଳ ( culture area )ର କ୍ରିୟା ଓ ବିଚାର ଅନ୍ୟ ଏକ ସଂସ୍କୃତିର କ୍ରିୟା ଓ ବିଚାରଠାରୁ ଭିନ୍ନତା ଦେଖିଥାଏ । ଗୋଟିଏ ଅଞ୍ଚଳର ସାଂସ୍କୃତିକ କ୍ରିୟା ଅନ୍ୟ ଏକ ସଂସ୍କୃତି ଦ୍ୱାରା ପ୍ରତିକ୍ରିୟା ରୂପେ ପ୍ରକାଶିତ ହୋଇଥାଏ । ଏହି ଦୃଷ୍ଟିରୁ ଉତ୍କର୍ଷ-ଅପକର୍ଷ ବିଚାର ବାଞ୍ଛନୀୟ । ଓଡ଼ିଶାର ରାଜନୈତିକ ଇତିହାସରେ ବଙ୍ଗୀୟ ଧର୍ମଧାରାର ପ୍ରଭାବରେ ଓଡ଼ିଆ ପରି ଏକ ବୀର ଜାତିର କ୍ଲୀବତ୍ୱ ବୋଧରେ କ୍ଷୁବ୍ଧ ହୋଇ ହେଉ, କିମ୍ବା ଓଡ଼ିଶାକୁ ଏକ ବିଜେତା ବା ଶାସକ ମନୋଭାବ ନେଇ ହୀନମନ୍ୟ ରୂପେ ଦେଖି ଆସୁଥିବାର ପ୍ରତିକ୍ରିୟା ରୂପେ ହେଉ, ନୀଳକଣ୍ଠ ଆଦୌ ସେମାନଙ୍କୁ ସହିପାରୁ ନଥିଲେ । କିନ୍ତୁ ବିନା ଯୁକ୍ତି କିମ୍ବା ବିନା ଲୋକସିଦ୍ଧ ଓ ଶାସ୍ତ୍ର ସିଦ୍ଧ ପ୍ରମାଣରେ ସେ କେବେହେଲେ କୌଣସି ସଂସ୍କୃତିକୁ ଉପେକ୍ଷା କରି ନାହାନ୍ତି ।

ଏହି ଦୃଷ୍ଟିରୁ ସେ ଉଭୟ ରାଷ୍ଟ୍ରୀୟତାବାଦୀ ଓ ଜାତି ନିରପେକ୍ଷତା ଉଭୟ ମତବାଦର ସମନ୍ୱୟ ସ୍ଥାପନ କରି ସାହିତ୍ୟ ଗବେଷଣା କରିଥିଲେ ବୋଲି ଉପଲବ୍ଧ ହୁଏ ।



## ତୃତୀୟ ଅଧ୍ୟାୟ

# ନୀଳକଣ୍ଠଙ୍କ ଲୋକସଂସ୍କୃତି ଚର୍ଚ୍ଚାର ପ୍ରେରଣା ଓ ପୃଷ୍ଠଭୂମି

ଓଡ଼ିଆ ଲୋକ ଜୀବନ ଓ ଲୋକସଂସ୍କୃତିର ଜାଗରଣ ପାଇଁ ବିଂଶ ଶତାବ୍ଦୀର ଆଦ୍ୟ ପାଦରେ ସତ୍ୟବାଦୀ ଗୋଷ୍ଠୀଙ୍କ ଭୂମିକା ଅତୁଳନୀୟ । ପଣ୍ଡିତ ଗୋପବନ୍ଧୁ ଓଡ଼ିଆ ଜାତିର ସର୍ବାଙ୍ଗୀନ ଉନ୍ନତିକଳ୍ପେ ସମାଜ ସେବା ଓ ତଦର୍ଥେ ସାହିତ୍ୟ ସୃଷ୍ଟି ପାଇଁ ପ୍ରଥମେ ଅଭିପ୍ରେରିତ ହୋଇ ଥିଲେ । ଭାରତୀୟ ବୈଦିକ ପରମ୍ପରାର ଶାଶ୍ୱତ ମୂଲ୍ୟବୋଧର ନବୀକରଣ ଓ ପୁନରୁଜ୍ଜୀବନ କରି ସମାଜକୁ ସାର୍ଥକ କରିବା ଗୋପବନ୍ଧୁଙ୍କ ଆଦର୍ଶ ଥିଲା । ଓଡ଼ିଆ ସଂସ୍କୃତିର ମୂଳ ରୂପେ ସେ ତେଣୁ ପାରମ୍ପରିକ ଲୋକ ସଂସ୍କୃତି ଓ ଲୋକଜୀବନକୁ ବିଶେଷ ଦୃଷ୍ଟିପାତ କରିଥିଲେ । ସେ କହିଥିଲେ—

"ସମାଜରେ କେତେକ ଉଚ୍ଚ ଶ୍ରେଣୀର ଲୋକଙ୍କୁ ହିଁ ସମଗ୍ର ଜାତି ବୁଝାଉଥିଲେ ଲୌକିକ ସାହିତ୍ୟର ପ୍ରୟୋଜନ ହୁଅନ୍ତା ନାହିଁ । × × × ଅଶିକ୍ଷିତ ବା ଅର୍ଦ୍ଧଶିକ୍ଷିତ ଅସଂଖ୍ୟ ଜନସାଧାରଣ ହିଁ ଜାତିର ଗଣ୍ଡି । ଉଚ୍ଚ ଶ୍ରେଣୀର କେତେକ ଶିକ୍ଷିତ ଲୋକେ ଜାତିର ମସ୍ତିଷ୍କ ହୋଇ ପାରନ୍ତି । ମାତ୍ର ଏହି ସାଧାରଣଙ୍କ ମଧ୍ୟରେ ଜାତିର ହୃଦୟ, ଜାତିର ଆତ୍ମାର ସ୍ଥାନ ଅଛି । ସେମାନଙ୍କ ପ୍ରାଣରେ ସୌନ୍ଦର୍ଯ୍ୟ ଗ୍ରହଣର ପିପାସା ଅଛି । ଆହ୍ଲାଦ ଆମୋଦର ପ୍ରବୃତ୍ତି ଅଛି । ଉନ୍ନତିର ଆକାଂକ୍ଷା ଅଛି । ଏହି ଆକାଂକ୍ଷା ଓ ପ୍ରବୃତ୍ତି ସକଳର ତୃପ୍ତି ନିମନ୍ତେ ସେମାନେ ସାହିତ୍ୟ ଲୋଡ଼ନ୍ତି । ଉପଯୋଗୀ ସାହିତ୍ୟ ନ ପାଇଲେ ସେମାନଙ୍କର ଭାବ ସକଳ ମରିଯିବ । ଆମ୍ଭମାନଙ୍କୁ

ପୁରାତନର ପୁନରୁଦ୍ଧାର ଏବଂ ନୂତନର ଅବତାରଣା କରି ଯଥୋଚିତ ଜାତୀୟ ସାହିତ୍ୟ ଗଢ଼ିବାକୁ ହେବ । (୧)

ଗୋପବନ୍ଧୁଙ୍କର ଲୌକିକ ସାହିତ୍ୟ ସର୍ଜନା ପୃଷ୍ଠଭୂମିର ଓଡ଼ିଆ ଲୋକ-ସାହିତ୍ୟ ଓ ସଂସ୍କୃତିର ପୁନରୁଦ୍ଧାର ପ୍ରବୃତ୍ତି ରହିଥିଲା । ଓଡ଼ିଆ ସଂସ୍କୃତିର ଯଥାର୍ଥ ଅବବୋଧ ପାଇଁ ସେ ଲୌକିକ ସାହିତ୍ୟ ସଂଗ୍ରହ ଓ ସେହି ଭିତ୍ତି ଭୂମିରୁ ଲୋକଙ୍କ ରୁଚି ସମର୍ଥିତ ଲୌକିକ ସାହିତ୍ୟ ସର୍ଜନାର ଆବଶ୍ୟକତାକୁ ଗଭୀର ଭାବେ ଉପଲବ୍‌ଧି କରିଥିଲେ । ତେଣୁ ସତ୍ୟବାଦୀ ଗୋଷ୍ଠୀର ରଚନାରେ ଓଡ଼ିଶାର ଲୋକ କଥା, କିମ୍ବଦନ୍ତୀ, ସାମାଜିକ ଚଳଣି, ଧର୍ମ, ମନ୍ଦିରାଦି ଶିଳ୍ପ ଓ ସ୍ଥାପତ୍ୟ, ଇତିହାସ ତଥା ସାହିତ୍ୟ ଚର୍ଚ୍ଚାରେ ଉତ୍କଳୀୟ ସଂସ୍କୃତି ଓ ଭାବଚେତନାର ପୁଷ୍କଳ ପ୍ରକାଶ ପରିଲକ୍ଷିତ ହୁଏ ।

ଗୋପବନ୍ଧୁଙ୍କ ଧର୍ମପଦ, ଗୋଦାବରୀଶଙ୍କ ରାଲମାଧବ, କାଳିଜାଈ ପ୍ରଭୃତି କିମ୍ବଦନ୍ତୀ ଭିତ୍ତିକ ଗାଥା, କୃପାସିନ୍ଧୁଙ୍କ କୋଣାର୍କ ଓ ବାରବାଟୀ ସମ୍ପର୍କରେ ଐତିହାସିକ ଗବେଷଣା, କବି ନୀଳକଣ୍ଠଙ୍କ କୋଣାର୍କେ ଓ ଖାରବେଳ ଆଦି କାବ୍ୟ ସମେତ ତଦୀୟ ଉତ୍କଳୀୟ ସଂସ୍କୃତି ଆଲୋଚନା ଏହି ଆଦର୍ଶର ଫଳଶ୍ରୁତି । ଏଣୁ ସ୍ପଷ୍ଟ ହୁଏ ଯେ, ସତ୍ୟବାଦୀ ଗୋଷ୍ଠୀ କେବଳ ଓଡ଼ିଶାର ରାଜନୈତିକ ସ୍ୱାଧୀନତା ଓ ସ୍ୱାତନ୍ତ୍ର୍ୟ ଗ୍ରହୁଁ ନ ଥିଲେ, ସାଂସ୍କୃତିକ ଜାଗରଣ ପାଇଁ ମଧ୍ୟ ରଚନାତ୍ମକ ଓ ସର୍ଜନାତ୍ମକ କାର୍ଯ୍ୟରେ ବ୍ରତୀ ହୋଇ-ଥିଲେ । ତେଣୁ ସେମାନଙ୍କ ଜୀବନୀରେ, ଚିନ୍ତାରେ ଓ ସୃଷ୍ଟି କର୍ମରେ ରାଜନୈତିକ ଆନ୍ଦୋଳନ ସହିତ ସାଂସ୍କୃତିକ ପୁନରୁତ୍‌ଥାନର ସମନ୍ୱୟ ସାଧିତ ହୋଇଥିଲା । କହିବା ବାହୁଲ୍ୟ, ଏହି ପୃଷ୍ଠ ଭୂମିରୁ ହିଁ ନୀଳକଣ୍ଠଙ୍କ ଓଡ଼ିଆ ଲୋକସଂସ୍କୃତି ଚର୍ଚ୍ଚାର ମୂଳଦୁଆ ପଡ଼ିଥିଲା ।

ଶୈଶବରୁ ଆର୍ଯ୍ୟ, ଶବର, କନ୍ଧ, ସମେତ ନାନା କର୍ମକାର ଜାତି ପ୍ରଜାତିର ସହାବସ୍ଥାନ ଭୂମି ନିଜ ପଲ୍ଲୀ ଗ୍ରାମର ପାରମ୍ପରିକ ଜୀବନ ଓ ଚଳଣି, ଧର୍ମାଗ୍ରହ ଓ ଦେବାଦେବୀ, ସାମାଜିକ ତଥା ପାରିବାରିକ ଜୀବନ ନୀଳକଣ୍ଠଙ୍କ ଅବଚେତନ ମନରେ ଅଲକ୍ଷ୍ୟରେ ପ୍ରଭାବ ବିସ୍ତାର କରି ରହିଥିଲା । ନିଜେ ଜାତୀୟତା ବୋଧରେ ଦୀକ୍ଷିତ ହେବା ତଥା ଅପର

---

୧ । ଦାସ, ଗୋପବନ୍ଧୁ, ସତ୍ୟବାଦୀ, ତୃତୀୟ ଖଣ୍ଡ, ୩-୪ର୍ଥ ସଂଖ୍ୟା ।



ପକ୍ଷରେ ଓଡ଼ିଆ ସଂସ୍କୃତି ଓ ସାହିତ୍ୟର ମୌଳିକ ରୂପ ଆବିଷ୍କାର କରିବା କ୍ଷେତ୍ରରେ ନିଜ ପଲ୍ଲୀଗ୍ରାମର ସାଂସ୍କୃତିକ ଅବବୋଧକୁ ଓଡ଼ିଶା ତଥା ଭାରତୀୟ ଗ୍ରାମ୍ୟ ସଂସ୍କୃତିର ପରିପ୍ରେକ୍ଷୀରେ ସାର୍ବଜନୀନ ରୂପେ ଦେଖିବା ଓ ବ୍ୟକ୍ତିବୋଧର ଉପଲବ୍‌ଧି ବିଶ୍ୱବୋଧ ପର୍ଯ୍ୟନ୍ତ ସଂପ୍ରସାରିତ ବିଶ୍ୱ ଦୃଷ୍ଟିରେ ନିରୀକ୍ଷଣ କରିବା ପ୍ରକ୍ରିୟା ନୀଳକଣ୍ଠଙ୍କ ଶୈଶବ ଜୀବନରୁ ଅଙ୍କୁର ରୂପେ ସଂଗୋପିତ ହୋଇ ରହିଥିଲା । ଉତ୍ତର ବୟସରେ ସେହି ଅଙ୍କୁର ବିରାଟ ଶାଖା ପ୍ରଶାଖା ବିଶିଷ୍ଟ ତରୁବର ରୂପେ ତାଙ୍କ ସୃଷ୍ଟି ଓ ସମୀକ୍ଷା କର୍ମରେ ପ୍ରକଟିତ ହୋଇଥିଲା ।

## ନୀଳକଣ୍ଠଙ୍କ ସଂସ୍କୃତି ଚର୍ଚ୍ଚାର ଆଦର୍ଶ ଓ ଆଭିମୁଖ୍ୟ :

ବିଶ୍ୱରେ ମାନବ ସଭ୍ୟତା ଓ ସଂସ୍କୃତିର ଆଦର୍ଶ ହେଉଛି ବ୍ୟକ୍ତି ତଥା ସମୂହର ମଙ୍ଗଳ କାମନା । ମାନବିକ ମୂଲ୍ୟବୋଧର ପ୍ରତିଷ୍ଠାପନ ପାଇଁ ବିଶ୍ୱ ମାନବ ଧର୍ମର ପରିକଳ୍ପନା । କିନ୍ତୁ ବିଶ୍ୱ ଇତିହାସରେ ଅନେକ କ୍ଷମତା ଲିପ୍‌ସୁ ସାମ୍ରାଜ୍ୟବାଦୀଙ୍କ ଦ୍ୱାରା ଅନେକ ମାନବ ଗୋଷ୍ଠୀର ସାଂସ୍କୃତିକ ପରିଚୟକୁ ନଷ୍ଟ କରାଯାଇଛି । ଧର୍ମ, ଭାଷା ଓ ପ୍ରଜାତିକ ସ୍ୱାତନ୍ତ୍ର୍ୟକୁ ଭିତ୍ତି କରି ବିଶ୍ୱରେ ଅନେକ ଯୁଦ୍ଧ ହୋଇଅଛି । କିନ୍ତୁ ସଂପ୍ରତି ଏହି ବିଜେତା ଓ ବିଜିତ ସମ୍ପର୍କ ଶେଷ ହୋଇ କ୍ରମଶଃ ମାନବର ସ୍ୱାଧୀନତା ଓ ସମତା ପାଇଁ ଯେଉଁ ପ୍ରବାହ ଉଠିଛି, ତାହା ବିଶ୍ୱର ଏକ କ୍ଷୁଦ୍ର ସଂପ୍ରଦାୟର ସାଂସ୍କୃତିକ ପରିଚୟକୁ ସୁଦ୍ଧା ଅକ୍ଷୁର୍ଣ୍ଣ ରଖିବାକୁ ଉନ୍ମୁଖ । ବିଜେତା ଦ୍ୱାରା ବିଜିତର ସାଂସ୍କୃତିକ ଗତିଧାରା ବ୍ୟାହତ ହେଲେ ସୁଦ୍ଧା ତାହା ପୂର୍ଣ୍ଣଭାବେ ଲୋପ ପାଇ ଯାଏ ନାହିଁ । ସମୟ ଓ ସୁଯୋଗ କ୍ରମେ ଏହାର ପୁନର୍ଜାଗରଣ ହୁଏ ।

ଓଡ଼ିଶାର ପୁନରଭ୍ୟୁତ୍‌ଥାନକୁ ଏହି ଦୃଷ୍ଟିରୁ ବିଚାର କରିବାକୁ ହେବ । ଓଡ଼ିଶା ୧୯୩୬ ମସିହାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ରୂପେ ଗଠିତ ହେଲା । ୧୯୪୭ରେ ଭାରତ ସ୍ୱାଧୀନ ହେଲା ପରେ ଓଡ଼ିଶା ଉଭୟ ପ୍ରାଦେଶିକ ଓ ବୈଦେଶିକ ଶାସନରୁ ମୁକ୍ତି ପାଇଲା । ବିଜେତାର ଆଦର୍ଶକୁ ଘେନି ନିଜ ଦେଶର ଶାସନ ଓ ସମାଜ ଗଢ଼ିଉଠେ ନାହିଁ । ତେଣୁ ନିଜ ସଂସ୍କୃତି ଓ ସମାଜର ଆଦର୍ଶକୁ ଗଢ଼ିବା ପାଇଁ ଭାରତୀୟ ଦାର୍ଶନିକ ଓ ଚିନ୍ତାନାୟକ

ମାନଙ୍କ ମହନୀୟ ଅବଦାନକୁ ଘେନି ରାଜନୈତିକ ଆଦର୍ଶ ଗଠିତ ହେବା ଦରକାର । ଭାରତ ତଥା ଓଡ଼ିଶା ପରିପ୍ରେକ୍ଷୀରେ ବ୍ୟକ୍ତି– ସମାଜ ସଂହତି ନେଇ ସଂସ୍କୃତିର ପୁନର୍ଜାଗରଣ କରିବା ପାଇଁ ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିଭଙ୍ଗୀ ଏଠାରେ ବିଚାର ଯୋଗ୍ୟ । ସେ କହିଥିଲେ–

"ପୃଥିବୀରେ ସମାଜ ସଙ୍ଗଠନରେ ନୂଆ ଚାହାଣି ଅର୍ଥାର୍ଥ, ଆଦର୍ଶ ଓ କ୍ରିୟାଶୀଳ– ସେଥିରେ ଭାଷା– ସାହିତ୍ୟକୁ ପୀଠ ରୂପେ ଧରି ସମାଜ ବିକାଶର ସ୍ୱାଧୀନତାର କଳନା କରାଯାଉଚି । × × × ଜାତି ଓ ସାମ୍ରାଜ୍ୟ ଭାବ ଭାବିତ ଜାତିସଂଘ ଏଇ ନୀତି ଧରି ପୂର୍ବ ମଧ୍ୟ ଇଉରୋପର ଜାତି ଓ ଦେଶ ବାର୍ଣ୍ଟିବାରେ ଭାଷା ଓ ଭାଷାଗତ ସାହିତ୍ୟ ସୂତ୍ରରେ ଦେଶ ଗଢିବାଟାକୁ ମୂଳ କରି ଧରିବାକୁ ଯାଇଥିଲେ । ସେଥିପାଇଁ କୌଣସି ଦେଶରେ ଅନ୍ୟ ଭାଷା ଓ ସାହିତ୍ୟ ଆଦରି ଥିବା ଜନତା ପାଇଁ ନାନା ବ୍ୟବସ୍ଥାମାନ ଘଟିଥିଲା । (୨)

ଭାରତରେ ପ୍ରତ୍ୟେକ ଅଞ୍ଚଳର ଭାଷା ଓ ସାହିତ୍ୟ ଭିତ୍ତିରେ ସ୍ୱତନ୍ତ୍ର ଓ ସ୍ୱଚ୍ଛନ୍ଦ ରହନ୍ତୁ ତଥା ସମସ୍ତ ଅଞ୍ଚଳରେ ଭାରତୀୟ ସଂସ୍କୃତିର ବ୍ୟାପ୍ତି ରହୁ, ଏହାହିଁ ବିଶ୍ୱପ୍ରକାଶର ଶୃଙ୍ଖଳା ବୋଲି ସେ ମତ ଦେଇଥିଲେ । ଏହି ଆଦର୍ଶକୁ ଭିତ୍ତି କରି ସେ ଓଡ଼ିଆ ସଂସ୍କୃତି, ଭାଷା ଓ ସାହିତ୍ୟର ଏକ ବୈଶିଷ୍ଟ୍ୟ ନିରୂପଣ ପାଇଁ ଏକ ରୂପରେଖ ପ୍ରସ୍ତୁତ କରିଥିଲେ । ଏଥିପାଇଁ ବିଶ୍ୱ ତଥା ଭାରତୀୟ ସଂସ୍କୃତିର ପ୍ରେକ୍ଷାପଟରେ ଉତ୍କଳୀୟ ସଂସ୍କୃତିର ସ୍ୱରୂପ ଓ ବୈଶିଷ୍ଟ୍ୟ ଅଧ୍ୟୟନ କରିଥିଲେ ।

ଭାରତୀୟ ସଂସ୍କୃତିର ଆଦର୍ଶ ହେଉଛି "ଏକରେ ବହୁ ଓ ବହୁରେ ଏକ" । ବୈଦିକ କାଳରୁ ବ୍ୟକ୍ତି-ସଂହତିର ବିଶ୍ୱ ଶୃଙ୍ଖଳା 'ଋତ' ବୋଲି ପରିଚିତ । (୩) ଏହି ସଂସ୍କୃତିର ବୈଶିଷ୍ଟ୍ୟ ବିବିଧତା ମଧ୍ୟରେ ଏକତା ( Unity in diversity ) । ଏହାର ସ୍ୱରୂପଟି ଏକ ହେଲେ ହେଁ ଆଞ୍ଚଳିକ ସ୍ୱରୂପଟି ଭିନ୍ନ ଭିନ୍ନ । ଭୌଗୋଳିକ ଓ ପ୍ରାକୃତିକ ବିଭିନ୍ନତା,

୨ । ଦାସ, ନୀଳକଣ୍ଠ, 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, (ଓ:ସା:କ୍ର:ପ:) ୧୯୭୭ ନିଉଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ– ପୃ ୪

୩ । ତତୈବ– ପୃ ୭



ପ୍ରଜାତିକ ବିବିଧତା, ଅରଣ୍ୟ ପର୍ବତବାସୀ ଜନଜାତି, ଗ୍ରାମୀଣ କୃଷିଭିତ୍ତିକ ସମାଜ ଓ ନଗର ସଭ୍ୟତା, ଧର୍ମ, ଭାଷା ଓ ଚଳଣିର ବୈଚିତ୍ର୍ୟକୁ ନେଇ ଭାରତୀୟ ସଂସ୍କୃତି ଗଠିତ । ଏହି ବିଭବମାନଙ୍କ ବିଶ୍ୱଜନୀନ (Vniversal) ଓ ଆଞ୍ଚଳିକ ( Parochial ) ଉପାଦାନରେ ଆଦାନ ପ୍ରଦାନରେ ଏହି ସଂସ୍କୃତି ପରିପୁଷ୍ଟ ।

ଭାରତୀୟ ସଂସ୍କୃତିର ଏହି ସାର୍ବଜନୀନ ଓ ଆଞ୍ଚଳିକ ରୂପାଦର୍ଶ ବର୍ତ୍ତମାନ ସମ୍ବିଧାନର କେନ୍ଦ୍ର–ରାଜ୍ୟ ସମ୍ପର୍କର ସମାନ୍ତରାଳ ଓ ସମପର୍ଯ୍ୟାୟ–ବାଚୀ । ରାଜ୍ୟ ଶାସନରେ ନିଜର ସ୍ୱାଧୀନତା ଓ ସ୍ୱଚ୍ଛନ୍ଦତା ରକ୍ଷା ସହିତ କେନ୍ଦ୍ର-ଶାସନର ଶୃଙ୍ଖଳାରେ ମଧ୍ୟ ନିଜର ସଂପୃକ୍ତି– ଏହି ସାଂସ୍କୃତିକ ଆଦର୍ଶ ଆମ ସମ୍ବିଧାନରେ ପ୍ରତିଫଳିତ । ସଂସ୍କୃତି ସମାଜର ମୂଲ୍ୟବୋଧର ଗତିଶୀଳ ଧାରା ପ୍ରବାହ । ଦେଶରେ ଶାସନ ଓ ସମ୍ବିଧାନର ଆଦର୍ଶ ସହିତ ସଂସ୍କୃତିର ସହାବସ୍ଥାନ ବାଞ୍ଛନୀୟ । ସଂସ୍କୃତିର ଏକ ଆତ୍ମୀକରଣ ଶକ୍ତି ରହିଛି । ଶାସନ ଭେଦରେ ଏହାର ଉତ୍‌ଥାନପତନ ହେଲେ ସୁଦ୍ଧା ଚିରଚରିତ ସମାଜରେ ଏହା ଏପରି ବଦ୍ଧମୂଳ ଯେ, ଏହା ଶତ ଘାତ ପ୍ରତିଘାତ ସତ୍ତ୍ୱେ ବଂଚି ରହେ । ସମୟାନୁକୂଳ ହେଲେ ଏହାର ପୁନରଭ୍ୟୁଦୟ ଘଟେ । ନୀଳକଣ୍ଠଙ୍କ ଭାଷାରେ–

"ଗଛର କେଉଁ ପତ୍ର ମନକୁ ପଚିଯାଏ ଅବା ଅକାଳରେ ଶୁଖି ଝଡିପଡ଼େ । ଗଛର ସେଥିରେ ସାମୟିକ କ୍ଷତି ବି ହୁଏ, ମାତ୍ର ବ୍ୟକ୍ତି ହିସାବରେ ଗଛର ସେଥିରେ ହାନି ହୁଏ ନାଇଁ ।" (୪) ଅର୍ଥାତ୍ ସମାଜରେ ଶାସନର ଉତ୍‌ଥାନ ପତନ ଓ ଜୟ ପରାଜୟ ସତ୍ତ୍ୱେ ସଂସ୍କୃତିର ମୂଳ ବଞ୍ଚି ରହିଥାଏ । ଗୋଟିଏ ଦେଶ କିମ୍ବା ଜାତିର ଆତ୍ମ ପରିଚୟ ଅତୀତରେ ବିଡମ୍ବିତ ହୋଇ ଥିଲେ ସୁଦ୍ଧା ସମୟ ଅନୁକୂଳ ହେଲେ ଏହାର ସ୍ୱାଭାବିକ ପ୍ରଗତି ଘଟେ ।

ବ୍ୟକ୍ତିର ନିଜ ଦେଶ ତଥା ବିଶ୍ୱୋପଲବ୍ଧିର ପାଇଁ ସାଂସ୍କୃତିକ ମୂଲ୍ୟ-ବୋଧର ଅନୁସନ୍ଧାନ କରିବା ଏକାନ୍ତ ଆବଶ୍ୟକ । ସମଗ୍ର ମାନବ ଜାତିର ପରିପ୍ରେକ୍ଷୀରେ ନିଜ ଜାତି ଓ ଦେଶର ଭୂମିକା ସ୍ଥିର କରିବା ଆହୁରି

୪ । ତତୈବ ପୃ ୭

ଗମ୍ଭୀର ବିଷୟ । ନିଜ ସାଂସ୍କୃତିକ ମୂଲ୍ୟବୋଧକୁ ନିଜ ସାମାଜିକ ଆଦର୍ଶ ସହିତ ସମୀକରଣ କରିବା ବା ଅନ୍ୟ କଥାରେ ବର୍ତ୍ତମାନକୁ ଅତୀତର ମୂଲ୍ୟବୋଧରେ ପରିପୁଷ୍ଟ କରିବା ଦ୍ୱାରା ଆମେ ଜାତୀୟ ସଂସ୍କୃତିଠାରୁ ବିଚ୍ଛିନ୍ନ ନୋହୁଁ । ଏକଥା ନୀଳକଣ୍ଠ ଗୁରୁତ୍ୱ ସହ ବିଚାର କରିଥିଲେ । ସେ କହିଥିଲେ—

"ପୃଥିବୀରେ ଆଜି ସମାଜ ଗଠନର ଆଦର୍ଶ ଯାହା ହୋଇଚି, ସେଇ ଦୃଷ୍ଟିରେ ଆମ ସାହିତ୍ୟର ଆଲୋଚନା କରିବାକୁ ହେବ । ସେଇ ମାପରେ ତା' ଅତୀତର ଇତିହାସ ଫେଡ଼ି ଦେଖିବାକୁ ହେବ । ( ପୃ ୧୦-୧୧ ) × × × ଆମ ସାହିତ୍ୟର ବିକାଶଧାରା ଧରି ତାକୁ ଯଥାର୍ଥ ଆହରଣରେ ପୁଷ୍ଟ ଓ ଆତ୍ମଦାନରେ ବିଶ୍ୱସେବା କରିବାକୁ ହେବ । (୫)

ଭାଷା ଭିତ୍ତିରେ ପ୍ରଦେଶଗଠନକୁ ମୂଳ କରି ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହୋଇପାରିଥିଲା । ତଥାପି ଅନେକ ଅଞ୍ଚଳ ଭାଷା ଓ ସଂସ୍କୃତିରେ ଓଡ଼ିଆ ଥାଇ ଓଡ଼ିଶା ବାହାରେ ରହିଯାଇଛି । ପୃଥିବୀର ଅନେକ ଛୋଟ ବଡ଼ ଭୂଖଣ୍ଡ ଭାଷା ଭିତ୍ତିରେ ରାଷ୍ଟ୍ର ଗଠନର ପରିକଳ୍ପନା କରି ଛୋଟ ହେଲେ ବି ନିଜ ନିଜ ସାଂସ୍କୃତିକ ସ୍ୱାତନ୍ତ୍ର୍ୟ ବଜାୟ ରଖିଛନ୍ତି । ଓଡିଶାର ନବଜାଗରଣ ପାଇଁ ପଣ୍ଡିତ ନୀଳକଣ୍ଠ ତେଣୁ ଆଣିବାକୁ ଚାହିଁଥିଲେ ଓଡ଼ିଆର ଆତ୍ମ ଅବବୋଧ-ଶୀଳତା ତଥା ଜାତୀୟ ଭାବର ଜାଗରଣ ପାଇଁ ପ୍ରବଣତା । ସେ କହିଥିଲେ—

"ନିର୍ଦ୍ଦିଷ୍ଟ ଭୂମିଖଣ୍ଡରେ ନିବଦ୍ଧ ଭାଷାର ସମାଜ ଓ ସାହିତ୍ୟର ମୂଳ—ସେଇ ଭିତ୍ତିରେ ଅର୍ଥନୀତି ଓ ରାଷ୍ଟ୍ରନୀତି ଫୁଟାଇବା ସମାଜ ବିକାଶର ସ୍ୱାଭାବିକ ଧାରା । × × × × ଐତିହାସିକ, ଆର୍ଥିକ ଓ ରାଜନୈତିକ କାରଣରୁ ଓଡ଼ିଆ ସାହିତ୍ୟର ସେ ଦରକାର ଆଜି ପୁଣି ଖୁବ୍ ପଡ଼ିଚି ।"(୬)

ଜଣେ ସୁଦକ୍ଷ—ପୁରୋଦୃଷ୍ଟି ସମ୍ପନ୍ନ ରାଷ୍ଟ୍ରୀୟ ବ୍ୟବସ୍ଥାପକ ରୂପେ ତଥା ଜଣେ ସଂସ୍କୃତିବିତ୍ ରୂପେ ଜାତୀୟ ପୁନରୁତ୍ଥାନ ପାଇଁ ସେ ଆର୍ଥିକ—

୫ । ତତ୍ରୈବ— ପୃ ୧୦-୧୧ ଓ ପୃ ୨୨

୬ । ତତ୍ରୈବ— ପୃ ୧୦—୧୧



ସାମାଜିକ ପ୍ରଗତି ପାଇଁ ଯୋଜନା ପ୍ରଣୟନର ସମତୁଳନାରେ ସାଂସ୍କୃତିକ ଆଦର୍ଶ ଓ ଅବବୋଧର ସମନ୍ୱୟ ସ୍ଥାପନ ପାଇଁ ବରାବର ଚେଷ୍ଟିତଥିଲେ । ଏଥିପାଇଁ ଭାରତୀୟ ପରଂପରା ଓ ସଂସ୍କୃତି ସାଂପ୍ରତିକ ସମ୍ବିଧାନର ସାମ୍ୟ-ବାଦ ଗଣତନ୍ତ୍ର ଓ ଧର୍ମନିରପେକ୍ଷ ଆଦର୍ଶକୁ ସଫଳ କରିବାରେ କେତେ ପରିପୂରକ ଓ ସହାୟକ ହେବ ତାହା ସେ ନିଜର ବିଶ୍ଲେଷଣାତ୍ମକ ଦୃଷ୍ଟିଭଙ୍ଗୀ ଦ୍ୱାରା ନିରୂପିତ କରିଛନ୍ତି । ଶାସନର ଆଦର୍ଶ ଓ ଆଭିମୁଖ୍ୟକୁ ଯେଉଁ ସଂସ୍କୃତି ଚିନ୍ତା ଓ କର୍ମରେ ସାକାର ରୂପ ଦିଏ ସେଇ ତତ୍ତ୍ୱର ସେ ଆବିଷ୍କାର କରିଛନ୍ତି । ସଂସ୍କୃତି ଓ ଐତିହ୍ୟ ମଧ୍ୟରୁ ଚଳନ୍ତି ସମାଜର ଆଦର୍ଶକୁ ଅଭିପ୍ରେରିତ କରିବାର ଉପାଦାନ ଖୋଜି ଜାତିମାନସରେ ସାଂସ୍କୃତିକ ନିରବଚ୍ଛିନ୍ନତା ରକ୍ଷା କରିବା ପାଇଁ ସେ ଚିନ୍ତା କରିଛନ୍ତି । ଏହା କରିବା ଫଳରେ ସେ ସଂସ୍କୃତିର ପ୍ରୟୋଗ କରି ସମାଜକୁ ଶୃଙ୍ଖଳିତ କରିବାକୁ ଚାହିଁଛନ୍ତି । ଓଡ଼ିଶାର ସଂସ୍କୃତି ଭାରତର ଏହି ଗଣତନ୍ତ୍ର, ଧର୍ମନିରପେକ୍ଷତା ଓ ସାମ୍ୟବାଦକୁ କିପରି ନିଜ ପରଂପରାର ଜଗନ୍ନାଥ ଧର୍ମ ମଧ୍ୟରେ ବହୁଦିନରୁ ସାମାଜିକ ଆଦର୍ଶ ରୂପେ ପାଳନ କରି ଆସିଛି, ତାହାର ଏକ ସ୍ପଷ୍ଟ ଚିତ୍ର ସେ ତାଙ୍କ ସମୀକ୍ଷାରେ ଲିପିବଦ୍ଧ କରିଛନ୍ତି । ଓଡ଼ିଆ ସଂସ୍କୃତିର ମହତ୍ୱ ଏହି ଦୃଷ୍ଟିରୁ ଭାରତରେ ତଥା ବିଶ୍ୱ ପରିପ୍ରେକ୍ଷୀରେ ସେ ପ୍ରତିଷ୍ଠା କରି ପାରିଛନ୍ତି ।

## ନୀଳକଂଠଂକ ସଂସ୍କୃତି ଚର୍ଚ୍ଚାର ପରିମାପକ :

ନୀଳକଂଠଂକ ସଂସ୍କୃତି ଓ ସାହିତ୍ୟର ପରିମାପକ ହେଉଛି ଚାହାଣି, ଚଳଣି ଓ ଚମକ । ଏହା ପରଂପରା, ପରିସ୍ଥିତି ଓ ପୁରୋଦୃଷ୍ଟି । ଅତୀତର ପରଂପରା ସହିତ ବର୍ତ୍ତମାନର ପରିସ୍ଥିତିର ସଂଯୋଗରେ ଭବିଷ୍ୟତର କଳ୍ପନା ଏହି ଚର୍ଚ୍ଚାର ନିୟାମକ ।

**ଚାହାଣି :**— ଚାହାଣି ବା ପରଂପରା ସଂସ୍କୃତି ଚର୍ଚ୍ଚାର ମୂଳଭିତ୍ତି । ଇତିହାସ, ପ୍ରତ୍ନତତ୍ତ୍ୱ ଆଦି ଅତୀତକାଳରୁ କ୍ରମବିକଶିତ ମାନବ ସଭ୍ୟତାର ଦର୍ଶନ ଓ ଦୃଷ୍ଟିଭଙ୍ଗୀ, ତତ୍ତ୍ୱକଥା ଓ ଆବିଷ୍କାର ସଂପର୍କରେ ଧାରଣା ଦିଏ । ନୀଳକଂଠଙ୍କ ମତରେ ଏସବୁ ଚାହାଣି । ତାଙ୍କ ଭାଷାରେ—

"ଚାହାଣିର ପୀଠରେ ସବୁ ସାହିତ୍ୟର ପ୍ରକାଶ ପାଏ । ସେଇ ମେରୁଦଣ୍ଡ ଓ କଙ୍କାଳ ଧରି ଜୀବନ୍ତ ବ୍ୟକ୍ତି ପରି ତା ବଢ଼େ । ଏହାର

ପାରଂପରିକତା ନଷ୍ଟ ହେଲେ ପରିଣାମର କ୍ରମ ନଷ୍ଟ ହୋଇ ବ୍ୟକ୍ତିତ୍ୱ ନଷ୍ଟ ହୋଇ ନୂତନ ବ୍ୟକ୍ତିତ୍ୱ ଫୁଟେ ।" (୭)

ରହଣି ପୁଣି ଅଲୌକିକ ଓ ଆତ୍ମିକ । ତାଙ୍କର ଏହି ପରିଭାଷାରୁ ଜଣାଯାଏ ଏହା ଐତିହ୍ୟ ସହିତ ସଂପର୍କିତ । ରହଣି ମାନବ ସମାଜର ସାଂସ୍କୃତିକ ଐତିହ୍ୟ ଓ ପରଂପରାର ସକଳ ବିଭବକୁ ଧରି ରଖେ ।

**ଚଳଣି :**

"ସମାଜରେ ଆଦାନ ପ୍ରଦାନ ଘଟିତ ସମସ୍ତ ବ୍ୟବହାର ସମେତ ପ୍ରୟୋଜନର ସୃଷ୍ଟି ତଥା କଳାର ସୃଷ୍ଟି" (୮) ଚଳଣିର ଅନ୍ତର୍ଗତ । ଏହା ମାନବ ସମାଜର ଜୈବିକ, ଆର୍ଥିକ–କାରିଗରୀ ଭିତ୍ତିକ, ଆଦର୍ଶ ଭିତ୍ତିକ ଓ ସର୍ଜନାତ୍ମକ କଳାର ସମାହାରକ । ସମାଜର ପ୍ରୟୋଜନ ଅନୁସାରେ ଏହି ବସ୍ତୁ ବ୍ୟବହାର, ଆଦର୍ଶ ବା କଳା ସୃଷ୍ଟିର ଏକ ଚିରନ୍ତନ ପ୍ରକ୍ରିୟା ରହିଛି । ବ୍ୟାପକ ଭାବେ ଏହା ସମାଜର ପ୍ରଚଳିତ ସମସ୍ତ ନିତ୍ୟ ଉଦ୍‌ଭବନକୁ ଧରି ରଖେ । ବର୍ତ୍ତମାନ ସହିତ ଏହାର ସଂପର୍କ ନିବିଡ଼ । ପୁଣି ରହଣି ଚଳଣିର ପ୍ରକୃତି ଓ ପ୍ରକାର ନିର୍ଦ୍ଦେଶ କରିଥାଏ ବୋଲି ସେ ଯେହେତୁ କହିଛନ୍ତି, ଇତିହାସ ଓ ପରଂପରାଠାରୁ ବର୍ତ୍ତମାନ ସମାଜ ଶିକ୍ଷା ପାଇଥାଏ ବୋଲି ସ୍ପଷ୍ଟ ହୁଏ । ବର୍ତ୍ତମାନର ବ୍ୟବହାର ଓ ଚଳଣିରେ ଅତୀତର ପ୍ରଭାବ ଅଦୃଶ୍ୟ ରୂପେ ରହିବା ସ୍ୱାଭାବିକ । ତେଣୁ ଚଳଣି (customs) ବର୍ତ୍ତମାନ ମାନବ ସମାଜର ପ୍ରଚଳିତ କ୍ରିୟା ଓ ଆଦର୍ଶ ତଥା ସାମାଜିକ ବ୍ୟବହାର ଅନ୍ତର୍ଗତ ।

**ଚମକ :**

"ରହଣି ଓ ଚଳଣି ଶରୀର ହେଲେ ଚମକ ତା'ର ପ୍ରାଣ" । (୯) ଶରୀରର କ୍ରମ ପରିବର୍ତ୍ତନ ହେଲେ ସୁଦ୍ଧା ଆତ୍ମା ଅବିନଶ୍ୱର ପରି ଚମକ ନିତ୍ୟ ପ୍ରକାଶମୟ । ପରଂପରା ଓ ପରିସ୍ଥିତିର ନିର୍ଯ୍ୟାସ ପୁରୋଦୃଷ୍ଟି । ପରଂପରା ଓ ପ୍ରଚଳିତ ସମାଜର ଶାଶ୍ୱତ ଓ ଅକ୍ଷୟ ମୂଲ୍ୟବୋଧ ହିଁ ଚମକ । ଇତିହାସ ଓ ପ୍ରଚଳିତ ସମାଜର କ୍ରମବିବର୍ତ୍ତନ ହେଉଥିଲେ ସୁଦ୍ଧା କଳା-ସାହିତ୍ୟ ଓ ପ୍ରତୀକ ଆଦିରେ ଚମକର ସନାତନତ୍ୱ ଅକ୍ଷୁର୍ଣ୍ଣ ରହେ । ଏହି

୭ । ତତ୍ରୈବ–ପୃ-୨

୮ । "

୯ । "



ଚମକ ବା ପୁରୋଦୃଷ୍ଟି କାଳରେ ଭବିଷ୍ୟତ ସମାଜର ଆଦର୍ଶ ନିୟନ୍ତ୍ରିତ ହୁଏ ।

ଉପରୋକ୍ତ ଦୃଷ୍ଟିରୁ ପଣ୍ଡିତ ନୀଳକଂଠଙ୍କ ଆଲୋଚନାର ସୂତ୍ର ଧରି ହୁଏ । ମାନବ ସଭ୍ୟତାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଅଧ୍ୟୟନ କଲାବେଳେ ସେ ଚଳଣି ବା ପରଂପରା ପାଇଁ ଇତିହାସ, ପ୍ରତ୍ନତତ୍ତ୍ୱ, ଚଳଣି ବା ପରିସ୍ଥିତି ଅଧ୍ୟୟନ ପାଇଁ ଗୋଷ୍ଠୀ ବିଜ୍ଞାନ (ethnology) ଓ ମାନବବିଜ୍ଞାନ (anthropology), ଭାଷାବିଜ୍ଞାନ (Linguistics) ଓ ଲୋକ ବିଦ୍ୟା (Folklore) ତଥା ସାହିତ୍ୟ, କଳା ଆଦିରେ ସେହି ପରଂପରାର ଚମକ ଖୋଜିବା ପାଇଁ ପ୍ରଯତ୍ନଶୀଳ ହୋଇଛନ୍ତି । ବର୍ତ୍ତମାନକୁ ଅତୀତର ପୃଷ୍ଠପଟରୁ ତଥା ଅତୀତକୁ ବର୍ତ୍ତମାନ ସମାଜର ଚଳଣି ଓ ପ୍ରଥା ମଧ୍ୟରୁ ବିଶ୍ଳେଷଣ କରିବା ପ୍ରକ୍ରିୟା ତାଙ୍କ ମୌଳିକ ଦୃଷ୍ଟିର ପରିଚାୟକ । ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ଅଧ୍ୟୟନ ପାଇଁ ତାଙ୍କ ବିଷୟ ଶୃଙ୍ଖଳାର ବ୍ୟାପକତାକୁ ଗ୍ରହଣ କରିବା ଜଣେ ଗବେଷକ ପକ୍ଷରେ ଆୟାସ–ସାଧ୍ୟ ବ୍ୟାପାର ନିଶ୍ଚୟ ନୁହେଁ । ଏହି ଦୃଷ୍ଟିରୁ ତାଙ୍କ ଆଲୋଚନାର ମାର୍ଗ ସ୍ୱତନ୍ତ୍ର ଓ ମୌଳିକ ।

## ନୀଳକଂଠଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟ ଚର୍ଚ୍ଚାର ଧାରା :

ପଣ୍ଡିତ ନୀଳକଂଠଙ୍କ ପୂର୍ବରୁ ଓଡ଼ିଆ ସଂସ୍କୃତି; ଭାଷା ଓ ସାହିତ୍ୟର ଏକ ଶୃଙ୍ଖଳିତ ଓ ବିଜ୍ଞାନ ଭିତ୍ତିକ ବିଶ୍ଳେଷଣର ସୂତ୍ରପାତ ହୋଇନଥିଲା । ଇତିପୂର୍ବରୁ ଓଡ଼ିଆ ଭାଷା ଓ ସାହିତ୍ୟର ଗବେଷଣା ଥିଲା ବର୍ଣ୍ଣନାତ୍ମକ । ସଂଗ୍ରହ ଓ ସଂପାଦନାରେ ଯେତିକି ଆଗ୍ରହ ଥିଲା ବିଶ୍ଳେଷଣାତ୍ମକ ଅଧ୍ୟୟନ ପାଇଁ ସେତିକି ପ୍ରବଣତା ସୃଷ୍ଟି ହୋଇନଥିଲା । ପଣ୍ଡିତ ନୀଳକଂଠ ହିଁ ପ୍ରଥମେ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ପୁସ୍ତକରେ ଓଡ଼ିଆ ସାହିତ୍ୟର ଆନ୍ତଃବିଦ୍ୟା ଭିତ୍ତିକ ଓ ଶୃଙ୍ଖଳିତ ଅଧ୍ୟୟନର ଶ୍ରୀଗଣେଶ କଲେ । ଏଥିପାଇଁ ସେ ସାହିତ୍ୟକୁ ଇତିହାସ, ଧର୍ମ, ମାନବବିଜ୍ଞାନ, ସମାଜ ବିଜ୍ଞାନ, ରାଜନୀତି, ଭାଷା, ଶିକ୍ଷା, ଲୋକତତ୍ତ୍ୱ ଓ ପ୍ରଥା, ପ୍ରଜାତିତତ୍ତ୍ୱ, ନୃତ୍ୟ ଓ ନାଟ୍ୟ ଲୋକ-ସଙ୍ଗୀତ ଓ ଲୋକସାହିତ୍ୟ ତଥା ଶିଳ୍ପକଳା ଆଦିର ଅବଲମ୍ବନରେ ଅନୁଶୀଳନ କରିଥିଲେ । ତାଙ୍କ ବିଶ୍ଳେଷକ ପ୍ରକ୍ରିୟା ସତ୍ୟ ଓ ଯୁକ୍ତି ଭିତ୍ତିକ ଥିଲା । ତାଙ୍କ

ଅଧ୍ୟୟନ ଓଡ଼ିଆ ସାହିତ୍ୟର କାଳାନୁକ୍ରମିକ (Diachromic) ଅଧ୍ୟୟନ ଥିଲା ବୋଲି ତାଙ୍କ ପୁସ୍ତକର ନାମକରଣରୁ ହିଁ ସ୍ପଷ୍ଟ ହୁଏ ।

ପଣ୍ଡିତ ନୀଳକଂଠଙ୍କ ସଂସ୍କୃତି ଚର୍ଚ୍ଚାର ସାଧାରଣ (general) ଅଧ୍ୟୟନ ତଥା ଲୋକସଂସ୍କୃତି ଚର୍ଚ୍ଚାର ବିଶେଷ ଆକଳନ ଏହି ଅଧ୍ୟୟନର ଉଦ୍ଦେଶ୍ୟ । ତାଙ୍କର ଏହି ଅଧ୍ୟୟନର ସ୍ୱରୂପ ଓ ସାମଗ୍ରୀ ସଂପର୍କରେ ଥିବା ପୂର୍ବ ଧାରଣାକୁ ତାଙ୍କ ବିଷୟ ପ୍ରବେଶର ଚାବିକାଠି ବୋଲି ଧରାଯାଇପାରେ ।

## ନୀଳକଂଠଙ୍କ ବହୁଶାସ୍ତ୍ର ଦର୍ଶିତା :

ସେ ଜଣେ ପ୍ରାଚ୍ୟ ବିଦ୍ୟାବିତ୍ ରୂପେ ସଂସ୍କୃତ ଭାଷା ଓ ସାହିତ୍ୟ ତଥା ଭାରତୀୟ ଦର୍ଶନଶାସ୍ତ୍ର ଦୋହନ କରିଥିଲେ । ପ୍ରାଚ୍ୟ ଜ୍ଞାନ ସହିତ ପାଶ୍ଚାତ୍ୟ ସାହିତ୍ୟ, ଦର୍ଶନ ସଂପର୍କରେ ତାଙ୍କର ଗଭୀର ପ୍ରବେଶ ଥିଲା । ଦର୍ଶନର ଛାତ୍ର ରୂପେ ସେ ତର୍କବିଜ୍ଞାନ, ମନୋବିଜ୍ଞାନ, ସମେତ ଭାଷା-ବିଜ୍ଞାନ, ମାନବ ବିଜ୍ଞାନ, ଲୋକସଂସ୍କୃତି ଓ ପ୍ରଜାତିତତ୍ତ୍ୱ ଆଦି ବିଦ୍ୟା ସହିତ ବେଶ୍ ସୁପରିଚିତ ଥିଲେ । ଛାତ୍ର ତଥା ଭାଷା ବିଜ୍ଞାନ ଅଧ୍ୟାପକ ଥିଲାବେଳେ କଲିକତା ବିଶ୍ୱବିଦ୍ୟାଳୟରେ ଏହି ସବୁ ବିଷୟର ଶୃଙ୍ଖଳିତ ଅଧ୍ୟୟନ ହେଉଥିବାର ସେ ଜାଣିଥିଲେ । ୧୯୩୭ରୁ ୧୯୫୦ ପର୍ଯ୍ୟନ୍ତ ନୀରବ ଜ୍ଞାନ ସାଧନା ଅବସରରେ ସେ ଏହି ଶାସ୍ତ୍ର ଗୁଡ଼ିକ ଅଧ୍ୟୟନ କରି ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଅନୁଶୀଳନ ଓ ବୈଜ୍ଞାନିକ ବିଶ୍ଳେଷଣ ପାଇଁ ସେ କୃତସଂକଳ୍ପ ଥିଲେ । ତାଙ୍କ ଆଲୋଚନାରେ ନିର୍ଦ୍ଦେଶିତ ପୁସ୍ତକାବଳୀରୁ ଜଣାଯାଏ ଯେ ସେ ତତ୍‌କାଳୀନ ବିଶ୍ୱମାନବ ବିଦ୍ୟାର ବିଭିନ୍ନ ସିଦ୍ଧାନ୍ତ ଓ ପଦ୍ଧତି ସହ ପରିଚିତ ଥିଲେ ।

ସଂପୃକ୍ତ ପୁସ୍ତକ ଗୁଡ଼ିକ ହେଲା—

Ancient History of western Asia, India & Crete —Dr. Drozeny Hibbert Lectures (1875) by Prof. Sayce, D. A. Makenjeiଙ୍କ Myths of Greece and Pre-Hellenic Europe.

Indian myths and legends, Egypsian Myths and legends, Myths of Babilonia and Assyria, Sir John



Marshallଙ୍କ Indus culture, B. C. Majumdarଙ୍କ Orissa in the making, Huttonsଙ୍କ Castes in India, Dattonଙ୍କ Ethnology of Bengal, J.F. Hewittଙ୍କ Early History of North India, Z. A. Rogozinଙ୍କ Chaldia ଓ Story of Assyria, E. B. Havelଙ୍କ History of Aryan Rule in India, R. Brownଙ୍କ Premitive constellations vol.–I S.B. Dasguptaଙ୍କ Obscure Religions cults. Mr. Steven-sionଙ୍କ The Heart of Jainaism Encyclopaedia Britanica ତଥା James Frezerଙ୍କ Golden Bough ତଥା ଭେରିଅର ଏଲଓ୍ୱିନ୍‌ଙ୍କ ରଚନାବଳୀ । (୧୦)

ଏତଦ୍‌ବ୍ୟତୀତ ବଙ୍ଗଳାର କବିଗୁରୁ ରବୀନ୍ଦ୍ରନାଥ ପ୍ରମୁଖ ବିଶିଷ୍ଟ ବଙ୍ଗୀୟ ବିଦ୍ୱାନମାନଙ୍କ ରଚନାର ଅନୁଶୀଳନ ଧାରା ସହିତ ପରିଚୟ ଥିଲେ ।

ଉପରୋକ୍ତ ତଥ୍ୟାବଳୀ ବିଶ୍ୱର ଇତିହାସ, ଧର୍ମ, ପ୍ରଜାତିତତ୍ତ୍ୱ ଓ ଲୋକସାହିତ୍ୟ ସଂପର୍କୀୟ ପ୍ରାମାଣିକ ପୁସ୍ତକାବଳୀ । ଏହି ପୁସ୍ତକମାନଙ୍କରେ ବିଶ୍ୱର ପ୍ରାଚୀନ ସଂସ୍କୃତି ଭାରତ ତଥା ଇଜୀପସୀୟ ଓ ୟୁରୋପୀୟ ସଂସ୍କୃତିର ତୁଳନାତ୍ମକ ଅଧ୍ୟୟନ କରାଯାଇଅଛି ।

## ଅଧ୍ୟୟନର ପଦ୍ଧତି :

ପଣ୍ଡିତ ନୀଳକଂଠ ଊନବିଂଶ ଓ ବିଂଶଶତାବ୍ଦୀର ମାନବ ବିଦ୍ୟାର ବୈଜ୍ଞାନିକ ବିଚାରଧାରା ସହିତ ସୁପରିଚିତ ଥିଲେ । ଏହି ସମୟର ପ୍ରମୁଖ-ତତ୍ତ୍ୱ ଯଥା— ଡାରଉଇନଙ୍କ ବିବର୍ତ୍ତନବାଦ (erolutionism) ଜାତିଗତ ପ୍ରାଧାନ୍ୟ (racial determinism) ଐତିହାସିକ ନିର୍ଦ୍ଦିଷ୍ଟବାଦ (Historical particularism) ଓ ସଂପ୍ରସାରଣ ବାଦ (Diffusion-ism) ସମାଜ ବିଜ୍ଞାନ, ମାନବ ବିଜ୍ଞାନ ତଥା ଭାଷା ତାତ୍ତ୍ୱିକ ଆଲୋଚନାର ମାର୍ଗଥିଲା । (୧୧) ଭାଷା ଅଧ୍ୟୟନର ସୂତ୍ର ଧରି ମାକ୍ସମୁଲର ଓ ବେନଫି

---

୧୦ । ଦାସ, ନୀଳକଂଠ : (ଓ: ସା: କ୍ର: ପ: ପୁସ୍ତକରେ ନିର୍ଦ୍ଦେଶିତ ପୁସ୍ତକାବଳୀ )

୧୧ । ମିଶ୍ର, ଭବଗ୍ରାହୀ, ରାଷ୍ଟ୍ରଗଠନ, ଭାଷାରାଜନୀତି ଓ ପଣ୍ଡିତ ନୀଳକଂଠଙ୍କ ଭାଷାଚର୍ଚ୍ଚା, ନୀଳକଂଠ ସ୍ମାରକୀ, ତୃତୀୟ ଖଣ୍ଡ, ୧୯୮୬, ପୃ ୧୦୭

ପ୍ରମୁଖ ତୁଳନାତ୍ମକ ଲୋକସାହିତ୍ୟର ଅଧ୍ୟୟନ କରିଥିଲେ । ତାଙ୍କ କାଳର ଗବେଷଣାତ୍ମକ ରୀତିଥିଲା ଐତିହାସିକ ଗଠନମୂଳକ ଓ ତୁଳନାତ୍ମକ ।

## ଲୋକସଂସ୍କୃତିବିତ୍ ପଣ୍ଡିତ ନୀଳକଣ୍ଠ

ଓଡ଼ିଆ ଭାଷାବିଜ୍ଞାନର ବୈଜ୍ଞାନିକ ବିଶ୍ଳେଷଣରେ ନୀଳକଣ୍ଠଙ୍କର ଯେପରି ପ୍ରବଣତା ଥିଲା, ଓଡ଼ିଆ ଲୋକସଂସ୍କୃତି ଗବେଷଣା ପାଇଁ ମଧ୍ୟ ତାଙ୍କର ଅନୁରୂପ ଭୂମିକା ରହିଛି । ଜଣେ ଉତ୍ତମ ଲୋକସଂସ୍କୃତିବିତ୍ ହେବା-ପାଇଁ କେବଳ ସଂପୃକ୍ତ ବିଷୟବସ୍ତୁରେ ବିଷୟଗତ ( fextual ) ଅଧ୍ୟୟନ ଯଥେଷ୍ଟ ନୁହେଁ । ଏହାର ପୃଷ୍ଠଭୂମିକ ଓ ଭାଷାଭିତ୍ତିକ ଅନୁଶୀଳନର ଯଥେଷ୍ଟ ଆବଶ୍ୟକତା ରହିଛି । ତେଣୁ ଲୋକସଂସ୍କୃତିବିତ୍ ଆଲନ୍ ଡଣ୍ଡିସ୍ କହନ୍ତି—

"It is probably a mistake for the folklorist to leave the analysis of texture to linguists and the analysis of context to cultural anthropologists. The well rounded folklorist should hopefully attempt to analyse all three levels." (୧୨)

ଡଣ୍ଡିସ୍ଙ୍କ ଏହି ମନ୍ତବ୍ୟ ନୀଳକଣ୍ଠଙ୍କ ବହୁ ପରବର୍ତ୍ତୀ । ଭାଷା ଓ ସାଂସ୍କୃତିକ ପଛଭୂମିରୁ ଯେ କୌଣସି ବିଷୟର ଅଧ୍ୟୟନ ପୂର୍ଣ୍ଣାଙ୍ଗ ବିଶ୍ଳେଷଣର ( wholistic analysis )ର ଅନୁବର୍ତ୍ତୀ । ଏହା ଫଳରେ ବିଷୟ ବିଶ୍ଳେଷଣ ବିଜ୍ଞାନ ଭିତ୍ତିକ ହୋଇଥାଏ । ଓଡ଼ିଆ ଲୋକ ସଂସ୍କୃତିର ଜଣେ ସାର୍ଥକ ଗବେଷକ ରୂପେ ପଣ୍ଡିତଜୀଙ୍କ ବ୍ୟାପକ ଦୃଷ୍ଟିଭଙ୍ଗୀ ଓ ବିଷୟ ଅନ୍ତର୍ଗତ ପ୍ରସଙ୍ଗାଦିର ସ୍ୱତନ୍ତ୍ର ବିଶ୍ଳେଷଣ ଅନବଦ୍ୟ । ଓଡ଼ିଆ ପୁରାଣ ( myth ), କିମ୍ବଦନ୍ତୀ ( legend ) ନାଁ ଦିଆ ( riddle ), ଲୋକଛନ୍ଦ ( folk metre ) ଓ ଲୋକ ସଙ୍ଗୀତ ଆଦି ଅନୁଶୀଳନ କଲାବେଳେ ସେ କେବଳ ବିଷୟାନୁଶୀଳନରେ ପ୍ରବୃତ୍ତ ନହୋଇ ଏହାର ପୃଷ୍ଠଭୂମିକ ଓ ଭାଷାଭିତ୍ତିକ ଅନୁଶୀଳନରେ ବ୍ରତୀ ହୋଇଛନ୍ତି ।

୧୨ । Dundes, Alan, 'Texture, Text and Context in Essays in Folkloristics, 1978.



ତାଙ୍କ ସାଂସ୍କୃତିକ ବିଶ୍ଳେଷଣରେ ରହିଛି ନିରପେକ୍ଷତା । ସେ ତାଙ୍କ ଗବେଷକ ଦୃଷ୍ଟି ଓଡ଼ିଆ ସଂସ୍କୃତିକୁ ଓ ସାହିତ୍ୟକୁ କେବଳ ନିଜ ଭୂମିର ଦୃଷ୍ଟିକୋଣରୁ ( native point of view ) ବିଚାର କରିନାହାଁନ୍ତି ବରଂ ଆନ୍ତଃ ସାଂସ୍କୃତିକ ବିଶ୍ଳେଷଣ ( cross-cultural analysis ) କରି ସେ ଏକପକ୍ଷରେ ଓଡ଼ିଆ ସଂସ୍କୃତିର ବିଶେଷତ୍ୱ ଓ ଅପର ପକ୍ଷରେ ବଙ୍ଗୀୟ, ଭାରତୀୟ ଓ ବିଶ୍ୱ ସଂସ୍କୃତିର ସମାକଳନ କରିଛନ୍ତି । ତେଣୁ ସେ ଓଡ଼ିଆ ସାହିତ୍ୟରେ ଗଢ଼ି ଆସୁଥିବା ମୋହାବିଷ୍ଟ ଭାବାବେଶକୁ ଅସ୍ୱୀକାର କରି ସତ୍ୟର ଉଦ୍‌ଘାଟନ କରିପାରିଛନ୍ତି ।

## ନୀଳକଂଠଂକ ସଂସ୍କୃତି ଆଲୋଚନାର ମାର୍ଗ :

ନୀଳକଣ୍ଠଙ୍କ ସାହିତ୍ୟ ପରିଭାଷାକୁ ଆମେ ନିର୍ଦ୍ୱନ୍ଦରେ ସଂସ୍କୃତିର ପରିଭାଷା ରୂପେ ଗ୍ରହଣ କରିପାରିବା । ଯେଉଁ ବିଷୟମାନଙ୍କୁ ନେଇ ସେ ସାହିତ୍ୟ ଆଲୋଚନା କରିଛନ୍ତି, ସେହି ବିଷୟଗୁଡ଼ିକୁ ଆମେ ଲୋକ ସଂସ୍କୃତି ଓ ସାଂସ୍କୃତିକ ମାନବ ବିଜ୍ଞାନର ପରିସୀମା ମଧ୍ୟରେ ସ୍ପଷ୍ଟ ରୂପେ ଦେଖି-ପାରିବା । ନୀଳକଣ୍ଠ କହିଛନ୍ତି—

"ସମାଜର ଚଳଣିଠାରୁ କଳା, କବିତା, ଆଲୋଚନା, ବିଜ୍ଞାନ, ବ୍ୟବହାର, ଚିତ୍ର, ସ୍ଥାପତ୍ୟ ପ୍ରଭୃତି ସବୁ ସାହିତ୍ୟର ଅନ୍ତର୍ଗତ । ସେପରି ବୁଝିଲେ, ଧଉଳିଗିରିର ଅଶ୍ୱତ୍‌ଥାମା ହାତୀଠାରୁ ଉଦୟଗିରିର ଗୁମ୍ଫା, ଭୁବନେଶ୍ୱର, ଖିଚିଙ୍ଗ୍, ଜଗନ୍ନାଥ, କୋଣାର୍କ ପ୍ରଭୃତିର ମନ୍ଦିର, କାଠଯୋଡ଼ିର ପଥରବନ୍ଧ ପ୍ରଭୃତି ପୂର୍ତ୍ତକାମ, ଏପରିକି କଣ୍ଟିଲୋର ବାସନ, କଟକର ସୂକ୍ଷ୍ମ ତାରକସି କାମ ପ୍ରଭୃତି ବାଟେ ସାମାଜିକ ଅନୁଷ୍ଠାନ, ବ୍ୟବହାର, କଥା, କିମ୍ବଦନ୍ତୀ, ପୁଣି ସାରଳା ଦାସଙ୍କ ମହାଭାରତାଦି ସମେତ ଏବର ଲିଖିତ କବିତା ଓ ଉପନ୍ୟାସ ପର୍ଯ୍ୟନ୍ତ ସବୁ ସାହିତ୍ୟ ବୋଲି ଧରାଯିବ ।" (୧୩)

ସାହିତ୍ୟର ଏହି ବ୍ୟାପକ ସଂଜ୍ଞା ବାସ୍ତବରେ ସଂସ୍କୃତିର ହିଁ ସଂଜ୍ଞା । ନୀଳକଣ୍ଠ ସାହିତ୍ୟକୁ ଏହି ମର୍ମରେ ଉପଲବ୍‌ଧି କରିଥିଲେ । ମଣିଷର କାରିଗରୀ ଓ ଉତ୍ପାଦନ ସମେତ ସୃଷ୍ଟି ପ୍ରବଣତା ମନ୍ଦିରର ଶିଳ୍ପ, ସୂକ୍ଷ୍ମ

୧୩ । ଦାସ, ନୀଳକଣ୍ଠ— ଓ: ସା: କ୍ର: ପ: ପୃ- ୧

କାରୁକାର୍ଯ୍ୟ ଆଦିରେ ପ୍ରକାଶିତ । ତାଙ୍କ ସାହିତ୍ୟର ସାମାଜିକ ଓ ସାଂସ୍କୃତିକ ଅଧ୍ୟୟନ ବିଶାଳ ଦୃଷ୍ଟିଭଙ୍ଗୀର ପରିଚାୟକ ।

ସାହିତ୍ୟ ସଂସ୍କୃତିର ବାହ୍ୟ ପ୍ରକାଶ । ସଂସ୍କୃତିର ବହୁ ଆଶୟକୁ ସାହିତ୍ୟ ଶିଳ୍ପ ଓ ସଙ୍କେତ ମଧ୍ୟରେ ଧରି ରଖିଥାଏ । ସଂସ୍କୃତି ପୃଷ୍ଠଭୂମିରୁ ସାହିତ୍ୟର ଅନୁଶୀଳନ କରନଗଲେ ଏହାର ଭାବ ଅବବୋଧରେ ଦ୍ୱନ୍ଦ୍ୱ ରହିଯାଏ । ଓଡ଼ିଆ ସାହିତ୍ୟର ଚମକକୁ ଜାଣିବା ପାଇଁ ଓଡ଼ିଶାର ସାଂସ୍କୃତିକ ଅଧ୍ୟୟନର ଯଥେଷ୍ଟ ଆବଶ୍ୟକତା ରହିଛି । ତାଙ୍କ ବିଶ୍ଳେଷଣର ମାର୍ଗ ହେଉଛି– ସାଂପ୍ରତିକ ସମାଜ କିମ୍ବା ସାହିତ୍ୟ ଅଧ୍ୟୟନ କଲାବେଳେ ଏହାର ପୃଷ୍ଠଭୂମିରେ ପରଂପରାର ପ୍ରତିଷ୍ଠା ଓ ପ୍ରଭାବ ଦେଖିବା ତଥା ଐତିହ୍ୟ ଅଧ୍ୟୟନ କଲାବେଳେ ସାଂପ୍ରତିକ ସମାଜରେ ସଂପୃକ୍ତ ଐତିହ୍ୟର ଅଂଶ-ବିଶେଷ ସଙ୍କେତ ବା ଶଙ୍ଖ ରୂପେ ରହିଛି କି ନାହିଁ, ଦେଖିବା । ତାଙ୍କ ଭାଷାରେ–

"ପ୍ରାଚୀନ ଓଡ଼ିଆ ସଂସ୍କୃତି କଥା କହିବାକୁ ହେବ । କେଉଁଠାରେ ଧରିବ, କେଉଁବାଟେ ଯିବ, କେଉଁଠାରେ ସାରିବ, କିଛି ଜାଣି ହେଉନାହିଁ । ବର୍ତ୍ତମାନରୁ ପରଂପରାର ସୂତ୍ର ଧରି ସେଥିରୁ ଆଭାସ ପାଇ ମୂଳକୁ ଯିବା, ଏ କ୍ଷେତ୍ରରେ ଗୋଟିଏ ପ୍ରକାର ଆଲୋଚନା । ସେଉଟି ଗୋଟିଏ ପ୍ରତିଷ୍ଠିତ ସଭ୍ୟତାକୁ ବିଚାର କରିବାରେ ମୁଖ୍ୟ ପନ୍ଥା, ବରଂ ଏକ ମାତ୍ର ପନ୍ଥା ବୋଲି କୁହାଯାଇପାରେ ।" (୧୪)

ଓଡ଼ିଆ ସାହିତ୍ୟର ମୂଳ ଖୋଜିବାକୁ ତେଣୁ ସେ ପ୍ରଜାତିତତ୍ତ୍ୱ, ଭାଷା, ଇତିହାସ, ଶିଳ୍ପ ଓ ଧର୍ମଧାରଣା ଆଦି ସଂସ୍କୃତିର ବିଶେଷ ଶୃଙ୍ଖଳା-ମାନଙ୍କ ସଂପର୍କରେ ଆଲୋଚନା କରିଛନ୍ତି । ଏହି ଦୃଷ୍ଟିରୁ ତାଙ୍କ ସାଂସ୍କୃତିକ ଅଧ୍ୟୟନର ପୃଷ୍ଠପଟରେ ସାହିତ୍ୟର ସୌଧ କିପରି ନିର୍ମିତ ତାହା ବିଚାରଣୀୟ ।

୧୪ । ଓ: ସା: କ୍ର: ପ: ୩ୟ ଭାଗ 'ପରଂପରାର କଳନା ଓ ପ୍ରଭାବ



## ଚତୁର୍ଥ ଅଧ୍ୟାୟ

# ଲୋକସଂସ୍କୃତି ଚର୍ଚ୍ଚାରେ ନୀଳକଂଠ

### ଓଡ଼ିଶାର ପ୍ରଜାତିକ ଗୋଷ୍ଠୀ : (Ethnic Groups of Orissa)

ଓଡ଼ିଶା ଭୂମିରେ କେଉଁ ଦୂର ଅତୀତରୁ ଏଯାବତ୍ ନାନା ଐତିହାସିକ କୀର୍ତ୍ତିର ଅବଲମ୍ବନରେ ଓଡ଼ିଶା ଇତିହାସ ଲେଖାଯାଇଅଛି । ସାହିତ୍ୟିକ-ମାନଙ୍କ ଦ୍ୱାରା ଏହି ରାଜ-ଇତିହାସ ହିଁ ପରିଗୃହୀତ ହୋଇଛି । କିନ୍ତୁ କେଉଁଠି ହେଲେ ଓଡ଼ିଶାର ଗୋଷ୍ଠୀ ଅଧ୍ୟୟନ କରି ଏହାର ଭିତ୍ତିରେ ସାହିତ୍ୟର ଶଙ୍ଖ ନିର୍ଣ୍ଣୟ କରାଯାଇନାହିଁ । ପଣ୍ଡିତ ନୀଳକଂଠ ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଗୋଷ୍ଠୀ-ଜାତିପ୍ରଜାତିଙ୍କ ଅଧ୍ୟୟନ କରି ସେହି ସୂତ୍ରରେ ଓଡ଼ିଆ ସାହିତ୍ୟର ରୂପ ନିର୍ଣ୍ଣୟ କରିବା ପାଇଁ ଆଗ୍ରହୀ ହୋଇଛନ୍ତି । ତାଙ୍କ ଭାଷାରେ–

"ଗୋଷ୍ଠୀକୁ ଧରି ମାନବ ସମାଜକୁ ବୁଝିବାକୁ ହେବ । ଓଡ଼ିଆ ସାହିତ୍ୟର କ୍ରମ ପରିଣାମରେ ଆମକୁ ଭାରତୀୟ ତଥା ବିଶ୍ୱସମାଜ ପ୍ରଗତିରେ ଓଡ଼ିଆର ସେଇ ଗୋଷ୍ଠୀ ବିକାଶ ବା ବ୍ୟକ୍ତିତ୍ୱର ପ୍ରତିଷ୍ଠା ଓ ଗତି ଫେଡ଼ି ଦେଖାଇବାକୁ ହେବ ।" (୧)

ପ୍ରାଗୈତିହାସିକ ଯୁଗରୁ ଓଡ଼ିଶା ଭୂମି ଶବର ଜାତିର ଲୀଳାଭୂମି ଥିଲା । ଏହି ଶବର ଗୋଷ୍ଠୀ ଅନ୍ତର୍ଭୁକ୍ତ ଭୂୟାଁ, ଭୂମିଜ, ଓଡ଼, କୋନ୍ଧ, ଗଦବା, ମୁଣ୍ଡା, ହୋ, ସାନ୍ତାଳ, କିରାତ ଆଦି ପ୍ରଜାତି ଅନ୍ତର୍ଭୁକ୍ତ । ଏମାନେ ମୁଣ୍ଡାରୀ ଭାଷା ଗୋଷ୍ଠୀ ଅନ୍ତର୍ଗତ । ଏମାନଙ୍କ ପରେ ଦ୍ରାବିଡ଼ ଗଣ୍ଡ, କନ୍ଧ ଆଦିଙ୍କ କ୍ରମାଗମନ ଓ ସହାବସ୍ଥାନକୁ ନୀଳକଂଠ ପ୍ରାଚୀନ ଓଡ଼ିଆ ସଂସ୍କୃତିର ମୂଳ

୧ । ତତ୍ରୈବ–ପୃ-୧୧

ରୂପେ ଦେଖିଛନ୍ତି । ଓଡ଼ିଆ ଭୂମିକୁ ଆର୍ଯ୍ୟ ସଭ୍ୟତାର ପରିମାପରେ ମାପିବା ପୂର୍ବରୁ ଶବର ଓ ଦ୍ରାବିଡ଼ମାନଙ୍କ ପ୍ରଜାତିକ ସଂସ୍କୃତିର ଶଙ୍କୁ ଖୋଜିଛନ୍ତି ତଥା ଆର୍ଯ୍ୟାଗମ ପରେ ଏହି ତିନୋଟି ଧାରର ସାଂସ୍କୃତିକ ଆଦାନ ପ୍ରଦାନ ଦ୍ୱାରା ଓଡ଼ିଆ ସଂସ୍କୃତି କିପରି ବିକଶିତ ହୋଇଛି, ତାହା ସେ ସାଂପ୍ରତିକ ସମାଜର ପ୍ରଜାତିକ ଅଧ୍ୟୟନରୁ ନିର୍ଣ୍ଣୟ କରିଛନ୍ତି ।

ପ୍ରତ୍ୟେକ ଗୋଷ୍ଠୀର ସ୍ୱଚ୍ଛନ୍ଦ ଓ ସ୍ୱତନ୍ତ୍ର ବିକାଶ ସହିତ ସଂପୃକ୍ତ ଜାତିର କୁଳାଚାର ଓ ଆଞ୍ଚଳିକ ଲୋକାଚାର ସମେତ ଆନ୍ତଃପ୍ରଜାତିକ ଆଚାର ବିଚାର ସଂପର୍କରେ ତାଙ୍କ ଅନୁଧ୍ୟାନ ଶବର ଓ କଳିଙ୍ଗ ଜାତିର ଶଙ୍କୁ ନିର୍ଣ୍ଣୟରେ ସମର୍ଥ ହୋଇଛି ।

ଏ ଦୁଇ ମୂଳ ଗୋଷ୍ଠୀର ଅନେକ ଉପଗୋଷ୍ଠୀର ସୃଷ୍ଟି ହୋଇଛି । ଏମାନଙ୍କ ଧାର୍ମିକ କ୍ରିୟା ଓ ଦର୍ଶନ କିପରି ଓଡ଼ିଶାର ମନ୍ଦିରଦି ଅନୁଷ୍ଠାନରେ ନାନା ସଂକେତ, ପ୍ରତୀକ ଦେଇ ଲୋକାଚାର ରୂପେ ପ୍ରତିଷ୍ଠିତ, ତାହା ସେ ପ୍ରତ୍ୟକ୍ଷ କରିଛନ୍ତି । ଏଥିପାଇଁ ସେ ପ୍ରଚଳିତ ସମାଜର ଗଣ୍ଡ, କନ୍ଧ, ଶବର, ମୁଣ୍ଡା, କୋଲ ଆଦି ପ୍ରଜାତିକ ଗୋଷ୍ଠୀର ଚଳଣି ଓ ଧର୍ମାଚାର ମଧ୍ୟରୁ ସେମାନଙ୍କର ମୂଳ ଦର୍ଶନର ସନ୍ଧାନ କରିଛନ୍ତି ।

ନୀଳକଂଠ କହିଛନ୍ତି—"ସଭ୍ୟତାରେ ଆର୍ଯ୍ୟଥିଲେ ଆହରଣପଟୁ, ତେଣୁ ସେମାନେ ଅସୁର ଓ ଶବର ସଭ୍ୟତାକୁ ନିଜର କରି ନେଇଥିଲେ × × × ଓଡ଼ିଶାରେ ଆର୍ଯ୍ୟାଗମ ପରେ ଭାଷାରେ ଆର୍ଯ୍ୟ ହୋଇ ବି ଓଡ଼ିଆ ନିଜ ସାହିତ୍ୟ ସଂସ୍କୃତି ଛାଡ଼ିନାହିଁ । (୨)

ଓଡ଼ିଶାର ପ୍ରଜାତିକ ବିସରଣ ଦେଖାଇବାକୁ ଯାଇ ନୀଳକଂଠ ଶବର ଓ ଦ୍ରାବିଡ଼ମାନଙ୍କର ବିଶ୍ୱର ବିଭିନ୍ନ ଅଞ୍ଚଳରେ ପରିବ୍ୟାପ୍ତ ହୋଇଥିବା କଥା କହିଛନ୍ତି । ଶବରମାନେ 'ନିଷାଦ' ରୂପେ ଆସାମର ଗାରୋଖାସି ଓ ପୂର୍ବ-ଭାରତରେ ବ୍ୟାପି ଯାଇଛନ୍ତି ତଥା ଅଷ୍ଟ୍ରେଲିଆ, ଆମେରିକା ତଥା ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜରେ ଥିବା ଅଧିବାସୀଙ୍କ ସହିତ ରକ୍ତ ସଂପର୍କ ଥିବାର ଅନୁମାନକୁ ସେ ସଂପୃକ୍ତ ପ୍ରଜାତିମାନଙ୍କର ଧର୍ମ, ସାମାଜିକ ଅନୁଷ୍ଠାନ ଓ ଲୋକସାହିତ୍ୟରୁ ପ୍ରମାଣ ବାହାର କରି ଦେଖାଇଛନ୍ତି ।

୨ । ତତ୍ରୈବ—ପୃ ୧୦୯-୧୧୦



ସେ ଦ୍ରାବିଡ଼ମାନଙ୍କର ଇଜିପ୍ଟ ଓ ସୁମେରୀୟ ଭାଷା ଓ ସଂସ୍କୃତିର ସାମ୍ୟ ନିରୀକ୍ଷଣ କରି ସେ ଏକପକ୍ଷରୁ କିମ୍ବା ଉଭୟ ପକ୍ଷରୁ ବିସରିତ ହୋଇଥିବାର ଅନୁମାନ କରିଛନ୍ତି । ଏହି ଦୃଷ୍ଟିରୁ ଓଡ଼ିଆ ଭୂମିରେ ପ୍ରାଚୀନ ଦ୍ରାବିଡ଼ମାନଙ୍କ ସଂସ୍କୃତିର ବିକାଶ ଓ ବିସରଣ ସଂପର୍କରେ ମତ ଦେଇ ଏହାର ସୁମେରୀୟ ଓ ଅସୁର ସଭ୍ୟତା ସହିତ ସଂପର୍କ ଥିବାର ଅନୁମାନ କରିଛନ୍ତି । (୩)

**ଭାଷା :**

ପ୍ରଜାତିକ ଗୋଷ୍ଠୀମାନଙ୍କୁ ନେଇ ଓଡ଼ିଆ ଭାଷାର ବିଚାର କଲାବେଳେ ସେ ଶବର ଭାଷା ଗୋଷ୍ଠୀ (Mundari Language Group) ଦ୍ରାବିଡ଼ ଭାଷା ଗୋଷ୍ଠୀ (Dravidian Language Group) ତଥା ଆର୍ଯ୍ୟ ଭାଷା ଗୋଷ୍ଠୀ (Aryan Language Group)—ଏହି ତିନୋଟି ଭାଷା ଗୋଷ୍ଠୀର ମିଶ୍ରଣରେ ଓଡ଼ିଆ ଭାଷା ସମୃଦ୍ଧ ହୋଇଛି ବୋଲି କହିଛନ୍ତି । ପ୍ରନ୍ ଓଡ଼ିଆ ଭାଷା କଳିଙ୍ଗ, କୋଶଳ ଓ ଉତ୍କଳର ଭାଷାକୁ ନେଇ ଗଠିତ ବୋଲି ସେ କହିଛନ୍ତି ।

ପଣ୍ଡିତ ନୀଳକଂଠ ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମବିକାଶ, ଓଡ଼ିଆ ଭାଷାର ଗଠନରୀତି, ଲିପି, ଓ ଧ୍ୱନିଭିତ୍ତିକ ଅଧ୍ୟୟନ ସମେତ ତୁଳନାତ୍ମକ ଭାଷା ବିଜ୍ଞାନର ଆଧାରରେ ଭାଷାର ଐତିହାସିକ ଅଧ୍ୟୟନ କରିଥିଲେ । 'ସଂସ୍କୃତିର ମୂଳଭିତ୍ତି ରୂପେ ଭାଷାର ଆବିଷ୍କାର' ତାଙ୍କ ଅଧ୍ୟୟନର ମୂଳଭିତ୍ତି ଥିଲା । (୪)

**ଇତିହାସ :**

ନୀଳକଂଠ ଓଡ଼ିଶାର ଶାସକମାନଙ୍କୁ ଦୁଇଟି ଶ୍ରେଣୀରେ ବିଭକ୍ତ କରିଛନ୍ତି । ସେମାନେ ସ୍ଥାନୀୟ (autochthonous) ଓ ଆଗନ୍ତୁକ

୩ । ଦାସ, ଗଗନେନ୍ଦ୍ର, ନୀଳକଂଠ ସ୍ମାରକୀ, ତୃତୀୟ ଖଣ୍ଡ, ପୃ ୨୬

୪ । ତତ୍ରୈବ— ପୃ ୫ ନୀଳକଂଠ ସ୍ମୃତି ସମିତି ତରଫରୁ ପ୍ରକାଶିତ । 'ନୀଳକଂଠ ସ୍ମାରକୀ—୩ୟ ଖଣ୍ଡରେ ପଣ୍ଡିତ ନୀଳକଂଠଙ୍କ ଭାଷାତତ୍ତ୍ୱ ବିଚାର ସଂପର୍କରେ ତାତ୍ତ୍ୱିକ ପ୍ରବନ୍ଧମାନ ପ୍ରକାଶିତ ।' ତେଣୁ ଏଠାରେ କେବଳ ତାଙ୍କ ସଂସ୍କୃତି ଚର୍ଚ୍ଚାରେ ଭାଷା ଅଧ୍ୟୟନର ଆବଶ୍ୟକତା ଦୃଷ୍ଟିରୁ ସୂଚନା ଦିଆ ଯାଇଅଛି ମାତ୍ର ।

(immigrants) ଭେଦରେ ବିଭକ୍ତ । ଓଡ଼ିଶାର ସ୍ଥାନୀୟ ଶାସକଙ୍କ ଦ୍ୱାରା ସ୍ୱଚ୍ଛନ୍ଦ ବର୍ଦ୍ଧିତ ସଂସ୍କୃତିର ଆଦର୍ଶ ଓ ମୂଲ୍ୟବୋଧ ସହିତ ଆଗନ୍ତୁକ ଶାସକମାନଙ୍କର ଆରୋପିତ ଆଦର୍ଶର ତୁଳନା କରି ତନ୍ମଧ୍ୟରୁ ମୂଳ ଓଡ଼ିଆ ସଂସ୍କୃତିର ସ୍ୱରୂପ ଓ ବୈଶିଷ୍ଟ୍ୟ ନିରୂପଣ ସେ କରିଛନ୍ତି । ଖାରବେଳ, ଭୌମକର ଓ ସୂର୍ଯ୍ୟବଂଶ ତଥା ଭୋଇବଂଶ ଓଡ଼ିଆ ସଂସ୍କୃତିକୁ ସ୍ୱାତନ୍ତ୍ର୍ୟ ବିମଣ୍ଡିତ କଲାବେଳେ କୋଶଳକେଶରୀ, ଗଙ୍ଗ ତଥା ପରବର୍ତ୍ତୀ ମୁସଲମାନ, ମରହଟ୍ଟା, ଇଂରେଜ ତଥା ପ୍ରତିବେଶୀ ଶାସକମାନଙ୍କ ଦ୍ୱାରା ମୂଳ ଓଡ଼ିଆ ସଂସ୍କୃତିର କିପରି ଆଙ୍ଗୀକ ପରିବର୍ତ୍ତନ ହୋଇଛି ତାହା ସେ ଧର୍ମ, ସ୍ଥାପତ୍ୟ, ସାହିତ୍ୟ ଓ ଦର୍ଶନ ଆଦିର ଉଦାହରଣ ଦେଇ ଦେଖାଇଛନ୍ତି । ଦୀର୍ଘ ଦୁଇହଜାର ବର୍ଷର ଓଡ଼ିଆ ଇତିହାସରେ ଆଗନ୍ତୁକ ଶାସକମାନଙ୍କ ବିଜେତା-ମନୋବୃତ୍ତି ଓ ମୂଲ୍ୟବୋଧକୁ ଛାଡ଼ି ନାନା ଦୁର୍ବିପାକ ମଧ୍ୟରେ ଓଡ଼ିଶାର ଜାତୀୟ ସଂସ୍କୃତି କିପରି ଖାରବେଳ–ଭୌମବଂଶ ଦେଇ ସୂର୍ଯ୍ୟବଂଶ କପିଳେନ୍ଦ୍ର ଓ ପୁରୁଷୋତ୍ତମ ତଥା ଭୋଇବଂଶ ରାମଚନ୍ଦ୍ରଙ୍କ ସମୟରେ ବଂଚି ରହିଛି ତାହା ସେ ଦେଖୁଛନ୍ତି । କେବଳ ସେତିକି ନୁହେଁ, ଷୋଡ଼ଶ ଶତାବ୍ଦୀରୁ ବଙ୍ଗାଳୀ ବୈଷ୍ଣବ ଧର୍ମର ପ୍ରଭାବ ତଥା ପରାଧୀନତା ମଧ୍ୟରେ ଓଡ଼ିଶାର ସଂସ୍କୃତିର ଚମକ କିପରି ଅସ୍ପଷ୍ଟ ତାହା ସେ ଦେଖାଇଛନ୍ତି । ଏହି ଦୃଷ୍ଟିରୁ ନୀଳକଂଠ ଓଡ଼ିଶାର ଲୋକଇତିହାସକୁ ଯେତିକି ଗୁରୁତ୍ୱ ଦେଇଛନ୍ତି ରାଜ-ଇତିହାସ ପ୍ରତି ସେ କେବଳ ଦୃଷ୍ଟି ଦେଇ ସମାଜର ଉଭୟ ଦିଗ ପ୍ରତି ଅବହିତ ରହିଛନ୍ତି । କପିଳେନ୍ଦ୍ର ଦେବଙ୍କ କାଳକୁ ଓଡ଼ିଆ ସଂସ୍କୃତି ଭାଷା ଓ ସାହିତ୍ୟ ଅଭିବୃଦ୍ଧି ଓ ପରିପୂର୍ଣ୍ଣତାର ଏକ ଅଭ୍ୟୁଦୟକାଳ (Renaissance) ବୋଲି କହି ଏହି କାଳରେ ଓଡ଼ିଶାର ସାମାଜିକ ଜୀବନ ପ୍ରାଣବନ୍ତ ଥିଲା ବୋଲି ଉଲ୍ଲେଖ କରିଛନ୍ତି ।

## ଓଡ଼ିଶାର ଗ୍ରାମଭିତ୍ତିକ ଲୋକଶାସନ :

ଭାରତୀୟ ସମାଜ ମୁଖ୍ୟତଃ ଅରଣ୍ୟ ପର୍ବତବାସୀ ପ୍ରଜାତିକ ଗୋଷ୍ଠୀ, ସମତଳବାସୀ, କୃଷିଭିତ୍ତିକ ସମାଜ ଓ ନଗର ସଭ୍ୟତାକୁ ନେଇ ଗଠିତ । ଏ ଦେଶରେ ପ୍ରଥମ ଦୁଇଟି ସମାଜର ବୃହତ୍ତର ପରିଧିରେ ନଗର କେନ୍ଦ୍ର-ରୂପେ ରହି ଆସିଅଛି । ଓଡ଼ିଶାରେ ପାରଂପରିକ ଓ ପ୍ରଥା ସର୍ବସ୍ୱ ଜନଜାତିର



ସ୍ତରହୀନ ସ୍ୱାୟତ୍ତଶାସନ ଓ ସମାଜଗଠନ ତଥା ଏହି ଆଦର୍ଶର ଫଳଶ୍ରୁତି ସ୍ୱରୂପ ପ୍ରାଚୀନ ଗଣଭିତ୍ତିକ ରାଜ୍ୟ ଶାସନ ସଂପର୍କରେ ନୀଳକଂଠଙ୍କ ଅନୁଶୀଳନ ସମାଜତାତ୍ତ୍ୱିକ ।

ବିଭିନ୍ନ ଗୋଷ୍ଠୀର ସ୍ୱଚ୍ଛନ୍ଦ ବିକାଶ ସହିତ ସେମାନଙ୍କର ପରିବାର ବନ୍ଧୁକୁଟୁମ୍ବ ବୃଦ୍ଧି ଓ ଏହାର ପରବର୍ତ୍ତୀ ପର୍ଯ୍ୟାୟ ସାମାଜିକ ଅନୁଷ୍ଠାନ ଗ୍ରାମ । ଓଡ଼ିଶା ଏକ ଗ୍ରାମଭିତ୍ତିକ ସମାଜ ଓ ସଂସ୍କୃତିର ଦେଶ । ନୀଳକଂଠ ତେଣୁ ଗ୍ରାମ ଭିତରୁ ଓଡ଼ିଶାର ରାଜ୍ୟ ଶାସନର ସଂପର୍କ ନିରୂପଣ କରିଥିଲେ । ସେ କହିଥିଲେ—

"ଗ୍ରାମରୁ ସଭ୍ୟତାର ବିକାଶ । ନିଜ କର୍ମ ବା କର୍ତ୍ତବ୍ୟରେ ସ୍ୱଚ୍ଛନ୍ଦ ଓ ସ୍ୱାଧୀନ ଜନ ବା ବ୍ୟକ୍ତିରୁ ଆମର ସମାଜ ବା ରାଷ୍ଟ୍ର କଳ୍ପନା କରାଯାଏ । × × × ରାଜା ରାଜ୍ୟ କରୁଥିଲେ, ମାତ୍ର ଲୋକଙ୍କ ଉପରେ ଆଧିପତ୍ୟ କରିବା ଓଡ଼ିଆ ସମାଜ ସଂସ୍କୃତି ବା ସାହିତ୍ୟରେ ନାହିଁ । ଲୋକେ ରାଜାକୁ ବାହାର କରି ପାରୁଥିଲେ ଓ ଦରକାର ହେଲେ ଦକ୍ଷ ଲୋକକୁ ମନୋନୀତ କରି ରାଜା ବି କରୁଥିଲେ । × × ଗ୍ରାମରେ ଗ୍ରାମ୍ୟ ଲୋକେ ସ୍ୱାଧୀନ ଥିଲେ । ସମସ୍ତେ ସମାନ ଥିଲେ ।" × × (୫)

"ଏଇ ଗ୍ରାମ ଶାସନ ବା ଲୋକଶାସନରେ ଗ୍ରାମ ଲୋକେ ସଭାରେ ନିଜ ଗ୍ରାମର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବିଚାରଣା ଓ ସ୍ଥାନୀୟ ଶାସନର ଅନ୍ୟାନ୍ୟ ବିଭାଗମାନ ନିଜେ ଚଳାଉଥିଲେ ।" (୬) ଗ୍ରାମ ସଭାର 'ନ୍ୟାୟପଂଚ' ଦ୍ୱାରା ରାଜାଙ୍କ ସହିତ ଶାସନ କାର୍ଯ୍ୟର ସଂପର୍କ ଥିଲା । ପାରଂପରିକ ଆଦିବାସୀ ସମାଜରେ ଏବେ ବି ଏହା ଦେଖିବାକୁ ମିଳେ ।

ଦକ୍ଷତା ଅନୁସାରେ ଗ୍ରାମୀଣ ମୁଖ୍ୟ ବଛା ହେଉଥିଲେ । ଏହା ମଧ୍ୟ ପୁରୁଷାନୁକ୍ରମିକ ନଥିଲା । ଗ୍ରାମର କୃଷକ ଓ କାରୀଗରବର୍ଗ ଆବଶ୍ୟକ ହେଲେ ସୈନ୍ୟ ହେଉଥିଲେ । ଗ୍ରାମ୍ୟ ସାମାଜିକ-ରାଜନୈତିକ ସଂଗଠନର ଏହି ନଗର ଭିତ୍ତିକ ଶାସନର ସ୍ୱରୂପ ସେ ଓଡ଼ିଶାର ଜନଜାତିକ ଓ କୃଷି

୫ । ଦାସ, ନୀଳକଂଠ, ଓ. ସା. କ୍ର. ପ. ପୃ-୨୨୦
୬ । ତତ୍ରୈବ ପୃ-୨୭୪

ଭିତ୍ତିକ ସମାଜ ମଧ୍ୟରେ ପ୍ରତ୍ୟକ୍ଷ କରିଛନ୍ତି । ରାଜ୍ୟର ରାଜାଙ୍କ ଶାସନର ଆଦର୍ଶ ଗ୍ରାମୀଣ ମୁଖ୍ୟମାନଙ୍କୁ ନେଇ ଗଢ଼ି ଉଠିଥିବା ପରିଷଦମାନଙ୍କ ଦ୍ୱାରା ନିର୍ଦ୍ଧାରିତ ହେଉଥିଲା ।

ଜାତି ପ୍ରଜାତିର ବିଭିନ୍ନତା ସତ୍ତ୍ୱେ ଗ୍ରାମର ଏକତ୍ୱ ସଂସ୍ଥାପକ ଶକ୍ତି ଥିଲା ପରସ୍ପର ନିର୍ଭର ଶୀଳତା ଓ ଧାର୍ମିକ ଭାବନା । ଗ୍ରାମ ସଭା ଦ୍ୱାରା ଶିକ୍ଷା, ଧର୍ମାନୁଷ୍ଠାନ ପାଳନ ଓ ମନୋରଞ୍ଜନର ସୁନ୍ଦର ବ୍ୟବସ୍ଥା ଥିଲା । ଗ୍ରାମ୍ୟ ଶିକ୍ଷା ପାଇଁ ଧାଙ୍ଗଡ଼ାଧାଙ୍ଗଡ଼ୀ ବସା ଏହି ସାମାଜିକ ଆମୋଦ ପ୍ରମୋଦର କେନ୍ଦ୍ର ଥିଲା । ସେହିପରି ଗ୍ରାମରେ ଆତିଥ୍ୟ ଦେବାର ପରଂପରା ଥିଲା । ଏବେ ବି ଏହା ବସ୍ତର କଳାହାଣ୍ଡି ଅଞ୍ଚଳରେ ଅଛି । ଗ୍ରାମ୍ୟ ଚଳଣିରୁ ପରଂପରାକ୍ରମେ ଖେଳ, ଗୀତ ଓ ଧର୍ମାନୁଷ୍ଠାନ ତଥା କର୍ମ ମାଧ୍ୟମରେ ଶିକ୍ଷା ଗ୍ରହଣ କରିବା ପରଂପରା ଚଳି ଆସୁଥିଲା ।

ଓଡ଼ିଆ ଗ୍ରାମୀଣ ଲୋକ ଶାସନର ଆଦର୍ଶକୁ ଭିତ୍ତି କରି ରାଜ୍ୟ-ଶାସନର ରୂପରେଖ ନିର୍ଣ୍ଣିତ ଓ ନିୟନ୍ତ୍ରିତ ହେଉଥିଲା । ଗ୍ରାମୀଣ ମୁଖ୍ୟମାନଙ୍କ ଦ୍ୱାରା ଆବଶ୍ୟକ ହେଲେ ରାଜା ବଛା ହେଉଥିଲେ । ଓଡ଼ିଆ ସମାଜର ଲୋକଶାସନ ନ୍ୟାୟପଂଚ ଓ ଗ୍ରାମ ସଭା ବା ମହାଜନ ତଥା ଏହାରି ଆଦର୍ଶରେ "କୋଇଲି ବୈକୁଣ୍ଠ" ପ୍ରତିଷ୍ଠା ପଣ୍ଡିତ ନୀଳକଂଠଙ୍କ ଅନୁଶୀଳନର ସମାଜ ତାତ୍ତ୍ୱିକ ଦିଗ । ସମାଜର ପୃଷ୍ଠ ଭୂମିରେ ସାହିତ୍ୟାଦର୍ଶର ବିକାଶ ପ୍ରକ୍ରିୟାକୁ ଜଣେ ସମାଜ ତାତ୍ତ୍ୱିକ ନହେଲେ ମଧ୍ୟ ଜଣେ ଭୂୟୋଦୃଷ୍ଟି ସମ୍ପନ୍ନ ସମାଜ ଦାର୍ଶନିକ ରୂପେ ସେ ଦେଖିବାକୁ ଚେଷ୍ଟା କରିଛନ୍ତି । ସମାଜ ସହିତ ସାହିତ୍ୟର ସଂପର୍କ ଓ ଆଦର୍ଶକୁ ସେ ଗ୍ରାମ ସଂଗଠନ ମଧ୍ୟରୁ ପ୍ରତ୍ୟକ୍ଷ କରିଛନ୍ତି । ଏହା ତାଙ୍କ କିମ୍ବଦନ୍ତୀ ଅନୁଶୀଳନରୁ ସ୍ପଷ୍ଟ ହୁଏ ।

ସାମାଜିକ-ପାରିବାରିକ ଆଚାର ଚଳଣି ଯଥା—ନାରୀଙ୍କ ଋତୁପାଳଣା, ରଜ ତଥା ଶବଦାହ, ପରିବାରରେ ଆତିଥ୍ୟ ଦେବାର ରୀତି ଆଦି ସଂପର୍କରେ ନୀଳକଂଠ ପ୍ରସଙ୍ଗ ଅନୁରୋଧରେ ଆଲୋଚନା କରିଛନ୍ତି ।

## ଓଡ଼ିଶାର ଶିଳ୍ପ : ଖୋଦନ କଳା—

ଓଡ଼ିଆ ସାହିତ୍ୟର କଳନା କଲାବେଳେ ଏହା କିପରି ଓଡ଼ିଆ ଶିଳ୍ପର ସମାନ୍ତର ଭାବେ କ୍ରମ ବର୍ଦ୍ଧିତ ହୋଇଛି ତାହାର ସ୍ତରଭେଦ ସେ ଦେଖାଇ



ଛନ୍ତି । ପ୍ରସ୍ତର ଦେହରେ କାରିଗରୀ ସହିତ ଲେଖନୀ ମୁନର କାରିଗରୀର ତୁଳନା କରି ସେ କହିଛନ୍ତି—"ଶିଳ୍ପର ଖୋଦନ କଳା ବିରାଟ ମନ୍ଦିର ଦେହରେ ଆରମ୍ଭ ହୋଇଥିଲା । ଓଡ଼ିଶାର ବିଶାଳ ଜନ-ସାହିତ୍ୟ ଗଠନ-କଳାରେ ପୁଷ୍ଟ ହୋଇନଥିଲା ସତ, କିନ୍ତୁ ତାହାରି ଦେହରେ ଫୁଟିଥିଲା ଛାନ୍ଦ ସାହିତ୍ୟର ଶବ୍ଦାଳଙ୍କାର ଗରିମା । ଠିକ୍ ଦେଖି ବସିଲେ, ଶିଳ୍ପ ସାହିତ୍ୟ ଓ ଲେଖା ସାହିତ୍ୟର ଧାରା, ଏକା ପରି ଚାଲି ଆସିଚି । ପ୍ରଥମେ ଉଦୟଗିରି ପ୍ରଭୃତିର ଖୋଦିତ ଜୈନ ବିହାର; ସେଥିରେ ଜୈନ ଜାତକ ଚିତ୍ର । କି ସରଳ, କି ସୁନ୍ଦର ! ତା'ପରେ ଆସ, ଭୁବନେଶ୍ୱରର ପରଶୁରମେଶ୍ୱର, ମୁକ୍ତେଶ୍ୱରକୁ । ଗୁଳଘରର ଛାଞ୍ଚରେ ଏହା ପ୍ରଥମେ ଉଠି କ୍ଷୁଦ୍ରରେଖ ବା ଶିଖରରେ ମଣ୍ଡିତ ହୋଇଥିଲା । ଅବଶ୍ୟ ଏଇ ରେଖ ବା ଶିଖର (ରେଖ, ଶିଖର— ଦୁଇଟି ଏକାକଥା । ଶିଖର ଶବ୍ଦ=ଇଖର=ରଇଖ=ରେଖ) ଖୁବ୍ ସମ୍ଭବ ଏ ଦେଶରେ ବହୁ ପ୍ରାଚୀନ । ତଥାପି ଏଇପରି ଭାବରେ ଏହା ପର୍ଶୁରମେଶ୍ୱର ମନ୍ଦିରରେ ପ୍ରଥମେ ଫୁଟିଥିବାର ଦେଖାଯାଏ । ତା'ପୂର୍ବରୁ ଉଦୟଗିରି ପ୍ରଭୃତିରେ ଏହାର ସଂକେତ ଥିଲା । କିନ୍ତୁ ତା ସ୍ପଷ୍ଟ ବାରି ହେଉନାଇ । ହେଲେ ହେଁ ପର୍ଶୁରମେଶ୍ୱର ଓ ମୁକ୍ତେଶ୍ୱର ମନ୍ଦିରର ଚିତ୍ର ବଡ଼ ସରଳ ଓ ସୁନ୍ଦର, ଯଥାସ୍ଥାନାବସ୍ଥିତ । ଦେଖିବା ଲୋକର ଆଖି ସେଥିରେ କ୍ଳାନ୍ତ ହୁଏ ନାଇଁ । ଲିଙ୍ଗରାଜ ମନ୍ଦିରରେ ଖୋଦନ ଶିଳ୍ପରେ ଶୃଙ୍ଖଳା ଅଛି । ସେ ଶୃଙ୍ଖଳାରେ ଏକରେ ବହୁ ଓ ବହୁରେ ଏକ, ଯେପରି ଭାବରେ ଫୁଟାଇ ଦିଆ ଯାଇଚି, ତା ବହୁ ହେଲେହେଁ ଦୃଶ୍ୟ ଭାରକ୍ରାନ୍ତ ନୁହେଁ । ଏହା ପରେ ସ୍ପଷ୍ଟ ଭାବେ ପଶିଲା ତାନ୍ତ୍ରିକର ଯୌନ-କଳା । କୋଣାର୍କକୁ ଆସିଲା ବେଳକୁ ଶିଳ୍ପ ସେଇ ଯୌନ ଅଳଂକାରରେ ଏପରି ପୂରି ରହିଚି ଯେ, ଦର୍ଶକର ଆନନ୍ଦର ହେତୁ ସେଥିରେ କେବଳ ଯୌନକଳା । ଚକ୍ଷୁର ଅବକାଶ ନାଇଁ, ଦେଖିବାରେ ବିଶ୍ରାମ ନାଇଁ । ଖୋଦନ ଅତି ଭାରକ୍ରାନ୍ତ, ଦୁର୍ବଳ । ଅନୁପାତ ସୌଷ୍ଠବ ଓ ବିଭିନ୍ନତାରେ ବହୁରେ ଏକତ୍ୱ ସେ ଖୋଦନ କଳାରେ ଖୋଜି କାଢ଼ିବାକୁ ହୁଏ । ଖୋଦନ ଶିଳ୍ପ ଓ ଲିଖିତ ସାହିତ୍ୟର ସମାନ୍ତର ଧାରା ଓଡ଼ିଆ ସଂସ୍କୃତିରେ ଲକ୍ଷ୍ୟ କରିବାର ବସ୍ତୁ ।" (୭) ନୀଳକଣ୍ଠଙ୍କ ଆଲୋଚିତ ଶିଳ୍ପ ଓ ସାହିତ୍ୟର ସମାନ୍ତରାଳ ବିକାଶର ସ୍ତର ନିମ୍ନ ପ୍ରକାରେ ଦେଖାଯାଇପାରେ—

୭ । ଦାସ, ନୀଳକଂଠ, ପରଂପରାର କଳନା ଓ ପ୍ରଭାବ ଓ: ସା: କ୍ର: ପ: ୩ୟ ଭାଗ (ନୀଳକଂଠଙ୍କ ଅପ୍ରକାଶିତ ରଚନାବଳୀ)

| | ଶିଳ୍ପ | ଶାସନ | ସାହିତ୍ୟ |
|---|---|---|---|
| ପ୍ରଥମ ଶତାବ୍ଦୀ | ଜୈନବିହାର | ଖାରବେଳ | ଜାତକ କାହାଣୀ |
| ୭ମ ଶତାବ୍ଦୀ | ପରଶୁରାମେଶ୍ୱର ଓ ମୁକ୍ତେଶ୍ୱର ମନ୍ଦିର | ସୋମ | ଗୁଳଘର, ପଲ୍ଲୀ ସାହିତ୍ୟର ସଂକେତ |
| ୯ମ ଶତାବ୍ଦୀ | ଲିଙ୍ଗରାଜ ମନ୍ଦିର | ସୋମ | ବହୁରେ ଏକ ଓ ଏକରେ ବହୁ ଶୃଙ୍ଖଳା |
| ୧୨ଶ ଶତାବ୍ଦୀ | କୋଣାର୍କ ମନ୍ଦିର ଯୌନକଳା | ଗଙ୍ଗ | ଛାନ୍ଦ ସାହିତ୍ୟ, ଶବ୍ଦାଳଙ୍କାର ଯୌନଚର୍ଯ୍ୟାର ବର୍ଣ୍ଣନା |

ଶିଳ୍ପକଳାର ବିକାଶସ୍ତର ପରବର୍ତ୍ତୀକାଳରେ ସାହିତ୍ୟର କ୍ରମ ବିକାଶ କ୍ଷେତ୍ରରେ ସମାନ୍ତର ଭାବେ ପ୍ରଭାବିତ କରିଥିବା କଥା ନୀଳକଣ୍ଠଙ୍କ ମୌଳିକ ଦୃଷ୍ଟିର ପରିଚୟ ।

## ଲୋକଧର୍ମ :

ଏଡଓ୍ୱାର୍ଡ ବର୍ନେଟ ଟାଇଲର ଧର୍ମର ଲିଖିତ ସାମଗ୍ରୀକୁ କେବଳ ସମ୍ବଳ କରି ଏହାର ବିଚାର କରୁଥିବା ତତ୍ତ୍ୱର ଘୋର ବିରୋଧୀ ଥିଲେ । ଏଥିପାଇଁ ସେ ଲୋକ ପ୍ରଚଳିତ ଧର୍ମାଚରଣ, ଧର୍ମ ବିଶ୍ୱାସ ଓ ପୂଜା ଆଦି ଉପରେ ବିଶେଷ ଗୁରୁତ୍ୱ ଦେଉଥିଲେ । (୮) ସେହିପରି ପଣ୍ଡିତ ନୀଳକଣ୍ଠ ଓଡ଼ିଆ ଧର୍ମ ଓ ତାର ସାମାଜିକ ଆଦର୍ଶ ବିଚାର କଲାବେଳେ କେବଳ ଶାସ୍ତ୍ରୀୟ ଧର୍ମାଦର୍ଶର ଆଲୋଚନାରେ ସୀମିତ ରହିଯାଇ ନାହାନ୍ତି ବରଂ ପ୍ରାକୃତ ଧର୍ମ ବା ଲୋକ ଧର୍ମର ସ୍ୱରୂପ ଅଧ୍ୟୟନ କରି ଏହା କିପରି ସମୟ କ୍ରମେ ସାର୍ବଜନୀନ ଧର୍ମ ରୂପେ ପ୍ରତିଷ୍ଠା ପାଇଅଛି, ପୁନଶ୍ଚ ଶବର ଓ ଦ୍ରାବିଡ଼ ଧର୍ମାଦର୍ଶକୁ ଆର୍ଯ୍ୟ ଧର୍ମ କିପରି ଆତ୍ମସ୍ଥ କରିଛି— ସେ ସବୁର ବିଶଦ୍ ବିଶ୍ଳେଷଣ କରିଛନ୍ତି । ଶାସ୍ତ୍ରାନୁଶୀଳନ ସଙ୍ଗେ ସଙ୍ଗେ ଏହାର ପ୍ରାମାଣିକତା ପାଇଁ ସେ ପ୍ରଚଳିତ ସମାଜର ଲୋକଧର୍ମରେ ଏହାର ଶଙ୍କୁ ଓ ସଂକେତକୁ ଖୋଜି ବାହାର କରିଛନ୍ତି ।

୮ । Mayer, Lucy, 'An Introduction to Social Anthropology', see chapter. What is religion. (ସ୍ୱନ.)



ନୀଳକଣ୍ଠ ବୁଝିଥିଲେ ମଣିଷର କର୍ମ ସହିତ ଧର୍ମର ସଂପର୍କ ନିବିଡ଼ । କିନ୍ତୁ ଏହା ବେଳେ ବେଳେ ମଣିଷର ମାନସିକ ଓ ପରିସ୍ଥିତି ଆବଶ୍ୟକତାକୁ ନେଇ ଅତି ବିଶ୍ୱାସ ସହିତ ଓ ଅହେତୁକ ଆବେଗ ସହିତ ସଂଯୁକ୍ତ ହୋଇ ଭକ୍ତିକ ମିଥ୍ୟାରେ ପରିଣତ ହୁଏ । ଧର୍ମ ମିଥ୍ୟାଚାର ଆଧାରିତ ହେଲେ ଅବିକଶିତ ହୋଇ ରହିଯାଏ । ମୂଳ ଲକ୍ଷ୍ୟଠାରୁ ବିଚ୍ୟୁତ ହୁଏ । ସେହି ଦୃଷ୍ଟିରୁ ପ୍ରାଚୀନ ଓଡ଼ିଶାର ଧର୍ମଧାରାର ଅନୁଶୀଳନ କଲାବେଳେ ସେ ସତ୍ୟ ଓ ଯୁକ୍ତି ଭିତ୍ତିରେ ସମାଜର କ୍ରିୟା ଓ ଆଦର୍ଶର ପରିମାପକୁ ତନ୍ନ ତନ୍ନ କରି ନିରୀକ୍ଷଣ କରିଛନ୍ତି ।

ଯୁଗ ଯୁଗ ଧରି ଭାରତରେ ଶବର, ଦ୍ରାବିଡ଼ ଓ ଆର୍ଯ୍ୟ ଧର୍ମ ଧାରଣା ମଧ୍ୟରେ ସଂଶ୍ଳେଷଣ ଓ ସମନ୍ୱୟ ହୋଇଥିବା ଫଳରେ ଏହାର ମୂଳ ସ୍ୱରୂପଟି ଖୋଜିବା ଦୁଷ୍କର । ତଥାପି ଆଦିମ ସଭ୍ୟତାର ଧର୍ମଧାରଣା ସାଂପ୍ରତିକ ମାନବ ଗୋଷ୍ଠୀର ଧାର୍ମିକ କ୍ରିୟା ଓ ଅନୁଷ୍ଠାନରେ ପ୍ରତୀକାତ୍ମକ ରୂପେ କିପରି ଅଭିବ୍ୟକ୍ତି ଲାଭ କରିଛି ତାହା ସେ ଦେଖିବାକୁ ଚେଷ୍ଟା କରିଛନ୍ତି । ଚେତନାର ଧାରାବାହିକତା ରଖି ମାନବିକ ମୂଲ୍ୟବୋଧ କିପରି ଧର୍ମରେ ରୂପବନ୍ତ ହୋଇଥାଏ ତାହା ସେ ଆଦିମ କାଳରୁ ପ୍ରଚଳିତ ସମାଜର ଧାର୍ମିକ କ୍ରିୟା ଓ ଅନୁଷ୍ଠାନାଦିରୁ ପ୍ରତ୍ୟକ୍ଷ କରି ପାରିଛନ୍ତି ।

ଜଣେ ଦର୍ଶନ ବିଦ୍ୟାବିତ୍ ରୂପେ ନୀଳକଣ୍ଠଙ୍କ ଜୈନ, ବୌଦ୍ଧ, ତଥା ଜଗନ୍ନାଥ ଧର୍ମର ଆଲୋଚନା କରି ବିଶ୍ୱଧର୍ମରେ ଏହାର ମହତ୍ତ୍ୱ ପ୍ରତିପାଦନ ସଂପର୍କରେ ଏଠାରେ ଚର୍ଚ୍ଚା କରାଯିବ ନାହିଁ । ତାଙ୍କ ଆର୍ଯ୍ୟ ଧର୍ମର ଦାର୍ଶନିକ ବ୍ୟାଖ୍ୟାରେ ସ୍ୱାତନ୍ତ୍ର୍ୟ ରହିଛି । କିନ୍ତୁ ଲୋକତତ୍ତ୍ୱବିତ୍ ରୂପେ ନୀଳକଣ୍ଠଙ୍କ ପ୍ରଚଳିତ ଲୋକସମାଜର ଲୋକ ଧର୍ମାଚାରର ସୂତ୍ର ଧରି ଶାସ୍ତ୍ରୀୟ ଧର୍ମାଦର୍ଶର ବ୍ୟାଖ୍ୟା ତାଙ୍କ ଗଭୀର ଅନୁଶୀଳନାତ୍ମକ ଦୃଷ୍ଟିଭଙ୍ଗୀର ପରିଚାୟକ ।

## ଶବର ଧର୍ମଧାରା—

ଶବରମାନେ ପୃଥିବୀର ପ୍ରାଚୀନ ଜନ ଜାତି । ସେମାନଙ୍କ ଧର୍ମ ଧାରଣାରେ ଆତ୍ମାର ଘଟ ପରିବର୍ତ୍ତନ, ପ୍ରାଣୀର ରୂପ ପରିବର୍ତ୍ତନ, ପରକାୟା ପ୍ରବେଶ ଆଦିରୁ ଜଣାଯାଏ ଯେ, ସେମାନେ ଆତ୍ମା ତତ୍ତ୍ୱ ଉପରେ ଆସ୍ଥାବାନ୍

ଥିଲେ । ଗୋଟିଏ ଜୀବନ୍ତ ଆତ୍ମା ଉପରେ ଅନ୍ୟ ଏକ ଆତ୍ମାର ଅବତରିବା ପ୍ରକ୍ରିୟା କାଳିସୀ ରୂପେ ପୃଥିବୀର ବହୁ ଜନ ଜାତିରେ ପ୍ରଚଳିତ । ମଣିଷ ନିଜର ଆଗତ ଭବିଷ୍ୟ ଓ ଶୁଭାଶୁଭ ଜାଣିବା ପାଇଁ ଏହି କଳ୍ପନା । ଏହା ହୁଏତ ତାର ମାନସିକ ପରିତୃପ୍ତି ପାଇଁ କଳ୍ପିତ ହୋଇ ଥାଇପାରେ । ଶବର ମାନଙ୍କର ଧର୍ମାଚାର ରୂପେ ଆତ୍ମା ତତ୍ତ୍ୱ ଓ କାଳିସୀର ବହୁ ପ୍ରଚଳନ ଅଛି । ଏହି ଧାରା କିରାତ ଓ ଦ୍ରାବିଡ଼ ମାନଙ୍କୁ ମଧ୍ୟ ପ୍ରଭାବିତ କରିଅଛି । ବ୍ୟକ୍ତି ଆତ୍ମାର ସ୍ଥିତି କଳ୍ପନା ସଙ୍ଗେ ସଙ୍ଗେ ଏକ ଅଦୃଶ୍ୟ ଶକ୍ତିକୁ ଏମାନେ ସ୍ୱୀକାର କରନ୍ତି । ପଣ୍ଡିତ ନୀଳକଣ୍ଠ ଓଡ଼ିଶାର ଲୋକସମାଜରେ ପ୍ରଚଳିତ 'କା' ଦେବା ଓ 'ଗଣ' ପକାଇବା ପ୍ରଥାକୁ ଦ୍ୱିତୀୟ ଆତ୍ମା ବା ଜୀବବାଦର ସଂକେତ ବୋଲି କହି ଏହା ଶବର ସଭ୍ୟତାର ମୂଳ ବୋଲି ମତ ଦେଇଛନ୍ତି ।

କାଳିସୀ ବ୍ୟତୀତ ଶବରମାନଙ୍କର ଅନ୍ୟ ଏକ ଧାର୍ମିକ ଆଭିଚାରିକ ଦିଗ ହେଉଛି, ଯାଦୁ ବିଦ୍ୟା (magic and witchcraft) । ଏହା ସ୍ତମ୍ଭନ, ମୋହନ, ବଶୀକରଣ, ଉଚ୍ଚାଟନ, ଭେଳବାଜୀ, ଇନ୍ଦ୍ରଜାଲ, ଅସାଧ୍ୟ ସାଧନ, ଅଲୌକିକ କ୍ରିୟାକର୍ମ ଯଥା– କାଉଁରୀ ହାଡ଼କୁ ପ୍ରାଣ ପ୍ରତିଷ୍ଠା ଦେବା, ଚେରକୁ ମନ୍ତ୍ରି ଉଚ୍ଚାଟନରେ ଲଗାଇବା, ମନ୍ତ୍ର ଧୂଳିରେ ସାପ ଓ ବାଘକୁ ବଶୀକରଣ କରିବା । ଏ ସବୁ ତନ୍ତ୍ର ଓ ଅଭିଚାର ବିଦ୍ୟା ପୂର୍ଣ୍ଣତଃ ଲୋକ ସମର୍ଥିତ ନୁହେଁ । କାରଣ ଏହାର ଦୁରୁପଯୋଗ ମଧ୍ୟ କରାଯାଇ ଥାଏ । ଏଥିରେ ପୁଣି ଅବିଶ୍ୱାସର ତୁଳନା ନାହିଁ । ଏହା ଶାବରୀ ବିଦ୍ୟା ବୋଲି ପରିଚିତ । ଏହାର ପ୍ରଭାବ ଲୋକ କଥାରେ ପଡ଼ିଛି ବୋଲି ନୀଳକଣ୍ଠ ମତ ଦେଇଛନ୍ତି ।

ଓଡ଼ିଆ ଲୋକ କଥା ଆଖ୍ୟାୟିକା କାବ୍ୟ ଓ ପରୀକଥାଦିରେ ଏହି ଶାବରୀ ବିଦ୍ୟାର ଅମୁଂଛନୀୟ ପ୍ରଭାବକୁ ଲୋକସଂସ୍କୃତିକ ଭିତ୍ତିରୁ ବିଶ୍ଳେଷଣ କରାଯାଇପାରେ । ଓଡ଼ିଆ ଗଳ୍ପର ବୁଢ଼ୀ ଅସୁରୁଣୀର ଜୀବନନାଟି ମୋଟିଫ୍ ନିତେଇ ଧୋବଣୀ, ପିତେଉ ସଉରୁଣୀ, ଜ୍ଞାନ ଦେଇ ମାଲୁଣୀ : ଆଦିଙ୍କ ଅଦ୍ଭୁତ କ୍ରିୟାକର୍ମ ଏହି ଶାବରୀ ବିଦ୍ୟାର ଚିହ୍ନ ଓ ସଙ୍କେତ ବହନ କରିଛି । ମଧ୍ୟଯୁଗୀୟ ଓଡ଼ିଆ ଆଖ୍ୟାୟିକା କାବ୍ୟ ଲବଣ୍ୟବତୀ, ଶଶୀସେଣାଦିରେ ଏହାର ପ୍ରଭାବକୁ ଅସ୍ୱୀକାର କରାଯାଇ ନ ପାରେ ।



ଶାବରୀ ବିଦ୍ୟାର ଏକ ପ୍ରମୁଖ ଧାର୍ମିକ ଅଭିଚାର ହେଉଛି ନିଆଁରେ ଚାଲିବା । ଏହା ଆଦିମ ମାନବ ସଭ୍ୟତାର ଏକ ପବିତ୍ର ଧର୍ମାଚାର । ଆଫ୍ରିକା, ସିରିଆ, ଫିନିସୀୟ, ରୋମ୍, ଗ୍ରୀସ୍, ଚୀନ୍, ଜାପାନର ବୌଦ୍ଧ, ଭାରତୀୟ ମୁସଲମାନ ସମେତ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପ ପୁଞ୍ଜରେ ଏହି ନିଆଁରେ ଚାଲିବା କ୍ରିୟା ସଂପାଦିତ ହୁଏ । (୯) ଶବର ଅଧ୍ୟୁଷିତ ଅଞ୍ଚଳ ତଥା ଗଣ୍ଡ, ମାନଙ୍କ ଦ୍ୱାରା ଏହା ଏବେ ସୁଦ୍ଧା ଧର୍ମାଚାର ରୂପେ ପରିଗଣିତ । (୧୦)

ମାଲୟ ଓ ପଲିନେସୀୟ ମାନଙ୍କର ଅତିପ୍ରାକୃତ ଆଧ୍ୟାତ୍ମିକ ଶକ୍ତିର ନାଁ ମନ । ଏହି 'ମନ' ଶକ୍ତି ଅଦୃଶ୍ୟ ରୂପେ କୌଣସି ବ୍ୟକ୍ତି ବା ବସ୍ତୁ ଦେହରେ ଅବତରି ଥାଏ । ଏହି 'ମନ' ଶକ୍ତି ଯୋଗୁଁ ନିଆଁରେ ଚାଲିବା ସମ୍ଭବ ହୁଏ ବୋଲି ମାନବିଜ୍ଞାନମାନଙ୍କର ମତ । ଏହି ଶକ୍ତି ବଳରେ ଜଣେ ବୀର ଅସଂଖ୍ୟ ସୈନିକଙ୍କୁ ଯୁଦ୍ଧରେ ପରାସ୍ତ କରିପାରେ । କୃଷକର ଭଲ ଫସଲ ହୁଏ । ଲୋକ କାହାଣୀର ନାୟକ ଯେଉଁ ବସ୍ତୁ ବା ପ୍ରାଣୀର ସାହାଯ୍ୟ ନିଏ ସେମାନଙ୍କ ଉପରେ 'ମନ'ର ପ୍ରଭାବ ଥିବା ହେତୁ ସେ ଅସାଧ୍ୟ ସାଧନ କରେ । ଓଡ଼ିଆ ଲୋକଗଳ୍ପର ଅନେକ ମୋଟିଫ୍‌ରେ ଏହି "ମନ" ଶକ୍ତିର ପ୍ରଭାବ ଲକ୍ଷ୍ୟଣୀୟ ।

## ଦ୍ରାବିଡ ଧର୍ମଧାରା :

ଦ୍ରାବିଡ଼ ବା ଅସୁର ସଭ୍ୟତାରେ ବ୍ୟକ୍ତି ଆତ୍ମା ଓ ଏକ ଅଦୃଶ୍ୟ ଆତ୍ମାର କଳ୍ପନା ରହିଛି । ଏହା ସୁମେର ବା ଅସୁର ସଭ୍ୟତାରେ 'ଜୀ'

---

୯ । ଦାସ ନୀଳକଣ୍ଠ ଓସାକ୍ରପ : ପୃ–୨୮

୧୦ । ମଧ୍ୟଭାରତୀୟ ଶବର, ଗଣ୍ଡ, କନ୍ଧ, ଅଧ୍ୟୁଷିତ ଅଞ୍ଚଳ କଳାହାଣ୍ଡି, ବସ୍ତର ଛତିଶ ଗଡ଼ରେ ହୋଲି ପୂର୍ଣ୍ଣିମା ଦିନ ରାତିରେ ଆଦିବାସୀ ଝାଙ୍କର (priest) ଓ ବିହାରୀ (shaman)ଙ୍କ ଦ୍ୱାରା ଅଗ୍ନି ଶଯ୍ୟା ପ୍ରସ୍ତୁତ ହୋଇ ପ୍ରଥମେ ସେମାନେ ଚାଲିଲା ପରେ ସମସ୍ତେ ଚାଲନ୍ତି । ଏହି ଲେଖକର ପ୍ରାୟ ୧୦।୧୨ ବର୍ଷ ଏହି ନିଆଁରେ ଚାଲିବାର ଅନୁଭୂତି ଅଛି ।

ବୋଲି ପରିଚିତ । ଏହା 'ଜୀ' ବା ଜୀବାତ୍ମାର ଆଦି କଳ୍ପନା । (୧୧) ଶରୀର ମଧ୍ୟରେ ଆତ୍ମାର ଅବସ୍ଥାନ । ଶରୀର ସିନା ମରେ କିନ୍ତୁ ଆତ୍ମାର ମରଣୋତ୍ତର ସ୍ଥିତି ରହିଛି । ତେଣୁ ପୁର୍ନଜନ୍ମ ବି ଅଛି । ଏହି ଦର୍ଶନର ଫଳଶ୍ରୁତି ଶୂନ୍ୟବାଦ ଓ ନିର୍ବାଣ ସାଧନା । ନୀଳକଂଠ କହଂତି—ବୌଦ୍ଧଙ୍କ ମତରେ କର୍ମର ପୁନର୍ଜନ୍ମର ହେତୁ । ଜ୍ଞାନରେ ନିର୍ବାଣ ବା ବ୍ୟକ୍ତି ଶୂନ୍ୟ ନ ହେବା ଯାଏ, ଦେବ ଯୋନିଠାରୁ କୀଟ ପ୍ରଭୃତି ଯୋନି ପର୍ଯ୍ୟନ୍ତ ସର୍ବତ୍ର ପୁନର୍ଜନ୍ମରେ କର୍ମ ଭୋଗ ଚାଲିଥାଏ । (୧୨)

ଲକ୍ଷ୍ୟ କରିବାର ଅଛି, ବୌଦ୍ଧ ଶୂନ୍ୟ ବାଦଠାରୁ ନିର୍ବାଣ ତଥା ଆର୍ଯ୍ୟ ଧାରଣାର ମୋକ୍ଷ ପ୍ରାପ୍ତି ସମ୍ପର୍କରେ ପଣ୍ଡିତଜୀ କେବଳ ଶାସ୍ତ୍ରୀୟ ବ୍ୟାଖ୍ୟା କରି ନାହାନ୍ତି । ବରଂ ଭାରତୀୟ ଲୋକ ସମାଜରେ ଏହି 'ଜୀ' ତତ୍ତ୍ୱର ସାମାଜିକ ଓ ଧାର୍ମିକ ବ୍ୟବହାରକୁ ମଧ୍ୟ ଅନୁଶୀଳନ କରିଛନ୍ତି । ପଣ୍ଡିତଜୀଙ୍କ ଅସୁର ବା ଦ୍ରାବିଡ଼ ସଭ୍ୟତାରୁ 'ଜୀ' କଳ୍ପନା ଏବେ ସୁଦ୍ଧା ମଧ୍ୟଭାରତୀୟ ଦ୍ରାବିଡ଼ ଜନଜାତିର ଧର୍ମ ଧାରଣାରେ ସକ୍ରିୟ । କଳାହାଣ୍ଡି ବସ୍ତର ଛତିଶଗଡ଼ ପ୍ରଭୃତି ଗଣ୍ଡ, କନ୍ଧ, ପ୍ରଭାବିତ ଅଞ୍ଚଳରେ ବ୍ୟକ୍ତିର ମରଣୋତ୍ତର ଆତ୍ମାକୁ 'ଜୀ' ବା 'ଡୁମା' କହନ୍ତି । ମଧ୍ୟ ଭାରତୀୟ ଗଣ୍ଡ ଓ ଭୂମିଆମାନଙ୍କର ମୃତ୍ୟୁ ଓ ଶ୍ରାଦ୍ଧକାଳୀନ କ୍ରିୟାଦିର ଅନୁଶୀଳନ କରି ସଙ୍ଖା-ବିଜ୍ଞାନୀ Fuchs କହନ୍ତି—In addition to body and shadow, there is in man his life spirit which is called 'jiw' or 'Pran' also 'hansa'. The life spirit survives the death of a man, it is brought to Bhagwan. (୧୩)

ଓଡ଼ିଶାର ଗଣ୍ଡ, କନ୍ଧ, ଭୂର୍ଞ୍ଜିଆ ଓ ଅନ୍ୟାନ୍ୟ ଆଦିବାସୀ ସମ୍ପ୍ରଦାୟରେ ବ୍ୟକ୍ତିର ମୃତ୍ୟୁର ତିନିଦିନରେ ତେଲକାମ ଓ ଦଶ ଦିନରେ ଦଶାହ ସାରି ତା'ର 'ଜୀ' ବା 'ଡୁମା'କୁ ଏକବର୍ଷ ମଧ୍ୟରେ ନିଜ ଘରକୁ ଆବାହନ କରି

୧୧ । ଦାସ ନୀଳକଣ୍ଠ, ଓ:ସା:କ୍ର:ପ : ପୃ ୩୨

୧୨ । ତତ୍ରୈବ ପୃ ୬୫

୧୩ । Fuchs, Stephen, The Gonds and Bhumias of Eastern Mandala, 1968, The New Literature Publicity House, Bombay, p. 354-355.



ଆଣନ୍ତି । ଏହି 'ଜୀ' ଆଣିବା କାମ ଆତ୍ମାର ବିସର୍ଜନ ନୁହେଁ ବରଂ ଜୀବନ୍ତ ବ୍ୟକ୍ତିର ସହିତ ମୃତବ୍ୟକ୍ତି ଆତ୍ମାର ସହାବସ୍ଥାନ—ଯଦିଓ ଅଦୃଶ୍ୟ ରୂପେ । 'ଜୀ'କୁ ଆଣି ଗେଷେଇ ଘରେ କିମ୍ବା ଦେବତା ଘରେ କିମ୍ବା ଗୁହାଳରେ ରଖନ୍ତି । କଳାହାଣ୍ଡିର ଲୋକ ଗୀତରେ ଆତ୍ମାକୁ 'ଜୀ' ବୋଲି ବର୍ଣ୍ଣିତ ଅଛି । (୧୪)

ମାନବ ବିଜ୍ଞାନ ଅଧ୍ୟୟନ ସହିତ ଯେତିକି ତାଙ୍କର ପରିଚୟ ଥିଲା ସେଇଥିରୁ ସେ ଲୋକଧର୍ମ ଓ ଦର୍ଶନର ଅନୁଶୀଳନ କରି ବିଶ୍ୱର ମୂଳ ଦେବା-ଦେବୀଙ୍କ ସମ୍ପର୍କରେ ଏକ ସାର୍ବଜନୀନ ସତ୍ୟକୁ ଗ୍ରହଣ କରିଛନ୍ତି । ଲିଙ୍ଗ ଓ ଯୋନିର ସଙ୍ଗମ ଦ୍ୱାରା ସୃଷ୍ଟି । ଶୂନ୍ୟରୁ ବ୍ୟକ୍ତିର ଉଦ୍‌ଭବ ବୋଲି ଏହା ପ୍ରତୀକାତ୍ମକ ଭାବେ ଦେବାଦେବୀ କଳ୍ପନା । ନାରୀର ପ୍ରତ୍ୟକ୍ଷ ସୃଷ୍ଟି ହେତୁ ସେ ସର୍ବ-ପ୍ରସବିନୀ, ଉତ୍ପାଦନ କାରିଣୀ । ନୀଳକଂଠଙ୍କ ଦୃଷ୍ଟିରେ ଏହି ମୂଳ ଦେବାଦେବୀ (Supreme Gods and Goddesses) କଳ-କାଳୀ, ଦେଶ ଓ କାଳ, ଶିବ ଓ ଶକ୍ତି, ସ୍ତ୍ରୀ ପୁରୁଷ ସଂଯୋଗ ଜନିତ କଳ୍ପନା । ପ୍ରାଣୀ ଓ ପ୍ରକୃତିର ସୃଷ୍ଟି ମୂଳରେ ମଧ୍ୟ ଏହି ନିୟମ ଓ ରହସ୍ୟ କ୍ରିୟାନ୍ୱିତ ।

ଆଦିମ ଧର୍ମ ଧାରଣାର ଜୀବବାଦ (animism) ପ୍ରାଣୀ ବା ବସ୍ତୁରେ ଶକ୍ତିର ଆରୋପଣ ପ୍ରତୀକାତ୍ମକ ରୂପେ ପ୍ରକାଶିତ । ଏହି ପ୍ରତୀକ କାଷ୍ଠ, ଅସ୍ତ୍ର, ପ୍ରସ୍ତର ଆଦି ଦ୍ୱାରା ପ୍ରକାଶିତ । କଳାପଥରରେ ପୂଜିତ ନୀଳମାଧବ ଓ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ମୂର୍ତ୍ତିତତ୍ତ୍ୱ ମଧ୍ୟ ସେଇ ପ୍ରତୀକର ପ୍ରକାଶ । ଏହା ଆଦିମ ମାନବର ଧର୍ମୀୟ ପ୍ରତୀକ ।

୧୪ । ସଜନୀ, ଭଜିଶାଗ ଚିପି ଶୁଖେ,
ତୁଇ ମଲା ମୁହାର୍ 'ଜୀ' ନେଇ ଦୁଖେ
ଦିନ ଗଲା ଦୁଖେ ଦୁଖେ ।।

ସ୍ତ୍ରୀ ପ୍ରତି ସମବେଦନା ନଥିବା ସ୍ୱାମୀ ପ୍ରତି ସ୍ତ୍ରୀର ଉକ୍ତି—ଭଜିଶାଗର ଅଗ ଶୁଖିଲା । ମରିଗଲା ଲୋକର ମୁହଁ ପରି ତୋ ମୁହଁ, (ମଲାମୁହାଁ) ତୋର 'ଜୀ' ବା ଆତ୍ମା ମୋ କଷ୍ଟରେ ଦୁଃଖିତ ହୁଏ ନାହିଁ । ମୋ ଦିନ ଦୁଃଖରେ ହିଁ ଯାଉଛି ।

ସାର୍ବଜନୀନ ଦେବାଦେବୀ ଲୌକିକ କଳ୍ପନା ଦ୍ୱାରା ନିଜ ନିଜ ମୂଳ ସତ୍ତା ହରାଇ ମହନୀୟ ଓ ଆଦର୍ଶ ଚରିତ୍ରରୁ ମାନବୀୟ ଦୋଷଗୁଣ ସଂପନ୍ନ ଚରିତ୍ର ରୂପେ ଲୋକଧର୍ମରେ ପ୍ରତିଷ୍ଠିତ ହେବା କଥା ଲକ୍ଷ୍ୟ କରି ନୀଳକଂଠ କହିଛନ୍ତି—"ବୁଦ୍ଧ, କୃଷ୍ଣ ପ୍ରଭୃତି ଶୁଦ୍ଧ ଦର୍ଶନବାଦୀ ମାନେ ବି କାଳରେ ଲୋକସାହିତ୍ୟର ପ୍ରଭାବରେ ଏହି କାଳିସୀ ରୂପେ ଚିତ୍ର କରାହୋଇ-ଚନ୍ତି ।" (୧୫) ଶାସ୍ତ୍ରୀୟ ଓ ବିଶ୍ୱ ଜନୀନ ଧର୍ମ (universal religion) କିପରି ସମୟ କ୍ରମେ ଲୋକ ତଥା ଆଞ୍ଚଳିକ ଧର୍ମ (Folk religion ଓ Parochial) ରେ ପରିଣତ ହୋଇଛନ୍ତି ତଥା ସମାଜର ଉଭୟ କ୍ଷେତ୍ରରେ ଏକ ଧର୍ମର ଭିନ୍ନ ଭିନ୍ନ ରୂପ ସଂପର୍କରେ ସେ ଅନେକ ସ୍ଥାନରେ ଆଲୋଚନା କରିଛନ୍ତି ।

ଓଡ଼ିଶାର କେତେକ ପର୍ବପର୍ବାଣୀର ଆଲୋଚନା କଲାବେଳେ ଲୋକ ସମାଜର ପରଂପରା ଓ ସାମାଜିକ ଆଦର୍ଶ ଭିତ୍ତିରେ ଏ ଗୁଡ଼ିକୁ ପରଖି ଦେଖିଛନ୍ତି । ଯେଉଁ ପର୍ବ ଗୁଡ଼ିକ ସମାଜର ଆଦର୍ଶ ଅନୁସାରେ ପ୍ରତିଷ୍ଠିତ ନୁହେଁ ତାକୁ ସେ ଓଡ଼ିଆ ସଂସ୍କୃତିରୁ ଉଦ୍‌ଭବ ହୋଇନାହିଁ ବୋଲି ସ୍ପଷ୍ଟ ଉଲ୍ଲେଖ କରିଛନ୍ତି । ଏହି ଦୃଷ୍ଟିରୁ ଦଶହରା, ବାଲିତୃତୀୟା ଓ କୁମାର ପୂର୍ଣ୍ଣିମା ଆଦି ଓଡ଼ିଆ ଆଦର୍ଶ ଉପରେ ପ୍ରତିଷ୍ଠିତ ବୋଲି ଓ ରେଖାପଞ୍ଚମୀ, ଭ୍ରାତୃ ଦ୍ୱିତୀୟା, ସର୍ପ ପୂଜା ଓ ଜାଂଗୁଳି ପୂଜା ଏ ସବୁ ବଙ୍ଗଳା ପ୍ରଭାବ ପୁଷ୍ଟ ପର୍ବ ବୋଲି ପୃଷ୍ଠଭୂମିକ ଅଧ୍ୟୟନରୁ ସ୍ପଷ୍ଟ କରିଛନ୍ତି । ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ସାମାଜିକ ଅଧ୍ୟୟନ ପାଇଁ ଲୋକଧର୍ମ ଧାରଣାକୁ ଏହିପରି ବିଶ୍ଳେଷଣାତ୍ମକ ମନୋବୃତ୍ତି ନେଇ ଆଲୋଚନା କରିବାର ମନୋବୃତ୍ତି ନୀଳକଂଠଙ୍କ ସମାଲୋଚନାର ଅନ୍ୟତମ ବିଶେଷତ୍ୱ ।

ଲୋକଧର୍ମ ସହିତ ଲୋକ ବିଶ୍ୱାସର ଅଙ୍ଗାଙ୍ଗୀ ଭାବ ରହିଛି । କାର୍ଯ୍ୟ କାରଣ ସଂପର୍କ ଘେନି ତଥା ଭକ୍ତିକ ମିଥ୍ୟାର-ପ୍ରଭାବରେ ନାନା ପ୍ରକାର ଲୋକ ବିଶ୍ୱାସର ସୃଷ୍ଟି ହୁଏ । କାଳିସୀଠାରୁ ଆଗତଭବିଷ୍ୟ ଜାଣିବା, ଶକୁନ ବିଦ୍ୟା, ସାମୁଦ୍ରିକ ବିଦ୍ୟା, ଫଳିତ ଜ୍ୟୋତିଷ ଆଦି ଲୋକ ବିଶ୍ୱାସର ଅନ୍ତର୍ଗତ । ଲୋକ ବିଶ୍ୱାସର ଯାହା ବ୍ୟକ୍ତିର ମାନସିକ ଅଭିଯୋଜନା ପାଇଁ

୧୫ । ଦାସ, ନୀଳକଂଠ, ଓ. ସା. କ୍ର. ପ. : ପୃ-୨୯



ଅଭିପ୍ରେତ ତାହା ସେ ଦେଖାଇ କହନ୍ତି ଯେ ଏହା ଭକ୍ତିଧର୍ମ ଅନ୍ତର୍ଗତ । ତାଙ୍କ ଭାଷାରେ—"ଅତି ଆଦିମ କାଳରୁ ଦେବଦେବୀଙ୍କ ଆବିର୍ଭାବ ଓ ତହିଁରେ ମନୁଷ୍ୟର ଭାଗ୍ୟ, ଭବିଷ୍ୟତ, ଭୋଗ, କର୍ତ୍ତବ୍ୟାଦିରେ ପ୍ରକାଶ ଓ ପ୍ରଚାର ମାନବ ସମାଜରେ ଚାଲି ଆସିଚି । ସେଇ ପରଂପରାରେ ଅତିପ୍ରାକୃତ ଓ ପରଂପରାରେ ଗତାନୁଗତିକ ମାନଙ୍କ ଭିତରେ 'କାଳେସୀ' ଲାଗନ୍ତି, ପୁଣି ଗୁରୁଦେବ ଔଷଧ ଦିଅନ୍ତି ଓ ଭାଗ୍ୟ ଭବିଷ୍ୟତ କହନ୍ତି ।" (୧୬) ଶବର ସଭ୍ୟତାରେ ଏହି ବିଦ୍ୟାର ପ୍ରଚଳନ ବହୁ କାଳରୁ ଥିଲା ବୋଲି ସେ ମତ ଦେଇଛନ୍ତି ।

ନୀଳକଂଠଙ୍କ ଲୋକଧର୍ମ ଓ ଦର୍ଶନର ଅନୁଶୀଳନ ଓଡ଼ିଶାର ଆଦିମ ଜନଜାତିଠାରୁ ନିରବଚ୍ଛିନ୍ନ ରୂପେ ପ୍ରଲମ୍ବିତ ସାଂପ୍ରତିକ କାଳର ବିଶ୍ୱଦେବ ଜଗନ୍ନାଥ ସମେତ ଗ୍ରାମ୍ୟ କାଳିସୀ ଓ ଦେବାଦେବୀଙ୍କ ପର୍ଯ୍ୟନ୍ତ ପ୍ରଲମ୍ବିତ । ଏହି ଦୃଷ୍ଟିରୁ ସେ ଏହି ଭୂମିର ଲୋକଧର୍ମ ସହିତ ଶିଷ୍ଟ ଧର୍ମର ଆଦର୍ଶର ସାମଞ୍ଜସ୍ୟ ଓ ପରସ୍ପରକୁ ପ୍ରଭାବିତ କରିଥିବା କଥା ଆଲୋଚନା କରିଛନ୍ତି ।

୧୬ । ଦାସ, ନୀଳକଂଠ, ସଂସ୍କୃତ ଓ ସଂସ୍କୃତି, ନିଉ ଷ୍ଟୁଡେଣ୍ଟ ଷ୍ଟୋର, କଟକ, ୧୯୭୨, ପୃ-୧୨ ।

## ପଞ୍ଚମ ଅଧ୍ୟାୟ

# ନୀଳକଂଠଂକ ଲୋକସାହିତ୍ୟ ଚର୍ଚ୍ଚା

ଲୋକସାହିତ୍ୟ ସଂପର୍କରେ ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିବୋଧ ଥିଲା ବଡ଼ ଉଦାର ଓ ବ୍ୟାପକ । ଓଡ଼ିଆ ସାହିତ୍ୟ ଚର୍ଚ୍ଚାର ପରଂପରା କେବଳ ଲିଖିତ ସାହିତ୍ୟକୁ ଭିତ୍ତିକରି ଗତି କରୁଥିଲାବେଳେ ଓଡ଼ିଆ ଲୋକ ଜୀବନର ପ୍ରତିବିମ୍ବ ତଥା ଲୋକସାହିତ୍ୟର ସ୍ପନ୍ଦନ ଲିଖିତ ସାହିତ୍ୟରେ ଅପାଂକ୍ତେୟ ହୋଇ ପଡ଼ିରହିଥିଲାବେଳେ ପଣ୍ଡିତ ନୀଳକଣ୍ଠ ଓଡ଼ିଆ ଲୋକସଂସ୍କୃତି ଓ ଲୋକସାହିତ୍ୟକୁ ବିଦଗ୍ଧ ସାହିତ୍ୟର ଦରବାରରେ ସମାସୀନ କରାଇ ଓଡ଼ିଆ ସାହିତ୍ୟ ଚର୍ଚ୍ଚା ମଧ୍ୟରେ ଥିବା ଲୌକିକ ଓ ସଂସ୍କୃତଭାବର ବ୍ୟବଧାନକୁ ଦୂର କରିଛନ୍ତି । ବିଶେଷରେ ଓଡ଼ିଆ ଲୋକସାହିତ୍ୟ ମଧ୍ୟରୁ ହିଁ ସେ ଦେଖିପାରିଥିଲେ ଲୋକ ଜୀବନର ପ୍ରାଣ ସ୍ପନ୍ଦନ । ତାଙ୍କ ଉପଲବ୍ଧିରେ ଏହା ଲୋକହୃଦୟ-ବାଣୀ ରୂପେ ପ୍ରତିଷ୍ଠା ପାଇଥିଲା । ତେଣୁ ଓଡ଼ିଆ ସଂସ୍କୃତି ଓ ସାହିତ୍ୟର ସାମଗ୍ରିକ ଅଧ୍ୟୟନ ପାଇଁ ସେ ଶବର ଓ ଦ୍ରାବିଡ଼ ପ୍ରଜାତିର ସାଂସ୍କୃତିକ ଅଧ୍ୟୟନ କରି ଓଡ଼ିଆ ସାହିତ୍ୟର ସମାଲୋଚନା ରୀତିର ପାରଂପରିକତାକୁ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି । ତାଙ୍କ ନିଜ ଭାଷାରେ "ବିଶେଷରେ ପ୍ରତିଷ୍ଠିତ ଧାରଣାରେ ବିଚାର କରିବା ମନୁଷ୍ୟ ପ୍ରକୃତି ହୋଇଯାଏ । ସେ ଧାରଣାରୁ ବାହାରି ସ୍ୱାଧୀନ ଭାବେ ବିଚାର କରି ଦେଖିବା କଷ୍ଟ ।" (୧) ତେଣୁ ସେ ପ୍ରତିଷ୍ଠିତ ଧାରଣାରେ ବିଚାର ନକରି ସ୍ୱାଧୀନ ଭାବେ ଓଡ଼ିଆ ସାହିତ୍ୟ ଆଲୋଚନାରେ ପ୍ରବୃତ୍ତ ହୋଇ କେବଳ ପରଂପରାକୁ ଭାଙ୍ଗି ନାହାନ୍ତି– ବରଂ ଉତ୍ତର ପୁରୁଷ ପାଇଁ ମୌଳିକ ଅନୁଶୀଳନ ଧାରାର ପ୍ରବର୍ତ୍ତନ କରିଛନ୍ତି ।

୧ । ଦାସ, ନୀଳକଣ୍ଠ– 'ଓ .ସା. କ୍ର. ପ.' ପୃ ୬୬

ସାହିତ୍ୟର ବ୍ୟାପ୍ତି କେବଳ ଲେଖାରେ ନୁହେଁ, କଥାରେ ବି ଅଛି । ତେଣୁ ସେ ଓଡ଼ିଆ ସାହିତ୍ୟ ସଂପର୍କରେ କହିଛନ୍ତି–

"ସ୍ପଷ୍ଟ ଲେଖାରେ ପ୍ରକାଶ ପାଇଲେ ସାହିତ୍ୟ ଦେଖିବା ଓ ବୁଝିବା ସୁଗମ ହୁଏ, ତେଣୁ ସାଧାରଣତଃ ଲେଖା ସାହିତ୍ୟକୁ ହିଁ ସାହିତ୍ୟ କହନ୍ତି; କିନ୍ତୁ ଲେଖାରେ ପ୍ରକାଶ ନପାଇ କଥାରେ ବା ପରଂପରାରେ ଶୁଣି ଶିଖିବା ଗୀତ, ଗପ ଓ କାହାଣୀରେ ଲେଖା ସାହିତ୍ୟ ଭଳି କିମ୍ବା ତା'ଠାରୁ ଅଧିକ ସରସ ଓ ଜୀବନ୍ତ ସାହିତ୍ୟ ଥାଇପାରେ । ସମୟରେ ଏହା ଖୁବ୍ ଥିଲା । ଭାରତୀୟ ଆର୍ଯ୍ୟମାନଙ୍କ ବେଦ ଥିଲା, ଶ୍ରୁତି । ଶ୍ରୁତି ବୋଇଲେ, ଶୁଣି ଶୁଣି ଲୋକେ ଯାହା ମନେ ରଖନ୍ତି । ବୈଦିକ ସ୍ତୁତି ଓ ଗାନ ସବୁ ପୁରୁଷାନୁକ୍ରମେ ଲୋକେ ଶୁଣି ଶୁଣି ମନେ ରଖୁଥିଲେ । ସେକାଳେ ଅକ୍ଷର ବ୍ୟବହାର ନଥିଲା, ତେଣୁ ଲେଖା ନଥିଲା, ଅକ୍ଷର ଥିବା କାଳରେ ମଧ୍ୟ ବ୍ରତକଥା, ଲୋକକଥା ବା ରୂପକଥା, ଶିଶୁ ବୁଝା ଓ ଶିଶୁ ସମ୍ଭଳା ଗୀତ, ପୁରାଣ, କାହାଣୀ ଓ ସେଇଭଳି ବିଷୟର ଗୀତ ପ୍ରଭୃତି ଶୁଣିବାର ପରଂପରାରେ ଚଳୁଥିଲା । ଏବେ ବି ତା କେତେକ ଚଳେ । ମୁଦ୍ରାଯଂତ୍ର ନଥିଲାବେଳେ ଏହା ହିଁ ବିଶେଷ ଭାବରେ ଲୋକ ସାହିତ୍ୟ ଥିଲା । ଆମ ଦେଶର ପ୍ରାକୃତ ତଥା ସଂସ୍କୃତ ପୁରାଣମାନଙ୍କରେ ସେଇ ସବୁ କଥାରୁ ବହୁତ ସଂଗୃହୀତ ହୋଇଥିଲା । ଏ ସବୁ ଲୋକ-ସାହିତ୍ୟ ଆମ ଦେଶରେ ପୁରୁଷକ ତଳେ ଖୁବ୍ ପ୍ରଚଳିତ ଥିଲା । ଏବେ ବହୁତ ଲୁଚିଯାଇଚି; କିନ୍ତୁ ସବୁ ଲୁଚିଯାଇ ନାଇ । ଏ ସବୁ ଏବେ ବି ଓଡ଼ିଆ ସାହିତ୍ୟ ହୋଇ ରହିଚି ।" (୨)

ଏହି ଲୋକସାହିତ୍ୟ ଓଡ଼ିଶାର ଆଦିମ ପ୍ରଜାତି ଶବର ଓ ଦ୍ରାବିଡ଼ ଗୋଷ୍ଠୀଙ୍କ ଘରେ ଏବେ ବି ପ୍ରାଣବନ୍ତ । ନୀଳକଣ୍ଠ କହନ୍ତି– "ଓଡ଼ିଆ ସାହିତ୍ୟର ବିକାଶ ମୂଳରୁ ଦେଖିବାକୁ ହେଲେ ଏଇ ସବୁ ଭାଷା ଓ ସାହିତ୍ୟର ଅନୁସନ୍ଧାନ ବଡ଼ ଦରକାର । ଏହି ପଛୁଆ ଲୋକଙ୍କ ଭିତରେ ମଧ୍ୟ ଏବେ ଲୋକକଥା, ପର୍ବ, ଅନୁଷ୍ଠାନ ବହୁତ ଅଛି । × × × ଲେଖା ସାହିତ୍ୟ ନଥିଲେ ମଧ୍ୟ ସେମାନଙ୍କ ନୃତ୍ୟ ଗାନରେ ଯେଉଁ ସଙ୍ଗୀତ ଓ ପ୍ରଣୟ, ଗୃହସ୍ଥତା ଓ ଅନୁଷ୍ଠାନ ପ୍ରଭୃତିର ଚିତ୍ର ରହିଚି, ତା ବେଳେ ବେଳେ ଅତି ଉପାଦେୟ ।" (୩)

୨ । ତତ୍ରୈବ ପୃ ୩

୩ । ତତ୍ରୈବ ପୃ ୧୯–୨୦

ସଂସ୍କୃତି ଓ ସାହିତ୍ୟର ଗଭୀର ତଥା ମୌଳିକ ସ୍ୱରୂପର ଉତ୍ସ ସନ୍ଧାନ କରିବା ପାଇଁ ସେ ତେଣୁ ଲୋକ ମୌଖିକ ପରଂପରା ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି । ତେଣୁ ସେ କହିଛନ୍ତି–"ଓଡ଼ିଆ ସାହିତ୍ୟର କ୍ରମପରିଣାମ ଦେଖିବାକୁ ହେଲେ, ସେଇ ଲିଖିତ ସାହିତ୍ୟ ନଥିବା ସମୟର ଯେଉଁ ପ୍ରଭବ ଅଛି ତାହା ଯଥା ସମ୍ଭବ ଫେଡ଼ି ଦେଖିବାକୁ ହେବ । ସାହିତ୍ୟ ବୋଇଲେ, ଆମେ ସାଧାରଣତଃ ବୁଝୁ, କେତେଗୁଡ଼ିଏ ଲେଖା, ମାତ୍ର ଓଡ଼ିଆ ସାହିତ୍ୟର କ୍ରମବିକାଶରେ ଖାଲି ଏଇ ଲେଖା ଧରିବସିଲେ ହେବନାହିଁ, ଏଇ ଲେଖା ଭିତରେ ମଧ୍ୟ ଆଦିମ କାଳରୁ ଓଡ଼ିଆର ଯେ ବ୍ୟକ୍ତିତ୍ୱ ଓ ପ୍ରାଣ ଫୁଟି ଆସିଛି, ତା ଖୋଜିବାକୁ ହେବ । ଏଇ ସମସ୍ତ ଲୋକ ସଭ୍ୟତା ଓ ସାହିତ୍ୟ ଭିତରେ ଓଡ଼ିଆ ସାହିତ୍ୟର ଯଥାର୍ଥ ସ୍ୱରୂପ କ'ଣ ।" ଲୋକସାହିତ୍ୟର ଉପାଦାନମାନଙ୍କୁ ଭିତ୍ତି କରି ଇତିହାସ-ପୁନର୍ଗଠନ ତଥା ସଂସ୍କୃତିର ସ୍ୱରୂପ ଜାଣିବା ପାଇଁ ସେ ଚେଷ୍ଟିତ ଥିଲେ । ଏଣୁ କହିଥିଲେ– "ଏଇ ଭାବରେ କ୍ରମେ ଶବ୍ଦ, ଅନୁଷ୍ଠାନ, ସାଧନା, ଲୋକକଥା, ଚଳଣି, ଧର୍ମ, ସବୁଥିରୁ ଶବ୍ଦ ଓ ସରଞ୍ଜାମ ସଂଗ୍ରହ କରି ଏଇ ଆଲୋଚନା କରାଯାଉଛି ।

ତେଣୁ ନୀଳକଣ୍ଠଙ୍କ ଓଡ଼ିଆ ସାହିତ୍ୟ ଆଲୋଚନାରେ ଆମେ ଉଭୟ ଲିଖିତ ଓ କଥିତ ସାହିତ୍ୟର ସାମଗ୍ରୀ ପାଉଁ । ତାଙ୍କ ଓଡ଼ିଆ ସାହିତ୍ୟର କ୍ରମପରିଣାମ ତଥା "ନୀଳକଂଠଂକ ଅପ୍ରକାଶିତ ରଚନାବଳୀ"ର ଓଡ଼ିଆ ସଂସ୍କୃତିର କ୍ରମବିକାଶର 'ପରଂପରାର କଳନା ଓ ପ୍ରଭବ' ପରିଚ୍ଛେଦରେ ଓ ସଂସ୍କୃତ ଓ ସଂସ୍କୃତି ପୁସ୍ତକର କେତେକ ସ୍ଥଳରେ ଲୋକସାହିତ୍ୟର ଆଲୋଚନା ଓ ସୂଚନା ବ୍ୟତୀତ ଅନ୍ୟ କେଉଁ ରଚନାରେ ଉପଲବ୍ଧ ନୁହେଁ । ପ୍ରଚଳିତ ସଂଜ୍ଞାରେ ସେ ଲୋକ ସଂସ୍କୃତିବିତ୍ ନଥିଲେ । କିନ୍ତୁ ଦୃଷ୍ଟିଭଙ୍ଗୀଟି ଯେହେତୁ ଥିଲା ଲୋକ-ଭିତ୍ତିକ, ତେଣୁ ଶିଷ୍ଟ ସାହିତ୍ୟର ପୃଷ୍ଠଭୂମିରେ ଲୋକ ସାହିତ୍ୟର ଭୂମିକାକୁ ସେ ପରୀକ୍ଷା କରି ଦେଖାଇଥିଲେ । ଲିଖିତ ସାହିତ୍ୟର ଯେ କୌଣସି ସାମଗ୍ରୀର ମୂଳ ଲୋକସାହିତ୍ୟରୁ ପରୀକ୍ଷା କରି ଏହାର ସୃଷ୍ଟି ଉତ୍ସ ସମେତ ଲୋକସ୍ତରରୁ ଶିଷ୍ଟ ସ୍ତରକୁ କିପରି କ୍ରମବିକଶିତ ସେ ଦେଖାଇଛନ୍ତି ।

ନୀଳକଣ୍ଠଙ୍କ ସମସ୍ତ ଆଲୋଚନା ପୁସ୍ତକ ମଧ୍ୟରୁ ଲୋକ ସାହିତ୍ୟ ( Folk literature )ର ବିଭିନ୍ନ ବିଷୟାଂଶ ( genre ) ରୂପେ ଆମେ ନିମ୍ନୋକ୍ତ ବିଭବ ସବୁ ଆଲୋଚିତ ହୋଇଥିବାର ଦେଖୁଁ । ଯଥା–



(୧) ପୁରାଣ ( myth ), (୨) କିଂବଦଂତୀ, (୩) ଲୋକକଥା, (୪) ଲୋକକାବ୍ୟ, (୫) ଲୋକୋକ୍ତି ଆଦି, (୬) ଲୋକ ଛନ୍ଦ, ବୃତ୍ତ, ସଙ୍ଗୀତ ଆଦି ।

**ପୁରାଣ** (Myth) :

ବିଶ୍ୱରେ ପ୍ରତ୍ୟେକ ମାନବ ଗୋଷ୍ଠୀର ପୁରାଣ ସାମାଜିକ ସ୍ତରୀକରଣ ପ୍ରକ୍ରିୟା ତଥା ପ୍ରକୃତି ସହିତ ସଂସ୍କୃତିର ସଂପର୍କକୁ ଘେନି ଉଦ୍‌ଭବ ଓ କ୍ରମ-ବିବର୍ତ୍ତିତ ହୋଇଅଛି । ଏହା ପ୍ରାକ୍ ଦାର୍ଶନିକ ଓ ପ୍ରାକ୍ ନୈୟାୟିକ ମାନବ ଚିନ୍ତାର ସମ୍ବାହକ । ଆଦିମାନବର କଳ୍ପନାରେ ପୃଥିବୀ, ଜଳ, ଅଗ୍ନି, ବାୟୁ, ମଣିଷ, ପଶୁପକ୍ଷୀ, ସୂର୍ଯ୍ୟଚନ୍ଦ୍ର, ଗ୍ରହନକ୍ଷତ୍ର, ଗଛଲତା, ପାହାଡ଼ପର୍ବତ ଆଦି କିପରି ସୃଷ୍ଟି ହେଲା, ସେ ସବୁ ପୁରାଣର ଅନ୍ତର୍ଗତ । ଏହା ଯୁଗଯୁଗର ମଣିଷର ସାମୂହିକ ଅବଚେତନର ପ୍ରକାଶକ । ମିଥ୍ ବା ପୁରାଣକୁ ଫ୍ରଏଡ୍ ସଂସ୍କୃତିର ସ୍ୱପ୍ନ ବୋଲି ମତ ଦେଇଛନ୍ତି । ଯେହେତୁ ନାନା ପ୍ରତୀକ ଓ ରୂପକାତ୍ମକ ଶବ୍ଦ ମଧ୍ୟରେ ଏହା ଅଭିବ୍ୟକ୍ତ । ମିଥ୍ ବହୁ ପୂର୍ବକାଳରେ ଘଟିଥିବା ସତ୍ୟ ଘଟଣା ବୋଲି ଲୋକେ ବିଶ୍ୱାସ କରନ୍ତି । ବୋଗୋମୋଲୋଭ୍ କହନ୍ତି–

Reality represented in myth is taken by men for granted without any criticism, no doubt how impossible it may be. Myth is for him real world, Perhaps even more real than the Physical reality he deals with in everyday life. (୪)

ପୁରାଣ କାହାଣୀ ଚରିତ୍ର ଦୃଷ୍ଟିରୁ ସତ୍ୟ, ଦୈବିକ ଚରିତ୍ର ଯୁକ୍ତ, ପବିତ୍ର ଅଲୌକିକ କୌଣସି ସ୍ଥାନ କିମ୍ବା ସମୟ ସହିତ ସଂପର୍କିତ । ମିଥ୍ ସଂପର୍କରେ ବାସ୍‌କମ୍ କହନ୍ତି–

Myths are prose narratives which in the society in which they are told, are considered to be truthful accounts of what happened in the remote past. (୫)

---

୪ । Bogomolov, A.S. History of Ancient Philosophy, 1985. P-21.

୫ । Bascom, W.R. Contributions to Folkloristics, P-98.

ମିଥ୍‌ର ଦୈବିକ ଚରିତ୍ର ଗୁଡ଼ିକ ମାନବୀୟ ଚରିତ୍ର ସହିତ ମଧ୍ୟ ସଂଯୁକ୍ତ । ଏମାନେ ନାୟକକୁ ଅଲୌକିକ କ୍ରିୟାକର୍ମରେ ସାହାଯ୍ୟ କରନ୍ତି । ମିଥ୍ ବାହ୍ୟତଃ ଅଲୌକିକ ଘଟଣା ଓ ଆଧିଦୈବିକ ତଥା ଅଯୌକ୍ତିକ ମନେହେଲେ ସୁଦ୍ଧା ଏହାର ସଂରଚନା ଭୂମିରେ ମାନବ ଜାତିର ସାମାଜିକ, ସାଂସ୍କୃତିକ ଓ ଯୁକ୍ତିସଙ୍ଗତ ତଥ୍ୟ ସଙ୍ଗୋପିତ ହୋଇ ରହିଥାଏ । ପୁରାଣ ବା ମିଥ୍‌ର ସଜ୍ଞା ଦେଇ ନୀଳକଂଠ କହନ୍ତି—

"ପୁରାଣ ବାହାରିଚି ବାଲ୍ୟତ ବା ଶିଶୁ ଅବସ୍ଥାରେ ଥିବା ମାନବ ସମାଜର ବିଶ୍ୱବୋଧ ବା ବଶ୍ୱବ୍ୟାଖ୍ୟାରୁ । × × ଦର୍ଶନହୀନ ମାନବ ସମାଜର ପ୍ରଗତିରେ ପୁରାଣ ଓ ପୌରାଣିକ ମିଥ୍ୟା ବହୁ ଭାବରେ ସାହାଯ୍ୟ ମଧ୍ୟ କରେ; ସେ ସବୁର ପ୍ରଗତି ଓ ପରଂପରାରେ ଯେ ଆଗ୍ରହ, ପୁରାଣ ହେଉଚି ତାର ଗୋଟିଏ ଅଜ୍ଞାତ ଓ ଅଲକ୍ଷିତ ଲିପିବଦ୍ଧ ଗ୍ରନ୍ଥପରି ।" (୬)

××× ସମାଜ ପ୍ରଗତିର ସୋପାନ ଓ ସ୍ତରମାନ; ସେଥିରେ ପୁଣି ସମାଜ ବିଶେଷର ତାତ୍କାଳିକ ଆଦର୍ଶ ଓ ଆଗ୍ରହ ଏସବୁ ପୁରାଣ ଉପାଖ୍ୟାନରେ ଖୁବ୍ ଅନୁସନ୍ଧାନ କରିହେବ ।" (୭)

ନୀଳକଂଠ ପୁରାଣ ସୃଷ୍ଟି ସଂପର୍କରେ ଯେଉଁ ମତବାଦ ଗୁଡ଼ିକ ସହ ପରିଚିତ ଥିଲେ ତାହା ତାଙ୍କ ରଚନାବଳୀରୁ ପ୍ରମାଣିତ ହୁଏ । ସେ ସମକାଳୀନ ବିଶ୍ୱର ତତ୍‌ବିଦ୍ ମାନଙ୍କର ମିଥ୍ ସୃଷ୍ଟି ସଂପର୍କୀୟ ମତବାଦ ସଂପର୍କରେ ଅବହିତ ଥାଇ ଓଡ଼ିଆ ପୁରାଣ ଅନୁଶୀଳନ ଓ ତୁଳନାତ୍ମକ ଅଧ୍ୟୟନ କରିଥିଲେ । ପୁରାଣ ଓ ଉଦ୍‌ଭବନ ସଂପର୍କରେ ସେ କହନ୍ତି— "କେହି କେହି କହନ୍ତି, ମାନବ କଳ୍ପନା ଏକ ପ୍ରକାର ଘଟନା ବା ଘଟନା ରାଶି ମଧ୍ୟରେ ପଡ଼ି ଏ ପ୍ରକାର ଆଖ୍ୟାନମାନ ଉଦ୍‌ଭବନ କରେ ।" (୮) ଏହା ଡାରଉଇନୀୟ କ୍ରମବିବର୍ତ୍ତନବାଦ । ବିଶ୍ୱର ବିଭିନ୍ନ ମାନବ ଗୋଷ୍ଠୀର ବିକାଶକ୍ରମ ଏକ ନିର୍ଦ୍ଦିଷ୍ଟ ସ୍ତର ଦେଇ ଗଢ଼ି ଉଠିଛି । ଏହି ମତକୁ ମାନବ-ବିଜ୍ଞାନୀ ମାନେ ସଂସ୍କୃତିର ବହୁ ଉତ୍ସ (polygenetical)ରୁ ବିକଶିତ

୬ । ଦାସ, ନୀଳକଂଠ—ଓ. ସା. କ୍ର. ପ. : ପୃ-୪୦୬

୭ । ତତ୍ରୈବ—ପୃ-୪୦୭

୮ । ତତ୍ରୈବ—ପୃ-୪୪୨



ହୋଇଥିବାର ଦର୍ଶାଇଥିଲେ । କିନ୍ତୁ ସାଂସ୍କୃତିକ ବିସରଣବାଦୀ (diffusionistic)ଙ୍କ ଦ୍ୱାରା ଏହି ସିଦ୍ଧାନ୍ତ ପରବର୍ତ୍ତୀକାଳରେ ଅଗ୍ରାହ୍ୟ ହୋଇଥିଲା ।

ପଣ୍ଡିତ ନୀଳକଂଠ ମିଥ୍‌ର ଏକ ଉତ୍ସ (monogenesis) ସଂପର୍କରେ କହିଛନ୍ତି—"ମାନବ ସଭ୍ୟତାର ଓ ସଭ୍ୟତାର ଆଦିସ୍ଥାନ ହେଉଛି ଗୋଟିଏ । ସେଇଠାରେ ଏକା ଆଦିମ ପୁରାଣ କଥାର ଆବିର୍ଭାବ । ସେଇ ଆଦିମ ମାନବ ଗୋଷ୍ଠୀର ଅଂଶମାନେ ସ୍ଥାନାନ୍ତର ଓ ଦେଶାନ୍ତରକୁ ଯାଇ ଉପନିବେଶ କରିବାରେ ଏକ ପୁରାଣ କଥାମାନ ସବୁଆଡ଼େ ବିସ୍ତୃତ ହୋଇଚି ଇତ୍ୟାଦି" । (୯)

ସଂସ୍କୃତି ସହିତ ମିଥ୍‌ର ଏକସ୍ଥାନରୁ ସୃଷ୍ଟି ହୋଇ ସର୍ବତ୍ର ବିଭକ୍ତ ହେବା (monogenesis) ତଥା ସବୁ ସ୍ଥାନରେ ଏକପ୍ରକାର ମିଥ୍ ଏକ ଘଟଣା କ୍ରମରେ ସୃଷ୍ଟି ହେବା (polygenesis) ଏ ଦୁଇଟି ସିଦ୍ଧାନ୍ତକୁ ତୁଳନାତ୍ମକ ପଦ୍ଧତିର ଆଲୋଚକମାନେ ଅଗ୍ରାହ୍ୟ କରି ସ୍ଥାନାନ୍ତରଣ (migrational) ସିଦ୍ଧାନ୍ତ ତଥା ବିସରଣବାଦୀ ସିଦ୍ଧାନ୍ତ (Theory of Diffusionism)କୁ ଗୁରୁତ୍ୱ ଦେଇଥିଲେ । ନୀଳକଂଠ ଏହି ଶେଷ ସିଦ୍ଧାନ୍ତ ଉପରେ ମତ ଦେଇ କହିଥିଲେ, "କିଏ କହେ, ପୃଥିବୀର ସର୍ବାଞ୍ଚଳରେ ଆଗେ ବ୍ୟବସାୟ ସୂତ୍ରରେ ଆଦାନ ପ୍ରଦାନ ଥିଲା । ସେଇ ମାର୍ଗରେ ଏକ ସ୍ଥାନ ବା ଜନଗୋଷ୍ଠୀର ପୁରାଣ ଅନ୍ୟଆଡ଼େ ପ୍ରସାରିତ ହୋଇ କ୍ରମେ ବେଷ୍ଟନୀର ପ୍ରଭାବ ଓ ଉପାଦାନ ଘେନି ବଢ଼ିଚି ।" (୧୦) ଏହି ସୂତ୍ରରେ ପୁରାଣର କ୍ରମ ବିସରଣ ଗୋଟିଏ ସ୍ଥାନରୁ ଅନ୍ୟଆଡ଼କୁ ହୋଇଛି ।

ଭାରତୀୟ ବିଦ୍ୟା ଜର୍ମାନୀ ଭାଷାବିତ୍ ମାକ୍ସମୁଲରଙ୍କ ଦ୍ୱାରା ଆବିଷ୍କୃତ ହେବା ପୂର୍ବରୁ ୟୁରୋପୀୟ ବିଦ୍ୱାନ ମାନଙ୍କର ଦୃଢ଼ ଧାରଣା ଥିଲା ଯେ, ଇଜିପ୍ଟ ହିଁ ହେଉଛି ବିଶ୍ୱର ଆଦିମ ସମୃଦ୍ଧ ସଂସ୍କୃତିର ଦେଶ । ଏହି

୯ । ତତ୍ରୈବ—ପୃ-୪୪୩—It is due to monogenesis, one single origin of themes and their subsequent diffusion. (Brunvand 1972 : 12)

୧୦ । ତତ୍ରୈବ—ପୃ-୪୪୨

ଧାରଣାର ପ୍ରବର୍ତ୍ତକ ସାର ଏଲିୟଟ ସ୍ମିଥ୍ ଇଜିପ୍ଟର ସାଂସ୍କୃତିକ ଅଧ୍ୟୟନ କରି ବିଶ୍ୱର ସବୁ ସଂସ୍କୃତିର ମୂଳ ଇଜିପଟ୍ ବୋଲି କହିଥିଲେ । (୧୧) କିନ୍ତୁ ମାକସ୍‌ମୁଲରଙ୍କ ବିସରଣବାଦୀ ସିଦ୍ଧାନ୍ତ ପରେ ସ୍ମିଥ୍‌ଙ୍କ ଧାରଣା ଆଗ୍ରାହ୍ୟ ହୋଇଥିଲା ।

ନୀଳକଣ୍ଠ ତାଙ୍କ ପୁରାଣ ଅନୁଶୀଳନ ପାଇଁ ଉପରୋକ୍ତ ପଦ୍ଧତି ଓ ସିଦ୍ଧାନ୍ତ ସହ ସୁପରିଚିତ ଥିଲେ ହେଁ ତୁଳନାତ୍ମକ ଅଧ୍ୟୟନ କରି ପୁରାଣ ସୃଷ୍ଟିର ମୂଳତତ୍ତ୍ୱ ସନ୍ଧାନ ପାଇଁ ସେ ଆଗ୍ରହୀ ଥିଲେ । ପୁରାଣରୁ ସେ ଭାଷା ଓ ସଂସ୍କୃତିର ସାମଞ୍ଜସ୍ୟ ଖୋଜି ଏହାର 'ଐତିହାସିକ-ପୁନର୍ଗଠନ' କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଭାରତୀୟ ଦ୍ରାବିଡ଼ମାନଙ୍କର ଆଫ୍ରେସିଆର ବିଭିନ୍ନ ଅଞ୍ଚଳକୁ ବିସରଣ, ଆର୍ଯ୍ୟମାନଙ୍କର ୟୁରେସିଆରେ ବିସରଣ, ଶବର ଓ ଦ୍ରାବିଡ଼ମାନଙ୍କର ଅଷ୍ଟ୍ରେଲିଆ, କ୍ରୀଟ, ସୁମେର, ବେବିଲନ, ଆମେରିକା ଓ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜରେ ବ୍ୟାପିଥିବା କଥା ତୁଳନାତ୍ମକ ଭାଷା ଓ ସଂସ୍କୃତିର ଅବଲମ୍ବନରେ ଏହାର ସତ୍ୟାସତ୍ୟ ନିରୂପଣ କରିଛନ୍ତି । ସୁମେର ଓ ବ୍ୟାବିଲନ୍‌ରୁ ଜଳପଥରେ ଦ୍ରାବିଡ଼ମାନେ ଭାରତକୁ ଆସିଥିବା ସମ୍ଭାବନାକୁ ମଧ୍ୟ ସେ ଉପେକ୍ଷା କରିନାହାନ୍ତି ।

ନୀଳକଣ୍ଠ ପୁରାଣର ବିଷୟ ( text ) ସହିତ 'ବେଷ୍ଟନୀ' ଓ 'ପରିସ୍ଥିତି'ର ପଟ୍ଟଭୂମିକ ଅଧ୍ୟୟନ କରି ତନ୍ମଧ୍ୟରୁ ସାମାଜିକ ଆଦର୍ଶ ନିରୂପଣ କରିଛନ୍ତି । ପୁରାଣର ସାମାଜିକ ଓ ଦାର୍ଶନିକ ବ୍ୟାଖ୍ୟା କରିବାରେ ସେ ସତ୍ୟ ଓ ଯୁକ୍ତିର ଆଶ୍ରୟ ନେଇଛନ୍ତି । ଭାରତୀୟ ପୁରାଣ ବିଶ୍ଳେଷଣ କଲାବେଳେ ସେ କହନ୍ତି, ବିଷ୍ଣୁ କିପରି ନାଭିପଦ୍ମରୁ ବ୍ରହ୍ମାଙ୍କୁ ସୃଷ୍ଟି କଲେ, ତାଙ୍କ ନିଜର ବି ଏହାର "ମାନବ ଯୁକ୍ତି ଶୃଙ୍ଖଳା ଓ ପୂର୍ବପର ସଙ୍ଗତି ଲଗାଇ ବୁଝି ବୁଝାଇବାର" ଶକ୍ତି ନାହିଁ । (୧୨) ଆଧୁନିକ ପୁରାଣ ( ମିଥ୍ ) ବିଶ୍ଳେଷଣରେ ତାଙ୍କର ଏହି "ଯୁକ୍ତି ଶୃଙ୍ଖଳା" ଏକକାଳିକ (synchronic)

୧୧ । Herskovit M. J. 'Cultural Anthropology' 1974 P–463.

୧୨ । ଦାସ, ନୀଳକଣ୍ଠ– ଓ. ସା. କ୍ର. ପ. ପୃ-୩୭୧



(୧୩) ଅଧ୍ୟୟନର ଅନ୍ତର୍ଗତ । ନୀଳକଣ୍ଠଙ୍କ "ପୂର୍ବାପର ସଂଗତି ଲଗାଇ ପୁରାଣକୁ ବୁଝି ବୁଝାଇବାର" ପ୍ରକ୍ରିୟା ପଟ୍ଟଭୂମିକ ଅଧ୍ୟୟନ (Contextual Study ) ରୂପେ ଏବେ ଲୋକସାହିତ୍ୟ ବିଶ୍ଳେଷଣରେ ପ୍ରଚଳିତ ।

## ପୌରାଣିକ ମିଥ୍ୟା ଓ ଭକ୍ତିକ ମିଥ୍ୟା :

ପୁରାଣ ( myth ) ଅନୁଶୀଳନରେ ନୀଳକଣ୍ଠଙ୍କ ଦୃଷ୍ଟି ଅନନ୍ୟ ଓ ସ୍ୱତନ୍ତ୍ର । ସେ ମିଥ୍‌କୁ ପୌରାଣିକ ମିଥ୍ୟା ଓ ଭକ୍ତିକ ମିଥ୍ୟା ଭେଦରେ ବିଭକ୍ତ କରିଛନ୍ତି । ତାଙ୍କ ମତରେ– "ପୁରାଣ ମିଥ୍ୟା ପରିଣତ ସମାଜର ଭକ୍ତି ମିଥ୍ୟାଠାରୁ ଭିନ୍ନ । × × ପୌରାଣିକ ମିଥ୍ୟାର ଆଖ୍ୟାନ ଦେଖାଇ ସେହି ପ୍ରମାଣରେ ଭକ୍ତିକ ମିଥ୍ୟା ତିଆରି ହୁଏ ।" (୧୪) ପୁରାଣ ମିଥ୍ୟାରେ ଅସହିଷ୍ଣୁତା ଜାଗ୍ରତ ହୁଏ ନାହିଁ ।" ପୌରାଣିକ ମିଥ୍ୟା ସଂପର୍କରେ ନୀଳକଣ୍ଠଙ୍କ ଉକ୍ତିରୁ ପ୍ରତିପାଦିତ ହୁଏ ଯେ ଏହା ସାମାଜିକ ମାନସିକତାରେ କିଛି କୁ-ପ୍ରଭାବ ପକାଏ ନାହିଁ ଯଦିଓ ଏହା ମିଥ୍ୟା ବୋଲି ସମସ୍ତେ ଜାଣିଥାନ୍ତି ।

Bogomolovଙ୍କ ମତରେ— Myth is for him real world, perhaps even more real than the physical reality he deals with in everyday life. (୧୫)

୧୩ । Handoo J. 'Current Trends is folklore,' 1976 P- 43
"Any linguistic phenomenon studied in time depth or in terms of its changas as the time goes by, is called diachronic study and if such a phenomenon is studied at a given time regardless of its past history or future destiny then such study is known as synchronic study."

୧୪ । ଦାସ ନୀଳକଣ୍ଠ, 'ଓ. ସା. କ୍ର. ପ.' ପୃ ୪୪୧

୧୫ । Bogomolov A. S. 'op cif' P. 20

କିନ୍ତୁ ଭକ୍ତିକ ମିଥ୍ୟା ସାମାଜିକ ଆଦର୍ଶର ପ୍ରତିବନ୍ଧକ । କାରଣ ଏହା ମାନବ ଯୁକ୍ତି ଓ ଶୃଙ୍ଖଳା କିମ୍ବା ସାଂସ୍କୃତିକ ଭିତ୍ତିଭୂମିରୁ ଉଠିନଥାଏ । ଏଥି-ମଧ୍ୟରେ ଥାଏ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଧର୍ମ ପ୍ରଚାର ଉଦ୍ଦେଶ୍ୟରେ କେତେକ ମୋହାବିଷ୍ଟ ଓ ଆବେଗ ପ୍ରବଣ ଅଲୌକିକ କଥା ବସ୍ତୁ ଯାହାକି ଦର୍ଶନହୀନ ମାନବସମାଜ ନିର୍ବିଚାରରେ ସେ ସବୁକୁ ଗ୍ରହଣ କରିନିଏ । ତେଣୁ ନୀଳକଣ୍ଠ କହିଛନ୍ତି ଯେ ପୌରାଣିକ ମିଥ୍ୟାର ସଂରଚନା ଭୂମିରେ ଜାତିର ସାମାଜିକ–ସାଂସ୍କୃତିକ ଆଦର୍ଶ ଧରି ରଖିଥାଏ । ପୁରାଣର ଦାର୍ଶନିକ ବ୍ୟାଖ୍ୟା କରି ପଣ୍ଡିତ ନୀଳକଣ୍ଠ ତନ୍ମଧ୍ୟରୁ ଓଡ଼ିଆ ସଂସ୍କୃତିର ଆଦର୍ଶ ଓ ମୂଲ୍ୟବୋଧକୁ ଦେଖାଇବା ସଙ୍ଗେ ସଙ୍ଗେ ଓଡ଼ିଆ ଜୀବନର ବିଶ୍ୱଦୃଷ୍ଟି କିପରି ବ୍ୟାପକ ଓ ଏହା ମାନବର ବିଶ୍ୱଶୃଙ୍ଖଳା ରକ୍ଷା କରିବାରେ କେତେ ସମର୍ଥ ତାହା ଦେଖାଇଛନ୍ତି ।

## ସହସ୍ରାକ୍ଷ କଥା :

ଅହଲ୍ୟାଙ୍କୁ ହରଣ କରିଥିବା ଅଭିଯୋଗରେ ଇନ୍ଦ୍ରଙ୍କୁ ଗୌତମଙ୍କ ଅଭିଶାପ ଉପାଖ୍ୟାନରେ ନିହିତ ପୁରାଣର ସରଳ କଳ୍ପନା ହେଉଛି ଇନ୍ଦ୍ର ସହସ୍ର ଯୋନି ବା ସହସ୍ରାକ୍ଷ ହେବା । କିନ୍ତୁ ରୂପକରେ ଓ ବିଶ୍ୱ ଦୃଷ୍ଟିରେ ଏହା ଇନ୍ଦ୍ରଙ୍କୁ ବିଶ୍ୱଦେବ– ଶରୀରକୁ ଆକାଶ ଓ ତାରକା ଆଖିପରି ବୋଲି ଗ୍ରହଣ କରାଯାଏ ।

## ବେଲ୍ଲାଳସେନଙ୍କ କୃଷ୍ଣ ଭକ୍ତି :

ଏହି ଆଖ୍ୟାନରେ ବେଲ୍ଲାଳସେନଙ୍କ ବୀରତ୍ୱ, ସତ୍ୟର ଗୌରବ ଓ ଦାନର ମହିମା ପ୍ରକଟିତ । ଏଥିରେ "ବ୍ୟକ୍ତିର ଆତ୍ମ ବିସ୍ମୃତି ନାହିଁ କି ଆଶୁ ପ୍ରାପ୍ତିର କାମନା ନାହିଁ ।" ବେଲ୍ଲାଳସେନ କୃଷ୍ଣଙ୍କ ହାତରେ ମରି ବୈକୁଣ୍ଠ ପ୍ରାପ୍ତି ପାଇଁ ନିଜର ଆତ୍ମଦାନ କରିନଥିଲେ । ତାଙ୍କର ତ୍ୟାଗ ନିଷ୍କାମ ।

## ଇନ୍ଦ୍ରଦ୍ୟୁମ୍ନଙ୍କ ବରମଗା :

ଆତ୍ମବୋଧକୁ ବିଶ୍ୱବୋଧରେ ମିଶାଇ ଦେବା ତଥା ନିଜ କୀର୍ତ୍ତିର ଗୌରବରେ ଗର୍ବିତ ନହେବା ।



## ଶ୍ୱେତକଳ୍ପ କଥା :

ଏ ଆଖ୍ୟାନର ଆଦର୍ଶ ହେଉଛି, କର୍ମଫଳର ଭୋଗ ସହିତ ପୁନର୍ଜନ୍ମର ସଙ୍କେତ । ଶ୍ୱେତକଳ୍ପ କଥାରୁ ସେ ପୁନର୍ଜନ୍ମବାଦର ସଙ୍କେତ ପାଇ ଏହା ଅସୁର ସଭ୍ୟତାର ଶଙ୍ଖ ବୋଲି କହି ନୀଳକଂଠ ଏହାର କାଳାନୁକ୍ରମିକ ଅଧ୍ୟୟନ କରିଛନ୍ତି । କିନ୍ତୁ ସେଇ ଆଖ୍ୟାନର ଦାର୍ଶନିକ ନିଷ୍କର୍ଷ (sum up) ବାହାର କରି ସେ କହିଛନ୍ତି–"ଆତ୍ମୋପମ୍ୟରେ ମନୁଷ୍ୟର ଅଭାବ ବୁଝି ତାର ପ୍ରତିକାରରେ ମନଦେବା; ତା' ପୁଣି ବିଶ୍ୱ ମୈତ୍ରୀର ଭିତ୍ତିରେ କରିବା ହେଉଚି, ପୁରୁଷର ଯଥାର୍ଥ ନୈତିକ ଆଚାର ।" (୧୬)

## କୁବେରଙ୍କ ଧାନ ଦେବା :

ଏଥିରେ ଓଡ଼ିଆର ମୈତ୍ରୀଧର୍ମ ଓ ଆଦର୍ଶ ପ୍ରକଟିତ । ପଣ୍ଡିତଜୀଙ୍କ ନିଷ୍କର୍ଷ–"ଦର୍ପରେ ନୁହେଁ କି ଦୟାରେ ନୁହେଁ, ମାନବର ଅଭାବ ଜାଣି ସେ ବିଶ୍ୱମୈତ୍ରୀରେ ବ୍ୟକ୍ତିର ସମାଜ ଧର୍ମ ପାଳନ କଲେ ।"

## ଚଣ୍ଡୀଙ୍କ ମହିଷାସୁର ବଧ ଓ ସୀତାଙ୍କ ସହସ୍ରଶିରା ରାବଣ ବଧ :

ପୁରାଣର ଅତିରଞ୍ଜନ ଓ ଅଲୌକିକତାକୁ ଭିତ୍ତିକରି ନୁହେଁ ବରଂ ଓଡ଼ିଆ ନାରୀର ଚରିତ୍ର ଓ ଆଦର୍ଶର ଅବଲମ୍ବନରେ ଏହାର ଅନୁଶୀଳନ କରି ନୀଳକଂଠ ସମାଜରେ ନାରୀର ପ୍ରାଧାନ୍ୟ, ସତୀତ୍ୱ ଓ ଆତ୍ମପ୍ରତିଷ୍ଠାର ଆଦର୍ଶକୁ ମୁଖ୍ୟ ବୋଲି କହିଛନ୍ତି ।

ନୀଳକଂଠଙ୍କ ଉପରୋକ୍ତ ପୁରାଣାନୁଶୀଳନ ଓଡ଼ିଆ ସମାଜ ତଥା ସଂସ୍କୃତିରେ ଥିବା ଆଦର୍ଶଗତ ଦ୍ୱନ୍ଦ୍ୱର ସମାଧାନ କରିଥାଏ । ସମାଜରେ ଆଦର୍ଶଗତ ବୈଷମ୍ୟର ଅନ୍ତର୍ବିରୋଧକୁ ବୁଝି ତନ୍ମଧ୍ୟରୁ ସମାଧାନର ସୂତ୍ର ଖୋଜିବା ପାଇଁ ସେ ପରଂପରା ଓ ମୂଲ୍ୟବୋଧର ଆଶ୍ରୟ ନେଇଛନ୍ତି ।

## ଭକ୍ତିକ ମିଥ୍ୟା :

ବୈଷ୍ଣବ କୃଷ୍ଣ ଭକ୍ତିର ଏକ ପ୍ରବାଦ ଅଛି–ବିଶ୍ୱାସେ ମିଳୟେ ହରି ତର୍କେ ବହୁଦୂର । ନୀଳକଂଠ କିନ୍ତୁ ଏହି ବିଶ୍ୱାସର ସପକ୍ଷରେ ନଥିଲେ ।

---

୧୬ । ଦାସ, ନୀଳକଂଠ, ଓ. ସା. କ୍ର. ପ. : ପୃ-୪୧୬

ମାନବ ଯୁକ୍ତି ଶୃଙ୍ଖଳା ବିନା କୌଣସି ପୁରାଣର ଆଦର୍ଶ ଓ ମୂଲ୍ୟବୋଧକୁ ସୁଦ୍ଧା ସେ ମାନିବାକୁ ପ୍ରସ୍ତୁତ ନଥିଲେ ।

ପୌରାଣିକ ମିଥ୍ୟା ପରି ଭକ୍ତିକ ମିଥ୍ୟା ସମୟ ଓ ପରିସ୍ଥିତି ଘେନି ପୁରାଣକାର (myth maker)ମାନଙ୍କ ଦ୍ୱାରା ତିଆରି ହୁଏ । କିନ୍ତୁ ଏହା ସାମାଜିକ ଆଦର୍ଶ ଓ ଚଳଣିଠାରୁ ଛିନ୍ନ ମୂଳ ଥିଲେ ଅଗ୍ରାହ୍ୟ ହୁଏ । ସାରଳା ମହାଭାରତରେ ବର୍ଣ୍ଣିତ ବିଶ୍ୱକସେନ ଚରିତ୍ର, ତାରକ୍ଷୀ ପକ୍ଷୀ କଥା, ଅଗ୍ନିକ ଋଷିଙ୍କ କଥା, କର୍ଣ୍ଣଙ୍କ ପୁଅକୁ ହାଣି ବ୍ରାହ୍ମଣଙ୍କୁ ଖୁଆଇବା କଥା, ପ୍ରହ୍ଲାଦ ଚରିତ୍ରରେ ନୃସିଂହଙ୍କ କୋପ, କୃଷ୍ଣଙ୍କ ବିଭସ୍ତ ଯୌନଲୀଳା ଓ ଖନିକାର ଜନ୍ମ ବୃତ୍ତାନ୍ତ ଏହି ପରିପ୍ରେକ୍ଷୀରେ ଓଡ଼ିଆ ସଂସ୍କୃତିର ଆଦର୍ଶକୁ ଯେହେତୁ ବହନ କରିନାହିଁ, ନୀଳକଂଠ ଏଗୁଡ଼ିକୁ ପରବର୍ତ୍ତୀ ପ୍ରକ୍ଷେପ ବୋଲି ଅଗ୍ରାହ୍ୟ କରିଛନ୍ତି ।

ଏଥିପାଇଁ ସେ ମୂଳ ମହାଭାରତ ତଥା ଚତୁର୍ଦ୍ଦଶାକ୍ଷରୀ ମହାଭାରତର ଭାଷାଭିତ୍ତିକ ଅଧ୍ୟୟନ କରିଛନ୍ତି । ସାରଳା ମହାଭାରତର ପୃଷ୍ଠଭୂମିକ ଅଧ୍ୟୟନ ତଥା ଭାଷାଭିତ୍ତିକ ଅଧ୍ୟୟନ କରି ତନ୍ମଧ୍ୟରୁ ଓଡ଼ିଆ ସଂସ୍କୃତିର ଆଦର୍ଶକୁ ବହନ କରୁନଥିବା ତଥା ସଂସ୍କୃତି କ୍ଷେତ୍ରରେ ଦ୍ୱନ୍ଦ୍ୱ ସୃଷ୍ଟିକାରୀ ଆଖ୍ୟାନମାନଙ୍କୁ ସେ ପରବର୍ତ୍ତୀ ପ୍ରକ୍ଷେପ ବୋଲି କହିଛନ୍ତି । ଏଥିପାଇଁ ତାଙ୍କ ଅକାଟ୍ୟ ଯୁକ୍ତିର ଓ ଆଲୋଚନାର ପ୍ରମାଣ ରହିଛି । ଦାଢ଼୍ୟତା ଭକ୍ତିର ଆଖ୍ୟାନ ଭିତରେ ଯେଉଁ ଆତିଶଯ୍ୟ ଓ ମୋହାବିଷ୍ଟ ଭାବାବେଗ ରହିଛି ସେଗୁଡ଼ିକର ସେ କେବଳ କଠୋର ସମାଲୋଚନା କରିନାହାନ୍ତି ସାମାଜିକ ପୃଷ୍ଠଭୂମିରୁ ଏହା ପରିବର୍ଜନୀୟ ବୋଲି କହିଛନ୍ତି ।

ନୀଳକଂଠଙ୍କ ଓଡ଼ିଆ ଆଦର୍ଶ ମୂଳରେ ଥିବା କଠୋର ବ୍ରହ୍ମଚର୍ଯ୍ୟ ଓ ଯୌନଶୁଚି ତଥା ଧର୍ମର ସାମାଜିକ ବ୍ୟବହାର ହେଉଛି ତାଙ୍କ ସମାଲୋଚନାର ଆଦର୍ଶ । ଏହି ଭିତ୍ତିଭୂମିରୁ ଓଡ଼ିଆ ସଂସ୍କୃତି ଓ ପୁରାଣରେ ଥିବା ଦ୍ୱନ୍ଦ୍ୱର ସମାଧାନ ପାଇଁ ସେ ଚେଷ୍ଟିତ ହୋଇ ଅଛନ୍ତି । ଏହି ଆଦର୍ଶର ଭିତ୍ତିରେ ଦାର୍ଢ୍ୟତା ଭକ୍ତିର ଆଖ୍ୟାନ ଗୁଡ଼ିକ ଭକ୍ତିନାମରେ ଅସାମାଜିକ ବ୍ୟବହାର । ଏଥି ସହିତ ନୀଳକଂଠଙ୍କ ଉଗ୍ର ଜାତୀୟବାଦୀ ଦୃଷ୍ଟିକୋଣ ତାଙ୍କ ସମାଲୋଚନା ଦୃଷ୍ଟିକୁ ନିରପେକ୍ଷ କରିପାରିନାହିଁ ବୋଲି ଆଲୋଚକମାନେ



ମତ ଦେଇଥାନ୍ତି । କିନ୍ତୁ ନୀଳକଂଠଙ୍କ ଆଲୋଚନାରେ ଯୁକ୍ତିନିଷ୍ଠତା, ବିଷୟର ସାମାଜିକ ବୈଧତା ତଥା ଭାଷା ଭିତ୍ତିରେ ବିଷୟର ପ୍ରାମାଣିକତା ଦୃଷ୍ଟିରୁ ତାଙ୍କୁ କେବଳ ଏକ ଦେଶଦର୍ଶୀ ଆଲୋଚକ ବୋଲାଯାଇ ନପାରେ ।

## ପୁରାଣର ତୁଳନାତ୍ମକ ଅଧ୍ୟୟନ :

ବିଶ୍ୱ ଲୋକସଂସ୍କୃତି ଚର୍ଚ୍ଚାର ସମକାଳୀନତାର ପ୍ରେକ୍ଷାପଟରେ ଓଡ଼ିଆ ଲୋକସଂସ୍କୃତିର ସାମ୍ୟବୈଷମ୍ୟ ଦେଖାଇ ଏହାର ତୁଳନାତ୍ମକ ଅଧ୍ୟୟନ କରି ନୀଳକଂଠ ଏକ ନୂତନ ବିଷୟକୁ ପାଠକଙ୍କ ସମ୍ମୁଖରେ ପରିଚିତ କରାଇଥିଲେ । ବିଶ୍ୱର ପାଞ୍ଚହଜାର ବର୍ଷର ପ୍ରାଚୀନ ଆଫ୍ରେସିଆ ସଭ୍ୟତାରେ ଏହି ବିଷୟର ବ୍ୟାପ୍ତି ସଂପର୍କରେ ସେ ଅବହିତ ଥିଲେ । ଓଡ଼ିଆ ପୁରାଣ ସଂସ୍କୃତ ପୁରାଣର ଅଂଶ ବିଶେଷ । ସେହି ଦୃଷ୍ଟିରୁ ଭାରତୀୟ ସଂସ୍କୃତି ନାୟକ (culture hero) ଅଧ୍ୟୟନ, ଏହାର ଗ୍ରୀକ୍ ଓ ସୁମେରୀୟ ସମାନ୍ତର ଖୋଜି ବାହାର କରିଥିଲେ । ଏଥିପାଇଁ ସେ ମାକେଂଜି, ହ୍ରୋଜନୀ ଓ ହେଞ୍ଜ୍ୱିଟଙ୍କ ଭାଷା ଓ ପୁରାଣର ତୁଳନାତ୍ମକ ଧାରାର ଅନୁବର୍ତ୍ତନରେ ଓଡ଼ିଆ ପୁରାଣ ଆଲୋଚନା କରିଥିଲେ ।

## ନାୟକ ପ୍ରକରଣ

## କାର୍ତ୍ତିକେୟ, କର୍ଣ୍ଣ ଓ ସାର୍ଗନଙ୍କ ଜୀବନୀ ତୁଳନା :

**କାର୍ତ୍ତିକେୟ** : ବଶିଷ୍ଠ, ଅତ୍ରି ଅଙ୍ଗୀରାଦି ସପ୍ତର୍ଷିଙ୍କ ମଧ୍ୟରୁ ବଶିଷ୍ଠଙ୍କ ପତ୍ନୀ ଅରୁନ୍ଧତୀଙ୍କ ବ୍ୟତୀତ ଅନ୍ୟ ଋଷିଙ୍କ ପତ୍ନୀ (ଷଡ଼୍କୃତ୍ତିକା—ଛଅ ଭଉଣୀ) ଇନ୍ଦ୍ରଙ୍କ କଥାରେ ଭଳିଯାଇ ନିଜ ସତୀତ୍ୱ ହରାଇ ଷଡ଼୍ଋଷିଙ୍କ ଦ୍ୱାରା ନିର୍ବାସିତା ହୋଇ ଗଙ୍ଗାକୂଳରେ ରହିଲେ । ଅଗ୍ନି ମହାଦେବଙ୍କ ବୀର୍ଯ୍ୟକୁ—ଯାହାକୁ ପାର୍ବତୀ ଗର୍ଭରେ ଧାରଣ କରି ପାରିଲେ ନାହିଁ—ଗଙ୍ଗାରେ ପକାଇ ଦେଇଥିଲେ । ଷଡ଼୍କୃତ୍ତିକା ଗଙ୍ଗାରେ ସ୍ନାନ କଲାବେଳେ ସେହି ବୀର୍ଯ୍ୟ ସେମାନଙ୍କ ଗର୍ଭରେ ପଶିଲା । ସେମାନେ ଗର୍ଭବତୀ ହେଲେ ଓ ସ୍ୱର୍ଗବୈଦ୍ୟ ଧନ୍ୱନ୍ତରୀଙ୍କ ଦ୍ୱାରା ପେଟ ଭଙ୍ଗାଇଲା ବେଳେ ଛଅଟି ମୁଣ୍ଡ ବାହାରିଲା । ସେହି ଛଅଟି ମୁଣ୍ଡକୁ ଗୋଟିଏ ବେତ ବା କାଣ୍ଡଶରରେ ତିଆରି ବାକ୍ସରେ ଭର୍ତ୍ତି କରି ତାକୁ ସେମାନେ ଗଙ୍ଗାରେ ଭସାଇ ଦେଲେ । ତାହା

ଶରବଣରେ ଲାଗିଲା । ପାର୍ବତୀ ସେହି ବାକ୍ସ ମଧ୍ୟରୁ ତାହାକୁ ଉଦ୍ଧାର କରି ଛଅଟି ଆନନ ବିଶିଷ୍ଟ ହେତୁ ଷଡ଼ାନନ ତଥା ଶରବଣରେ ଜନ୍ମିଥିବା ହେତୁ ଶରଜନ୍ମା ନାମରେ ନାମିତ ହେଲେ । ସେ କାର୍ତ୍ତିକେୟ ରୂପେ ପରିଚିତ ହେଲେ । ଦେବତାଙ୍କ ସେନାପତି ହୋଇ ତାରକାସୁରକୁ ଯୁଦ୍ଧରେ ମାରିଥିଲେ ।

**କର୍ଣ୍ଣ** : କୁନ୍ତୀ ଦୁର୍ବାସାଙ୍କୁ ସନ୍ତୁଷ୍ଟ କରି ବର ପାଇଥିଲେ, ସେ ଦେବତାଙ୍କୁ ଆହ୍ୱାନ କରି ପାରିବେ । ସେ କୁମାରୀ ଥିଲାବେଳେ ସୂର୍ଯ୍ୟଙ୍କୁ ଡାକିଲେ । ସୂର୍ଯ୍ୟ ତାଙ୍କୁ ସଂଗମ କଲେ । କୁନ୍ତୀ ଗର୍ଭବତୀ ହୋଇ ଯେଉଁ ପୁତ୍ରକୁ ଗଙ୍ଗାକୂଳରେ ଜନ୍ମ କଲେ ସେ ପରେ କର୍ଣ୍ଣ ରୂପେ ପରିଚିତ ହେଲେ । ତାଙ୍କୁ ବାକ୍ସରେ ପୁରାଇ ଗଙ୍ଗା ନଈରେ ଭସାଇ ଦେଲେ । ସେହି ବାକ୍ସ ଅଧିରଥ ପତ୍ନୀ ରାଧାଙ୍କ ଦ୍ୱାରା ଉଦ୍ଧୃତ ହେଲା । ରଥଚାଳକ ଅଧିରଥଙ୍କ ଦ୍ୱାରା ସେ ପାଳିତ ହେଲେ । ପର୍ଶୁରାମଙ୍କଠାରୁ ଅସ୍ତ୍ର ଶିକ୍ଷା କରି ଯୋଦ୍ଧା ହେଲା-ପରେ ହସ୍ତିନା ରାଜା ଦୁର୍ଯ୍ୟୋଧନଙ୍କ ଦ୍ୱାରା ଅଙ୍ଗରାଜା ରୂପେ ପରିଚିତ ହେଲେ ।

**ସାର୍ଗନ** : ସୁମେର ଦେଶର ଆକ୍‌କଡ଼ର ରାଜା ସାର୍ଗନଙ୍କ କୁମାରୀ ମାତା ସୂର୍ଯ୍ୟ ଉପାସିକା ଥିଲେ । ତାଙ୍କ ପିତା ଅନ୍ୟ ଦେଶର ପାହାଡ଼ୀ ଲୋକ ଥିଲେ । ସାର୍ଗନଙ୍କ ମାତା ଗର୍ଭବତୀ ହେଲେ ଓ ଇଉଫ୍ରେଟିସ୍ ନଦୀ କୂଳରେ ଏକ ଅଗମ୍ୟ ସ୍ଥାନରେ ତାଙ୍କୁ ଜନ୍ମ ଦେଲେ । ଶିଶୁ ସାର୍ଗନଙ୍କୁ ଏକ ଘାସ ଟୋକେଇରେ ଭରି ତାକୁ ଆଲକାତରାରେ ବନ୍ଦ କରି ସେହି ନଦୀ ସ୍ରୋତରେ ଭସାଇ ଦେଲେ । ଅର୍ସ୍କି ନାମକ ଏକ ପାଣି ଭରୁଆ ଓ ମେଷପାଳକ ସେହି ଟୋକେଇକୁ ନଦୀରୁ ଉଦ୍ଧାର କରି ଶିଶୁଟିକୁ ପାଳନ କଲା । ସେ କ୍ରମଶଃ ବଡ଼ ହେଲେ । ତାପରେ ଦେବୀ ଇସ୍ତରଙ୍କ କୃପାରୁ ସାର୍ଗନ ରାଜା ଓ ସ୍ୱାମୀ ରୂପେ ଗୃହୀତ ହେଲେ । (୧୭)

ଉପରୋକ୍ତ ତିନୋଟି ନାୟକଙ୍କ କାହାଣୀ ସହିତ ଇଜିପ୍‌ସୀୟ ନାୟକ ଗିଲଗାମେସ, ଯୀଶୁଖ୍ରୀଷ୍ଟ ଆଦିଙ୍କ ସାମଞ୍ଜସ୍ୟ ଦେଖି ପଣ୍ଡିତ ନୀଳକଂଠ ସେମାନଙ୍କ ତୁଳନାତ୍ମକ ଅଧ୍ୟୟନ କରିଛନ୍ତି ।

୧୭ । ତତ୍ରୈବ : ପୃ-୩୮୯



## ବିଶ୍ୱର ବିଭିନ୍ନ ଦେଶର ନାୟକଙ୍କ ପ୍ରକାର (Hero pattern) ଆଲୋଚନା—

ବିଶ୍ୱର ବିଭିନ୍ନ ଲୋକସଂସ୍କୃତିବିତ୍ ମାନଙ୍କ ଦ୍ୱାରା ଅନେକ ଅଞ୍ଚଳର ନାୟକ ପ୍ରକାର (Hero pattern)ର ଅଧ୍ୟୟନ ଏ ଯାବତ୍ ହୋଇ ଆସିଛି । ୧୮୮୪ରେ ଜୋହାନ୍ ହାନ୍ ବର୍ଣ୍ଣନାତ୍ମକ ମୌଖିକ ପରଂପରାରୁ ନାୟକର ଜୀବନ ଚିତ୍ର ସମ୍ପର୍କରେ ପ୍ରାଥମିକ ଅଧ୍ୟୟନ କରି ୧୮୬୬ରେ ଏହାକୁ Aryan Expulsion and Return Formula ନାମ ନେଇ ବିଶ୍ୱର ଚଉଦ ଜଣ ନାୟକଙ୍କର ୧୬ଟି ଘଟଣାର ସାମଞ୍ଜସ୍ୟ ଦେଖାଇ ଥିଲେ । (୧୮) ଖ୍ରୀ ୧୮୮୧ରେ ଆଲ୍‌ଫ୍ରେଡ୍ ନଟ୍ କେଲ୍‌ଟିକ ବର୍ଣ୍ଣନାତ୍ମକ କଳାରେ ନାୟକର ପ୍ରକାର ଦେଖି ପୂର୍ବ ଅଧ୍ୟୟନର ପୁନରାନୁଶୀଳନ କରି-ଥିଲେ । ଖ୍ରୀ ୧୯୦୯ରେ ଓଟୋ ରାଙ୍କ (Otto Rank)ଙ୍କ The myth of the Birth of the Hero, ଖ୍ରୀ ୧୯୨୮ରେ ରୁଷୀୟ ଲୋକସ୍କୃତିବିତ୍ ଭ୍ଲାଦିମିର ପ୍ରପ୍‌ଙ୍କ Morphology of the Folktale ମଧ୍ୟରେ ପରୀ-କଥାର ନାୟକ ପ୍ରକାର ବିଶ୍ଳେଷଣ, ୧୯୩୬ରେ Lord Raglanଙ୍କ The Hero of Tradition ୧୯୪୯ରେ ଜୋସେଫ୍ କେମ୍ପବେଲ୍‌ଙ୍କ The Hero with a Thousand Faces ଆଦି ପ୍ରବନ୍ଧରେ ନାୟକ ପ୍ରକାର ତଥା ସେମାନଙ୍କ ଜୀବନ ଚକ୍ରରେ ଥିବା ସାମଞ୍ଜସ୍ୟ ସଂପର୍କରେ ବିଶ୍ଳେଷଣାତ୍ମକ ଅଧ୍ୟୟନ ହୋଇଅଛି । ଏ ସମସ୍ତ ଆଲୋଚନା ତୁଳନାତ୍ମକ ଅଧ୍ୟୟନ ଦ୍ୱାରା ପରିପୁଷ୍ଟ ।

ଏହା ପରେ ଡଚ୍ ଲୋକ ସଂସ୍କୃତିବିତ୍ Dan De Vriesଙ୍କ Heroic Songs and Heroic Legends (1963) ମାନବ ବିଜ୍ଞାନୀ ଉଇଲିୟମ ବାସ୍‌କମଙ୍କ Myth Ritual Theory (1957), ତଥା Alan Dundesଙ୍କ The Hero pattern and the life of Jesus 1976) ଆଦିଙ୍କ ପ୍ରବନ୍ଧାବଳୀରେ ପୂର୍ବୋକ୍ତ Hero pattrernର

୧୮ । Dundes, Alan, Study on Folklore (see paper The Hero of Tradition by Lord Raglon) 1965, P. 142-143

ତୁଳନାତ୍ମକ ଅଧ୍ୟୟନ ହେବା ସଙ୍ଗେ ସଙ୍ଗେ ଏହାର ମନୋବୈଜ୍ଞାନିକ, ସଂରଚନାତ୍ମକ ଓ ପଟ୍ଟଭୂମିକ ଅଧ୍ୟୟନ ହୋଇଅଛି । (୧୯) ଏହି ତତ୍ ବିଦ୍‌ମାନେ ବିଶ୍ୱର ବିଭିନ୍ନ ଅଞ୍ଚଳର ସତର ଜଣ ନାୟକଙ୍କ ଜୀବନ ଅଧ୍ୟୟନ କରିଛନ୍ତି । ଭାରତର କର୍ଣ୍ଣ ଓ କୃଷ୍ଣ ଏମାନଙ୍କ ମଧ୍ୟରୁ ଅନ୍ୟତମ । ଭାରତୀୟ ନାୟକ ପ୍ରକାର ଅଧ୍ୟୟନରେ ଜବାହରଲାଲ ହାଣ୍ଡୁ, ବେଦ ପ୍ରକାଶ ବଟୁକ କୃଷ୍ଣଦେବ ଉପାଧ୍ୟାୟ ତଥା ୟୁ. ପି. ଅରୋରା ବିଶେଷ ଭାବେ ଦକ୍ଷତା ଦେଖାଇଛନ୍ତି ।

ଏହି ପ୍ରସଙ୍ଗ ଅବତାରଣାର ଉଦ୍ଦେଶ୍ୟ ଏହା ଯେ, ପ୍ରତ୍ୟେକ ସାଂସ୍କୃତିକ କ୍ଷେତ୍ର (culture area) ରେ ବର୍ଣ୍ଣନାତ୍ମକ ପରମ୍ପରାରେ ନିଜ ନିଜ ସଂସ୍କୃତିର ନାୟକଙ୍କ ଜୀବନ ଗାଥା ରହିଛି । ଓଡ଼ିଶାର ଲୋକ ଓ ଓ ଲିଖିତ ପରମ୍ପରାରେ ଏହି ନାୟକ ପ୍ରକାର ଅଧ୍ୟୟନ ପଣ୍ଡିତ ନୀଳକଣ୍ଠଙ୍କ ଦ୍ୱାରା ହିଁ ସର୍ବ ପ୍ରଥମେ ଆଲୋଚିତ ହୋଇଥିଲା । ପୌରାଣିକ ମିଥ୍ୟାରେ ସାମାଜିକ ସ୍ୱୀକୃତି ଓ ଆଦର୍ଶ ତଥା ସମାଜର ସ୍ତରଭେଦ ଦେଖାଇବା କାଳରେ ତାଙ୍କର ଏହି ପ୍ରସଙ୍ଗର ଅବତାରଣା । ତେବେ ତାଙ୍କ ଅଧ୍ୟୟନ ସୂତ୍ର ଧରି ଓଡ଼ିଆ ନାୟକ ପ୍ରକାର ଏ ପର୍ଯ୍ୟନ୍ତ କେହି କରିଥିବା ମନେ ହୁଏ ନାହିଁ । ଯଦିଓ ଚର୍ଚ୍ଚିତ ତେବେ ନୀଳକଣ୍ଠଙ୍କ ଆଲୋଚନାର ସୂତ୍ର ଧରି ଏହି ଧାରାର କ୍ରମ ପରିବର୍ଦ୍ଧନ କରିବାର ପ୍ରବଣତା ଦେଖା ଯାଇ ନାହିଁ । ଓଡ଼ିଆ ଲୋକ କଥା, ଗାଥା, ଲୋକ କାବ୍ୟ ତଥା ଲିଖିତ ସାହିତ୍ୟର ସମାକଳନରେ ଏହାର ବିଶେଷତ୍ୱ ବାହାର କରିବା ଏହି ସୂତ୍ରରେ ବାଂଛନୀୟ ।

ପୂର୍ବୋକ୍ତ ନାୟକମାନଙ୍କର ଜୀବନ ଚକ୍ରରେ ଘଟିତ ସାମାନ୍ୟ ଉପାଦାନ ଗୁଡ଼ିକ ଏହିପରି–

## କ) ନାୟକର ଜନ୍ମ

ବିଶ୍ୱର ଅନେକ ମହାପୁରୁଷ ଓ ବୀର ତ୍ରାଣ ମାନଙ୍କ ଜନ୍ମ ରହସ୍ୟ ତିମିରାଚ୍ଛନ୍ନ । ଭାରତୀୟ ଦେବତା ବ୍ରହ୍ମା, ଶିବ, ଗଣେଶ, କାର୍ତ୍ତିକେୟ,

୧୯ । Dundes, Alan, Essays in folkloristics – 1978 pp-223.



କୃଷ୍ଣ ଓ କର୍ଣ୍ଣ ପ୍ରମୁଖ ଏହି ପର୍ଯ୍ୟାୟ ବାଚୀ । ପାଶ୍ଚାତ୍ୟ ପୁରାଣ ଓ ଆଖ୍ୟାୟିକାରେ ଯୀଶୁଖ୍ରୀଷ୍ଟ, ସାର୍ଗନ, ରେମୁଲସ୍, ଡରେମୁସ୍, ପର୍ସିୟସ୍ କର୍ଣ୍ଣ, ସାଇରସ୍ ଜୁଦାସ୍, ଓ ମୋଜେସ୍ ମଧ୍ୟ ଏହି ପର୍ଯ୍ୟାୟବାଚୀ ବୋଲି Cosquin (୨୦) ମତଦେଲା ବେଳେ Otto Rank ଅଡ଼ିପସ୍, ପାରିସ, ଟେଲଫସ୍, ଗିଲଗାମୋସ୍ ଟ୍ରିଷ୍ଟାନ, ହରକୁଲସ, ଯୀଶୁ, ସିଗ୍‌ଫ୍ରିଡ୍ ଓ ଲୋହେନ୍ ଗ୍ରୀନ୍‌ଙ୍କୁ ସମାନ୍ତର ଭାବେ ଦେଖିଛନ୍ତି । (୨୧)

ନୀଳକଣ୍ଠ କର୍ଣ୍ଣ, କାର୍ତ୍ତିକେୟ, ସାର୍ଗନ ଓ ଯୀଶୁଙ୍କର ତୁଳନା କରିଛନ୍ତି । ତାଙ୍କ ମତରେ "ବିନା ବାପରେ ବା ବିନା ମା'ରେ ବିଶ୍ୱବାସୀ ମାନବର ମଙ୍ଗଳ ପାଇଁ ଈଶ୍ୱର ବା ତଦ୍‌ବିଧ ପିଲା ଜନ୍ମ କରିବା" ପ୍ରକ୍ରିୟା ଦୀର୍ଘ ୨୦ ହଜାର ବର୍ଷର ଆଫ୍ରେସୀୟ ସଂସ୍କୃତିର ଫଳଶ୍ରୁତି । (୨୨)

## ଖ) ନାୟକର ଜନ୍ମଦାତ୍ରୀ କୁମାରୀ

ଇସ୍ତର, ଆସ୍ତାରତେ, ଆଇସିସ୍, ନୀଥ୍, ରିୟା, ମେରୀ, କୁନ୍ତୀ, ଆଦି ରାଜକନ୍ୟା ତଥା କୁମାରୀ । ସାର୍ଗନଙ୍କ ମା ସୂର୍ଯ୍ୟଙ୍କ ତଦର୍ଥେ ଚିରକୁମାରୀ ( Vestal Priestess ) । ସେହିପରି କୁନ୍ତୀ ମଧ୍ୟ ସୂର୍ଯ୍ୟ ଉପାସନା କରି ତାଙ୍କୁ ଅଙ୍ଗଦାନ କରି କର୍ଣ୍ଣଙ୍କୁ ଜନ୍ମ ଦେଇଥିଲେ । ଲିବିୟାର ଇଷ୍ଟଦେବୀ 'ନୀଥ୍' ତଥା 'ମେରୀ' ଯୀଶୁଙ୍କୁ ଜନ୍ମ କରିବା ମୋଟିଫ୍‌ଟିର ସାମ୍ୟ ରହିଛି । ଷଡ୍ କୃତ୍ତିକା ଗଙ୍ଗାନଦୀରେ ସ୍ନାନ କଲାବେଳେ ଗର୍ଭବତୀ ହୋଇଥିବା କଥା ଉଲ୍ଲେଖ ଅଛି । ମିଥ୍‌ର କାହାଣୀ ଭାଗରେ କେଉଁଠି ବି ସ୍ପଷ୍ଟ ଭାବରେ ସ୍ତ୍ରୀ ପୁରୁଷଙ୍କ ମିଳନରେ ନାୟକ ଜନ୍ମ ନେବା କଥା ସ୍ପଷ୍ଟ ନୁହେଁ । ପୌରାଣିକ ସଂକେତ ଓ ପ୍ରତୀକ ମଧ୍ୟରେ ଏହା ଦର୍ଶିତ । ତେଣୁ ନୀଳକଣ୍ଠ କହିଛନ୍ତି– "ସୂର୍ଯ୍ୟ ଦେବତାଙ୍କ ତଦର୍ଥେ ରହୁଥିବା ଚିରକୁମାରୀଏ ଲୁଗାଇ କରି ବଣୁଆ ଲୋକଙ୍କୁ ନିଜ ଶେଯକୁ ଡାକିବା ପୁଣି ଆଉ ଗୋଟିଏ ବିରାଗ୍ୟ ଘଟନା ।"(୨୩)

୨୦ । Raglan, Lord, 'The Hero of Tradition,' in Dundes Alan 'op cif'

୨୧ । Dindes Alan, 'op cif'

୨୨ । ଦାସ, ନୀଳକଣ୍ଠ, ଓ. ସା. କ୍ର. ପ. – ପୃ ୩୮୭

୨୩ । ତତ୍ରୈବ– ପୃ ୪୧୧

ନୀଳକଣ୍ଠ ଯୌନଶୁଚିର ପରିମାପରେ ପୁରାଣର ପ୍ରତ୍ୟେକ ଚରିତ୍ର ଓ ଘଟନାକୁ ପରୀକ୍ଷା କରିଛନ୍ତି । ତାଙ୍କ "ବିଶ୍ୱ ସଂସ୍କୃତିକୁ ଓଡ଼ିଶାର ଦାନ" ପ୍ରବନ୍ଧରେ ସେ ବ୍ରହ୍ମଚର୍ଯ୍ୟ ଓ ଯୌନଶୁଚିକୁ ହିଁ ଓଡ଼ିଆ ସଂସ୍କୃତିର ଆଦର୍ଶ ବୋଲି ପ୍ରତିପାଦନ କରିଛନ୍ତି । (୨୪)

ତେଣୁ କୁନ୍ତୀ ଓ ସାର୍ଗନଙ୍କ ମା'ଙ୍କ ଆଦର୍ଶର ତୁଳନା କଲାବେଳେ ସେ ତତ୍କାଳୀନ ସାମାଜିକ ପରିବେଶକୁ ଦେଖିଛନ୍ତି । ତାଙ୍କ ମତରେ– ଏହା ଯେଉଁ ସମାଜରେ ଚଳୁଥିଲା, ସେଥିରେ ସେତେବେଳକୁ କୁମାରୀର ଯୌନଶୁଚି ଓ ପତ୍ନୀର ଯୌନ ଚର୍ଯ୍ୟାରେ ନିଜ ପତିଠାରେ ଏକ ନିଷ୍ଠତା ସମାଜରେ ପ୍ରତିଷ୍ଠିତ ହୋଇ ଯାଇଥିଲା । × × ପିଲାର ଜୀବନ ମରଣରେ ମା'ର ସଂପୂର୍ଣ୍ଣ ଅଧିକାର ଥିଲା । × × ହୁଏତ କୁମାରୀର ପ୍ରଣୟୀ, ପରେ ବିଭା-ହୋଇ ପିଲାକୁ ଆଦରି ଯାଇଥିଲା । ପତ୍ନୀର ସେଇ ସୁବିଧା ନଥିଲା । (୨୫)

ପୁରାଣର ଏହି ଆଖ୍ୟାୟିକା ମଧ୍ୟରେ ଥିବା କୁମାରୀ କନ୍ୟା ମା ମୋଟିଫ୍‌ଟି ମୁଖ୍ୟତଃ ତାର ଯୌନଶୁଚି ଓ ପବିତ୍ରତା ପାଇଁ ଉଦ୍ଦିଷ୍ଟ । ଏଥି-ପାଇଁ ଏପରିକି ଦେବତା ସୂର୍ଯ୍ୟଙ୍କ ଦ୍ୱାରା କୁମାରୀ କନ୍ୟା ଗର୍ଭବତୀ ହୋଇ-ଥିବାର କଳ୍ପନା କରାଯାଇଛି । ଓଡ଼ିଶାର ଦୁତୀୟା ଓଷାର ଦୁତିବାହନ କଥାବସ୍ତୁଟି ଏଠାରେ ପରୀକ୍ଷା ସ୍ୱରୂପ ଅନୁଶୀଳନ କରାଯାଇପାରେ । ଏହି ଓଷାର କଥାବସ୍ତୁରେ କୁନ୍ତୀ ଉପାଖ୍ୟାନ ତଥା ମହାଭାରତର ଖନିକାର ଜନ୍ମ ବୃତ୍ତାନ୍ତର ମୋଟିଫ୍‌ର ପ୍ରଭାବ ଓ ସାମଞ୍ଜସ୍ୟ ଲକ୍ଷ୍ୟଣୀୟ ।

ଦ୍ୱିତୀୟା ଓଷାର କଥାବସ୍ତୁ– (୨୬)

୧ । ବିଧବା ବ୍ରାହ୍ମଣୀ ରଜାଘର ଧାନ ଶୁଖାଇବା ପାଇଁ ସୂର୍ଯ୍ୟଙ୍କୁ ପ୍ରାର୍ଥନା କରିବା,

୨ । ପ୍ରତିଦାନରେ ସୂର୍ଯ୍ୟ ବ୍ରାହ୍ମଣୀକୁ ସମ୍ଭୋଗ କାମନା କରିବା

୩ । ବ୍ରାହ୍ମଣୀ ଲଜ୍ଜାରେ ନିଜ ଦାସୀକୁ ସୂର୍ଯ୍ୟଙ୍କ ପାଖକୁ ପଠାଇବା

୪ । ସୂର୍ଯ୍ୟ ଦାସୀକୁ ଚିହ୍ନି, ତାକୁ ପ୍ରତ୍ୟାଖ୍ୟାନ କରିବା

୨୪ । ଦାସ ନୀଳକଣ୍ଠ, 'ବିଶ୍ୱ ସଂସ୍କୃତିକୁ ଓଡ଼ିଶାର ଦାନ'

୨୫ । ଦାସ, ନୀଳକଣ୍ଠ, ଓ.ସା.କ୍ର.ପ – ପୃ ୪୧୧

୨୬ । ମିଶ୍ର, ବିନାୟକ, 'ଓଡ଼ିଆ ସାହିତ୍ୟର ଇତିହାସ', ୧୯୬୨, ପୃ ୨୯



୫ । ସୂର୍ଯ୍ୟ କାମାବେଗରେ ବ୍ରାହ୍ମଣୀର ଶାଗ କିଆରିରେ ପ୍ରସା କରିବା

୬ । ସେହି ଶାଗ ଖାଇ ବ୍ରାହ୍ମଣୀ ଗର୍ଭବତୀ ହୋଇ ପୁତ୍ର ( ଦୁତିବାହନ ) ଜନ୍ମ କରିବା

୭ । ଖେଳ ପିଲାଙ୍କ ଦ୍ୱାରା ଅପମାନିତ ହୋଇ ପୁତ୍ର ମା' ପାଖରେ ପିତୃ ପରିଚୟ ମାଗିବା

୮ । ମା' ସୂର୍ଯ୍ୟଙ୍କୁ ଦେଖାଇବାରୁ ସୂର୍ଯ୍ୟ ପୁତ୍ରକୁ ଆଦର କରିବା

୯ । ସୂର୍ଯ୍ୟ ଦୁତିବାହନକୁ କୋଳକୁ ନେଇ ଅଳଂକାର ପିନ୍ଧାଇବା

୧୦ । ଦୁତିବାହନ ଦ୍ୱାରା ଅସାଧ୍ୟ ସାଧନ ହେବା ।

ଉପରୋକ୍ତ ଆଖ୍ୟାନରେ ଥିବା ମୋଟିଫ୍ ଗୁଡ଼ିକ କୁନ୍ତୀ ଉପାଖ୍ୟାନର ଅନେକ ମୋଟିଫ୍ ସହିତ ମେଳ ଖାଉଛି । ପୁଣି 'ଖନିକାର ଜନ୍ମବୃତ୍ତାନ୍ତ' ଉପାଖ୍ୟାନର ରାଧା କୃଷ୍ଣଙ୍କ ପାଖକୁ ଦାସୀକୁ ପଠାଇବା ମୋଟିଫ୍‌ଟିର ଏଠି ମେଳ ରହିଛି । (୨୭) କିନ୍ତୁ ଓଡ଼ିଶାର ସାମାଜିକ ଓ ଧାର୍ମିକ ପରିସ୍ଥିତିର ଆଦର୍ଶରେ ସୂର୍ଯ୍ୟ ବ୍ରାହ୍ମଣୀ ପ୍ରେରିତ ଦାସୀକୁ ସଂଭୋଗ ନକରି ନିଜ ସଂଯମଶୀଳତାର ପରିଚୟ ଦେଇଛନ୍ତି । ( ମହାଭାରତ ବର୍ଣ୍ଣିତ କୃଷ୍ଣଙ୍କ ପରି ସୂର୍ଯ୍ୟ ମଦନ ଆରତରେ ଦାସୀକୁ ସମ୍ଭୋଗ କରିନାହାନ୍ତି । ) ପରେ ବ୍ରାହ୍ମଣୀର ପୁତ୍ର ଦୂତୀବାହନକୁ ଆପଣାର କରି ନେଇଛନ୍ତି ।

ପଣ୍ଡିତ ବିନାୟକ ମିଶ୍ର ଏହି ଆଖ୍ୟାନ ମଧ୍ୟରେ ରୂପକାତ୍ମକ ଭାବେ ପ୍ରାକୃତିକ ସତ୍ୟ ସଂଗୋପିତ ବୋଲି କହିଛନ୍ତି । ତାଙ୍କ ମତରେ– "ସୂର୍ଯ୍ୟଙ୍କ ଉତ୍ତାପରେ ଜଳର ବାଷ୍ପ ଉପରକୁ ଉଠି ବୃଷ୍ଟି ହେବା ଓ ଶାକ ବା ଉଦ୍ଭିଦଜଗତ ବିକାଶ ଲଭିବ । ଶାକ ଖାଇ ବିଧବା ଗର୍ଭବତୀ ହେବା ଅର୍ଥ ନିରମିଷାଶୀ ପାକାନ୍ନ ଭୋଜୀ ଜ୍ଞାନୀର ପ୍ରଜନନ ଶକ୍ତି ବଳବତ୍ତର ।" (୨୮) ସୂର୍ଯ୍ୟ ଜ୍ଞାନର ପ୍ରତୀକ ।

ଭାରତୀୟ ସଂସ୍କୃତିରେ ସୂର୍ଯ୍ୟଙ୍କୁ ପ୍ରଜନନ ଶକ୍ତି ଓ ସୃଷ୍ଟିର ପ୍ରତୀକ ରୂପେ ଗ୍ରହଣ କରାଯାଇଛି । କେବଳ ଭାରତ ନୁହେଁ, ଆସ୍ପ୍ରେସିଆ ସଭ୍ୟତାରେ ଏହାର ପ୍ରଚଳନ ବହୁଳ ଭାବେ ରହିଛି । ଭାରତର ବିଭିନ୍ନ ଅଞ୍ଚଳରେ

୨୭ । ଦାସ, ନୀଳକଣ୍ଠ, ଓ.ସା.କ୍ର.ପ.– ପୃ ୫୪୮

୨୮ । ମିଶ୍ର, ବିନାୟକ–op cit P-29

ନବବିବାହିତ ଦମ୍ପତି ସୂର୍ଯ୍ୟ ପୂଜା କରିଆନ୍ତି ପୁତ୍ରୋତ୍ପାଦନ ପାଇଁ । ତେଣୁ ପୁତ୍ର କାମନା କରି ସୌର ଉପାସନା କରିବା ଭାରତର ଆଞ୍ଚଳିକ ପରଂପରାରେ ତଥା ନାନା ବ୍ରତ, ଓଷା ଓ ପାରିବାରିକ ସାମାଜିକ ଧର୍ମାଚାରରେ ପ୍ରଚଳିତ । ସୂର୍ଯ୍ୟଙ୍କୁ ଉତ୍ପାଦକ ଶକ୍ତିର ପ୍ରତୀକ ରୂପେ ଗ୍ରହଣ କରି ଅରୋରା କହନ୍ତି–

Kunti's association with the Sun God for obtaining a child perhaps reflects the belief of the Sun's role in making barren woman fertile. (୨୯)

## ଗ. ନାୟକର ଜନ୍ମ :

କୁମାରୀ କନ୍ୟା କୌଣସି ବନ୍ୟ ପୁରୁଷଙ୍କୁ ଗୁପ୍ତରେ ଅଙ୍ଗଦାନ କରି ଗର୍ଭବତୀ ହେବା ଓ ଗୁପ୍ତରେ ପୁତ୍ର ଜନ୍ମ କରିବା ମୋଟିଫ୍‌ଟି କର୍ଣ୍ଣ, ସାର୍ଗନ ଓ କାର୍ତ୍ତିକେୟ ଉପାଖ୍ୟାନରେ ସମାନ ଭାବେ ପରିଦୃଷ୍ଟ । ଜନ୍ମ କରିବା ସ୍ଥାନ ନଈକୂଳ । କର୍ଣ୍ଣ ଓ କାର୍ତ୍ତିକେୟ ଗଙ୍ଗା କୂଳରେ ତଥା ସାର୍ଗନ ଇଉଫ୍ରେଟିସ୍ ନଦୀ କୂଳରେ ଜନ୍ମ ନେଇଛନ୍ତି ।

## ଘ. ଭାସମାନ ପେଟିକାରେ (ନାୟକ) ଶିଶୁକୁ ପରିତ୍ୟାଗ :

ଜନ୍ମିତ ଶିଶୁକୁ ବେତ/ବାଉଁଶ/ଘାସ ପେଟିକାରେ ରଖି ନଦୀ ସ୍ରୋତରେ ଭସାଇ ଦେବା (motif No. 300-395) ଏହି ଆଖ୍ୟାନର ମୁଖ୍ୟ ମୋଟିଫ୍ । କୁନ୍ତୀ, ଷଡ଼୍‌କୃତ୍ତିକା ଓ ସାର୍ଗନଙ୍କ ମାତା ସମସ୍ତେ ନିଜ-ନିଜ ପୁତ୍ରକୁ ପେଟିକାରେ ପୁରାଇ ନଦୀ ଜଳରେ ଭସାଇ ଦେଇଛନ୍ତି । ନିଜ କୁମାରୀ କାଳର ଅପକର୍ମକୁ ଘୋଡ଼ାଇ ସତୀତ୍ୱର ପ୍ରତିଷ୍ଠା ପାଇଁ ସେମାନେ ଏହା କରିଥିଲେ । ନୀଳକଂଠଙ୍କ ମତରେ, "ପିଲାର ଜୀବନ ମରଣ ଉପରେ ମାଆର ସମ୍ପୂର୍ଣ୍ଣ ଅଧିକାର ଥିଲା ।"

୧୯୭୮ରେ ଡଣ୍ଡିସ୍‌ଙ୍କ The Hero Pattern and the life of Jesus Christ ପ୍ରବନ୍ଧରେ କହିଛନ୍ତି ଯେ, ପେଟିକା ମଧ୍ୟରେ ଶିଶୁଟି

୨୯ । Arona U.P. Motifs in Indian mythology, 1981, P-46



ନଦୀ ଜଳରେ ପରିତ୍ୟକ୍ତ ହେବା ଓ ଅନ୍ୟ ଏକ ନାରୀ ଦ୍ୱାରା ପାଳିତ ହେବାର ଏକ ପ୍ରତୀକାତ୍ମକ ଅର୍ଥ ରହିଛି ।

ସେ କହନ୍ତି ପେଟିକାଟି ହେଉଛି କୁମାରୀ ମାତାର ଗର୍ଭାଶୟର ପ୍ରତୀକ । ନଦୀ ଜଳରେ ଭସାଇବାର ଅର୍ଥ ଶିଶୁଟିର ଜନ୍ମ ହେବା– ଗର୍ଭାଶୟରୁ ବିଚ୍ଛିନ୍ନ ହେବା । ପୁନଶ୍ଚ ମାତା ଦ୍ୱାରା ସ୍ୱୀକୃତ ହେବା ପ୍ରତୀକଟି ସ୍ତନ୍ୟଦାନ ପ୍ରକ୍ରିୟା ଦ୍ୱାରା ପ୍ରତୀକିତ । (୩୦)

ଶିଶୁକୁ ନଦୀ ଜଳରେ ଭସାଇବାର ଅନ୍ୟ ଏକ ଭାରତୀୟ ପ୍ରତୀକ ରହିଛି । ଯଦି ସେ ବୈଧ ତେବେ ଜଳରେ ବୁଡ଼ିବ ନାହିଁ କିନ୍ତୁ ଯଦି ଅବୈଧ ସନ୍ତାନ ହୋଇଥାଏ ତେବେ ସେ ବୁଡ଼ିଯିବ । ଜଳରେ ଭାସିବା ଦ୍ୱାରା ସେହି ଅଜ୍ଞାତ ଶିଶୁର ଜାଗତିକ ଜନ୍ମ ସମ୍ପର୍କିତ ପାପ ପ୍ରକ୍ଷାଳନ ହୁଏ ଓ ସେ ସମାଜରେ ବୈଧ ରୂପେ ଗୃହୀତ ହୁଏ । (୩୧)

ପୁରାଣର ଏହି ଭାସମାନ ପେଟିକା ମୋଟିଫ୍‌ର ସାମଞ୍ଜସ୍ୟ ଭାରତର ଆଦିମ ଜନଜାତିମାନଙ୍କର ମାନବ ସୃଷ୍ଟି ସମ୍ପର୍କୀୟ ମିଥ୍‌ରେ ବହୁଳ ଭାବେ ପ୍ରଚଳିତ । (୩୨) ମଧ୍ୟଭାରତୀୟ ଜନଜାତି ଭୁଞ୍ଜିଆ, ଗଣ୍ଡ, କନ୍ଧ ପ୍ରମୁଖଙ୍କ ସୃଷ୍ଟି ମିଥ୍‌ରେ ଅଛି, ପ୍ରଳୟ ଜଳରେ ଭଗବାନ ମାଟି ଥାପନା କରି ଗଛପତ୍ର, ପ୍ରାଣୀ ଆଦି ସୃଷ୍ଟି କରି ମଣିଷ ସୃଷ୍ଟି କରିବାକୁ ଚାହିଁଲେ । ସେ ଏଥିପାଇଁ କାଉଟିଏ ସୃଷ୍ଟି କରି ପୃଥିବୀଯାକ ମଣିଷ ଅଛନ୍ତି କି ନାହିଁ ଜାଣିବାକୁ ଚାହିଁଲେ । କାଉ ପ୍ରଳୟ ଜଳରେ ଗୋଟିଏ ଲାଉତୁମ୍ବୀ ଭାସୁ ଥିବାର ଦେଖି ତାକୁ ଆଣି ଭଗବାନଙ୍କୁ ଦେଲା । ଭଗବାନ ତହିଁରେ ପୁଅଟିଏ ଓ ଝିଅଟିଏ ଦେଖିଲେ । ଏମାନେ ଭାଇ ଭଉଣୀ । ଏଣୁ ଭଗବାନ ସେମାନଙ୍କୁ ୧୨ ବର୍ଷ ପାଇଁ ଅଲଗା ରଖି ଦେଲେ ଓ ବସନ୍ତରୋଗ କରାଇ ସେମାନଙ୍କ ଚେହେରାରେ ପରିବର୍ତ୍ତନ ଆଣିଲେ । ୧୨ ବର୍ଷ ପରେ କେହି କାହାକୁ ଚିହ୍ନି ପାରିଲେ

୩୦ । Dundes, Alan, Essays in Folkloristics, P. 242-243

୩୧ । Arora U.P. op-cit P-54

୩୨ । Blackburn, Stuart, H. Creation Myths in Tribal India, Man In India, vol-57, July-Sept-1977, No. 3, P-192

ନାହିଁ ଓ ଭଗବାନଙ୍କ ଇଚ୍ଛାରେ ସ୍ତ୍ରୀ ପୁରୁଷ ରୂପେ ରହି ପୃଥିବୀରେ ପ୍ରଥମ ମଣିଷ ସମାଜ ସୃଷ୍ଟି କଲେ । ଆଦିବାସୀ ସଂପ୍ରଦାୟର ମିଥ୍‌ରେ ଜଳରେ 'ଝାପି' ବା ବାଉଁଶ ଟୋକେଇ କିମ୍ବା 'କେନ୍ଦ୍' ବା ଲାଉ ଭାସିବା ମୋଟିଫ୍‌ଟି ସେମାନଙ୍କ ଧର୍ମାଚାର (ritual) ମଧ୍ୟରେ ଦେଖାଯାଏ । କନ୍ଧ ସଂପ୍ରଦାୟରେ ପୋତବାଳି (buffalo sacrifice, ନରବଳିର ଅବକ୍ଷୟିତ ଧର୍ମାଚାର) ହୋଇପାରେ ! ପର୍ବରେ ଧରଣୀମାତା (earth mother goddess) ସମ୍ମୁଖରେ ଏକ ବାଉଁଶ ଲାଠି ଉପରେ ଶୁଖିଲା ଲାଉଟିଏ ଝୁଲାଇ ତହିଁରେ ଏକ ଛିଦ୍ର ରଖିଥାନ୍ତି । ସେହି ଜାତିର ଆଦିପୁରୁଷ (first progenitor) ସେହି ଲାଉ ମଧ୍ୟରୁ ନିରାକାର ନିରଞ୍ଜନ (ସୂର୍ଯ୍ୟ ଦେବତା)ଙ୍କ ଦ୍ୱାରା ସୃଷ୍ଟି ହୋଇଥିଲେ ବୋଲି ପୁରାଣ "ଗୋଭଉତ୍‌ରା" କନ୍ଧ ଭାଷାରେ ଗାଇଥାଆନ୍ତି । ଭାରତୀୟ ପୁରାଣର ଏହି ବିଶ୍ୱ ଦୃଷ୍ଟି ଆଦିମ ଜନଜାତିରେ ଏବେ ସୁଦ୍ଧା ପରଂପରା ଓ ପ୍ରଥାରୂପେ ପ୍ରଚଳିତ ।

## ଙ. ନାୟକ କୌଣସି ଦୂର ସ୍ଥାନରେ ପୋଷ୍ୟପୁତ୍ର ରୂପେ ପାଳିତ ହେବା :

ନଦୀରେ ଭାସିଯାଉଥିବା ପେଟିକାଟି କୌଣସି ମେଷପାଳକ/ପାଣିଭରୁଆ/ରଥଚାଳକ/ବଗିଚାର ମାଳି ଦ୍ୱାରା ଆବିଷ୍କୃତ ହୋଇ ସେମାନଙ୍କ ଦ୍ୱାରା ପାଳିତ ହେବା, ମୋଟିଫ୍‌ଟିର ପୂର୍ଣ୍ଣ ସାମଞ୍ଜସ୍ୟ ରହିଛି । ସେମାନଙ୍କଠାରେ ଏହି ନାୟକମାନଙ୍କର ବାଲ୍ୟକାଳ ଶିକ୍ଷା ସମାପ୍ତ ହୁଏ ।

## ଚ. ନାୟକ ବୀର ରୂପେ ପରିଚିତ ହୁଏ :

କର୍ଣ୍ଣ, ସାର୍ଗନ, କାର୍ତ୍ତିକେୟ ପ୍ରଭୃତି ବୀର ରୂପେ ପରିଚିତ ହୁଅନ୍ତି ।

## ଛ. ନାୟକ ରାଜପଣ କରେ :

କର୍ଣ୍ଣ ଅଙ୍ଗଦେଶର ରାଜା, ସାର୍ଗନ ଆକ୍‌କଡ଼ର ସମ୍ରାଟ ତଥା କାର୍ତ୍ତିକେୟ ଦେବତାଙ୍କ ସେନାପତି ହୁଅନ୍ତି ।

ଉପରୋକ୍ତ ମିଥ୍ ଗୁଡ଼ିକରେ ପ୍ରକୃତି ସହିତ ସଂସ୍କୃତିର ଦ୍ୱନ୍ଦ୍ୱ ସ୍ପଷ୍ଟ ଭାବେ ଲକ୍ଷ୍ୟଣୀୟ । ମିଥ୍‌ରୁ ଏକ ମୌଳିକ ପ୍ରଶ୍ନ ଉଠେ । ତାହେଲେ, କର୍ଣ୍ଣ ଓ



ସାର୍ଗନ କ'ଣ ସୂର୍ଯ୍ୟଙ୍କ ସନ୍ତାନ ? କ'ଣ ସୂର୍ଯ୍ୟ ସ୍ୱଦେହରେ ଏହି ନାୟିକାମାନଙ୍କୁ ସମ୍ଭୋଗ କଲାରୁ ଏମାନେ ଜନ୍ମ ହୋଇଥିଲେ ? କିମ୍ବା ନାୟିକାମାନେ କୌଣସି ପୁରୁଷ ସଂସର୍ଗରେ ଆସି ପୁତ୍ରବତୀ ହୋଇ ସେମାନଙ୍କୁ ପ୍ରତିଷ୍ଠା ଭୟରେ ବିସର୍ଜନ କରିଥିଲେ ? ପୁରାଣ ମଧ୍ୟରେ ଥିବା ଏହି ମୌଳିକ ପ୍ରଶ୍ନର ଉତ୍ତର ପାଇଁ ତନ୍ମଧ୍ୟରେ ଥିବା ଦ୍ୱୈତ ବିରୋଧ (binary opposition)ର ସ୍ୱରୂପ ଜାଣି ଏହାର ମୂଳ ସଂରଚନାରୁ ସମାଧାନର ସୂତ୍ର ବାହାର କରାଯାଇପାରେ । ପୁରାଣ ମଧ୍ୟସ୍ଥ ଦ୍ୱୈତ ବିରୋଧ ଗୁଡ଼ିକ ହେଉଛି—

| | | |
|---|---|---|
| ପ୍ରକୃତି | — | ସଂସ୍କୃତି |
| (Nature) | — | (Culture) |
| ମାଟି (ପୃଥିବୀ) | — | ଆକାଶ |
| ମଣିଷ | — | ଦେବତା (ସୂର୍ଯ୍ୟ) |
| ଅବୈଧ | — | ବୈଧ |
| ଅପବିତ୍ର | — | ପବିତ୍ର |
| ବର୍ଜନ | — | ଗ୍ରହଣ |
| ଅସ୍ୱୀକୃତି | — | ସ୍ୱୀକୃତି |

ପୁରାଣ (myth)ର ଉପରୋକ୍ତ ଦ୍ୱୈତ ବିରୋଧର ଗ୍ରନ୍ଥିମୋଚନ କଲେ ସ୍ପଷ୍ଟ ହୁଏ ଯେ ପ୍ରଥମେ ପ୍ରକୃତିର ବାସ୍ତବ ସତ୍ୟହିଁ ଘଟିଥିଲା ଓ ପରେ ସାମାଜିକ ସ୍ତର ଭେଦ ଅନୁସାରେ ସଂସ୍କୃତିରେ ରୂପ ପାଇଲା । ନୀଳକଂଠଂକ "ମାନବ ଯୁକ୍ତି ଶୃଙ୍ଖଳା"ର ଆଧାରରେ ପୁରାଣର ବିଶ୍ଳେଷଣ ଏହି ଦୃଷ୍ଟିରୁ ଏକକାଳିକ (synchronic) ତଥା ବିଷୟ ଭିତ୍ତିକ ।

ନୀଳକଣ୍ଠ ପୁରାଣ ବିଶ୍ଳେଷଣର ସିଦ୍ଧାନ୍ତ ଦେଇ କହନ୍ତି—"ପୁରାଣ ପ୍ରଗତିରେ ଯେ ମିଥ୍ୟା ଫୁଟେ ତା ସ୍ୱାଭାବିକ । ଅଦ୍ଭୁତ କ୍ରିୟା ସେଥିରେ ଥାଏ । ମାନବର ନିଜ ଭାବ କ୍ରିୟା ଅଭ୍ୟାସ ପ୍ରଭୃତି ସେଥିରେ ଆରୋପ କରାହୁଏ । କିନ୍ତୁ କ୍ରମେ ଯୁକ୍ତି ଓ ଦର୍ଶନ ଲବ୍ଧ ଜ୍ଞାନରେ ସେ ସବୁ ତୁଟିଯାଏ । ପୁରାଣ ସଂସ୍କାର ବା ବଦ୍ଧ କୁସଂସ୍କାର ଗ୍ରସ୍ତ ଫଳିତ ଜ୍ୟୋତିଷ ବି ଆଜି

ବୈଜ୍ଞାନିକ ଜଗତରୁ ନିର୍ବାସିତ ହେଲାଣି । (୩୩) ଏଣୁ ମାନବ ଯୁକ୍ତି ଶୃଙ୍ଖଳା ଓ ପୂର୍ବାପର ସଙ୍ଗତି ଲଗାଇ ପୁରାଣକୁ ବୁଝି ବୁଝାଇବା' ପ୍ରକ୍ରିୟା ଉପରେ ନୀଳକଣ୍ଠ ଗୁରୁତ୍ୱ ଦେଇଥିଲେ । (୩୪)

ଉପରୋକ୍ତ ପୁରାଣର ସଂରଚନାତ୍ମକ ବିଶ୍ଳେଷଣ କରି ପ୍ରକୃତି ଓ ସଂସ୍କୃତି ଅନ୍ତର୍ଗତ ଦ୍ୱନ୍ଦ୍ୱର ଗ୍ରନ୍ଥି ମୋଚନ କଲେ ନିଷ୍କର୍ଷ ହୁଅନ୍ତା– ସ୍ତ୍ରୀ ପୁରୁଷ ସଂସର୍ଗରେ ନାୟକର ଜନ୍ମ ହେବା ତଥା ନାରୀର ଦେବତା ସାଙ୍ଗେ ସଂସର୍ଗ ହୋଇ ପୁତ୍ରଜାତ ହେବା ପ୍ରକ୍ରିୟା ଉପରୋକ୍ତ ସତ୍ୟର ରୂପକାତ୍ମକ ପ୍ରକାଶ । ନୀଳକଣ୍ଠଙ୍କ ବିଶ୍ଳେଷଣରେ ମଧ୍ୟ ସେହି ଯୁକ୍ତି ସମ୍ମତ ସତ୍ୟଟି ପ୍ରକାଶିତ । ସେ କହିଛନ୍ତି–

"ସାର୍ଗନଙ୍କ ମା ସୂର୍ଯ୍ୟଙ୍କ ଉପାସନାରେ କୁମାରୀ ରୂପେ ନିବିଷ୍ଟ ଥାଇ ମନେହୁଏ, କୌଣସି ପାର୍ବତ୍ୟ ଲୋକକୁ ଗୋପନରେ ଅଙ୍ଗ ଦାନ କରିଥିଲେ । (୩୫) "ସୂର୍ଯ୍ୟଦେବଙ୍କ ତଦର୍ଥେ ରହୁଥିବା ଚିର କୁମାରୀଏ ଲୁଗ୍ରଇ କରି ବଣୁଆ ଲୋକଙ୍କୁ ନିଜ ଶେଯକୁ ଡାକିବା ପୁଣି ଆଉ ଗୋଟିଏ ବିଗ୍ରାର୍ଯ୍ୟ ଘଟନା । କୁନ୍ତୀଙ୍କ କଥାରେ ଆଉରି ଘୋଡ଼ାଇ କରି କୁହା ଯାଇଚି, ସେ ସ୍ୱୟଂ ସୂର୍ଯ୍ୟଙ୍କ ଆଡ୍ରେ ଗର୍ଭ ହୋଇଥିଲେ ।" ଏହାର ମାନବଜ୍ଞାନ ସମ୍ମତ ବ୍ୟାଖ୍ୟା କରି ନୀଳକଣ୍ଠ କହିଛନ୍ତି–ସେତେବେଳେ ମନୁଷ୍ୟକୁ ଦେବତାଙ୍କ ନାମରେ ଏଇପରି ଭୁଲାଇବାର ଉଦ୍ୟମ ହେଉଥିଲା । ଏହା ଭକ୍ତର ମିଥ୍ୟା ନ ହୋଇ ମାନବ ସମାଜର ଆଦିମତମ ଧାରଣାର ଫଳ ହୋଇପାରେ । (୩୬) "ମନୁଷ୍ୟଙ୍କ ଭିତରେ ମନୁ ପ୍ରଭୃତିଙ୍କ ପରି ଯେ ସାଧାରଣ ଜନଠାରୁ ଅଧିକ କ୍ଷମତା ପ୍ରୟୋଗ କରି ପାରନ୍ତି, ସେ ବି ଦେବତା ପରି ହୁଅନ୍ତି । (୩୭) ନୀଳକଣ୍ଠଙ୍କ ଏହି ଉକ୍ତିରୁ ପ୍ରତିପନ୍ନ ହୁଏ ଯେ, କୁନ୍ତୀ ଯେଉଁ ପୁରୁଷ ସହିତ ମିଶି କର୍ଣ୍ଣଙ୍କୁ ଜନ୍ମ ଦେଇଥିଲେ, ସେ ଦେବତା ନୁହନ୍ତି ରକ୍ତ ମାଂସ ଦେହଧାରୀ ମନୁଷ୍ୟ । ପରେ ସୂର୍ଯ୍ୟ ରୂପେ ପରିଚିତ ହୋଇଥାଇ ପାରନ୍ତି ।

୩୩ । ଦାସ, ନୀଳକଣ୍ଠ, ଓ. ସା. କ୍ର. ପ. –ପୃ-୪୦୪
୩୪ । " ପୃ-୩୭୧
୩୫ । " ପୃ-୪୧୦
୩୬ । " ପୃ-୪୧୨
୩୭ । " ପୃ-୪୦୧



କିନ୍ତୁ ନୀଳକଣ୍ଠଙ୍କ ବିଶ୍ୱର ପୁରାଣ ଅନୁଶୀଳନ ଅବସରରେ ଭାରତୀୟ ଚରିତ୍ରମାନଙ୍କୁ ଯୌନ-ଶୁଚିର ଆଦର୍ଶରେ ଦେଖିଛନ୍ତି । ତେଣୁ ସାର୍ଗନଙ୍କ ମା'ଙ୍କ କ୍ଷେତ୍ରରେ ସେ ବଣୁଆ ଲୋକଙ୍କୁ ଦେହ ଦାନ କରିଥିବାର ଦର୍ଶାଇ କୁନ୍ତୀଙ୍କ ଆଲୋଚନା ବେଳେ ତାଙ୍କ ସୂର୍ଯ୍ୟ ସଙ୍ଗମ ଧାରଣା ଓ ବିଶ୍ୱାସ ଥିବାର ଦେଖାଇଛନ୍ତି । ପୁଣି କୁନ୍ତୀ ନିଜର ଗର୍ଭର ପ୍ରକୃତ କାରଣ ଜାଣି ପାରି ନଥିବା ସମ୍ଭାବନାକୁ ମାନବ ବିଜ୍ଞାନ ଦିଗରୁ ସ୍ୱୀକାର କରିଛନ୍ତି । ସେ ଯାହା ହେଉ, ପୁରାଣ ବିଶ୍ଳେଷଣରେ ନୀଳକଣ୍ଠଙ୍କ ଦୃଷ୍ଟି ଥିଲା ଯୁକ୍ତି ଓ ଦର୍ଶନ ସମ୍ମତ ।

## ନାୟିକା ପ୍ରକରଣ ( Heroine Pattern )

ଆସିରିଆ ଦେଶର ସେମିରମିସ୍, ଗ୍ରୀସ୍‌ର ସମୁର୍‌ମାତ୍ ଓ ଭାରତୀୟ ଶକୁନ୍ତଳା ଉପାଖ୍ୟାନର ସାମଞ୍ଜସ୍ୟ ଦେଖାଇ ନୀଳକଣ୍ଠ ଏହା ମୂଳରେ ସାଂସ୍କୃତିକ ଐକ୍ୟ ଓ ଆଦାନ ପ୍ରଦାନ ଥିବାର ଅନୁମାନ କରିଛନ୍ତି । ଏହାର ଐତିହାସିକ-ପୁନର୍ଗଠନ ମୂଳକ ଅଧ୍ୟୟନ କରି ସେ କହିଛନ୍ତି, ଦ୍ରାବିଡ଼ମାନେ ସୁମେର ଅଞ୍ଚଳରେ ଯାଇ ଉପନିବେଶ ସ୍ଥାପନ କରିଥିଲେ । (୩୮) ଗ୍ରୀସ୍, ବ୍ୟାବିଲନ ଓ ଭାରତର ନାୟିକା ପ୍ରକରଣର ଏକରୂପତା ଦେଖି ସେ ଏହାର ତୁଳନାତ୍ମକ ଅଧ୍ୟୟନ କରିଥିଲେ ।

### ସେମିର୍ ମିସ୍ :

ଗ୍ରୀସ୍ ଦେଶର ଅସୁର ଦେବୀ ଏକ କନ୍ୟାକୁ ଜନ୍ମ ଦେଲେ । ତାକୁ ବଣରେ ଫିଙ୍ଗି ଦେଲେ । ସେହି କନ୍ୟା ଏକ କପୋତ ଦ୍ୱାରା ପାଳିତା ହେଲା । ପରେ ଏକ ମେଷ ପାଳକ ଦ୍ୱାରା ବର୍ଦ୍ଧିତା ହୋଇ ବହୁ ବିବାହ କଲା ।

### ସମୁର୍‌ମାତ୍ :

ନାରୀ ସମ୍ରାଟ୍ ସମୁର୍‌ମାତ୍ ସ୍ୱର୍ଗର ବେଶ୍ୟାଙ୍କ କନ୍ୟା । ତାକୁ ସେ ଜନ୍ମ ଦେଇ ବଣରେ ଫିଙ୍ଗିଦେଲା । ସେ ପକ୍ଷୀ ଦ୍ୱାରା ପାଳିତା ହେଲା । ସେ ବିବାହ କଲା । ସେ ଦେଶର ସମ୍ରାଟଙ୍କୁ ଆତ୍ମଦାନ କରି ରାଣୀ ହେଲା ।

୩୮ । ତତ୍ରୈବ– ପୃ ୬୬୫

ପୁତ୍ର ପ୍ରାପ୍ତି ହେଲା । ସେ ବିଧବା ହୋଇ ସୁଦ୍ଧା ନିଜ ଯୌବନ ଥିବାରୁ ପୁରୁଷ ସଙ୍ଗ କରିବାରୁ ତା ପୁତ୍ର ସେଥିରେ ରୁଷ୍ଟ ହେଲା ଓ ସେ ପୁତ୍ରକୁ ରାଜ୍ୟ ଦେଇ କପୋତ ରୂପ ଧରି ସ୍ୱର୍ଗକୁ ଉଡ଼ି ପଳାଇଲା ।

## ଶକୁନ୍ତଳା :

ସ୍ୱର୍ଗ ବେଶ୍ୟା ମେନକାଙ୍କ କନ୍ୟା । ତାଙ୍କୁ ବଣରେ ଜନ୍ମ କରି ସେ ସେଠି ଫିଙ୍ଗି ଦେଲେ । ତାଙ୍କୁ କପୋତ ( ଶକୁନ୍ତ ) ପକ୍ଷୀ ନେଇ ପାଳିଲା । (୩୯) ପରେ ସେ କଣ୍ୱ ମୁନିଙ୍କ ଆଶ୍ରମରେ ରହି ଯୁବତୀ ହେଲେ । ଦୁଷ୍ମନ୍ତଙ୍କ ରାଣୀ ଓ ପୁତ୍ରମାନେ ଅଛନ୍ତି ବୋଲି ଜାଣି ବି ଆତ୍ମଦାନ କଲେ ଓ ଦୁଷ୍ମନ୍ତଙ୍କୁ ପ୍ରତିଜ୍ଞା କରାଇନେଲେ ଯେ ତାଙ୍କ ଗର୍ଭଜାତ ପୁତ୍ର ରାଜା ହେବ । ପରେ ଦୁଷ୍ମନ୍ତଙ୍କ ରାଜସଭାରେ ଶକୁନ୍ତଳା ପୁତ୍ର ସହ ପହଂଚିଲା ବେଳେ ରାଜା ତାଙ୍କୁ ଚିହ୍ନି ନପାରି ପୁତ୍ରକୁ ସ୍ୱୀକାର କଲେ ନାହିଁ । ଅଭିମାନରେ ଶକୁନ୍ତଳା ସ୍ୱର୍ଗ ଯିବାକୁ ବାହାରିଲେ । ପରେ ରାଜା ସେମାନଙ୍କୁ ଗ୍ରହଣ କଲେ ।

## ସୀତା ଲବକୁଶ :

ଶକୁନ୍ତଳାଙ୍କୁ ଓ ତାଙ୍କ ପୁତ୍ରଙ୍କୁ ରାଜା ଦୁଷ୍ମନ୍ତ ସ୍ୱୀକାର ନକଲାପରି ସୀତା ଓ ଲବକୁଶଙ୍କୁ ରାମଚନ୍ଦ୍ର ଗ୍ରହଣ କଲେ ନାହିଁ । ଲବକୁଶଙ୍କୁ ନିଜ ପୁତ୍ର ବୋଲି ସ୍ୱୀକାର କରିବା ପାଇଁ ପ୍ରମାଣ ମାଗିବାରୁ ସୀତା ଦୁଃଖରେ ପାତାଳ ଗମନ କରିଛନ୍ତି ।

ସେମିରମିସ୍ ଓ ଶକୁନ୍ତଳା ଉପାଖ୍ୟାନରେ ସାମାଜିକ ଆଦର୍ଶ ଘେନି ବହୁ ବିବାହ ଓ ଏକ ବିବାହୀ ପ୍ରଥା ଯଥାକ୍ରମେ ଦେଖାଇ ଦିଆଯାଇଛି । କାରଣ "ଭାରତୀୟ ଉପାଖ୍ୟାନରେ ସତୀତ୍ୱର ଆଦର୍ଶ ଫୁଟାଇ ଦିଆଯାଇଚି ।" (୪୦)

---

୩୯ । Arora, UP, 'op cit' P. 69 "By the resemblance of the name between a hero and his animal nurse may postulate that there is perhaps in these stories an inkling of underlying totemic meaning".

୪୦ । ଦାସ, ନୀଳକଣ୍ଠ, ପୃ ୬୬୪



## ସୁଷୀମା :

କିନ୍ତୁ ବହୁବିବାହ ଓ ଯୌନ ଉଚ୍ଛୃଙ୍ଖଳତାର ଅନ୍ୟ ଏକ ଆଖ୍ୟାନ ସିଂହଳର ବିଜୟ ସିଂହଙ୍କ ମାତା 'ସୁସୀମା'ଙ୍କ ଜୀବନୀ । ନୀଳକଣ୍ଠଙ୍କ ଭାଷାରେ– ସୁସୀମା ଯୁବତୀ ହେଲା ମାତ୍ରକେ ନିଜ ଯୌନକାମନା ଚରିତାର୍ଥ କରିବାରେ ଯା ଇଚ୍ଛା ତା' ପଛରେ ଗୋଡ଼ାଇଲେ । ସମସ୍ତେ ଜାଣିଲେ, କେହି କିଛି କହିଲେ ନାହିଁ । ଶେଷକୁ ପଂଝାଏ ଶଗଡ଼ିଆ ବେପାରୀଙ୍କ ସଙ୍ଗେ ସେ ଚାଲିଗଲେ । ତାଙ୍କୁ ସିଂହ ନେଇଗଲା । ସିଂହ ଆଡ଼େ ତାଙ୍କ ପୁଅ ହେଲା । ସେଇ ପୁଅ ହାତରେ ସେ ସ୍ୱାମୀ ସିଂହକୁ ମରାଇଲେ । ତା'ପରେ ପୁଅକୁ ଘେନି ବାପଘରକୁ ଆସି ସେ ତ ରାଜା ହୋଇଥିବା ନିଜ ମାମୁଁ, ନାତି ପୁତୁରାର ରାଣୀ ହେଲେ ଓ ପୁଅକୁ ସେ ରାଜ୍ୟରୁ ତଡ଼ିଦେଲେ । (୪୧)

ସୁସୀମା ପୁଅ ହାତରେ ସ୍ୱାମୀଙ୍କୁ ମରାଇବା ଅଡ଼ିପସ୍ କଂପଲେକ୍ସର ପ୍ରକାଶ । କିନ୍ତୁ ସେ ପୁତ୍ରକୁ ତଡ଼ି ନିଜ ଜ୍ଞାତିଙ୍କ ରାଣୀ ହେବା ପ୍ରସଙ୍ଗଟି ବହୁ ବିବାହ ତଥା ଯୌନ ଉଚ୍ଛୃଙ୍ଖଳତାର ପ୍ରତୀକ । ଏଥିରେ ସାମାଜିକ ଓ ପରିସ୍ଥିତିଗତ ସତ୍ୟ ଥିବାର ନୀଳକଣ୍ଠ ଅନୁମାନ କରନ୍ତି । (୪୨)

## ଭାଇ ଭଉଣୀ ମିଥ୍ :

ବାଇବେଲ ତଥା ଭାରତୀୟ ବୈଦିକ ଯମଯମୀ ଉପାଖ୍ୟାନରେ ଓ ଭାରତୀୟ ଆଦିମ ଜନଜାତିର ଧର୍ମୀୟ ଓ ମୌଖିକ ପରଂପରାରେ ଏହି ମିଥ୍‌ଟିର ବହୁ ସାମଞ୍ଜସ୍ୟ ରହିଛି । ଋଗ୍‌ବେଦ ଦଶମ ମଣ୍ଡଳରେ ଦଶମ ସୂକ୍ତରେ ଯମଯମୀ ଯମଜ ଭାଇଭଉଣୀ ରୂପେ ବର୍ଣ୍ଣିତ । ଯମୀ ନିଜ ଭାଇ ଯମକୁ ପ୍ରେମ ନିବେଦନ ତଥା ଯମର ପ୍ରତ୍ୟାଖ୍ୟାନ ପ୍ରସଙ୍ଗଟିରେ ମାନବ ଜାତିର ସୃଷ୍ଟି ତଥା ବଂଶବୃଦ୍ଧିର ସଙ୍କେତ ରହିଛି । (୪୩) ମଧ୍ୟ-ଭାରତୀୟ

---

୪୧ । ତତ୍ରୈବ– ପୃ ୪୧୪

୪୨ । ତତ୍ରୈବ– ପୃ ୪୧୪

୪୩ । ଦାସ, ଅଭିନ୍ନ ଚନ୍ଦ୍ର, 'ବୈଦିକ ସାହିତ୍ୟ ଓ ସଂସ୍କୃତି' ଗ୍ରନ୍ଥ ମନ୍ଦିର, ୧୯୭୮ ପୃ ୧୦

ଜନଜାତିର ସୃଷ୍ଟି ମିଥ୍‌ରେ ଭାଇଭଉଣୀ ମିଳନ ଫଳରେ ପୃଥିବୀରେ ମାନବ ଜାତିର ଉତ୍ପତ୍ତି । ମଧ୍ୟଭାରତର 'କୋଶଳ' ଅଞ୍ଚଳରେ ଏହାର "ସାମାନ୍ୟ ଆଭାସ" ପଣ୍ଡିତ ନୀଳକଣ୍ଠ ପାଇଛନ୍ତି । (୪୪) ଭାଇ ଭଉଣୀ ମିଥ୍‌ର ଅନୁଶୀଳନ କରି ସେ କହନ୍ତି–

ଏହା ଭାଇଭଉଣୀ ଭିତରେ ସଙ୍ଗମ ପ୍ରଥା ନିଷିଦ୍ଧ ନହୋଇଥିବା ବେଳର କଥା । × × ଜଗତର ବ୍ୟକ୍ତି ସୃଷ୍ଟିରେ ଆଦ୍ୟ ନରନାରୀ ହେଉଚନ୍ତି ଭାଇ ଭଉଣୀ । × × ସେଇପରି ନିରାକାର ବା ମହାଶୂନ୍ୟଙ୍କ ବିକାଶରେ ତାଙ୍କ ସ୍ୱରୂପରୁ ଯେଉଁ ଆଦି ପୁରୁଷ ଓ ନାରୀ ପ୍ରକାଶ ପାଇଲେ ସେ ମଧ୍ୟ ଭାଇ ଭଉଣୀ । (୪୫)

ଭାଇଭଉଣୀଠାରୁ ମାନବ ସୃଷ୍ଟିର ଏହି ସଙ୍କେତର ପରବର୍ତ୍ତୀ ପ୍ରକାଶ ଜଗନ୍ନାଥ ଓ ସୁଭଦ୍ରା ତତ୍ତ୍ୱ । ଜଗନ୍ନାଥ ଅଣାକାର ଓ ସୁଭଦ୍ରା ଯୋଗମାୟା × × ନୀଳକଣ୍ଠ କହନ୍ତି– ଆଦିମାତାଙ୍କ ବିନ୍ଦୁ ଧାରଣରେ 'ମାନବିକ ଯୌନକ୍ରିୟା' କଳ୍ପନା ସେମାନେ ଆଦୌ କରି ନାହାନ୍ତି । ହୋଇପାରେ, ଏହା ଭାଇଭଉଣୀ ସଂପର୍କରେ ସୃଷ୍ଟି କରିବାର ସାମାଜିକ ସମାଧାନର ସଂକେତ । (୪୬)

## ଇଆବାଣୀ ଓ ଋଷ୍ୟଶୃଙ୍ଗ :

ବାବିଲନ୍‌ର ପ୍ରାଚୀନ ଇସେକ୍ ରାଜ୍ୟର ଇୟାବାଣୀ ଓ ଭାରତୀୟ ଅଙ୍ଗଦେଶର ଋଷ୍ୟଶୃଙ୍ଗଙ୍କ ଉପାଖ୍ୟାନର ସାମଞ୍ଜସ୍ୟ ରହିଅଛି । ଏହି ଉପାଖ୍ୟାନର ଆଦର୍ଶ ହେଲା– ତୃଷ୍ଣା ଓ ତ୍ୟାଗ ଓ ଇନ୍ଦ୍ରିୟ ସଂଯମରେ ଅତିମାନୁଷ ଆଧ୍ୟାତ୍ମିକ ଓ ଶାରୀରିକ ବଳର ପ୍ରକାଶ । (୪୭) ଏ ଦୁଇ ଋଷିଙ୍କ ଆଶ୍ରମିକ ଜୀବନ ଥିଲା ପବିତ୍ର । ଏମାନଙ୍କୁ ସୁନ୍ଦରୀ ଲୋଭ ଦେଖାଇ ରାଜାମାନେ ଅସାଧ୍ୟ ସାଧନ କରିଛନ୍ତି ।

୪୪ । ଦାସ, ନୀଳକଣ୍ଠ, ଓ.ସା.କ୍ର.ପ.– ପୃ ୧୧୨
୪୫ । ତତ୍ରୈବ– ପୃ ୧୯୧-୧୯୨
୪୬ । ତତ୍ରୈବ ପୃ ୧୯୩
୪୭ । ତତ୍ରୈବ ପୃ ୬୬୦



## ସଂଖ୍ୟାର ରହସ୍ୟ :

ତିନି, ପାଞ୍ଚ, ସାତ, ବାର ଓ ଚଉରାଶୀ ଆଦି ସଂଖ୍ୟା ଭାରତୀୟ ଧର୍ମ ଧାରଣା, ସାମାଜିକ ଓ ପୌରାଣିକ କଥାରେ ଏହି ସଂଖ୍ୟା ମାନଙ୍କର ବିଶେଷ ମହତ୍ୱ ରହିଛି । ଅସୁର ସଭ୍ୟତାରେ ତିନିର ସଂକେତ, ସାତ ଖଣ୍ଡ, ବାର ଆଙ୍ଗୁଳ ଆଦିରୁ ସଂଖ୍ୟା, ବାର, ତିଥି, ନକ୍ଷତ୍ର ଗଣନା । ନୀଳକଣ୍ଠ ୮୪ ସଂଖ୍ୟାର ବ୍ୟାଖ୍ୟା କରି କହନ୍ତି– ୮୪ ଆଙ୍ଗୁଳ ଶରୀର ହେଉଚି ସାତ ଖଣ୍ଡ, ଏହି ସାତ ସଂଖ୍ୟାରୁ ସାତବାର, ଖଣ୍ଡ ବାର-ଆଙ୍ଗୁଳ ଯୁଗ କାଳ ଗଣନା ଓ ସମୟ ଭାଗର ଉତ୍ପତ୍ତି । ୮୪ ଆଙ୍ଗୁଳ ଲମ୍ବ ଶରୀର ଚର୍ମାବୃତ । (୪୮)

## ଛାୟାପଥ :

ଭାରତର ଛାୟାପଥକୁ ବିୟତ୍‌ଗଙ୍ଗା ବା ସ୍ୱର୍ଗ ଗଙ୍ଗା ବୋଲି କୁହାଯାଏ । ବ୍ୟାବିଲନ୍‌ରେ ଇଉଫ୍ରେଟିସ୍ ତଥା ମିଶରର ନୀଳନଦୀକୁ ସେଠାକାର ଛାୟାପଥ ସହିତ ସଂଯୁକ୍ତ କରାଯାଇଛି ।

ଏହାଛଡ଼ା ବାବିଲନୀୟ ଗରୁଡ଼– ଜୁପକ୍ଷୀ, ଓ ଇଟନାଇଗଲ, ଇଆ-ବରୁଣ, ଗିଲ ଗାମୋସ୍‌ଙ୍କ ନାୟିକାଠାବ, ହନୁମାନଙ୍କ ସୀତାଠାବ, ମନୁ, ମୀନ ଓ ପ୍ରଳୟର ସାମଞ୍ଜସ୍ୟ ଭାରତୀୟ ମିଥ୍ ସହିତ ରହିଛି । ନୀଳକଣ୍ଠ କହନ୍ତି– ବ୍ୟାବିଲନ୍‌ର ସୁମେରୀୟ, ପ୍ରାଗୈତିହାସିକ, ଇଜିପଟୀୟ, ନବପ୍ରସ୍ତର ଯୁଗର ୟୁରୋପୀୟ ଓ ତହିଁ ସଙ୍ଗେ ଦକ୍ଷିଣ ପାରସିକ ଓ ଭାରତୀୟ ବୈଦିକ ଆର୍ଯ୍ୟ, ଏ ସମସ୍ତଙ୍କ ଭିତରେ ଅତି ଦୂର ହେଲେହେଁ ନିକଟ ସଂପର୍କ ଅଛି । (୪୯)

୪୮ । ତତ୍ରୈବ ପୃ ୬୩୬
୪୯ । ତତ୍ରୈବ ପୃ ୪୪୬

# କିମ୍ବଦଂତୀ

ବର୍ଣ୍ଣନାତ୍ମକ ଲୋକମୌଖିକ ପରଂପରାର ଏକ ବିଶିଷ୍ଟ ବିଭବ କିମ୍ବଦନ୍ତୀ । ମିଥ୍ ପରି ଏହାର କୌଣସି ସ୍ଥାନ ଓ ସମୟ ତଥା ଚରିତ୍ର ଘଟନା ସହିତ ସଂପର୍କ ଥାଏ । କିନ୍ତୁ ଏହା ବେଶୀ ପ୍ରାଚୀନ ନୁହେଁ—ଅର୍ବାଚୀନ । ଚରିତ୍ର ଗୁଡ଼ିକ ମାନବ—ଯଦିଓ ଦୈବ ସାହାଯ୍ୟ ପ୍ରାପ୍ତ । ଏହା ନିକଟ ଅତୀତରେ ଘଟିଥିଲା ବୋଲି ବିଶ୍ୱାସ କରାଯାଏ । ଏଣୁ ଚରିତ୍ର ଗୁଡ଼ିକ ମୁଖ୍ୟତଃ ଧାର୍ମିକ ଓ ଐତିହାସିକ । ସ୍ଥାନୀୟ କିମ୍ବଦନ୍ତୀ ଓ ସ୍ଥାନେତର କିମ୍ବଦନ୍ତୀର ଚରିତ୍ର ଦୃଷ୍ଟିରୁ ଏହାର ଗୁରୁତ୍ୱ ନିରୂପଣ କରାଯାଏ । କିମ୍ବଦନ୍ତୀ ସଂପର୍କରେ Bascom କହନ୍ତି—

Legends are prose narratives, which, like myths, are regarded as true by the narrators and his audience, but they are set in a period considered less remote, when the world was much as it is today. (୫୦)

ଓଡ଼ିଆ କିମ୍ବଦନ୍ତୀର ସ୍ୱରୂପ ନିର୍ଦ୍ଦେଶ କରି ଡଃ ଦାସ କହନ୍ତି—"ମିଥ୍‌ରେ ଦେବାଦେବୀଙ୍କ ମହିମା ତଥା ଅଲୌକିକତା ଉପରେ ଓ କିମ୍ବଦନ୍ତୀରେ ଐତିହାସିକ ଘଟଣା ବା ଚରିତ୍ର ଉପରେ ଗୁରୁତ୍ୱ ଆରୋପ କରାଯାଏ । ପୁଣି ମିଥ୍ ଓ କିମ୍ବଦନ୍ତୀ ପ୍ରତ୍ୟେକକୁ ମୌଖିକ ଓ ଲିଖିତ ଏହି ଦୁଇଭାଗରେ ବିଭକ୍ତ କରାଯାଇପାରେ । ଯେଉଁ ମିଥ୍ ବା କିମ୍ବଦନ୍ତୀ ଏ ପର୍ଯ୍ୟନ୍ତ ଲୋକ ମୁଖରେ ପ୍ରଚଳିତ ଥିଲା (ଓ ଏବେ ସଂଗୃହୀତ ହୋଇଛି) ବା ଏବେବି ଅଛି, ସେ ସବୁ ମୌଖିକ ଶ୍ରେଣୀର ଅନ୍ତର୍ଗତ । ଯେଉଁ ମିଥ୍ ବା କିମ୍ବଦନ୍ତୀ ଅତୀତରେ ମାଦଳାପାଞ୍ଜି, ଚକଡ଼ାବସାଣ ଓ ଦାର୍ଢ୍ୟତାଭକ୍ତି ରସାମୃତ ବା ସେହିପରି କୌଣସି ଗ୍ରନ୍ଥରେ ବା ସ୍ୱତନ୍ତ୍ର ଭାବରେ ଲେଖା ଯାଇଥିଲା ତାହା ଲିଖିତ ଶ୍ରେଣୀର ଅନ୍ତର୍ଗତ ।" (୫୧)

---

୫୦ । Bascom, W.R. Contributions to Folkloristics, 1981, P-98

୫୧ । ଦାଶ, ଗଗନେନ୍ଦ୍ର ନାଥ, ଓଡ଼ିଶାର ଇତିହାସ ଓ ଜନଶ୍ରୁତି, ଓଡ଼ିଆ ଲୋକସାହିତ୍ୟ (ସଂ)-ମହାପାତ୍ର, ଶ୍ୟାମସୁନ୍ଦର, ଗ୍ରନ୍ଥମନ୍ଦିର, ୧୯୮୨, ପୃ-୧୫୭



ଉପରୋକ୍ତ ମନ୍ତବ୍ୟଟି ଓଡ଼ିଶାର ମିଥ୍ ଓ କିମ୍ବଦନ୍ତୀର ପ୍ରକାର ନିର୍ଣ୍ଣୟରେ ଯଥାର୍ଥ । ନୀଳକଂଠ ତାଙ୍କ କିମ୍ବଦନ୍ତୀ ଅନୁଶୀଳନ କାଳରେ ଉଭୟ ଲିଖିତ ଓ କଥିତ ବିଷୟକୁ ଉପଜୀବ୍ୟ କରିଛନ୍ତି । ଏଗୁଡ଼ିକର ବିଷୟକୁ ଧ୍ୟାନଦେବା ସଙ୍ଗେ ସଙ୍ଗେ ଏହାର ପଟ୍ଟଭୂମିକତା ଓ ଐତିହାସିକତାର ଅନୁସନ୍ଧାନ କରିଛନ୍ତି । କିମ୍ବଦନ୍ତୀର ଏହି ଐତିହାସିକ ସନ୍ଧାନ ସଂପର୍କରେ ତାଙ୍କ ନିଜ ମନ୍ତବ୍ୟ ଏହିପରି—

ଓଡ଼ିଆ ସଂସ୍କୃତିକୁ ଜାଣିବା ପାଇଁ ପରଂପରା ଓ ବହୁ ସଂସ୍କାରର ଆବରଣ ଫିଟାଇ ଦେଖିବାକୁ ହେବ । "× × ମାତ୍ର ସେ ସବୁ ଖୋଳିବା ପୂର୍ବରୁ ପରଂପରାର କଥା କିମ୍ବଦନ୍ତୀ ଫେଡ଼ି ଦରକାର ହେଲେ ଇତିହାସ ଓ ଚଳଣି ସଙ୍ଗେ ତା ମିଳାଇ ନେଇ ସାହିତ୍ୟ ସ୍ୱରୂପର ସଂକେତ ଆଗ ଧରି ରଖିବା ଦରକାର ।" (୫୨)

ପଣ୍ଡିତ ନୀଳକଂଠ ଓଡ଼ିଶାର ଲୋକ ପ୍ରଚଳିତ କିମ୍ବଦନ୍ତୀ ଗୁଡ଼ିକର ସତ୍ୟତା ଓ କାଳ୍ପନିକତାର ଉପାଦାନକୁ ବାର୍ଯ୍ୟା ବାର୍ଯ୍ୟା କରି ଫେଡ଼ି ଦେଖାଇବା ପାଇଁ ଉଭୟ ଲିଖିତ ଓ ମୌଖିକ ପରଂପରାର ସାହାଯ୍ୟ ନେଇଛନ୍ତି । ଏହି କିମ୍ବଦନ୍ତୀ ଗୁଡ଼ିକ ଐତିହାସିକ-ସାମାଜିକ ଘଟଣା ଓ ଚରିତ୍ର ଆଶ୍ରୟୀ ହେତୁ ତାହା ଲୋକ ପରଂପରାରେ ସୁଦ୍ଧା ଜୀବନ୍ତ ଥିବାର ପ୍ରମାଣ ପାଇ ଲୋକଭିତ୍ତିକ ଅନୁଶୀଳନ ପାଇଁ ସେ ବ୍ରତୀ ହୋଇଛନ୍ତି । ନିଜ ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ଦ୍ୱାରା ସେ ବହୁ କିମ୍ବଦନ୍ତୀର ପଟ୍ଟଭୂମିକ ଅଧ୍ୟୟନ କରିଛନ୍ତି ତଥା ଏହା ଭିତରୁ ମୂଳ ସତ୍ୟଟିକୁ ଖୋଳି ବାହାର କରି ପାରିଛନ୍ତି ।

ନୀଳକଂଠଙ୍କ କିମ୍ବଦନ୍ତୀ ଗୁଡ଼ିକ ବିଶେଷ ଐତିହାସିକ ବିଷୟାଶ୍ରୟୀ । ସେ ଓଡ଼ିଶାର ଭୌମ-ସୋମ-ଗଙ୍ଗ-ସୂର୍ଯ୍ୟ ବଂଶାଦିର ପ୍ରମୁଖ ରାଜବ୍ୟକ୍ତିତ୍ୱ ମାନଙ୍କ ସଂପର୍କରେ ପ୍ରଚଳିତ କିମ୍ବଦନ୍ତୀ ଗୁଡ଼ିକର ଅଧ୍ୟୟନ କଲାବେଳେ ଶିଳାଲେଖ, ତାମ୍ରପଟ୍ଟା, ମନ୍ଦିରାଦିର ଚିତ୍ର, ପୁରାଣ, ଲୋକସମାଜର ପ୍ରଥା ଓ ପରଂପରା, ସାମାଜିକ-ରାଜନୈତିକ ଆଦର୍ଶକୁ ଆଖି ଆଗରେ ରଖି ଏହାରି ଅବଲମ୍ବନରେ ଯେଉଁ ଅଣୁ—ଅଧ୍ୟୟନ କରିଛନ୍ତି, ତାହା ତାଙ୍କ ବିଶ୍ଳେଷଣାତ୍ମକ ଦୃଷ୍ଟିଭଙ୍ଗୀର ଦ୍ୟୋତକ ।

---

୫୨ । ଦାସ, ନୀଳକଣ୍ଠ—ଓ.ସା.କ୍ର.ପ. ପୃ-୨୮୭

କିମ୍ବଦନ୍ତୀରେ ଯେତିକି ସତ୍ୟ ସଂଗୁପ୍ତ ଥାଏ, କାଳ୍ପନିକତା ବି ସେତିକି ରହିଥାଏ । ତେଣୁ ସେହି କଳ୍ପନାର ଭାସମାନ ତରଙ୍ଗରୁ ସତ୍ୟର ସଂଗୁପ୍ତ-ଧାରା ପ୍ରବାହକୁ ଉପଲବ୍ଧି କରିବା ପାଇଁ ତାଙ୍କ ବିଶ୍ଳେଷଣ କୌଶଳ ଯୁକ୍ତି ସମର୍ଥିତ । ଓଡ଼ିଆ ଜାତୀୟ ସାହିତ୍ୟର ନିରୂପଣରେ ଏହି କିମ୍ବଦନ୍ତୀ ମଧ୍ୟରୁ ଶଙ୍କୁ ଓ ସରଞ୍ଜାମ ସଂଗ୍ରହ କରିବାରେ ନୀଳକଂଠ ଆଗ୍ରହୀ ।

'ହାତୀ ସୁନାକଳସ ଢାଳିବା' ତଥା 'ନାଗସାପ ଫଣା ଟେକିଲେ ରଜା ହେବା' କିମ୍ବଦନ୍ତୀର ଅନୁଶୀଳନ ପାଇଁ ସେ ଯେଉଁ ପଦ୍ଧତି ଗ୍ରହଣ କରିଛନ୍ତି ତାହା ବିଚାର୍ଯ୍ୟ ।

## ହାତୀ ସୁନାକଳସ ଢାଳିବା :

ଲୋକସମାଜରେ ଏହି ବିଶ୍ୱାସ ପ୍ରଚଳିତ ଯେ, ହାତୀ ଯାହା ମୁଣ୍ଡରେ ସୁନାକଳସ ଢାଳେ ସିଏ ରଜା ହୁଏ । ଅରାଜକ ଦେଶରେ ରଜା ବାଛିବା ପାଇଁ ଏହି ଚଳଣି ଗୃହୀତ । କିନ୍ତୁ ଏହା ଏକ ସଂକେତ ବ୍ୟତୀତ ଅନ୍ୟ କିଛି ନୁହେଁ । ଜଣେ ଯୋଗ୍ୟତାବିହୀନ ବ୍ୟକ୍ତି ମୁଣ୍ଡରେ ହାତୀ ସୁନାକଳସ ଢାଳିଲେ ସୁଦ୍ଧା ସେ ଶାସକ ହେବା ଅସମ୍ଭବ । ଏଣୁ ଏହି କିମ୍ବଦନ୍ତୀର ସତ୍ୟତା ଖୋଜିବାକୁ ଯାଇ ଓଡ଼ିଆ ଗ୍ରାମ ଶାସନ ତଥା ଗ୍ରାମ କୈନ୍ଦ୍ରିକ ରାଜ୍ୟ ଶାସନର ଆନ୍ତଃ ସଂପର୍କର ବିଶ୍ଳେଷଣ କରିଛନ୍ତି ।

ମଧ୍ୟଯୁଗୀୟ ଓଡ଼ିଶାର ରାଜ୍ୟ ଶାସନ ପ୍ରଣାଳୀ ଓ ରାଜା ପ୍ରଜା ସଂପର୍କ ସେତେବେଳେ ଥିଲା କେନ୍ଦ୍ର-ପରିଧି ଭିତ୍ତିକ । ଗ୍ରାମ ହିଁ ଥିଲା ରାଜ୍ୟର ସାମାଜିକ ଆର୍ଥିକ ପ୍ରଗତିର ମେରୁଦଣ୍ଡ । ଗ୍ରାମ ମାନଙ୍କୁ ନେଇ ପ୍ରଗଣା ଓ ପ୍ରଗଣାକୁ ନେଇ ରାଜ୍ୟ ଗଠିତ ହେଉଥିଲା । ଏହି ଗ୍ରାମ୍ୟରେ 'ମହାଜନ' ରୂପେ ଗ୍ରାମୀଣ ମୁଖ୍ୟ (village chieftain) ରହୁଥିଲା । ଗ୍ରାମର କେତେକ ଅଭିଜ୍ଞଲୋକ ଗ୍ରାମୀଣ ମୁଖ୍ୟଙ୍କ ସହ ମିଶି 'ନ୍ୟାୟପଞ୍ଚ' ଗଠନ କରୁଥିଲେ । ଗ୍ରାମର ରାଜସ୍ୱ ଆଦାୟ କରି ରଜାଙ୍କୁ ଦେବା, ରଜାଙ୍କ ଅନୁଶାସନକୁ ଗ୍ରାମରେ ପ୍ରଚଳିତ କରାଇବାରେ ଗ୍ରାମୀଣ ମୁଖ୍ୟଙ୍କ ଭୂମିକା ଥିଲା । ଗ୍ରାମର 'ନ୍ୟାୟପଞ୍ଚ'ର ପ୍ରତିନିଧିମାନଙ୍କୁ ତଥା ପ୍ରଗଣାର ଶାସକ-ମାନଙ୍କୁ ନେଇ ରାଜା ଏକ ପରାମର୍ଶଦାତା କମିଟି ରଖିଥିଲେ । ସେମାନଙ୍କୁ 'ମହାସାମନ୍ତଚକ୍ର' କୁହାଯାଉଥିଲା । ଶାସନ ଚକ୍ରରେ କେନ୍ଦ୍ରରେ ଥିଲେ



ରାଜା ଓ ମନ୍ତ୍ରୀ ପରିଷଦ ତଥା ପରିଧିରେ ଥିଲେ ଗ୍ରାମୀଣ ମୁଖ୍ୟ ଓ ପ୍ରଗଣା ମୁଖ୍ୟ ।

କିନ୍ତୁ ଏହା ପୁରୁଷାନୁକ୍ରମିକ ନଥିଲା । ଗ୍ରାମରେ ବି ଆବଶ୍ୟକ ହେଲେ ଗ୍ରାମୀଣ ମୁଖ୍ୟ ପରିବର୍ତ୍ତିତ ହେଉଥିଲେ । ରାଜା ମଧ୍ୟ ମହାସାମନ୍ତ-ଚକ୍ର ଦ୍ୱାରା ଅଯୋଗ୍ୟ ବିବେଚିତ ହେଉଥିଲେ, ନିର୍ବାସିତ ହେଉଥିଲେ । ରାଜା ହେବାର ସମସ୍ତ ସାମର୍ଥ୍ୟ ଓ ଗୁଣ ଦେଖି ମହାସାମନ୍ତଚକ୍ର ଯେଉଁ ବ୍ୟକ୍ତିଙ୍କୁ ନିର୍ବାଚିତ କରୁଥିଲେ, ତାଙ୍କୁ ରାଜ ସିଂହାସନରେ ବସାଇ ଅଭିଷେକ କଲାବେଳେ ହାତୀ ଦ୍ୱାରା ସୁନାକଳସ ଢଳାଉଥିଲେ । ଏହା ରାଜଅଭିଷେକ କାଳୀନ ଏକ ଶୁଭ ଅନୁଷ୍ଠାନ । ଏହା କରିବା ଫଳରେ ରାଜା ହେବା ବ୍ୟକ୍ତିର ସାଧାରଣ ବ୍ୟକ୍ତିତ୍ୱ ସଂସ୍କାରିତ ହୋଇ ରାଜବ୍ୟକ୍ତିତ୍ୱରେ ପରିବର୍ତ୍ତିତ ହେବାର ଏକ ସଂକେତ । ପୁଣି ରଜା ହେବାକୁ ଯୋଗ୍ୟ ବ୍ୟକ୍ତିର ଜନ୍ମ କିମ୍ବା ପ୍ରସ୍ଥିତିକୁ ନଦେଖି ତାଙ୍କ ଯୋଗ୍ୟତା ଓ ସାମର୍ଥ୍ୟକୁ ଯେହେତୁ ଗୁରୁତ୍ୱ ଦିଆ ଯାଉଥିଲା, ଅଭିଷେକ କାଳରେ ତାଙ୍କ ପୂର୍ବ ପ୍ରସ୍ଥିତିର ସଂସ୍କାର ପାଇଁ ଜଣେ ସାଧାରଣ ବ୍ୟକ୍ତିରୁ ରାଜପୁରୁଷ ରୂପେ ପ୍ରସ୍ଥିତି ପାଇବାର ନିଦର୍ଶନ ସ୍ୱରୂପ—ଏହି ଅନୁଷ୍ଠାନ କରାଯାଉଥିଲା ।

ନୀଳକଂଠ କହନ୍ତି, ଓଡ଼ିଶାର ଇତିହାସରେ ହାତୀ ସୁନାକଳସ ଢାଳିବା କଥାଟି ଭୌମକାଳୀନ । ଭୌମ ରାଜା ଶୁଭକର ଦେବଙ୍କ ଅନ୍ତେ ତାଙ୍କ ପୁତ୍ର ନାବାଳକ ଥିବାରୁ ତାଙ୍କ ବିଧବା ରାଣୀ ତ୍ରିଭୁବନ ମହାଦେବୀ-ଙ୍କର ଯୋଗ୍ୟତା ବିଚାର କରି ତତ୍‌କାଳୀନ ମହାସାମନ୍ତଚକ୍ର ତାଙ୍କୁ ସିଂହାସନରେ ବସାଇଥିଲେ । ତଥା ହାତୀ ଦ୍ୱାରା ତାଙ୍କ ଅଭିଷେକ କାଳରେ ସୁନାକଳସ ଢଳାଇଥିଲେ । ଏହି ଆଦର୍ଶ ଓଡ଼ିଶାର ସୂର୍ଯ୍ୟବଂଶୀ ରାଜାଙ୍କ ଦ୍ୱାରା ଅନୁସୃତ ହୋଇଥିଲା ବୋଲି ସେ କପିଳେନ୍ଦ୍ରଙ୍କ କିମ୍ବଦନ୍ତୀରୁ ପ୍ରମାଣ ପାଆନ୍ତି ।

ଜଗନ୍ନାଥଙ୍କ ମୈତ୍ରୀଧର୍ମ ଓ ସାମ୍ୟ ଧର୍ମର ଆଦର୍ଶରେ ବ୍ୟକ୍ତିର ସମାଜ ସେବା କ୍ରିୟାକୁ ଭିତ୍ତି କରି ଓଡ଼ିଆ ଶାସକର ନିର୍ବାଚନ । କିମ୍ବଦନ୍ତୀରେ ଏହି ସଂକେତ ରହିଛି ।

ଗଙ୍ଗବଂଶୀ ରାଜା ମତ୍ତଭାନୁ ଦେବ ଯେତେବେଳେ ଶାସନ କାର୍ଯ୍ୟରେ ଅପାରଗ ହେଲେ, ସେତିକିବେଳେ ତାଙ୍କର ଷୋହଳ ସାମନ୍ତ (ମହାସାମନ୍ତଚକ୍ର) ତାଙ୍କୁ ରାଜଗାଦୀରୁ ବିଚ୍ୟୁତ କରି ତତ୍କାଳୀନ ରାଜ-ସେନାପତି କପିଳ ରାଉତରାୟଙ୍କୁ ଯୋଗ୍ୟତାର ବିଚାରରେ ରାଜା ବୋଲି ନିର୍ବାଚନ କଲେ ଓ ଅଭିଷେକ କାଳରେ ହାତୀ ଦ୍ୱାରା ସୁନାକଳସ ଢଳାଇଲେ । ଏହି କିମ୍ବଦନ୍ତୀ ନାନା ରୂପେ ଲିଖିତ ଓ କଥିତ ସାହିତ୍ୟରେ ଉପଲବ୍ଧ । ନୀଳକଂଠ ଏଥିପାଇଁ ଯେଉଁ ତଥ୍ୟାବଳୀର ସଂଗ୍ରହ ଓ ତୁଳନା କରି ସତ୍ୟାସତ୍ୟ ନିରୂପଣ କରିଛନ୍ତି ସେଗୁଡ଼ିକ ଏହି—

କ— ମାଦଳାପାଞ୍ଜିରେ କପିଳେନ୍ଦ୍ର ଦେବଙ୍କ ସଂପର୍କରେ ଲେଖା ଅଛି, ଗଙ୍ଗରାଜ ମତ୍ତଭାନୁ ଦେବ ଅପୁତ୍ରିକ ଥିଲେ । ଜଗନ୍ନାଥଙ୍କୁ ଜଣାଣ କରିବାରୁ ତାଙ୍କ ସ୍ୱପ୍ନାଦେଶରେ ଶ୍ରୀମନ୍ଦିରରେ କପିଳଙ୍କୁ ପାଇ ପୋଷ୍ୟପୁତ୍ର ରୂପେ ଗ୍ରହଣ କଲେ ଓ କପିଳ ରାଜା ହେଲେ । (୫୩)

ଖ— ପ୍ରତାପରୁଦ୍ର ଦେବଙ୍କ ସମୟର କବି ଭବଦେବାଚାର୍ଯ୍ୟଙ୍କ ଭକ୍ତି ଭାଗବତରେ ଉଲ୍ଲେଖ ଅଛି, ନିଃଶଙ୍କ ଭାନୁଦେବ ଉଦ୍ଧତ ଓ ଇନ୍ଦ୍ରିୟାସକ୍ତ ଥିଲେ ବୋଲି ତାଙ୍କ ରାଜ୍ୟର ସମ୍ଭ୍ରାନ୍ତ ବ୍ୟକ୍ତିମାନେ କପିଳେନ୍ଦ୍ରଙ୍କୁ ରାଜା କଲେ । (୫୪)

ଗ— ଦାସୁଦେବ ପ୍ରହରାଜଙ୍କ ଗଙ୍ଗବଂଶାନୁ ଚରିତ୍ରରେ ଉଲ୍ଲେଖ ଅଛି, ଗଙ୍ଗବଂଶୀ ଶେଷ ରାଜା କଜ୍ଜଳ ନରସିଂହ ଦେବ ରାଜପଦରୁ ତଡ଼ା ଖାଇଲେ ଓ ମନ୍ତ୍ରୀ ସେନାପତିଙ୍କ ଦ୍ୱାରା କପିଳେନ୍ଦ୍ର ରାଜା ହେଲେ । (୫୫)

ଘ— ସାରଳା ଦାସଙ୍କ ମହାଭାରତରେ କପିଳେନ୍ଦ୍ର ଦେବଙ୍କ ଓଡ଼ିଶା ରାଜ୍ୟ ଶାସନ, ତାଙ୍କ ଓଡ଼ଣୀ ଭରିଯା ପୁତ୍ର 'ପୁରୁ' ଓଡ଼ରାଷ୍ଟ୍ର ମଣ୍ଡଳରେ ଥିବା ଉଲ୍ଲେଖ କରି କପିଳେନ୍ଦ୍ରଙ୍କୁ ଗୋପାଳ ନୃପତି ବୋଲି ବର୍ଣ୍ଣନା ରହିଛି । ପୁରାଣର ଆଖ୍ୟାନ ଅନୁସାରେ ମନୁ ପୃଥିବୀକୁ ଦଶଭାଗ

୫୩ । ତତ୍ରୈବ—ପୃ-୩୦୦
୫୪ । ତତ୍ରୈବ—ପୃ-୩୦୦
୫୫ । ତତ୍ରୈବ—ପୃ-୩୦୦



କରି ନଅ ପୁଅଙ୍କୁ ଦେଇ ବାକୀ ଏକଭାଗ ଉତ୍କଳଖଣ୍ଡକୁ ତାଙ୍କ କନ୍ୟାର ପୁତ୍ର ସୁଦ୍ୟୁମ୍ନଙ୍କୁ ଦେବା କଥା ସାରଳାଙ୍କ ଲୌକିକ କଳ୍ପନାରେ ଓଡ଼ିଆ ରାଜା କପିଳେନ୍ଦ୍ରଙ୍କ ଘଟଣା ମଧ୍ୟରେ ରୂପାୟିତ । ସାରଳା ଦାସଙ୍କ ବର୍ଣ୍ଣନାରେ ଗୋପାଳ ନୃପତି ମରୁଧ୍ୱଜ ବୀର, ତାଙ୍କ ଝିଅ ଯୁଗାବତୀ । ସେ ନଅଖଣ୍ଡ ପୃଥ୍ୱୀ ନଅପୁଅଙ୍କୁ ଦେଇ ଜ୍ୟେଷ୍ଠ ପୁତ୍ର (ଓଡ଼ଣୀ ଭରିଜାର ସଂତତି) 'ପୁରୁ' ନୃପତିଙ୍କୁ "ଓଡ଼ରାଷ୍ଟ୍ର ମଣ୍ଡଳ" ଦେଲେ । ମାତାଙ୍କର ଭାଗ ଓଡ଼ରାଷ୍ଟ୍ର ମଣ୍ଡଳ ହେତୁ ଓଡ଼ିଶାକୁ ଓଡ଼ରାଷ୍ଟ୍ର ବୋଲଯାଏ । (୫୬) ନଅଟି ପୁଅକୁ ନବଖଣ୍ଡ ପୃଥ୍ୱୀ ଦେବା ବିଷୟରୁ କପିଳେନ୍ଦ୍ରଙ୍କ ଅଠରଟି ପୁଅକୁ ବିଶାଳ ଓଡ଼ିଶାର ବିଭିନ୍ନ ମଣ୍ଡଳ ଭାଗ ଦେବା କଥା ଓ ପୁରୁଷୋତ୍ତମ କେନ୍ଦ୍ରରାଜ୍ୟ ଓଡ଼ରାଷ୍ଟ୍ର ମଣ୍ଡଳ ନେବା କଥା ସୂଚିତ ।

ଙ— ଲୋକ ପରଂପରାରେ ପ୍ରଚଳିତ କିମ୍ବଦନ୍ତୀ—କାଶିଆ କପିଳା—କପିଳାକୁ ନାଗସାପ ଫଣା ଟେକିବା—କାଶିଆ କପିଳାକୁ ରଜା ହେବାର ଭବିଷ୍ୟବାଣୀ କହିବା, ସେ ରଜା ହେଲେ କାଶିଆକୁ ମନ୍ତ୍ରୀ କରିଦେବ ବୋଲି କପିଳାର ପ୍ରତିଜ୍ଞା ଆଦି ନୀଳକଂଠଙ୍କ ଦ୍ୱାରା ବିଶ୍ଳେଷଣର ସାମଗ୍ରୀ । କପିଳ ରାଉତ ଷୋହଳ ସାମନ୍ତଙ୍କ ମଧ୍ୟରେ ଜଣେ ଥିଲେ । ସେ ନିଜର ବୁଦ୍ଧିବଳ ଦ୍ୱାରା ସେନାପତି ହୋଇ ରାଜ୍ୟ ସମ୍ଭାଳୁ ଥିଲେ । ଷୋହଳସାମନ୍ତ ନିଃଶଙ୍କ ଭାନୁଦେବଙ୍କୁ କାଢ଼ି କପିଳଙ୍କୁ ରାଜା କଲେ ।

ଉପର ଲିଖିତ ଓ କଥିତ ଉପାଦାନ ଗୁଡ଼ିକରୁ ନୀଳକଣ୍ଠ ଭୌମ ପରମ୍ପରାର ମହାସାମନ୍ତ ଚକ୍ର ଶାସିତ ରାଜ୍ୟ ଶାସନର ସ୍ୱରୂପକୁ ଉଦ୍ଧାର କରି କପିଳେନ୍ଦ୍ର ଷୋହଳ ସାମନ୍ତଙ୍କ ସ୍ୱୀକୃତି କ୍ରମେ ରାଜ୍ୟ ଗ୍ରହଣ କରିଥିବା କଥା ବୁଝାଇଛନ୍ତି । ରାଜୁଡ଼ା ଶାସନରେ ଗଣଭିତ୍ତିକ କ୍ଷମତାର ସାର୍ବଭୌମତ୍ୱ ତଥା ରାଜାଙ୍କୁ ଏକ ବ୍ୟକ୍ତି ରୂପେ ନୁହେଁ ଅନୁଷ୍ଠାନ ରୂପେ ବା ଶାସନର ପ୍ରତୀକ ରୂପେ ଗ୍ରହଣ କରାଯାଉଥିଲା—କିମ୍ବଦନ୍ତୀର ବିଶ୍ଳେଷଣରୁ ସେ ଏହି କଥା ନିଷ୍ପନ୍ନ କରିଛନ୍ତି ।

କପିଳେନ୍ଦ୍ର ଗାଇ ଜଗୁଆଳିରୁ ସମ୍ରାଟ ହେବା, ଖପରାରୁ ଭାତ ଖୁଣ୍ଟି ଖାଉଥିବା, ସାଙ୍ଗ ମେଳରେ ଚୋରି କରୁଥିବା କପିଳା ଗଉଡ଼ରୁ ଗଜପତି

୫୬ । ତତ୍ରୈବ—ପୃ-୩୦୨

ହେବା ମୂଳରେ ଅତିରଞ୍ଜନ ଓ ଅଲୌକିକ କଥା କଳ୍ପନା ପ୍ରାକୃତ ଧର୍ମ । ସାଧାରଣରେ ଯାହା ଅସମ୍ଭବ, ତାହା ଯଦି ଜଣକ ଦ୍ୱାରା ସହଜ ଭାବରେ ସମ୍ଭବ ହୋଇପାରେ, ତେବେ ତାକୁ ଅସାଧାରଣ ବ୍ୟକ୍ତି ରୂପେ ଚିତ୍ରଣ କରାଯାଏ । କପିଳେନ୍ଦ୍ର ରାଜା ହେବା ମୂଳରେ ମଧ୍ୟ ଏହି କଳ୍ପନା ପୂର୍ବ ପ୍ରଚଳିତ ସୂତ୍ରରୁ ଗୃହୀତ ।

ପ୍ରସଙ୍ଗ କ୍ରମେ କପିଳେନ୍ଦ୍ରଙ୍କ ବ୍ୟକ୍ତିତ୍ୱର ମହନୀୟ ଦିଗଟି ସମ୍ପର୍କରେ ନୀଳକଣ୍ଠଙ୍କ ଦୃଷ୍ଟିପାତ ଉଲ୍ଲେଖନୀୟ । କପିଳେନ୍ଦ୍ରଙ୍କ ଓଡ଼ଣୀ ଭରିବା, ରାଜା ହେଲା ପରେ କାଶିଆକୁ ଭେଟି ଗ୍ରାମ ଶାସନ ଦେବା, ଜଗନ୍ନାଥଙ୍କ ସେବାରେ ନିଜର ଆତ୍ମ ସମର୍ପଣ, ଜନ ଶାସନରେ ଲୋକପ୍ରିୟତା, ଜଗନ୍ନାଥଙ୍କ ଛେରାପହଁରା, ତଥା ନିଜ ଆଦର୍ଶରେ ଓ ଆଚରଣରେ ମାନବ ସେବା ଗ୍ରହଣ କରିବା ତାଙ୍କ ଆତ୍ମତ୍ୟାଗର ଜ୍ୱଳନ୍ତ ଉଦାହରଣ ।

## ଛେରାପହଁରା–

ଓଡ଼ିଶାର ଜଗନ୍ନାଥ ଧର୍ମର ମୈତ୍ରୀ ଧର୍ମ ଓ ସାମ୍ୟ ଆଦର୍ଶକୁ କପିଳେନ୍ଦ୍ର ଅକ୍ଷୁର୍ଣ୍ଣ ରଖିବା ପାଇଁ ନିଜ ଉତ୍ତରାଧିକାରୀ ବାଛିବାରେ ପକ୍ଷପାତ କରି ନ ଥିଲେ । ଏ ସମ୍ପର୍କରେ କିମ୍ବଦନ୍ତୀର ସଙ୍କେତ ଛେରାପହଁରା । କପିଳେନ୍ଦ୍ରଙ୍କ ଅହଂଭାବ ଶୂନ୍ୟ ବ୍ୟକ୍ତିତ୍ୱ ଓ ଜଗନ୍ନାଥଙ୍କ ସେବାରେ ଛେରାପହଁରା ସଙ୍କେତରେ "ଶ୍ରେଷ୍ଠ ସେବକ ହୋଇ ମଧ୍ୟ ତାଙ୍କ ନିଯୋଗ କର୍ମ ଛେରାପହଁରା ବା ମାହାର କର୍ମ"ର ଆଦର୍ଶ ତାଙ୍କ କ୍ଷତ୍ରିୟ ରାଣୀ ପ୍ରସୂତ ଅଠର ରାଜପୁତ୍ର ଅନୁପ୍ରାଣିତ ନ ଥିଲେ । ପୋଇଲି ପୁଅ ପୁରିଆ ବୋଲି ତାଙ୍କ ଜ୍ୟେଷ୍ଠ ପୁତ୍ର 'ପୁରୁ' ଉପହସିତ ହେଉଥିଲେ ସୁଦ୍ଧା, କପିଳେନ୍ଦ୍ରଙ୍କ ଦୃଷ୍ଟିରେ ସେ ହିଁ ଛେରାପହଁରାକୁ ଭାଜନ । କିମ୍ବଦନ୍ତୀ ଅଛି–କପିଳେନ୍ଦ୍ର ଶ୍ରୀମନ୍ଦିରରେ ବାଇଶି ପାହାଚରେ ଉଠିଲା ବେଳେ ତାଙ୍କ ଉତ୍ତରୀୟ ଉଡ଼ି ତଳେ ପଡ଼ିଗଲା । ଅଠର ରାଜପୁତ୍ର କିମ୍ବା ମନ୍ତ୍ରୀଙ୍କ ଭିତରୁ କେହି ତାକୁ ଉଠେଇଲେ ନାହିଁ । 'ପୁରୁ' ପାଛଡ଼ୋ ଉଠେଇ ଆଣି ରାଜାଙ୍କ କାନ୍ଧରେ ରଖି ଦେଲେ । କର୍ମରେ ସାନବଡ଼ ଭେଦ ରଖୁ ନଥିବା ପୁରିଆ ମଧ୍ୟରେ କପିଳେନ୍ଦ୍ର ଛେରାପହଁରାର ଆଦର୍ଶକୁ ମାନି ଶାସନ କରି ପାରିବାର ବ୍ୟକ୍ତିତ୍ୱକୁ ଦେଖି ତାଙ୍କୁ ରାଜା କଲେ ।



**ସମାଜରେ ଶ୍ରମ ଶୃଙ୍ଖଳା**—ସଂସ୍ଥାନରେ ଛେରାପହଁରାର ପ୍ରତିଷ୍ଠା ଓ ପ୍ରୟୋଗର ଆଦର୍ଶ ରଖିବାକୁ ଯାଇ ପରବର୍ତ୍ତୀ କାଳରେ ପୁରୁଷୋତ୍ତମ କାଞ୍ଚିରାଜାଙ୍କୁ ଆକ୍ରମଣ କରି ବିଜୟୀ ହୋଇଥିଲେ । ନୀଳକଣ୍ଠ କହନ୍ତି– ଓଡ଼ିଶା ରାଜା ନାରୀ ପାଇଁ ଏହି ଯୁଦ୍ଧ କରି ନଥିଲେ । କାରଣ ଯଦି ନାରୀ ପାଇଁ ଯୁଦ୍ଧ କରିଥାନ୍ତେ ତେବେ ପଦ୍ମାବତୀକୁ ଜିଣି ସେ ହାଡ଼ି ହାତରେ ସମର୍ପିବାକୁ ମନ୍ତ୍ରୀଙ୍କୁ ଆଦେଶ ଦେଇ ନ ଥାନ୍ତେ । ପୁରୁଷୋତ୍ତମଙ୍କ କାଞ୍ଚି ବିଜୟ କିମ୍ବଦନ୍ତୀ ସହିତ ଆହୁରି ଅନେକ ଉପକଥା ସଂଯୁକ୍ତ ।

## ମାଣିକ ଗଉଡୁଣୀ :

ଏହି କିମ୍ବଦନ୍ତୀ ସର୍ବଜନ ବିଦିତ । କାଞ୍ଚି ଅଭିଯାନ ବେଳେ ଜଗନ୍ନାଥ ଓ ବଳଭଦ୍ର ଦୁଇଭାଇ କଳା ଘୋଡ଼ା ଧଳା ଘୋଡ଼ାରେ ଚଢ଼ି ଦୁଇଜଣ ସୈନିକ ରୂପେ ପୁରୁଷୋତ୍ତମ ଦେବଙ୍କୁ ଯୁଦ୍ଧରେ ଅଦୃଶ୍ୟ ରୂପେ ସାହାଯ୍ୟ କରିଥିଲେ ବୋଲି ଏଥିରେ ସୂଚିତ । ଏହାରି ମାଧ୍ୟମରେ ଚଳନ୍ତି ବିଷ୍ଣୁ ପୁରୀ ଗଜପତି ଜଗନ୍ନାଥଙ୍କ ପ୍ରତ୍ୟକ୍ଷ ସାନ୍ନିଧ୍ୟ ପାଇବା ସଂକେତ ରହିଛି । ଜଗନ୍ନାଥଙ୍କ ମହିମା ପ୍ରକଟନ ତଥା ରାଜାଙ୍କ ଭକ୍ତିର ମହିମା ଦେଖାଇବା ପାଇଁ ଭକ୍ତଙ୍କ ଦ୍ୱାରା ଏହା କଳ୍ପିତ । ମାଣିକ ଗଉଡୁଣୀଠାରୁ ବାଟରେ ଦହି ନଖାଇ ରତ୍ନ ମୁଦି ଦେଇନଥିଲେ ସେହି ଯୁଦ୍ଧରେ ନିଜେ ଜଗନ୍ନାଥ ବଳଭଦ୍ର ରାଜାଙ୍କୁ ସାହାଯ୍ୟ କରିଛନ୍ତି ବୋଲି ପ୍ରମାଣିତ ହୁଅନ୍ତା ନାହିଁ । ନିଜେ ଯୁଦ୍ଧରେ ଜିଣି ଜଗନ୍ନାଥଙ୍କ କୃପାରୁ ଏହା ସମ୍ଭବ ହେଲା ବୋଲି ପ୍ରଚାର କରିବା ମୂଳରେ ଭକ୍ତର ଅତି ପ୍ରାକୃତ ଶକ୍ତି ସହିତ ସମର୍ଥିତ ସଂପର୍କ ତଥା ସେହି ସୂତ୍ରରେ ଶାସନ କ୍ଷେତ୍ରରେ ନିଜ ବ୍ୟକ୍ତିତ୍ୱ ଓ ପ୍ରତିଷ୍ଠାର ପ୍ରକଟନ– ଏ ଦୁଇ ଉଦ୍ଦେଶ୍ୟ ରହିଛି ।

ବଳରାମ ଦାସଙ୍କ ବେଢ଼ା ପରିକ୍ରମା ପୁସ୍ତକରେ ଶ୍ରୀମନ୍ଦିର ଜଗମୋହନରେ ଜଗନ୍ନାଥଙ୍କ କାଂଚି ଅଭିଯାନ ଓ ମାଣିକ ଗଉଡୁଣୀ ଉପାଖ୍ୟାନର ଚିତ୍ର ଖୋଦିତ ବୋଲି ଉଲ୍ଲେଖ ଅଛି । ନୀଳକଣ୍ଠଙ୍କ ମତରେ ଏହି ଚିତ୍ର ସମ୍ଭବତଃ ଏକ ମୋଟିଫ୍ ହୋଇପାରେ ଯାହାକି କାଞ୍ଚି ବିଜୟ ପୂର୍ବରୁ ଜଗମୋହନରେ ଖୋଦିତ ଥିଲା । ରାଜ ପୁରୁଷ ଦହି ଖାଇ ଗଉଡୁଣୀକୁ ମୁଦି ଦେବା ମୋଟିଫ୍‌ଟି ସର୍ବଭାରତୀୟ ସ୍ତରରେ ପ୍ରଚଳିତ । ପୁରୁଷୋତ୍ତମ ଯୁଦ୍ଧରେ ଜିଣିଲାପରେ ତାଙ୍କ ବିଜୟ ସହିତ ଜଗନ୍ନାଥଙ୍କୁ

ଯୋଡ଼ିବା ପାଇଁ ଏହି କଥାଟିର ସୃଷ୍ଟି ହୋଇଥାଇପାରେ । ତେଣୁ ଏହି କ୍ଷେତ୍ରରେ ପୁରାଣ ଓ ପୂର୍ବପରଂପରାର ପ୍ରଭାବ କିମ୍ବଦନ୍ତୀ ଉପରେ ପଡ଼ିଥାଇ-ପାରେ ବୋଲି ସେ ସମ୍ଭାବନା କରିଛନ୍ତି ।

ଅପରପକ୍ଷରେ, ଓଡ଼ିଆ ସଂସ୍କୃତିର ପ୍ରାଚୀନ ଆସିରୀୟ ସଂସ୍କୃତି ସହ ସାମଞ୍ଜସ୍ୟ ଓ ସାଂସ୍କୃତିକ ଆଦାନ ପ୍ରଦାନର ହେତୁ, ଆକ୍‌କଡ଼ ରାଜା ସାର୍ଗନ ନିଜ କୀର୍ତ୍ତି ନିଜେ ମନ୍ଦିର ଗାତ୍ରରେ ଲେଖାଇଲା ପରି ପୁରୁଷୋତ୍ତମ ନିଜ କୀର୍ତ୍ତି ମନ୍ଦିର ଦେହରେ ଖୋଳାଇଥିବେ । ଏହାର ଏକ ନିର୍ଦ୍ଦିଷ୍ଟ ଐତିହାସିକ ସତ୍ୟ ଆବିଷ୍କାର କ୍ଷେତ୍ରରେ ନୀଳକଣ୍ଠ ସ୍ପଷ୍ଟ ମତ ଦେଇନାହାନ୍ତି ଓ ଉଭୟ ମତର ସମ୍ଭାବନାକୁ ସେ ସ୍ୱୀକାର କରିଛନ୍ତି ।

ତତ୍କାଳୀନ ସାମାଜିକ ପୃଷ୍ଠଭୂମିରୁ ବିଚାର କଲେ ଓଡ଼ିଶାରେ ରାଜ-ଶାସନ ଓ ଧର୍ମନୀତି ମଧ୍ୟରେ ଅଙ୍ଗାଙ୍ଗୀଭାବ ଥିଲା । ଏଣୁ କିମ୍ବଦନ୍ତୀ ସୃଷ୍ଟି ମୂଳରେ ଧର୍ମ ଭିତ୍ତିକ ସମାଜର ଶାସନ କରିବା ଉଦ୍ଦେଶ୍ୟ ରହିଛି । ରାଜା, ଧର୍ମ ପୁରୋହିତ, ଆଦିଙ୍କ ଦ୍ୱାରା ଏହି କିମ୍ବଦନ୍ତୀ ସୃଷ୍ଟି ହୋଇଥାଏ ତଥା ଲୋକମାନଙ୍କୁ ଏହା ବିଶ୍ୱାସନୀୟ ରୂପେ ଧରି ରଖିଥାଏ । ରାଜ୍ୟ ଶାସନ ପାଇଁ ଶୃଙ୍ଖଳିତ କରି ରଖେ ।

ପୁରୁଷୋତ୍ତମ ଜଗନ୍ନାଥଙ୍କ କୃପାବଳରେ ରାଜା ହେବା ଓ ଯୁଦ୍ଧ ଜୟ କରିବା ପ୍ରକ୍ରିୟା ମଧ୍ୟରେ ନୀଳକଣ୍ଠ ଛେରାପହଁରା ଆଦର୍ଶର ପ୍ରତିଷ୍ଠାପନ ଦେଖିଛନ୍ତି । ସେହି ଦୃଷ୍ଟିରୁ ଜଗନ୍ନାଥଙ୍କ ଆଦର୍ଶର ବିଜୟ ତଥା ଯୋନି-ଚୂନ୍ମୀ ଗଣେଶ ଓ ଗୋପାଳଙ୍କୁ ପରାଜିତ କରି ରାଜା ବିଜୟର ଚିହ୍ନ ସ୍ୱରୂପ ଆଣି ରଖିବା ବିଷୟ ଉଲ୍ଲେଖ କରିଛନ୍ତି । କିନ୍ତୁ ମନେହୁଏ ଏହି ଆଦର୍ଶର ପୃଷ୍ଠଭୂମିରେ ପ୍ରତିଷ୍ଠାର ପ୍ରଶ୍ନ ଥିଲା । ହୋଇପାରେ ରାଜା ପୁରୁଷୋତ୍ତମଙ୍କର ସକଳ ବ୍ୟକ୍ତିତ୍ୱ ଓ ଯୋଗ୍ୟତା ସତ୍ତ୍ୱେ ପ୍ରତିଷ୍ଠା ନଥିଲା । ତେଣୁ ତାଙ୍କ ପ୍ରତିଷ୍ଠା ଓ ପ୍ରତିଷ୍ଠାର ଅଭାବ ତାଙ୍କୁ ପୋଇଲି ପୁଅ ପୁରିଆ କରି ରଖିଥିଲା । ଏଣେ କ୍ଷତ୍ରିୟ ରାଜପୁତ୍ରମାନଙ୍କ ସିଂହାସନ ପ୍ରାପ୍ତିର ଆଶା ଓ ଦ୍ୱନ୍ଦ୍ୱ ଭିତରେ ପୁରୁଷୋତ୍ତମ ରାଜା ରୂପେ ବଛା ହେବା ଏବଂ ତା ମୂଳରେ ଛେରା ପହଁରା ଆଦର୍ଶ, ପୁନଶ୍ଚ କାଞ୍ଚି ଯୁଦ୍ଧରେ ବିଜୟରେ ଜଗନ୍ନାଥଙ୍କ ପୁରୁଷୋତ୍ତମଙ୍କ ପ୍ରତି ଦୟା ( ତାଙ୍କୁ ଜଗନ୍ନାଥ ନିଜେ ଯୁଦ୍ଧରେ ସାହାଯ୍ୟ କରିବା ) ତାଙ୍କ



ପ୍ରତିଷ୍ଠାକୁ ନିଶ୍ଚିତ ଭାବେ ବଢ଼ାଇ ଦେଇଥିବ । ପୁଣି ସେ କପିଳ ରାଉତରୁ କପିଳେନ୍ଦ୍ରଦେବ ହେଲାପରି, ପୋଇଲି ପୁଅ ପୁରିଆରୁ ପୁରୁଷୋତ୍ତମ ଦେବ ହୋଇଛନ୍ତି ସୂର୍ଯ୍ୟବଂଶୀ ରୂପେ ପରିଚୟ କରାଇ ତଥା କ୍ଷତ୍ରିୟ ରାଜକନ୍ୟା ବିବାହ କରି । କିମ୍ବଦନ୍ତୀର ସଂରଚନା ଭୂମିରେ ଏହି ପ୍ରଜାତିକ ପ୍ରତିଷ୍ଠା ମୂଳ ବିନ୍ଦୁ ରୂପେ ରହିଛି ବୋଲି ମନେ ହୁଏ । ସଂସ୍କୃତି କରଣ ପ୍ରକ୍ରିୟା ଅନୁସାରେ କପିଳେନ୍ଦ୍ର ରାଉତ୍ କପିଳାରୁ ସୂର୍ଯ୍ୟବଂଶୀ କପିଳେନ୍ଦ୍ର ହୋଇଛନ୍ତି । ଭାରତୀୟ ରାଜନ୍ୟ ପରଂପରାରେ ରାଜ୍ୟ ନିର୍ମାଣ ଓ ବିସ୍ତାର ବେଳେ ଏହିପରି ରାଜପୁତ କରଣ ପ୍ରକ୍ରିୟା ପ୍ରଚଳିତ ଥିଲା ( ବିଶେଷତଃ ୧୪-୧୫ଶ ଶତାବ୍ଦୀରେ ) । ଏହା ମାନବ ବିଜ୍ଞାନୀ ସିନ୍ହା ପ୍ରମାଣିତ କରିଛନ୍ତି । (୫୭) ତେଣୁ ଏହି କିମ୍ବଦନ୍ତୀ ମୂଳରେ ରାଜାଙ୍କ ପ୍ରତିଷ୍ଠାଗତ ସ୍ୱୀକୃତିର ସଂକେତ ରହିଥିବା ଅନୁମାନ ।

ସେହିପରି କାଞ୍ଚିରାଜାଙ୍କଠାରୁ ବିଜୟ ସନ୍ତକ ରୂପେ ପୁରୁଷୋତ୍ତମଦେବ ଆଣିଥିବା 'ଗୋପାଳ' ରାମଚନ୍ଦ୍ର ୩ୟ ( ୧୮୧୭-୧୮୫୬ )ଙ୍କ ପୁତ୍ର ପଦ୍ମନାଭ ରାୟଙ୍କ ଦ୍ୱାରା ଘରଦିଅଁ ରୂପେ ପୂଜା ପାଉଥିଲେ ଓ ୧୮୬୨ରେ ସାକ୍ଷୀଗୋପାଳ ରୂପେ ପୂଜା ପାଇଲେ । ଏହାରି ପ୍ରଭାବରୁ ବଡ଼ ବିପ୍ର ଓ ଛୋଟ ବିପ୍ର କଥା ଓ ଲକ୍ଷ୍ମୀ ଉପାଖ୍ୟାନର ସୃଷ୍ଟି ହୋଇଛି ।

ଉପରୋକ୍ତ କିମ୍ବଦନ୍ତୀ ସବୁର ନୀଳକଣ୍ଠ କେବଳ ଲିଖିତ କିମ୍ବା କଥିତ ତଥ୍ୟ ସମୀକ୍ଷା କରି ନାହାଁନ୍ତି, ଏହାର ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ କରିଛନ୍ତି । ତେଣୁ ଊନବିଂଶ ଶତାବ୍ଦୀରେ ପ୍ରତିଷ୍ଠିତ ସାକ୍ଷୀ ଗୋପାଳଙ୍କ ସହ ସୃଷ୍ଟ କିମ୍ବଦନ୍ତୀଗୁଡ଼ିକର ବୈଧତା ସଂପର୍କରେ ସେ କହନ୍ତି, ଏ ସବୁ ମନ୍ଦିର ସେବକମାନଙ୍କ ଦ୍ୱାରା ଭକ୍ତି ଧର୍ମର ପ୍ରସାର ପାଇଁ ସୃଷ୍ଟ ଓ କଳ୍ପିତ ।

**କଳାପାହାଡ଼ :**

ନୀଳକଂଠ ତାଙ୍କ ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ୩ୟ ଭାଗର ପ୍ରଥମ ଅଧ୍ୟାୟ 'ପରଂପରାର କଳନା ଓ ପ୍ରଭାବ'ରେ କଳାପାହାଡ଼ କିମ୍ବଦନ୍ତୀ ତଥା ଜଗନ୍ନାଥଙ୍କ ବ୍ରହ୍ମକୁ ବିଶର ମହାନ୍ତି ଉଦ୍ଧାର କରିଥିବା କିମ୍ବଦନ୍ତୀର ଆଲୋଚନା କରିଛନ୍ତି । ତାଙ୍କ ମତରେ 'କଳାପାହାଡ଼ ବୋଲି ସତରେ କେହି ଥିଲା କି ନା ପଣ୍ଡିତମାନେ ସେ ବିଷୟରେ ସନ୍ଦିହାନ

୫୭ । Sinha, Surajit, 'State Formation and Rajput myth in Tribal Cantral India, 49th Science Congress ( Anthropology ), 1962 Cuttack.

ଥିଲେ ।’ ×× ବଙ୍ଗଳାର ମୁସଲମାନ ସେନା ଭିତରେ ଜଣେ କେହି କଳାପାହାଡ଼ ଥିଲେ–ହୁଏତ ଜଗନ୍ନାଥ ମନ୍ଦିରକୁ ସେଇ ପ୍ରଥମେ ଅପବିତ୍ର କରି କେତେକ ମୂର୍ତ୍ତି ଭଙ୍ଗି ଅସ୍ତବ୍ୟସ୍ତ କରିଥିଲେ । ତାପରେ ଓଡ଼ିଶାର ଜଗନ୍ନାଥ ତଥା ଅନ୍ୟାନ୍ୟ ମୂର୍ତ୍ତି ଅପବିତ୍ର କରି ଧ୍ୱଂସ କରିବା ବହୁବାର ହୋଇଚି, ବହୁ ମୁସଲମାନ ତାହା କରିଚନ୍ତି–ତେଣୁ ଆମେ କଳାପାହାଡ଼ ବୋଇଲେ ବୁଝୁ ଧ୍ୱଂସକାରୀ ମୁସଲମାନ ।” (୫୮)

କିମ୍ବଦନ୍ତୀରେ ଅଛି, କଳାପାହାଡ଼ ଶ୍ରୀମନ୍ଦିର ଆକ୍ରମଣ କଲାବେଳେ ନିଯୋଗ ବ୍ରାହ୍ମଣମାନେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ବିଗ୍ରହକୁ ନେଇ ଚିଲିକାରେ ପାତାଳୀ କରିଥିଲେ । କଳାପାହାଡ଼ ସେହି ସମ୍ବାଦ ପାଇ ବିଗ୍ରହମାନଙ୍କୁ ହାତୀରେ ଲଦି ଗଙ୍ଗା କୂଳରେ ନିଆଁ ଜାଳି ସେମାନଙ୍କୁ ପୋଡ଼ି, ଅର୍ଦ୍ଧଦଗ୍ଧ ବିଗ୍ରହମାନଙ୍କୁ ଗଙ୍ଗାନଦୀରେ ଭସାଇ ଦେଲେ । ବିଶର ମହାନ୍ତି ସେହି ବିଗ୍ରହରୁ ବ୍ରହ୍ମମାନ କାଢ଼ି କୁଜଙ୍ଗରେ ରଖି ସେଠି ପୂଜା କରୁଥିଲେ । ୧୫୯୨ରେ ଭୋଇବଂଶୀ ରଜା ରମଚନ୍ଦ୍ର ଦେବ, ଆକବରଙ୍କ ସୁବେଦାର ମାନସିଂହଙ୍କ ଦ୍ୱାର ଓଡ଼ିଶାର ଗଜପତି ରଜା ରୂପେ ଖୋରଧାରେ ଅଧିଷ୍ଠିତ ହେଲା ପରେ କୁଜଙ୍ଗରୁ ତାହା ଅଣାଇ ଶ୍ରୀମନ୍ଦିରରେ ନୂଆ ବିଗ୍ରହ ପ୍ରତିଷ୍ଠା କଲେ । (୫୯)

---

୫୮ । ଦାସ, ନୀଳକଂଠ, ପରଂପରର କଳନା ଓ ପ୍ରଭବ– ପୃ୧୫

୫୯ । ତତ୍ରୈବ–

“କଳାପାହାଡ଼ ବୋଲି ସତରେ କେହିଥିଲା କି ନାଇ ପଣ୍ଡିତମାନେ ସେ ବିଷୟରେ ସନ୍ଦିହାନ ଥିଲେ । କାହିଁକିନା ସମ୍ବଲପୁରଠାରୁ କଳାହାଣ୍ଡି ପର୍ଯ୍ୟନ୍ତ ସର୍ବତ୍ର ମୁସଲମାନ ବିଜୟ ଓ ମନ୍ଦିର ଧ୍ୱଂସ ପ୍ରଭୃତି କଳାପାହାଡ଼ର କାର୍ଯ୍ୟ ବୋଲି କୁହାଯାଉଛି ।” ନୀଳକଂଠ ସମ୍ଭବତଃ ସମ୍ବଲପୁରରେ ଥିବା ବେଳେ ସମ୍ବଲେଶ୍ୱରୀ ମନ୍ଦିରକୁ କଳାପାହାଡ଼ ଧ୍ୱଂସ କରିବାକୁ ଆସି ଠିକ୍ ରମଚଣ୍ଡୀ ତାକୁ ଯେପରି ଠକିଲେ, ସେଇ ପ୍ରକାର କିମ୍ବଦନ୍ତୀ ଶୁଣିଥିବେ । ସମ୍ବଲପୁର ଅଞ୍ଚଳରେ ସମଲେଶ୍ୱରୀଙ୍କ ଦ୍ୱାର କଳାପାହାଡ଼ ପରାଭୂତ ହେବା କଥା ପ୍ରଚଳିତ । କଳାହାଣ୍ଡିର ନର୍ଲା ଅସୁରଗଡ଼ଠାରେ କଳାପାହାଡ଼ ଏକ ଗଡ଼ ଦେବତା ରୂପେ ପୂଜିତ । ସମ୍ଭବତଃ ଆଦିବାସୀମାନେ ମୁସଲମାନ ଶାସନ କାଳରେ କଳାପାହାଡ଼ ଭୟରେ ତାକୁ ଦେବତା ରୂପେ ପୂଜା କରି ସନ୍ତୁଷ୍ଟ କରିବାକୁ ଗ୍ରହିଁଛନ୍ତି । ଏ ଦେବତା କଳାପାହାଡ଼ ଏବେ ବି ଚଣ୍ଡୀଙ୍କ ସହିତ ପୂଜିତ ।



ଏହି କିମ୍ବଦନ୍ତୀକୁ ନୀଳକଂଠ ସତ୍ୟ ବୋଲି ମଣନ୍ତି ନାହିଁ । ତାଙ୍କ କହିବା କଥା, ଯଦି କଳାପାହାଡ଼ ମୁସଲମାନ ଜଗନ୍ନାଥଙ୍କ ବିଗ୍ରହ ଧ୍ୱଂସ କରିବାର ଥିଲା, ତେବେ ହାତୀରେ ଲଦି ଗଙ୍ଗା କୂଳକୁ ନେଲା କାହିଁକି ? ସେଠି ପୁଣି ଅଧାପୋଡ଼ି ଦେଇ ଅର୍ଦ୍ଧଦଗ୍ଧ ବିଗ୍ରହକୁ ଗଙ୍ଗାରେ ପକାଇଦେଲା କାହିଁକି ?” ଏହାର ସମ୍ଭାବ୍ୟ ସତ୍ୟ ନିରୂପଣ କରି ସେ ତେଣୁ କହନ୍ତି–“ଖୁବ୍ ସମ୍ଭବ ପୁରୀରେ ଥିବା ଏଇ ଭକ୍ତମାନେ (ବେଙ୍ଗାଳୀ ଗୌଡ଼ୀୟ ବୈଷ୍ଣବମାନେ) କଳାପାହାଡ଼କୁ ବା ମତାନ୍ଧ ମୁସଲମାନମାନଙ୍କୁ ଅନ୍ୟବାଟେ ଉପକୂଳ ଭୂମରେ ଥିବା ସମ୍ରାଟ ମୁକୁନ୍ଦଦେବଙ୍କୁ ଏଡ଼ି ଗଡ଼ଜାତ ବାଟେ ଘେନି ଆସିବା ପାଇଁ ବଙ୍ଗ ନବାବଙ୍କ ସେନାରେ ଥିବା ବୈଷ୍ଣବମାନଙ୍କୁ ସମ୍ବାଦ ଦେଇଥିଲେ । ହୁଏତ ଗଡ଼ଜାତ ବାଟ ଜାଣିଥିବା ଓ ଗଡ଼ଜାତବାଟେ ନବାବ ସୈନ୍ୟଙ୍କୁ ବାଟ ଦେଖାଇ ଆଣିଥିବା ଯେଉଁ ଶିଖ୍ ମନାଇଙ୍କ କଥା କିମ୍ବଦନ୍ତୀରେ ଅଛି, ସେମାନେ ଏଇ ପୁରୀରେ ଥିବା ଭକ୍ତମାନଙ୍କ ଗୁପ୍ତଚର ଥିଲେ । ଏଇ ଭକ୍ତମାନେ ସେଇ ସେନାରେ ଥିବା ବୈଷ୍ଣବମାନଙ୍କୁ ଜଗନ୍ନାଥଙ୍କ ପାତାଳୀ ସ୍ଥାନର ସଂକେତ ହୁଏତ ଦେଇଥିଲେ ଓ ସେଇମାନଙ୍କ ଇଙ୍ଗିତରେ ସେଇ ବୈଷ୍ଣବମାନେ ମୂର୍ତ୍ତିମାନଙ୍କୁ ସେନାରେ ଥିବା ମତାନ୍ଧ ମୁସଲମାନଙ୍କ ଅଜ୍ଞାତରେ ହାତୀରେ ଲଦାଇ କୌଶଳରେ ନବଦ୍ୱୀପ ଆଡ଼କୁ ଘେନି ଯାଇଥିଲେ । ବାଟରେ କୌଣସିଠାରେ ସେଇ ମୁସଲମାନମାନେ ଜାଣି ପାରି, ମୂର୍ତ୍ତି ଗୁଡ଼ିକୁ ନିଆଁରେ ପକାଇ ପୋଡ଼ି ଦେଇଥିଲେ । ଗଙ୍ଗା କୂଳରେ ତା ହୋଇ ନାଇ କିମ୍ବା ବିଶାର ମହାନ୍ତି କୁରର୍ଢ଼ି ଧରି ପହଁରି ପହଁରି ମୂର୍ତ୍ତିଙ୍କ ପେଟ ଚିରି ନାହାନ୍ତି ।” (୬୦)

ନୀଳକଂଠଂକ କିମ୍ବଦନ୍ତୀ ଆଲୋଚନାରେ ସତ୍ୟ ସନ୍ଧାନର ଯେଉଁ ଆଗ୍ରହ ରହିଛି, ତହିଁରେ ଭକ୍ତିକ ମିଥ୍ୟା ଓ ଆବେଗର ସ୍ଥାନ ନାହିଁ । ତେଣୁ ଅପ୍ରିୟ ସତ୍ୟ କହିବାକୁ ସେ କେବେହେଲେ ପଶ୍ଚାତ୍‌ପଦ ହୋଇ ନାହାନ୍ତି । କିନ୍ତୁ ଯେହେତୁ ତାଙ୍କ କିମ୍ବଦନ୍ତୀ ବିଶ୍ଳେଷଣର ଆଦର୍ଶ ଓଡ଼ିଆ ଜାତୀୟ ସଂସ୍କୃତିର ଆଲୋଚନା ପାଇଁ ଉଦ୍ଦିଷ୍ଟ, ତେଣୁ କେତେକ ସ୍ଥଳରେ ସେ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇନପାରି ସମ୍ଭାବନା ହିଁ କରିଛନ୍ତି । ତେବେ ଏକଥା ଯେକେହି ଅବଶ୍ୟ ସ୍ୱୀକାର କରିବେ ଯେ, କିମ୍ବଦନ୍ତୀର ସତ୍ୟତା

---

୬୦ । ତତ୍ରୈବ–ପୃ-୨୫

ନିରୂପଣ ପାଇଁ ନୀଳକଂଠଙ୍କ ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ( direct observation ) ଓ ସିଦ୍ଧାନ୍ତ ନିରୂପଣ ପଦ୍ଧତି ଏକାନ୍ତ ଭାବେ ବିଶ୍ଳେଷଣାତ୍ମକ ଥିଲା ।

## ଲୋକକାବ୍ୟ ଓ ମହାକାବ୍ୟ :

ପୁରାଣ, ଲୋକଗୀତ ଓ ଲୋକକଥାଦିର ଉତ୍ପତ୍ତି ଓ ଏହାର ଲକ୍ଷ୍ୟ ସଂପର୍କରେ ନୀଳକଂଠଙ୍କ ଦୃଷ୍ଟିଭଙ୍ଗୀ ଥିଲା ମୌଳିକ ଓ ଉଦାର । ସଂସ୍କୃତି ଓ ପ୍ରାକୃତ, ଦେଶୀ ଓ ମାର୍ଗୀ, ଶାସ୍ତ୍ରୀୟ ଓ ଲୌକିକ—ଏ ଉଭୟ ପରଂପରା ଦ୍ୱାରା ପୁରାଣ ଓ ଲୋକଗୀତ ଆଦି ପୁଷ୍ଟ ହୋଇଥିବାର କଳ୍ପନା କରି ଉଭୟର ପାରସ୍ପରିକ ଆଦାନ ପ୍ରଦାନ ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି । ଆଦିମ ଯୁଗରୁ ଏଯାବତ୍ ଲୋକ ମୁଖରେ ପୁରାଣ, କଥା ଓ ଗୀତ ବଂଚିରହି ଆସିଛି—ସଭ୍ୟତାର ବିକାଶ ସଙ୍ଗେ ସଙ୍ଗେ ଲେଖା ସାହିତ୍ୟ ଦ୍ୱାରା ଲିପିବଦ୍ଧ ହୋଇ ଲିଖିତ ସାହିତ୍ୟ ରୂପେ ମଧ୍ୟ ପରିନିର୍ଷ୍ଠିତ ହୋଇ ଆସିଛି ।

ଭାରତରେ ପ୍ରାଚୀନ କାଳରୁ ଲୋକ ଭାଷା ଓ ଲୋକ ସାହିତ୍ୟର ପରିପ୍ରସାର ହୋଇଥିଲା । ଏହି ପରଂପରାର ଶିଷ୍ଟ ବିକାଶର ଫଳଶ୍ରୁତି ହେଉଛି କଥାସରିତ ସାଗର, ପଞ୍ଚତନ୍ତ୍ର ଓ ଜାତକ କାହାଣୀ ଆଦି । ଏହାଛଡ଼ା ରାମାୟଣ ଓ ମହାଭାରତ ଆଦି ପୁରାଣ ଓ କାବ୍ୟ, ଲୋକମୌଖିକ ପରଂପରା ରୂପେ ଲେଖା ହେବା ପୂର୍ବରୁ ପ୍ରଚଳିତ ଥିଲା । ନୀଳକଂଠ କହନ୍ତି—

"ରାମାୟଣରେ ଅଛି, ଏହା ଲେଖା ହେବା ପୂର୍ବରୁ ଯୋଗୀ ଗୀତ ପରି ବୋଲା ହେଉଥିଲା । ରାମାୟଣ, ମହାଭାରତ ଲୋକ ପ୍ରଚଳିତ କଥାର ଗୋଟିଏ ଗୋଟିଏ ବିଶାଳ ସଂଗ୍ରହ । ଏ ସବୁ ପ୍ରଥମେ ଲୋକଗୀତ ରୂପେ ବ୍ୟାପ୍ତ ଥାଇ ପରେ ସେଇ ଭାବରେ ଲିଖିତ ହେଲା ।" (୬୧) ମଜୁମଦାର

୬୧ । ତତ୍ରୈବ—ପୃ. ୪୪୮-୪୪୯ ଏବଂ ଦେଖ—

—Raja Gopalachari, C. Ramayana, Bombay, 1986, P-15

"XX the Story of Rama had been in existence though not as a written work, long before Valmeeki wrote his epic. It looks as though Valmeeki gave Form to a story that had been handed down from generation to generation."



ମଧ୍ୟ କହନ୍ତି ମହାଭାରତ କୌଣସି ଏକ ଯୁଗର କିମ୍ବା କୌଣସି ଏକ କବିଙ୍କ ଫଳଶ୍ରୁତି ନୁହେଁ, ବରଂ ଏକ ସୂକ୍ଷ୍ମ ନ୍ୟସ୍ତି ମଧ୍ୟରୁ କ୍ରମ ସଂଯୋଜିତ ଏକ ବିରାଟ ଜ୍ଞାନର ଭଣ୍ଡାର । (୬୨) ନୀଳକଣ୍ଠ ମହାଭାରତ ସମ୍ପର୍କରେ ଯାହା କହିଛନ୍ତି ତାହା ଏହି—"ଏ ଦେଶରେ ବ୍ୟାସ ବୋଇଲେ ଯେ କୌଣସି ପୁରାଣ ଲେଖିବା ଲୋକ । (୬୩) ପୁଣି ମହାଭାରତକୁ ସେ ଜୟକାବ୍ୟ ରୂପେ ପରଂପରା ସୂତ୍ରରେ ଦେଖି ଏହା କୁରୁପାଣ୍ଡବ ଯୁଦ୍ଧରେ ପାଣ୍ଡବଙ୍କ ଜୟକୀର୍ତ୍ତନ ପାଇଁ ଲିଖିତ । ବ୍ୟାସଦେବଙ୍କ ଦ୍ୱାରା ଏହା ପ୍ରଥମେ ସଂକଳିତ ହୋଇଥିଲେ ହେଁ ପରବର୍ତ୍ତୀକାଳରେ ଏହି ବୀରଗାଥାରେ ନାନା ଆଖ୍ୟାନ ଓ ଉପାଖ୍ୟାନ ଶୁକ, ସୁମନ୍ତ, କପିଳ, ଜୈମିନି, ବୈଶଂପାୟନ ଆଦିଙ୍କ ଦ୍ୱାରା ଅଷ୍ଟାଦଶ ପର୍ବରେ ପରିବୃଦ୍ଧି ଲାଭ କରିଛି ।" ନୀଳକଂଠ କହନ୍ତି,

"ଜୟନାମକ ଆଦିଗ୍ରନ୍ଥ ଥରକୁ ଥର ସଂକଳନ, ସଂସ୍କରଣ, ଓ ସଂପାଦନାରେ ବଢ଼ି ବଢ଼ି ଏବର ମହାଭାରତ ହୋଇଚି । ପଣ୍ଡିତମାନେ କହନ୍ତି, ଆଜକୁ ଅନ୍ତତଃ ଦେଢ଼ହଜାର ବର୍ଷ ତଳ ପର୍ଯ୍ୟନ୍ତ ଏହା ବରାବର ବଢ଼ିବାରେ ଲାଗିଥିଲା । ସେଥିପାଇଁ ଏବ ପଣ୍ଡିତମାନେ ଏହାକୁ ଭାରତ ସଭ୍ୟତା ଓ ଭାରତୀୟ ପରଂପରାର ବିଶ୍ୱକୋଷ ବୋଲି କହନ୍ତି ।" (୬୪)

ଏଥିମଧ୍ୟରେ ସଂଶ୍ଳେଷିତ ହୋଇ ରହିଥିଲା ବୈଦିକ ଓ ବ୍ରାହ୍ମଣ ଧର୍ମ, ଜୈନ, ବୌଦ୍ଧ ଓ ଗ୍ରାମଧର୍ମ ସମେତ ବର୍ଣ୍ଣାଶ୍ରମ ଧର୍ମ ଓ ଜାତିବାଦର ସକଳ ବୈଚିତ୍ର୍ୟ ସତ୍ତ୍ୱେ ସମାଜ ଓ ସାହିତ୍ୟକୁ ମାନବୀୟ ପ୍ରାଣ ପ୍ରାଚୁର୍ଯ୍ୟରେ ଏକୀଭୂତ କରିବା (୬୫)

୬୨ । Majumdar, B. C. Evolution of Religio—Philosophic Culture in India, in Cultural Heritage of India, Vol. I. Institute of Culture, Ramkrishna Mission, Calcutta, 1968, P-43

୬୩ । ଦାସ, ନୀଳକଂଠ—ଓ:ସା:କ୍ର:ପ ପୃ-୩୯୮

୬୪ । ତତ୍ରୈବ—ପୃ-୪୫୧

୬୫ । ତତ୍ରୈବ—ପୃ-୪୫୧

ପ୍ରାଚୀନ ଯୁଗରେ ଧର୍ମ ଓ ବାହୁବଳ ଯେତେବେଳେ ପ୍ରବଳ ଥିଲା ସେତେବେଳେ ବୀରଗାଥାର ଉତ୍ପତ୍ତି । ଏହି ବୀରଗାଥା ପରବର୍ତ୍ତୀ କାଳରେ ନାନା ଧର୍ମ, ସମାଜ ଓ ସଂପ୍ରଦାୟ ଦ୍ୱାରା ବିଭିନ୍ନ ରୂପେ ନବୀକରଣ ହୋଇଅଛି । ରାମାୟଣ ଓ ମହାଭାରତର କଥାବସ୍ତୁ ସମାଜ ଓ ଧର୍ମ ତଥା ଆଭିମୁଖ୍ୟରେ ବିଚିତ୍ର ସାମଞ୍ଜସ୍ୟ ରହିଅଛି । ମହାଭାରତ ଯେପରି ଜୟକାବ୍ୟର ପରିବର୍ଦ୍ଧିତ ସଂସ୍କରଣ, ରାମାୟଣ ମଧ୍ୟ ସେହିପରି ଏକ ବୀରଗାଥା । ମଜୁମଦାର କହନ୍ତି—

The Ramayana, like the Mahabharata, must have been originally a heroic ballad with a tribal hero Rama, as its centre. (୬୬)

ଭାରତରେ ସଂସ୍କୃତ ଭାଷା, ତୀର୍ଥ, ଧାର୍ମିକ ବନ୍ଧନରେ ଏକତ୍ୱ ଓ ସଂହତି ସଂସ୍ଥାପକ ଥିଲା । ଏହାର ସାର୍ବଜନୀନ ରୂପକୁ ଅଞ୍ଚଳ ନିର୍ବିଶେଷରେ ସମସ୍ତେ ଗ୍ରହଣ କରୁଥିଲେ । ସଂସ୍କୃତରେ ଏହି ହେତୁ ଆଞ୍ଚଳିକ ପରଂପରାର କଥାଗୁଡ଼ିକୁ ନେଇ ସାହିତ୍ୟ ସୃଷ୍ଟି ହୋଇଛି । ସଂସ୍କୃତ ଓ ସଂସ୍କୃତିର ଏହି ସାର୍ବଜନୀନ ରୂପ ଭାରତରେ ସର୍ବତ୍ର ପ୍ରଚଳିତ ଥିବାର ଲକ୍ଷ୍ୟ କରି ନୀଳକଂଠ କହିଛନ୍ତି, "ଏଇ ସାମାଜିକ ଓ ଧାର୍ମିକ ବନ୍ଧନରେ ବ୍ୟକ୍ତି-ସଂହତିର ସମ୍ବନ୍ଧ ନିୟମିତ ହୋଇ ସାରା ଭାରତ ଜନ ଗୋଷ୍ଠୀ ଏକ ସମାଜରେ ପରିଣତ ହୋଇଥିଲା ।" (୬୭) ଏହି କାଳରେ ସଂସ୍କୃତ ଲୋକ ଭାଷା ରୂପେ ପ୍ରସିଦ୍ଧି ପାଇଥିଲା ।

ନୀଳକଣ୍ଠ କହନ୍ତି—

"କବିମାନେ ବୁଲି ବୁଲି ଏଇ (ରାମାୟଣ, ମହାଭାରତ) ଆଖ୍ୟାୟିକା ଗୁଡ଼ିକ ନିଜ ନିଜ ଶୁଣା କଥାରେ କବି କଳ୍ପନା ମିଶାଇ ଗାଇ ଗାଇ ବୁଲୁ-ଥିଲେ । ସଂସ୍କୃତ ଭାଷାରେ ସେମାନେ ବାଲ୍ମୀକୀଙ୍କ ରାମାୟଣ କଥା ପରି ଏହା ସବୁ ରଚନା କରୁଥିଲେ ଓ ନିଜେ ବୋଲି ବୁଲୁଥିଲେ ବା ଲବକୁଶଙ୍କୁ

୬୬ । Majumdar B. C. 'op-cit' P. 43
୬୭ । ଦାସ, ନୀଳକଣ୍ଠ ଓ.ସା.କ୍ର.ପ. ପୃ- ୪୫୨



ବୋଲାଇଲା ପରି ବୋଲାଉଥିଲେ ।" ସଂସ୍କୃତ ଜନସାଧାରଣରେ ପ୍ରଚଳିତ ଭାଷା ନଥିଲେ ଏହା ହୋଇ ପାରନ୍ତା ନାଇ, କି ହୁଅନ୍ତା ନାଇ ।" (୬୮)

ଭାରତୀୟ ସଂସ୍କୃତି ଓ ସଂସ୍କୃତ କିନ୍ତୁ ଚତୁର୍ଦ୍ଦଶ, ପଞ୍ଚଦଶ ଶତାବ୍ଦୀ ବେଳକୁ ଆଞ୍ଚଳିକ ଭିତ୍ତିରେ ପରିପ୍ରକାଶିତ ହେଲା । ପୁଣି ଏହି ଆଞ୍ଚଳିକ ସଂସ୍କୃତି ଓ ସାହିତ୍ୟକୁ ସାର୍ବଜନୀନ କରି ଭାରତୀୟ ପରିପ୍ରେକ୍ଷୀରେ ବ୍ୟାପ୍ତ କରିବା ପାଇଁ ମଧ୍ୟ ପ୍ରବଣତା ଦେଖା ଦେଲା । ଏକ ଏକ ଅଞ୍ଚଳର ଭାଷା ଓ ସାଂସ୍କୃତିକ ବିଭିନ୍ନତାକୁ ଭିତ୍ତି କରି ପ୍ରାକୃତ ଭାଷାରେ ଯେଉଁ ସାହିତ୍ୟ ସବୁ ସୃଷ୍ଟି ହୋଇଛି, ସେ ସବୁ ଉଭୟ ଭାରତୀୟ ସଂସ୍କୃତିର ମୂଳ ଆଦର୍ଶ ସହିତ ଆଞ୍ଚଳିକ ସଂସ୍କୃତିର ସମନ୍ୱୟ ଓ ଆନ୍ତଃ କ୍ରିୟା ଭିତ୍ତିରେ ସୃଷ୍ଟ । ଏହିପରି ସଂସ୍କୃତ ବିଶ୍ୱଜନୀନ ( Universal ) ଓ ଆଞ୍ଚଳିକ ( Parochial ) ସଂସ୍କୃତିର ଆଦାନ ପ୍ରଦାନ ସୂତ୍ରକୁ କେନ୍ଦ୍ର ପରିଧି ସଂପର୍କ ବୋଲି କୁହାଯାଇ-ଥାଏ । ନୀଳକଂଠଙ୍କ ବିଶ୍ଳେଷଣାତ୍ମକ ଦୃଷ୍ଟିରେ ଭାରତୀୟ ମହାକାବ୍ୟ ସଂସ୍କୃତ ମହାଭାରତର ଅବଲମ୍ବନରେ ପଞ୍ଚଦଶ ଶତାବ୍ଦୀରେ ଆଞ୍ଚଳିକ କଥିତ ଓଡ଼ିଆ ଭାଷା ଓ ଲିପିରେ ସାରଳା ଦାସଙ୍କ ଦ୍ୱାରା ମହାଭାରତ ଲିଖିତ ହୋଇଥିଲା । ସେ ଏହି ସୃଷ୍ଟିକୁ ବିଦଗ୍ଧ ଦୃଷ୍ଟିରେ ଯେତିକି ଦେଖିଛନ୍ତି, ଲୋକ ଦୃଷ୍ଟିରେ ପରଖିଛନ୍ତି ତତୋଽଧିକ । କେବଳ ତତ୍ତ୍ୱ ଓ ଦର୍ଶନ ଦୃଷ୍ଟିରୁ ସେ ଏସବୁର ଯେତିକି କଳ୍ପନା କରିଛନ୍ତି, ଓଡ଼ିଆ ଛନ୍ଦ, ଭାଷା, ଚଳଣି, ପ୍ରଥା ଓ ପରଂପରା, ତଥା ଓଡ଼ିଆ ଆଦର୍ଶ ଓ ମାନସିକତାର ଚିତ୍ର କିପରି ଓଡ଼ିଆ ମହାଭାରତରେ ଫୁଟି ଉଠିଛି, ତାହା ସେ ତନ୍ନ ତନ୍ନ କରି ନିରୀକ୍ଷଣ କରିଛନ୍ତି । ତେଣୁ ସେ ଓଡ଼ିଆ ମହାଭାରତର ବିଶ୍ଳେଷଣ କରି କହନ୍ତି— "ପ୍ରଥମେ ନିଜ ଆଞ୍ଚଳିକ ଚିନ୍ତାଧାରା ଓ ଚଳଣିକୁ ମହାଭାରତୀୟ କରିବାର ଉଦ୍ୟମରେ ଏହାର ସୂତ୍ରପାତ ହୋଇଥିଲା ।" (୬୯)

ଏହି ଦୃଷ୍ଟିରୁ ସାରଳାଙ୍କ ମହାଭାରତ ଓଡ଼ିଆ ସଂସ୍କୃତି ଓ ସାହିତ୍ୟର ପ୍ରଥମ ଲିଖିତ ଲୋକକାବ୍ୟ ଯହିଁରୁ ତତ୍କାଳୀନ ଲୋକ ଜୀବନର କଳ୍ପନା, ପ୍ରଥା ଓ ପରଂପରା, ଚଳଣି, ସମାଜ ନୀତି, ଧର୍ମ ନୀତି ଓ ମାନସିକତା ଆଦି ଜଣାପଡ଼େ । ସ୍ଥାନୀୟ ଜନଶ୍ରୁତିର ଆଖ୍ୟାନମାନ ଗୁମ୍ଫି ପ୍ରାକୃତରେ

୬୮ । ଦାସ, ନୀଳକଣ୍ଠ 'ସଂସ୍କୃତ ଓ ସଂସ୍କୃତି' ୧୯୭୨, ପୃ-୨୦
୬୯ । ଦାସ, ନୀଳକଣ୍ଠ, ଓ.ସା.କ୍ର.ପ. ପୃ ୪୫୨

ପୁରାଣ ପ୍ରକାଶ କରିବାର ଆଦି ଉଦ୍ୟମ ସାରଳା ଦାସଙ୍କ ମହାଭାରତ । ତେଣୁ ସଂସ୍କୃତ ଜୟ କାବ୍ୟ ମହାଭାରତର ମୂଳ କଥାବସ୍ତୁ, ଚରିତ୍ର, ଘଟନା ସବୁର ଉତ୍କଳୀକରଣ ହୋଇଅଛି । ତହିଁରେ ଗ୍ରାମୀଣ ଜୀବନର ମାନବୀୟ ଦୋଷ ଗୁଣ ପରିପୂର୍ଣ୍ଣ । ସାରଳା ଦାସଙ୍କ ଅଭିନବ ଚରିତ୍ର ଚିତ୍ରଣର ଉଦାହରଣ ଦେବାକୁ ଯାଇ ନୀଳକଣ୍ଠ ମହାଭାରତର ଭୀମ, ଯୁଧିଷ୍ଠିର, କୃଷ୍ଣ, ଭୀଷ୍ମ, କର୍ଣ୍ଣ ଆଦି ଚରିତ୍ର ଗୁଡ଼ିକୁ ଓଡ଼ିଆ ନାୟକ ପ୍ରକରଣ ( Hero Pattern ) ରୂପେ ଦେଖିଛନ୍ତି । ପୁଣି ଦ୍ରୌପଦୀ, କୁନ୍ତୀ, ଗାନ୍ଧାରୀ, ଭାନୁମତୀ ଆଦି ନାରୀ ଚରିତ୍ର ମଧ୍ୟରେ ଓଡ଼ିଆ ନାରୀର ସ୍ୱରୂପ ପ୍ରକଟିତ ହୋଇଛି ।

ଆଞ୍ଚଳିକ ସଂସ୍କୃତିକୁ ମହାଭାରତୀୟ ସଂସ୍କୃତିର ଅଂଶ ବିଶେଷ ରୂପେ ପରିଚିତ କରିବା ପାଇଁ ସେହି ମଧ୍ୟ ଯୁଗରେ ଯେଉଁ ପ୍ରବଣତା ଦେଖା ଦେଇଥିଲା, ନୀଳକଂଠ ସେ ସଂପର୍କରେ କହନ୍ତି–

"ପ୍ରାକୃତ ଭାଷା ମାନଙ୍କରେ ମଧ୍ୟ ସେଇ ଧାରାରେ ମହାଭାରତୀୟ ସଂସ୍କୃତିରେ ନିଜ ନିଜର ଭାବଧାରା ମିଶାଇବା ଉଦ୍ଦେଶ୍ୟରେ ନିଜ ନିଜର ସ୍ଥାନୀୟ କନଶ୍ରୁତି ଓ ଜନଶ୍ରୁତିରେ ସ୍ଥାନୀୟ ରଙ୍ଗ ପ୍ରକାଶ କରି ନାନା ପୁରାଣ, ମହାତ୍ମ୍ୟ, ବ୍ରତ କଥା, ତୀର୍ଥ ପ୍ରସ୍ତର ପ୍ରଭୃତି ସାହିତ୍ୟ ପ୍ରକାଶ ପାଇଥିଲା । (୭୦)

ଭାରତୀୟ ପୁରାଣ ପରଂପରାର କଥାବସ୍ତୁ କିପରି ସାରଳା ଦାସଙ୍କ ରଚନାରେ ଆଞ୍ଚଳିକ କରଣ ( parochialization ) ପ୍ରକ୍ରିୟା ଦ୍ୱାରା ବିବର୍ତ୍ତିତ ତଥା ନିଜ ଅଞ୍ଚଳକୁ ମହାଭାରତୀୟ ଚେତନାର ଅଂଶବିଶେଷ ରୂପେ ଦେଖାଇବା ପାଇଁ ଏହା କିପରି କଳ୍ପିତ ନୀଳକଣ୍ଠ ଏହାର ଏକ ସୁନ୍ଦର ଉଦାହରଣ ବାଛିଛନ୍ତି । ପୁରାଣ ଅନୁସାରେ "ମନୁ ଭୂଭାଗକୁ ଦଶଖଣ୍ଡ କରି ନିଜର ନଅଟି ପୁଅଙ୍କୁ ନଅ ଭାଗ ଭୂମିଦେଇ ଗୋଟିଏ ଭାଗ ଉତ୍କଳ ଖଣ୍ଡକୁ ନିଜର କନ୍ୟାର ପୁତ୍ର ସୁଦ୍ୟୁମ୍ନଙ୍କୁ ଦେଲେ ।" ଏହି ପୁରାଣ କଥାଟିକୁ ଉତ୍କଳୀ କରଣ କରିଛନ୍ତି ସାରଳାଦାସ କପିଳେନ୍ଦ୍ର ଦେବଙ୍କ ରାଜ୍ୟ ଭାଗକୁ ନେଇ । କପିଳେନ୍ଦ୍ର ଦେବଙ୍କ ଓଡଣୀ ଭାରିଜା ପୁତ୍ର ପୁରିଆକୁ ଓଡ଼ରାଷ୍ଟ୍ରମଣ୍ଡଳ ଦେଇ

୭୦ । ଦାସ, ନୀଳକଣ୍ଠ, ଓ.ସା.କ୍ର.ପ. ପୃ ୪୫୪



ବାକୀ ନବଖଣ୍ଡ ମେଦିନୀ ଓଡ଼ିଶାର ପ୍ରାନ୍ତୀୟ ମଣ୍ଡଳ ଗୁଡ଼ିକୁ ତାଙ୍କ ନଅଟି ପୁତ୍ରଙ୍କୁ ଦେଲେ ବୋଲି ସାରଳା ଦାସ ମହାଭାରତରେ ଉଲ୍ଲେଖ କରିଛନ୍ତି । ନୀଳକଣ୍ଠ ଏହାର ଆଲୋଚନା କରି କହନ୍ତି– "ପରଂପରାର ଅଠର ପୁଅ ନ ଲେଖି, ସାରଳାଦାସ ନଅ ପୁଅଙ୍କୁ ନଅଭାଗ କରି ଦେଇ ଓଡ଼ରାଷ୍ଟ୍ରଟି ପୁତ୍ରଙ୍କୁ ଦେଲେ ବୋଲି କହିବାଟା ଖୁବ୍ ସମ୍ଭବ ପୁରାଣ କଥା ସଙ୍ଗେ ମିଶାଇବା ପାଇଁ କରଯାଇଚି ।" (୭୧)

## ଲୋକକଥା :

ଓଡ଼ିଆ ଲୋକକଥାରେ ପ୍ରଚଳିତ ନାନା ତନ୍ତ୍ର ବିଦ୍ୟା, ଅଦ୍ଭୁତ କ୍ରିୟାକର୍ମ ଆକାଶରେ ଉଡ଼ିବା, ଗଛରେ ଚଢ଼ି ଗୋଟିଏ ସ୍ଥାନରୁ ଅନ୍ୟ-ସ୍ଥାନକୁ ଯିବା, ମଣିଷକୁ ପଶୁପକ୍ଷୀରେ ପରିଣତ କରିବା, ଅନ୍ୟ ଦେହରେ ପ୍ରବେଶ କରିବା, ସ୍ତମ୍ଭନ, ମୋହନ, ବଶୀକରଣ ଦ୍ୱାରା ଅସାଧ୍ୟ ସାଧନ କରିବା କ୍ରିୟାକୁ ପଣ୍ଡିତ ନୀଳକଂଠ ଶାବରୀ ବିଦ୍ୟାର ପ୍ରଭାବ ବୋଲି କହିଛନ୍ତି । ପ୍ରାକ୍ ଆର୍ଯ୍ୟକାଳୀନ ଏହି ଶାବରୀ ବିଦ୍ୟା ସହ ଦ୍ରାବିଡ଼ ସଭ୍ୟ-ତାର ମିଶ୍ରଣ ହୋଇ ଲୋକକଥାକୁ ପ୍ରଭାବିତ କରିଛି । ନୀଳକଣ୍ଠ ଲୋକ କଥାର ସ୍ୱତନ୍ତ୍ର ଅଧ୍ୟୟନ ବିଶେଷ ଭାବେ କରିନାହାନ୍ତି । କିନ୍ତୁ ଶବର ପ୍ରଜାତି ଅଧ୍ୟୟନ ଓ ଓଡ଼ିଶାରେ ବୌଦ୍ଧ ତନ୍ତ୍ରର ଆଲୋଚନା କଲାବେଳେ ସମାଜରେ ପ୍ରଚଳିତ ଲୋକକଥାରେ ଏହାର ପ୍ରଭାବ କିପରି ବ୍ୟାପି ରହିଛି ତାହା ସେ ଦେଖାଇଛନ୍ତି । ଏହି ଲୋକକଥାର ପ୍ରଭାବ ମଧ୍ୟଯୁଗୀୟ ଆଖ୍ୟାୟିକା କାବ୍ୟ (ଶଶୀସେଣା) ଆଦିରେ ପଡ଼ିଛି । ଲୋକକଥାର ଆଙ୍ଗିକ ରୂପେ ନୀଳକଣ୍ଠ ନିମ୍ନ ମୋଟିଫ ସବୁ ଚର୍ଚ୍ଚା କରିଛନ୍ତି ।

କ– ଚୂଲୀରେ ଗୋଡ଼ ମୁହାଇଁ ଦେଇ ବୁଢ଼ୀ ଅସୁରୁଣୀ ବିନା ଜାଳରେ ଭାତ ରାନ୍ଧିବା ।

ଖ– ମନ୍ତ୍ରଧୂଳି ବଳରେ ନିମିଷକେ ଯୋଜନେ ଦୂର ଉଡ଼ିଯିବା ।

ଗ– ଜୀବନ ନାଟି– ଅସୁରୁଣୀର ଜୀବନ ପୋଖରୀର ଦୀପଦର୍ଣ୍ଣି, ଫରୁଆ ଭିତରେ ଥିବା ।

୭୧ । ତତ୍ରୈବ ପୃ–୩୦୨

ଘ– କାଉଁରୀ ବିଦ୍ୟାବଳରେ ପୁରୁଷକୁ ଦିନରେ ଭେଣ୍ଡା ଓ ରାତିରେ ମେଣ୍ଢା କରିବା ।

ଙ– ମଣିଷରୁ ପଶୁପକ୍ଷୀ ଓ ପୁଣି ମଣିଷ ହେବା ।

ଚ– ଗଛରୁ ମଣିଷ – ମଣିଷରୁ ଗଛ ।

ଛ– ପରକାୟା ପ୍ରବେଶ ଓ ରୂପ ପରିବର୍ତ୍ତନ ।

ଲୋକକଥା ମଧ୍ୟରେ ଯେଉଁ ଜାତି-ମାନସିକତା ଲୁଚି ରହିଥାଏ, ପୁରାଣ ମଧ୍ୟରେ ବି ସେହି ମାନସିକତା ଲକ୍ଷ୍ୟ କରାଯାଇପାରେ । ତଫାତ୍ କେବଳ ଏତିକି ଯେ ଲୋକକଥା ଧର୍ମ ନିରପେକ୍ଷ ଓ ପୁରାଣ ଧର୍ମ ସମର୍ଥିତ । ଲୋକକଥା ମିଥ୍‌ର ସାର୍ବଜନୀନ ରୂପ । ଲୋକକଥାରେ ସଂରଚିତ କଥା-ବସ୍ତୁରେ ପୁରାଣ, କିମ୍ବଦନ୍ତୀ ଓ ଜାତିମାନସିକତାର ସଙ୍କେତ ଓ ଶଙ୍କୁ ଯେ ଲୁଚି ରହିଥାଏ ନୀଳକଣ୍ଠ ତାହା ଖୋଜି ଦେଖାଇଛନ୍ତି । ଓଡ଼ିଆ ଲୋକ-କଥାର ସଂଗ୍ରହ ଓ ସମୀକ୍ଷଣ ତାଙ୍କର ଲକ୍ଷ୍ୟ ନଥିଲେ ହେଁ ପ୍ରସଙ୍ଗ ଅନୁରୋଧରେ ସେ ଏହାର ଅଧ୍ୟୟନ ପାଇଁ ଜାତି ପ୍ରଜାତିର ଅଧ୍ୟୟନର ଗୁରୁତ୍ୱକୁ ଉପଲବ୍ଧି କରି ଦିଗ୍‌ଦର୍ଶନ ଦେଇଛନ୍ତି । ଓଡ଼ିଆ ଲୋକକଥାରେ ପୂର୍ବଭାରତୀୟ ପରଂପରାକୁ ସେ ପ୍ରତ୍ୟକ୍ଷ କରିଛନ୍ତି ।

## ନାଁ ଦିଆ ( Riddle ) :

ପୁଅ ଝିଅଙ୍କ ଖେଳ ସହିତ ମାନସିକ କସରତ ପାଇଁ ନାଁ ଦିଆ ଅତି ଉପାଦେୟ । ନାଁ ଦିଆରୁ ଏକ ସମୟରେ ଖେଳ, ଶବ୍ଦ ଶିକ୍ଷା, ବୁଦ୍ଧି ପରୀକ୍ଷା ତଥା ଅନ୍ୟ ବସ୍ତୁ ସଂପର୍କରେ ଧାରଣାମାନ ମିଳିଥାଏ । ପ୍ରଶ୍ନଟିଏ ପଚାରିଲେ ଏହାର ସମ୍ଭାବ୍ୟ ଉତ୍ତର ପାଇଁ ଉତ୍ତର ଦାତାର ମନୋଜଗତରେ ସଂଚିତ ଓ ସଂଗୁପ୍ତ ଏକ ବସ୍ତୁର ଆଭାସ ମିଳେ ଯାହା ଉତ୍ତର ନୁହେଁ । ଏହା ଫଳରେ ବସ୍ତୁଗତ ସମତୁଲ୍ୟ ସୃଷ୍ଟି ହୁଏ । ଗୋଟିଏ ବିଷୟକୁ ଜାଣିବାକୁ ଯାଇ ଅନ୍ୟ ବିଷୟଟି ସଂପର୍କରେ ଜାଣି ହୁଏ ।

ଓଡ଼ିଆ ଲୋକସାହିତ୍ୟ ଓ ଶିଷ୍ଟ ସାହିତ୍ୟରେ ନାଁ ଦିଆ ରୀତିର ପ୍ରଚଳନ ବହୁ ପ୍ରାଚୀନ ଓ ଜୀବନ୍ତ । ନୀଳକଣ୍ଠ ଏହି ନାଁ ଦିଆ ରୀତିକୁ କିରାତ ସାହିତ୍ୟର ପ୍ରଭାବ ବୋଲି ଚୀନା ନାଁ ଦିଆରୁ ଉଦାହରଣ ଦେଇଛନ୍ତି ।



କିନ୍ତୁ ବିଶ୍ୱର ପ୍ରତ୍ୟେକ ମାନବ ଗୋଷ୍ଠୀରେ ନାଁ ଦିଆର ସ୍ୱଚ୍ଛନ୍ଦ ବିକାଶ ରହିଛି । ଚରିତ୍ର ଦୃଷ୍ଟିରୁ ପୂର୍ବଭାରତୀୟ କିରାତ ସଭ୍ୟତାର ନାଁ ଦିଆ ରୀତି ଓଡ଼ିଶାରେ ପରିଲକ୍ଷିତ ହେବା ସ୍ୱାଭାବିକ ।

ଓଡ଼ିଆ ନାଁ ଦିଆ ରୀତି ସଂପର୍କରେ ନୀଳକଣ୍ଠଙ୍କ ବିଶ୍ଳେଷଣାତ୍ମକ ଓ ଜାତୀୟ ଶିକ୍ଷା ପାଇଁ ଏହାର ପ୍ରୟୋଗାତ୍ମକ ଅଧ୍ୟୟନ ଏଠାରେ ବେଶ୍ ରୁଚିପ୍ରଦ ଓ ଉଲ୍ଲେଖନୀୟ । ନାଁ ଦିଆର ଐତିହାସିକ ଅଧ୍ୟୟନ କରି ନୀଳକଣ୍ଠ ଏହାକୁ ଆଦିମ କାଳରୁ ଶବର ସଭ୍ୟତା ଦ୍ୱାରା ସୃଷ୍ଟ ହୋଇ ଏହାର ଶିଷ୍ଟ ବିକାଶ ଭୌମ ଶିଳା ଲେଖରେ ତଥା ସେହି ସୂତ୍ରରୁ ନୈଷଧ କାବ୍ୟରେ ପ୍ରତିଫଳିତ ହୋଇଥିବା କଥା ସେ ଉଲ୍ଲେଖ କରିଛନ୍ତି । ଏହି ପରଂପରା କ୍ରମଶଃ ଓଡ଼ିଆ ଶିଷ୍ଟ ସାହିତ୍ୟ-ଆଳଂକାରିକ ରୀତି କାବ୍ୟ ମଧ୍ୟରେ ସ୍ଥାନ ପାଇଅଛି । ଭଞ୍ଜ, ଯଦୁମଣି, କବି ସୂର୍ଯ୍ୟ ତଥା ଭକ୍ତ ଚରଣ ଆଦିଙ୍କ ରଚନାରେ ଏହାର ବହୁଳ ପ୍ରୟୋଗ ରହିଛି । ଏହାର ପ୍ରାୟୋଗିକ ଦିଗ ସଂପର୍କରେ ନୀଳକଣ୍ଠଙ୍କ ପ୍ରବଣତା ଥିଲା ପୁରୋଦୃଷ୍ଟି ସମ୍ପନ୍ନ । ଜାତୀୟ ସାହିତ୍ୟକୁ ଭିତ୍ତି କରି ଶିଶୁର ମାନସିକ ବିକାଶ ପାଇଁ ସେ ନାଁ ଦିଆକୁ ପ୍ରୟୋଗ କରିବାକୁ ମତ ଦେଇଥିଲେ ।

ଜଣେ ରାଷ୍ଟ୍ରୀୟତାବାଦୀ ଓ ପୁନର୍ଗଠନବାଦୀ ସଂସ୍କାରକ ରୂପେ ଓଡ଼ିଆର ସାମଗ୍ରୀକ ଜୀବନ ଚର୍ଯ୍ୟାରେ ସେ ପ୍ରାଣ ପ୍ରାଚୁର୍ଯ୍ୟ ଭରିଦେବା ପାଇଁ ଉତ୍କଣ୍ଠିତ ଥିଲେ । ଏହି କାରଣରୁ ସେ ସାମାଜିକ ଓ ସାଂସ୍କୃତିକ ବିପ୍ଳବ ଚାହିଁଥିଲେ । ଦେଶର ଭବିଷ୍ୟତ ଶିଶୁମାନଙ୍କୁ ଏହି ରାଷ୍ଟ୍ରୀୟତାର ଭିତ୍ତିଭୂମି ଉପରେ ଛିଡ଼ା କରାଇବା ପାଇଁ ସେ ନିଜେ ଶିଶୁସାହିତ୍ୟ ପ୍ରଣୟନ କରିଥିଲେ ।

## ସୂକ୍ତି, ପ୍ରବଚନ, ସୁଭାଷଣ ଆଦି :

ଲୋକ ପ୍ରବଚନ, ପାଗ ଭିତ୍ତିକ ପ୍ରବଚନ, କୃଷି-ପ୍ରବଚନ, ସୁଭାଷଣ, ଲୋକୋକ୍ତି ଓ ଲୋକ ବିଶ୍ୱାସ ଆଦିର ଅବଲମ୍ବନରେ ସେ ଓଡ଼ିଶାର ଯୁଗ, କାଳ ନିର୍ଣ୍ଣୟ ତଥା ଜ୍ୟୋତିଷ ଓ ଫଳିତ ଶାସ୍ତ୍ର ସଂପର୍କୀୟ ଅଧ୍ୟୟନ କରି-ଥିଲେ । କୌଣସି ଶାସ୍ତ୍ରୀୟ ବିଷୟ ଅନୁଶୀଳନ କାଳରେ ଲୋକଭିତ୍ତିକ

ଦୃଷ୍ଟିରୁ ସେଗୁଡ଼ିକର ସାମାଜିକ ପ୍ରୟୋଗ ଦେଖି ବିଷୟର ସତ୍ୟାସତ୍ୟ ନିରୂପଣ କରିବା ତାଙ୍କ ମୌଳିକ ସମୀକ୍ଷା ରୀତିର ପରିଚୟ ।

ଓଡ଼ିଆରେ ଓଡ଼ିଆଣୀଙ୍କ ଋତୁକାଳକୁ ଅସୁଦି, ତୃତୀୟ ଦିନକୁ ଭୁଇଁଦଅଣ, ଚତୁର୍ଥ ଦିନକୁ ଠାକୁରଣୀ-ଗାଧୁଆ ତଥା ଯୌନ ସଙ୍ଗମକୁ 'ରଜାଘର କର୍ମ' ବୋଲିବା ସୁଭାଷଣ ( Euphenism ); ଶିଷ୍ଟରୀତିରେ ଅଶିଷ୍ଟ କଥାକୁ ପ୍ରକାଶ କରିବାର ଯେଉଁ ଲୋକୋକ୍ତିକୁ ନୀଳକଣ୍ଠ ଆଲୋଚନା କରିଛନ୍ତି, ସେଥିରେ ସେ ଓଡ଼ିଶାର ଲୋକଜୀବନ ଓ ସଂସ୍କୃତିର ବହୁ-ଦିଗକୁ ସ୍ପର୍ଶ କରିଛନ୍ତି । ସଂସ୍କୃତିର ପ୍ରତ୍ୟେକ ବିଭବକୁ ଅନ୍ୟ ବିଭବମାନଙ୍କ ସହ ଥିବା ଆନ୍ତଃ ସଂପର୍କକୁ ସେ ଏକ ସୂତ୍ରରେ ଗ୍ରଥିତ କରିବା ପର୍ଯ୍ୟନ୍ତ ସାଧନା ଓ ଉପଲବ୍ଧି ରଖିଥିଲେ ।

ଏହି ଦୃଷ୍ଟିରୁ ହୃଦୟରେ ଗମ୍ଭୀରତାର, ଜ୍ଞାନରେ ବିଲକ୍ଷଣ ପାଣ୍ଡିତ୍ୟର ତଥା ଚିନ୍ତା ଓ କର୍ମରେ ଦାର୍ଶନିକତାର ତ୍ରିବେଣୀ ସଂଗମ ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱରେ ପ୍ରକଟିତ ହୋଇଥିଲା । ତେଣୁ ତାଙ୍କୁ କେବଳ ସଂସ୍କୃତିବିତ୍ କିମ୍ବା ସାହିତ୍ୟକାର ନକହି ତାଙ୍କୁ ଓଡ଼ିଆ ସାଂସ୍କୃତିକ ପୁନରଭ୍ୟୁଦୟର ପଥପ୍ରଦର୍ଶକ କୁହାଗଲେ ଅତିରଞ୍ଜନ ହେବ ନାହିଁ ।

## ନୀଳକଣ୍ଠଙ୍କ ଭାଷାଭିତ୍ତିକ ଚର୍ଚ୍ଚା । ( Textural Study )

ଲୋକସାହିତ୍ୟର ଯେ କୌଣସି ବିଭବ ବିଶ୍ଳେଷଣରେ ବିଷୟଗତ ଅଧ୍ୟୟନ (Textual Study) ଓ ପୃଷ୍ଠଭୂମିକ ଅଧ୍ୟୟନ (Contextual study ) ଯେପରି ଅପରିହାର୍ଯ୍ୟ, ଏହାର ଭାଷାଭିତ୍ତିକ ଅଧ୍ୟୟନ ବି ସେହିପରି ଗୁରୁତ୍ୱପୂର୍ଣ୍ଣ । ବିଷୟ ତଥା ପୃଷ୍ଠଭୂମିର ଭାବ ଅବବୋଧ ଓ ଯୌକ୍ତିକତା ଦେଖାଇବାକୁ ହେଲେ ତନ୍ମଧ୍ୟସ୍ଥ ଭାଷାର ଅଧ୍ୟୟନ ଓ ଏହାର ଅର୍ଥ ଅବବୋଧ ନିତାନ୍ତ ଆବଶ୍ୟକ । କାରଣ ଭାଷାର ରୂପତତ୍ତ୍ୱ ଓ ଅବବୋଧକୁ ଭିତ୍ତି କରି ବିଷୟ ପ୍ରକାଶିତ ।

ଏଣୁ ଭାଷାର ଧ୍ୱନି, ରୂପ ଓ ଅର୍ଥଗତ ଅଧ୍ୟୟନ ପ୍ରତି ଲୋକସଂସ୍କୃତିବିତ୍ ମାନେ ଯଥେଷ୍ଟ ଗୁରୁତ୍ୱ ଆରୋପ କରିଥାନ୍ତି । ସେହିପରି ଭାଷାକୁ ଭିତ୍ତିକରି



ବୃତ୍ତ, ଛନ୍ଦ ଓ ଆବୃତ୍ତିର ପ୍ରକାର ଭେଦ ମଧ୍ୟ ନିରୂପିତ ହୋଇଥାଏ । Dundes କହନ୍ତି–

In most of the genres ( and all those of a verbal nature) the texture is the language, the specific phonemes and morphemes employed. Thus in verbal forms of Folklore, textural features are linguistics features. (୭୬)

ବିଷୟର ଯଥାର୍ଥ ଅର୍ଥ ଅବବୋଧ ପାଇଁ ସେ ତନ୍ମଧ୍ୟସ୍ଥ ଶବ୍ଦର ମୂଳ ଖୋଜିବା ପ୍ରକ୍ରିୟା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । ତାଙ୍କ ଭାଷା ଭିତ୍ତିକ ଅଧ୍ୟୟନର ନିମ୍ନୋକ୍ତ ଉପାୟ ଗୁଡ଼ିକ ଜଣାପଡ଼େ–

କ– ଶବ୍ଦର ମୂଳ ଖୋଜିବାକୁ ଯାଇ ଏହା ସଂସ୍କୃତ, ଦ୍ରାବିଡ଼, ଶାବର କିମ୍ବା ବୈଦେଶିକ ଶବ୍ଦ ଗୋଷ୍ଠୀ ଅନ୍ତର୍ଗତ;–ନିର୍ଣ୍ଣୟ ।

ଖ– ଶବ୍ଦର ଅର୍ଥ ସହିତ ବିଷୟର ଅର୍ଥଗତ ସଙ୍ଗତି କିମ୍ବା ବିସଙ୍ଗତି ନିର୍ଣ୍ଣୟ । ଓ

ଗ– ଗୋଟିଏ ପ୍ରକାର ଶବ୍ଦ ଦୁଇଟି ଭିନ୍ନ ଭିନ୍ନ ସଂସ୍କୃତିରେ ପ୍ରଚଳିତ ଥିବାର ଦେଖି ଏହାର ତୁଳନାତ୍ମକ ଅଧ୍ୟୟନ ଓ ସାଂସ୍କୃତିକ ବିସରଣ ପ୍ରତି ସଂକେତ ନିର୍ଣ୍ଣୟ ।

ମିଥ୍ ଓ କିମ୍ବଦନ୍ତୀର ଅନୁଶୀଳନ ବେଳେ ଗୋଟିଏ ଗୋଟିଏ ଶବ୍ଦରୁ ଶବ୍ଦ ଓ ସରଞ୍ଜାମ ସଂଗ୍ରହକରି ବିଶ୍ଳେଷଣ କରିବା ତାଙ୍କ ଭାଷା ଭିତ୍ତିକ ଅଧ୍ୟୟନର ଦ୍ୟୋତକ । ପ୍ରସଙ୍ଗ କ୍ରମେ ସେ ଛେଉପହଁରା, ମାହାର, ମାହାରୀ, ସତ୍ୟବାଦୀ, ସାକ୍ଷୀ–ଗୋପାଳ, କା', ବୋଉ, ଗଣ, ଢୀ, ମୀନ, ମନ, ଜଗନ୍ନାଥ, ଅଷ୍ଟାଙ୍ଗତ, ହଂସ, ତମଲୁକ, ତୋଟା, ମଗଧ, ବଙ୍ଗ ଆଦି ଶବ୍ଦର ବ୍ୟୁତ୍ପତ୍ତିକରି ତାହାର ପ୍ରକୃତ ଅର୍ଥ ବିଷୟ ଓ ପୃଷ୍ଠଭୂମି ଅଧ୍ୟୟନରେ ସହାୟକ ଓ ପ୍ରାମାଣିକ କି ନୁହେଁ, ସେ ପରୀକ୍ଷା କରି ଦେଖିଛନ୍ତି ।

ଲୋକଗୀତ, ଗାଥା ଓ ଲୋକୋକ୍ତି ଆଦିର ଛାନ୍ଦସିକ ପ୍ରୟୋଗ, ଆବୃତ୍ତିର ପ୍ରକାର ଭେଦ ମଧ୍ୟ ଏହି ଅଧ୍ୟୟନର ଅନ୍ତର୍ଗତ । ଓଡ଼ିଆ ଲୋକ-

୭୬ | Dundes, Alan, Texture, Text & Context ~p. 25

ବାଣୀରୁ ଲୋକପଦ୍ୟର କ୍ରମବିକାଶ ଓ ସେହି ଲୌକିକ ବୃତ୍ତ ଓ ଛନ୍ଦର ବିଧିବଦ୍ଧ ଶୃଙ୍ଖଳିତ ରୂପ ଓଡ଼ିଆ ଛନ୍ଦ ଓ ବୃତ୍ତ ବୋଲି ସେ ପ୍ରମାଣ କରି ଦେଖାଇଛନ୍ତି । ଗୀତର ମାତ୍ରାବୃତ୍ତ ଅଧ୍ୟୟନ ସଙ୍ଗେ ସଙ୍ଗେ ଆବୃତ୍ତି ଭେଦରେ ଏହାର ସାଂଗୀତିକତା ଦେଖାଇ ଓଡ଼ିଆ ସଙ୍ଗୀତରେ ଲୋକଛନ୍ଦର ପ୍ରଭାବ କିପରି ପଡ଼ିଛି, ନୀଳକଣ୍ଠ ତାହା ଦେଖାଇଛନ୍ତି । ଓଡ଼ିଆ ଲୋକଛନ୍ଦର ବିକାଶକ୍ରମ ଦେଖାଇବାକୁ ଯାଇ ସେ ଲୋକଗୀତ, ପ୍ରବଚନ ଓ ଦାଣ୍ଡିବୃତ୍ତର ଅବତାରଣା କରିଛନ୍ତି । ଲୌକିକ ରୀତିରେ 'ଗଦ୍ୟକୁ ପଦ୍ୟପରି ପଢ଼ିବା ଓ ସେଇପରି ଗାଇବାର ଗୋଟିଏ ଧରଣ'ରୁ ଦାଣ୍ଡିବୃତ୍ତର ଉତ୍ପତ୍ତି ହେଲା ବୋଲି ନୀଳକଣ୍ଠ କହନ୍ତି । (୭୩) "ଏହା ଚଉଦ ଅକ୍ଷରୀ ପାଦରେ ନିୟମିତ ହେଲାପରି ହେଲେ ହେଁ, ଭାବତରଙ୍ଗର ସ୍ୱଭାବିକ ଅଭିବ୍ୟକ୍ତି ପ୍ରକାରରେ ମଧ୍ୟେ ମଧ୍ୟେ କୌଣସି ଅକ୍ଷର ନିବଦ୍ଧମାତ୍ରା ନିୟମରେ ଆବଦ୍ଧ ହୋଇ ରହେନାହିଁ, ସ୍ୱରରେ ଚଉଦମାତ୍ରା ସବୁବେଳେ ଥିଲେ ହେଁ, ଚଉଦଟି ଅକ୍ଷର ବା ଅକ୍ଷର ସମ୍ବନ୍ଧୀ ମାତ୍ରାରେ ଏ ବୃତ୍ତ ଗତି କରେ ନାହିଁ । (୭୪)

ଦାଣ୍ଡି ଲୋକଛନ୍ଦରେ ଓଡ଼ିଆ ମହାଭାରତ ଲିଖିତ । ଏହା ତତ୍‌କାଳୀନ ଓଡ଼ିଆ କଥିତ ଭାଷାର ଅବିକଳ ଲିଖିତ ରୂପ । ଭାବ ପ୍ରକାଶ କ୍ଷମ ଭାଷାର ପ୍ରଲମ୍ବିତ ଛନ୍ଦ ଏଇ ଦାଣ୍ଡି । କିନ୍ତୁ ମୂଳ ତାଳପତ୍ର ପୋଥିରୁ ତାକୁ ଚତୁର୍ଦ୍ଦଶାକ୍ଷରୀ କରି ତନ୍ମଧ୍ୟସ୍ଥ ଭାଷା ଓ ଛନ୍ଦର ମୌଳିକତାକୁ ଛପା ମହାଭାରତକାର ମାନେ ନଷ୍ଟ କରି ଦେଇଛନ୍ତି । ଏହାକୁ ନୀଳକଣ୍ଠ ତୀବ୍ର ସମାଲୋଚନା କରିଛନ୍ତି । ମହାଭାରତର ତତ୍‌କାଳୀନ ଭାଷା ଓ ଶବ୍ଦର ମୂଳ ଧରି ବିଷୟରେ ପରବର୍ତ୍ତୀ ପ୍ରକ୍ଷେପ ସମ୍ପର୍କରେ ବିଚାର କରିଛନ୍ତି । ଭାଷାନୁଶୀଳନ କରି କେତେକ ବିଷୟାଂଶକୁ ସେ ମୂଳ ମହାଭାରତର ନୁହେଁ ବୋଲି କହିଛନ୍ତି । ଓଡ଼ିଶାର ସମସ୍ତ ଅଞ୍ଚଳର ମହାଭାରତ ପୋଥିର ସଂଗ୍ରହ ଓ ତୁଳନାତ୍ମକ ଅଧ୍ୟୟନର ଆବଶ୍ୟକତା ସେ ଉପଲବ୍ଧି କରିଛନ୍ତି ।

ଭାଷା ଭିତ୍ତିରେ ମୂଳ ମହାଭାରତ ସହିତ ଛପା ଚତୁର୍ଦ୍ଦଶାକ୍ଷରୀ ମହାଭାରତରେ ଥିବା ବିଷୟାଂଶମାନଙ୍କର ବୈସାଦୃଶ୍ୟକୁ ସେ ନିମ୍ନ

୭୩ । ଦାସ, ନୀଳକଣ୍ଠ—ଓ. ସା. କ୍ର. ପ.— ପୃ ୪୬୩
୭୪ । ତତ୍ରୈବ – ଓ. ସା. କ୍ର. ପ. – ପୃ–୪୮୪



ପ୍ରକାରେ ଲକ୍ଷ୍ୟ କରିଛନ୍ତି । ଯଥା— ମୂଳ ମହାଭାରତ ଭୀଷ୍ମ ପର୍ବରେ ଉଲ୍ଲେଖ ଅଛି, ଭୀଷ୍ମଙ୍କୁ ସେନାପତି କରିବାରୁ ଦୁର୍ଯ୍ୟୋଧନଙ୍କୁ ଅଶ୍ୱତ୍ଥାମା ଝିଂଗାସି କହିଛନ୍ତି, "ଯେଉଁ ଲୋକ ଜୀବନରେ ରଜାଘର କର୍ମ କରି ନାଇ, ଅର୍ଥାତ୍ ପୁତ୍ରାଦି ଜନ୍ମ କରି ଯେ ପ୍ରଜାବୃଦ୍ଧି କରିନାଇ, ତାକୁ ସେନାପତି କଲୁ ।" (୭୫) ମହାଭାରତର ଏହି 'ରଜାଘର କର୍ମ' ଛପା ମହାଭାରତରେ ବିଲୁପ୍ତ । ଏହାର ଅର୍ଥ ସ୍ତ୍ରୀ ସଂସର୍ଗ । ଛପା ମହାଭାରତକାର ମାନେ ଦାଣ୍ଡୀବୃତ୍ତକୁ ଚତୁର୍ଦ୍ଦଶାକ୍ଷରୀ କଲାବେଳେ ସାରଳାଦାସଙ୍କ ମୂଳ କଞ୍ଚା ଓଡ଼ିଆ ଭାଷାକୁ ଅସାଧୁ ବୋଲି କହି ବିଲୁପ୍ତ କରି ଦେଇଛନ୍ତି । ଫଳରେ ବିଷୟାଂଶରେ ବିସଙ୍ଗତି ହୋଇଛି । ଛପା ମହାଭାରତରେ ବଙ୍ଗାଳୀ ଶବ୍ଦ ଶିକଡ, ଛାରଖାର ଆଦିର ପ୍ରୟୋଗ ତଥା ଓଡ଼ିଶାରେ ଧନପୋତିବା ପ୍ରସଙ୍ଗ, ପରଦାର ଓ କୃଷ୍ଣଙ୍କ ରାଧାପ୍ରୀତି, ଚଣ୍ଡୀଙ୍କୁ ରକ୍ତଭାତ ବଳି ଦେବା, କାମାକ୍ଷୀ ବ୍ରତ ବିଧି ଆଦି ଓଡ଼ିଆ ସଂସ୍କୃତି କିମ୍ବା ସାହିତ୍ୟର ମୂଳ ନୁହେଁ, ବରଂ ରାଧାରମଣ ପୁସ୍ତକାଳୟ ଦ୍ୱାରା ଓଡ଼ିଆ ଜାତୀୟ ସାହିତ୍ୟ ବିକୃତ ହୋଇ ଥିବାରୁ ସେ ମର୍ମାହତ ହୋଇଛନ୍ତି । ତେଣୁ ବିଷୟର ଆଦର୍ଶରୁ ଓଡ଼ିଆ ସଂସ୍କୃତିକୁ ବାରିବା ପରି ଏକ ଏକ ଶବ୍ଦର ପରୀକ୍ଷା କରି ସେସବୁ ଓଡ଼ିଆ କି ନୁହେଁ ତାହା ସେ ଦେଖାଇଛନ୍ତି ।

ଓଡ଼ିଆ ଛାନ୍ଦର ସମୀକ୍ଷା କଲାବେଳେ ସେ କହିଛନ୍ତି—

ଲୋକଗୀତକୁ ସଂଗୀତର ତାଳଲୟରେ ପକାଇବାରୁ ବାହାରିଚି ଛାନ୍ଦ । (୭୬) ଏହି ଦୃଷ୍ଟିରୁ କୋଇଲି, ଚଉତିଶା ଓ କଳସା ଲୋକଗୀତରୁ ସୃଷ୍ଟ ବୋଲି ସେ ମତ ଦେଇଛନ୍ତି । (୭୭) ସାର୍ଙ୍ଗଦେବଙ୍କ ସଙ୍ଗୀତ ରତ୍ନାକରରେ 'ଓ-ବୀ' ଓ 'ଲୋ-ଲୀ' ପଦଟିରୁ 'ଲୋ-କୋଇଲି' ପଦର ଉଦ୍‌ଭବ ଅନୁମାନ କରି ସେ କହନ୍ତି ଓଡ଼ିଆ ଲୋକଗୀତରେ ତିନି ପାଦର ଅନ୍ତମିଳନ ଏକ ଅବିଚ୍ଛେଦ୍ୟ ଅଙ୍ଗ । (୭୮) ଲୋକଗୀତରୁ ହିଁ ସବୁ ଛାନ୍ଦର ବିକାଶ

୭୫—ତତ୍ରୈବ – ପୃ ୫୧୯
୭୬—ତତ୍ରୈବ—ପୃ-୪୮୪
୭୭— „ ପୃ-୪୮୮
୭୮— „ ପୃ-୫୦୧

ଏଣୁ ସେ ଲୋକଗୀତ ସହିତ ଛାନ୍ଦର ନିକଟ ଓ ଦୂର ସମ୍ପର୍କ ଥିବାର ଲକ୍ଷ୍ୟ କରିଛନ୍ତି । (୭୯)

ଲୋକଗୀତ ଓ ଲୋକୋକ୍ତିରୁ ଓଡ଼ିଆ ଛାନ୍ଦର ବିକାଶ କ୍ରମ ଦେଖାଇବାକୁ ଯାଇ ସେ ସଂସ୍କୃତ ଓ ପ୍ରାକୃତ ସଂଗୀତ ଶାସ୍ତ୍ର ସହିତ ଛାନ୍ଦ ଓ ବୃତ୍ତର ସମ୍ୟକ୍ ଅନୁଶୀଳନ କରିଛନ୍ତି । ଲୋକଗୀତ ଓ ଲୋକୋକ୍ତିରେ ଦାଣ୍ଡିବୃତ୍ତ ତଥା ପ୍ରାନ୍ତମେଳ, ଲୋକଗୀତର ତ୍ରିପଦୀଛନ୍ଦ, ଚତୁର୍ବିଂଶାକ୍ଷରୀରେ ଛାନ୍ଦର ଗତି, 'ଲୋ-ଲୀ' ରୀତିର ସଙ୍କେତରେ ୨୧ ଅକ୍ଷରର ଢଗ ତଥା ୧୬, ୧୮, ୧୯, ୨୦, ୨୨, ୨୩ ଅକ୍ଷରର ଢଗ ଗୁଡ଼ିକ କିପରି ଓଡ଼ିଆ ଛାନ୍ଦର ବିକାଶର ମୂଳ ରୂପେ ଅଛନ୍ତି—ଏଗୁଡ଼ିକ ସେ ଉଭୟ ସଙ୍ଗୀତ ଶାସ୍ତ୍ର ତଥା ଲୋକଛନ୍ଦର ଅନୁଶୀଳନ କରି ସିଦ୍ଧାନ୍ତରେ ପହଂଚିଛନ୍ତି । ତାଙ୍କ ଭାଷାରେ—

"ଲୋକଗୀତର ବା ଲୋକ ମୁଖର ଢଗ ପ୍ରଭୃତିରୁ ସଙ୍କେତ ଧରି ଗୋଷ୍ଠୀ ବିଭାଗ କରି ପ୍ରବଂଧ ବିସ୍ତାର କରିବା ଏକ କଥା, ମାତ୍ର ସଙ୍ଗୀତର ତାଳମାନ ପ୍ରଭୃତି ଧରି ଛାନ୍ଦ ଓ ତା ବୋଲିବା ରୀତି ଠିକ୍ କରିବା ଅନ୍ୟ କଥା ।" (୮୦)

ନୀଳକଣ୍ଠ ଲକ୍ଷ୍ୟ କରିଥିଲେ ଓଡ଼ିଆ ସଙ୍ଗୀତ ଗଙ୍ଗକାଳୀନ କର୍ଣ୍ଣାଟ ସଙ୍ଗୀତ ତଥା ବୈଷ୍ଣବ ଧର୍ମର ପ୍ରଭାବ ପୁଷ୍ଟ । କିନ୍ତୁ ମୌଳିକ ଓଡ଼ିଆ ସଙ୍ଗୀତଟିର ସ୍ୱରୂପ କ'ଣ—ତାହା ସେ ଜାଣିବା ପାଇଁ ଓଡ଼ିଆ ଛାନ୍ଦ, ବୃତ୍ତ ଓ ରାଗ ରାଗିଣୀର ମୌଳିକତା ଖୋଜିବା ପାଇଁ ପ୍ରୟାସ କରିଛନ୍ତି । ତାଙ୍କ ମତରେ ଓଡ଼ିଶୀ ସଙ୍ଗୀତରେ (ପ୍ରାକୃତ-ଓଡ଼ିଆ) କର୍ଣ୍ଣାଟୀ ଓ ବଙ୍ଗୀୟ ପ୍ରଭାବ ଥିବା ସତ୍ତ୍ୱେ ଏହାର ମୂଳଟିକୁ ଖୋଜି ବାହାର କରାଯାଇ ପାରେ ତଥା ଲୋକ ଛାନ୍ଦ ଓ ବାଣୀ ଆଦିରୁ ଏହାର ମୌଳିକ ସ୍ୱରୂପଟିକୁ ଆବିଷ୍କାର କରି ଏହାର କ୍ରମ ବିକାଶ ଦେଖାଇ ଶାସ୍ତ୍ରୀୟ ସଙ୍ଗୀତ ସ୍ତରକୁ ଉନ୍ନୀତ ହେବାର ସ୍ତରକୁ ନିର୍ଣ୍ଣୟ କରାଯାଇ ପାରେ । ସଂସ୍କୃତି ଓ ସାହିତ୍ୟର ସୂକ୍ଷ୍ମ ଆବେଗାତ୍ମକ ପ୍ରକାଶ ସଂଗୀତ । ତେଣୁ ସଙ୍ଗୀତ ମଧ୍ୟରୁ ସଂସ୍କୃତିର ପ୍ରାଣ ସ୍ପନ୍ଦନକୁ ଉପଲବ୍‌ଧି କରିବା, ଓଡ଼ିଆର ପ୍ରକାଶ ରୀତିକୁ ଜାଣିବା ପାଇଁ ନୀଳକଣ୍ଠ ପ୍ରାରମ୍ଭିକ ଉଦ୍ୟମ କରିଥିଲେ ବୋଲି ସ୍ପଷ୍ଟ ହୁଏ ।

---

୭୯— ତତ୍ରୈବ ପୃ-୪୯୧
୮୦— „ ପୃ-୫୦୮



ଲୋକସଂସ୍କୃତିବିତ୍ ରୂପେ ଆମ୍ଭେ ତାଙ୍କୁ ଏଇଥି ପାଇଁ ଗ୍ରହଣ କରିବା ଯେହେତୁ ସେ ଓଡ଼ିଆ ସଂସ୍କୃତିର ଯେ କୌଣସି ବିଭାବକୁ ଅର୍ଥପୂର୍ଣ୍ଣ କରି ଅନୁଶୀଳନ କରିଛନ୍ତି ।

## ଲୋକ ସଂସ୍କୃତିର ପ୍ରାୟୋଗିକ ଦିଗ ପ୍ରତି ନୀଳକଣ୍ଠଙ୍କ ଯୋଜନା—

ନୀଳକଂଠ ଚାହୁଁଥିଲେ ନିଜର ସାଂସ୍କୃତିକ ଅବବୋଧର ପୃଷ୍ଠଭୂମିରେ ଜାତୀୟ ଶିକ୍ଷା, ସାହିତ୍ୟ, ଚରିତ୍ର ଓ ଜୀବନର ସୌଧ ନିର୍ମିତ ହେବା ଦରକାର । ପରମ୍ପରାରୁ ହିଁ ପରିସ୍ଥିତିକ ଶିକ୍ଷା ପ୍ରତିଷ୍ଠିତ ହେଲେ ଜାତିର ମାନସିକତା ବିଚ୍ଛିନ୍ନତାବୋଧର ଶିକାର ହେବ ନାହିଁ । ଏହି ଆତ୍ମ ଅବବୋଧଶୀଳତା ସୃଷ୍ଟି ପାଇଁ ପାଶ୍ଚାତ୍ୟ ଦେଶରେ ଶିକ୍ଷା ଓ ସାଂସ୍କୃତିକ ଜୀବନରେ ଲୋକ ସଂସ୍କୃତିର ପ୍ରୟୋଗ (Applied Folklore) ସର୍ବାଧିକ । ନୀଳକଂଠ ମଧ୍ୟ ସେହିପରି ଓଡ଼ିଆ ସଂସ୍କୃତିର ବିକାଶର ସ୍ୱପ୍ନ ଦେଖିଥିଲେ । ଲୋକ ସାହିତ୍ୟକୁ ଶିକ୍ଷା ପାଇଁ ପ୍ରୟୋଗ କରିବା ଦିଗରେ ସେ ମତ ଦେଇଥିଲେ—

"ନାଆଁ ଦବା କଥାଟି ଓଡ଼ିଆ ଲୋକ ସାହିତ୍ୟରେ ସାଧାରଣ କଥା; ପିଲାଙ୍କ ଭିତରେ କଥାରେ ବୁଦ୍ଧି ଚଳାଇ ଶିଖିବାର ଏହା ଗୋଟିଏ ସୁନ୍ଦର ଖେଳ । ଏବେ ପ୍ରାଥମିକ ଶିକ୍ଷାରେ ଆଗନ୍ତୁକ ଓ କୃତ୍ରିମ ପଦ୍ଧତି ଓ ପ୍ରକାର ପଶୁଚି । ସେଥିରେ ଜାତିର ପରମ୍ପରା ପ୍ରତି ଦୃଷ୍ଟି ଦିଆଯାଉ ନାଇ ।"(୮୧)

ବିଦ୍ୟାଳୟ ଯିବା ପୂର୍ବରୁ ଶିଶୁ ନିଜ ଗୃହରେ ତଥା ସମାଜରେ ନିଜର ଏକ ପରିମଣ୍ଡଳ ମଧ୍ୟରେ ବିକାଶ ଲାଭ କରେ । କ୍ରୀଡ଼ା ମାଧ୍ୟମରେ ତାର ଆବେଗିକ (emotional) ଓ ସାମାଜିକରଣ (Socialization) ସମ୍ଭବପର ହୁଏ । ବିଦ୍ୟାଳୟ ନ ଥିଲା ବେଳେ କିମ୍ବା ତାହା ଥାଇ ଶିଶୁ ସେଠାକୁ ଯାଉ ନ ଥିବା ବେଳେ ଶିଶୁଙ୍କ ଖେଳ ଓ ଗୀତ ଆଦିର ପ୍ରଚଳନ ଥିଲା । ନୀଳକଂଠଙ୍କ ଭାଷାରେ, "ଏହି ସମୟ ଆମ ଶିଶୁଙ୍କ ସ୍ୱାଧୀନ ଓ ଅଜ୍ଞାତ ଗୃହ ଶିକ୍ଷାର ଏକ ପ୍ରଧାନ ଅଙ୍ଗ ଥିଲା ।" (୮୨) ତେଣୁ ସେ ଏହି

---

୮୧—ତତ୍ରୈବ ପୃ-୬୯
୮୨— „ ପୃ-୭୧

ପ୍ରାକ୍-ବିଦ୍ୟାଳୟ କାଳୀନ ଅନୌପଚାରିକ ଶିକ୍ଷା ଓ ବିଦ୍ୟାଳୟର ଔପଚାରିକ ଶିକ୍ଷା ମଧ୍ୟରେ ଯୋଗସୂତ୍ର ରକ୍ଷା କରିବାକୁ ଚାହିଁଥିଲେ । କାରଣ ବିଦ୍ୟାଳୟର ଶିକ୍ଷା ବିଷୟବସ୍ତୁ ସମାଜ ସଂସ୍କୃତି ଓ ଶିକ୍ଷା ଠାରୁ ଭିନ୍ନ ବା ଛିନ୍ନ ମୂଳ ହେବା ବାଞ୍ଛନୀୟ ନୁହେଁ । ଏଣୁ ସେ ମତ ଦେଇଥିଲେ—

"ଜାତୀୟ ସାହିତ୍ୟ ଖାଲି ଆଲୋଚନା ପାଇଁ ନୁହେଁ, ତାର ବ୍ୟବହାର ଅଛି । ଜାତୀୟ ଶିକ୍ଷା ପରମ୍ପରାରେ ପ୍ରତିଷ୍ଠିତ ଥିବା ପ୍ରତିଭା ବିକାଶର ଭିତ୍ତି ଉପରେ ହେବା ଦରକାର । ବିଶେଷରେ ଶିଶୁ ଶିକ୍ଷା ସେଇ ପୀଠରେ ଠିଆ ନ ହେଲେ ଭ୍ରଷ୍ଟ ହୁଏ । ପିଲାଙ୍କ ଖେଳରେ, ଗୀତରେ, କାହାଣୀରେ ସର୍ବତ୍ର ଏହାଇ ଦେଖିବାର ଜିନିଷ । (୮୩)

ଲୋକ ଭାଷା ଓ ଲୋକ ସାହିତ୍ୟ ସମେତ ଆଦିବାସୀ ଭାଷା ଓ ସାହିତ୍ୟର ସଂଗ୍ରହ, ସମୀକ୍ଷା କରି ଜାତୀୟ ସାହିତ୍ୟ ଗଠନ ପାଇଁ ନୀଳକଣ୍ଠ ଉଦ୍ୟମଶୀଳ ଥିଲେ । ଆଧୁନିକ ଶିକ୍ଷା ଓ ସଭ୍ୟତାର ପ୍ରଭାବରେ ନିଜ ସଂସ୍କୃତି ଅପାଂକ୍ତେୟ ହୋଇ ପଡ଼ିରହିଥିଲା ବେଳେ, ଜାତୀୟ ସଂସ୍କୃତିର ସଂରକ୍ଷଣ ଓ ଏହାର ପୁନର୍ବିନ୍ୟାସ ଦୃଷ୍ଟିରୁ ସର୍ବପ୍ରଥମେ ବିଦଗ୍ଧ ସ୍ତରରୁ ହିଁ ଉଦ୍ୟମ ଆରମ୍ଭ ହେବା ଦରକାର । ନୀଳକଣ୍ଠ କହିଛନ୍ତି—

"କଲିକତା ବିଶ୍ୱବିଦ୍ୟାଳୟ ମଧ୍ୟ ସେଥିପାଇଁ 'ସାଂତାଳୀ' ଓ ଆସାମର 'ଖାସିଆ' ଭାଷାକୁ ଛୋଟ ଦେଶୀ ଭାଷା ( minor-vernacular ) ରୂପେ ଗ୍ରହଣ କରି ଏ ସବୁ ଆଲୋଚନାର ସୂତ୍ରପାତ କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶାର ଅନ୍ୟାନ୍ୟ ସାହିତ୍ୟିକ ଅନୁଷ୍ଠାନର ଏପରି ସ୍ପଷ୍ଟ ଓ ସୁଚିନ୍ତିତ ଯୋଜନାଯୁକ୍ତ ଉଦ୍ୟମମାନ ଶୀଘ୍ର ହେବା ଉଚିତ ।" (୮୪)

ଏହି ଦୃଷ୍ଟିରୁ ଓଡ଼ିଆ ସଂସ୍କୃତି ଓ ସାହିତ୍ୟର ଆଲୋଚନା ତଥା ରାଷ୍ଟ୍ରୀୟ ବିକାଶରେ ଏହାର ଯୋଜନାବଦ୍ଧ ପ୍ରୟୋଗ ପାଇଁ ନୀଳକଂଠଙ୍କର ଯେଉଁ ପରିକଳ୍ପନା ଥିଲା, ତାହା ଏଯାବତ୍ ଓଡ଼ିଶାରେ ସଫଳତାର ସହିତ ପ୍ରଯୁକ୍ତ ହେବା ଦୂରର କଥା, ପ୍ରାରମ୍ଭିକ ଉଦ୍ୟମର ଘୋର ଅଭାବ ରହିଛି କହିଲେ

୮୩—ତତ୍ରୈବ ପୃ ୭୧
୮୪— „ ପୃ-୭୧



ଚଳେ । ସରକାରୀ ସୂତ୍ରରୁ ତଥା ବିଶ୍ୱବିଦ୍ୟାଳୟମାନଙ୍କରେ ଭାଷା ଓ ଲୋକସଂସ୍କୃତି ଗବେଷଣା ଓ ଶିକ୍ଷା କ୍ଷେତ୍ରରେ ଏହାର ପ୍ରୟୋଗ ପାଇଁ ଯୋଜନାମାନ ପ୍ରଣୟନ ହେବା ଉଚିତ । ଭାରତର ଅନେକ ଆଞ୍ଚଳିକ ସଂସ୍କୃତିର ଆଲୋଚନା ପାଇଁ ସଂପୃକ୍ତ ସରକାର ତଥା ବିଶ୍ୱବିଦ୍ୟାଳୟମାନେ ଯୋଜନାବଦ୍ଧ ଉଦ୍ୟମ କଲାବେଳେ, ଏପରିକି ସ୍ୱତନ୍ତ୍ର ବିଭାଗମାନ ଖୋଲା ହେଲାବେଳେ ଓଡ଼ିଶାରେ ଏଥିପାଇଁ ତୁଳନାତ୍ମକ ଭାବେ ସଚେତନତା ସୃଷ୍ଟି ହୋଇନାହିଁ, କହିବା ବାହୁଲ୍ୟ ।

ନୀଳକଣ୍ଠ ଓଡ଼ିଆ ସଂସ୍କୃତିକୁ ନିଜେ ଜିଇଁ ଉପଲବ୍ଧି କରିଥିଲେ । କେନ୍ଦ୍ରୀୟ ବ୍ୟବସ୍ଥାପକ ହେବାଠାରୁ ପଲ୍ଲୀର କନ୍ଧ, ଶବର ଓ କୋଲା ପ୍ରଜାତିଙ୍କ ପର୍ଯ୍ୟନ୍ତ ସାମାଜିକ ସଂପର୍କ ରଖିଥିଲେ । ସେ ଅତୀତରୁ ବର୍ତ୍ତମାନଯାଏ ଓଡ଼ିଶାର ସାଂସ୍କୃତିକ ଅଧ୍ୟୟନ କରି ଏହାରି ପଟ୍ଟଭୂମିରେ ଭବିଷ୍ୟତ ଓଡ଼ିଶାର ପ୍ରଗତି ପାଇଁ ସମ୍ଭାବନା କରିଥିଲେ । ଏଣୁ ତାଙ୍କ ଓଡ଼ିଆ ସଂସ୍କୃତି ଓ ସାହିତ୍ୟ ଚର୍ଚ୍ଚା ଓଡ଼ିଆ ସଂସ୍କୃତିର ଭବିଷ୍ୟତ ନିର୍ମାଣ ପାଇଁ ଅଭିପ୍ରେତ । ଦେଶର ସାମାଜିକ ଆର୍ଥିକ ଯୋଜନା କରିବା ପରି ସାଂସ୍କୃତିକ ମୂଲ୍ୟବୋଧ ଓ ଆଦର୍ଶକୁ ନେଇ ମଧ୍ୟ ଯୋଜନା କରି ଦେଶକୁ ସର୍ବଦିଗରୁ ସୁପ୍ରତିଷ୍ଠିତ କରିବା ତାଙ୍କ ପୁରୋଦୃଷ୍ଟିର ପରିଚୟ । ଏହି ଦୃଷ୍ଟିରୁ ନୀଳକଣ୍ଠଙ୍କ ବ୍ୟକ୍ତି ଦୃଷ୍ଟି, ବୋଧ ଦୃଷ୍ଟି ଓ ବିଶ୍ୱ ଦୃଷ୍ଟି ଓଡ଼ିଆ ସଂସ୍କୃତିର କଳନା କରିବାରେ ଅନନ୍ୟ, ସ୍ୱତନ୍ତ୍ର ତଥା ପୁରୋଦୃଷ୍ଟି ସଂପନ୍ନ ।

# ସହାୟକ ଗ୍ରନ୍ଥପଂଜୀ


## ଓଡ଼ିଆ-

୧। ଦାଶ, ଅଭିନ୍ନ ଚନ୍ଦ୍ର ୧୯୭୮ — ବୈଦିକ ସାହିତ୍ୟ ଓ ସଂସ୍କୃତି, ଗ୍ରନ୍ଥମନ୍ଦିର, କଟକ

୨। ଦାଶ, ଡଃ ଗଗନେନ୍ଦ୍ରନାଥ (ସଂ) ୧୯୮୬ — ନୀଳକଣ୍ଠ ସ୍ମାରକୀ, ତୃତୀୟ ଖଣ୍ଡ, ନୀଳକଣ୍ଠ ସ୍ମୃତି ସମିତି, ଭୁବନେଶ୍ୱର

୩। ଦାସ, ନୀଳକଣ୍ଠ ୧୯୭୭ — ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, (୨ୟ ସଂସ୍କରଣ), ନିଉ ଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ

୪। ଦାସ, ନୀଳକଣ୍ଠ ୧୯୫୧ — ସଂସ୍କୃତ ଓ ସଂସ୍କୃତି, ନିଉଷ୍ଟୁଡେଣ୍ଟସ୍ ଷ୍ଟୋର, କଟକ

୫। ଦାସ, ନୀଳକଣ୍ଠ ୧୯୯୦ — ପରଂପରର କଳନା ଓ ପ୍ରଭବ ପ୍ରଥମ ଅଧ୍ୟାୟ ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ନୀଳକଂଠଙ୍କ ଅପ୍ରକାଶିତ ରଚନାବଳୀ, ନୀଳକଂଠ ସ୍ମୃତି ସମିତି, ଭୁବନେଶ୍ୱର

୬। ପଟ୍ଟନାୟକ, କଇଳାଶ ୧୯୮୯ — ଲୋକସାହିତ୍ୟ ଚର୍ଚ୍ଚା, କଟକ ଟ୍ରେଡ଼ିଂ କଂପାନୀ, କଟକ

୭। ମହାପାତ୍ର, ଶ୍ୟାମସୁନ୍ଦର (ସଂ) ୧୯୮୨ — ଓଡ଼ିଆ ଲୋକ ସାହିତ୍ୟ, ଗ୍ରନ୍ଥମନ୍ଦିର, କଟକ

୮। ମିଶ୍ର, ନରେନ୍ଦ୍ରନାଥ, ୧୯୮୩ — ପଣ୍ଡିତ ନୀଳକଣ୍ଠ: ଜୀବନୀ ଓ କୃତି, ନୀଳକଣ୍ଠ ସ୍ମୃତି ସମିତି, ଭୁବନେଶ୍ୱର

୯। ମିଶ୍ର, ବିନାୟକ, ୧୯୭୨ — ଓଡ଼ିଆ ସାହିତ୍ୟର ଇତିହାସ, କଟକ

୧୦। ମିଶ୍ର, ସଦାଶିବ (ସଂ) ୧୯୮୪ — ନୀଳକଣ୍ଠ ସ୍ମାରକୀ, ଦ୍ୱିତୀୟ ଖଣ୍ଡ, ନୀଳକଣ୍ଠ ସ୍ମୃତି ସମିତି, ଭୁବନେଶ୍ୱର

## ପତ୍ରିକା-

୧। ଦାସ, ଗୋପବନ୍ଧୁ (ସଂ) — ସତ୍ୟବାଦୀ, ତୃତୀୟ ଖଣ୍ଡ ୩-୪ ସଂଖ୍ୟା

୨। ନାୟକ, ଲାବଣ୍ୟ (ସଂ) — ଏଷଣା– ୧୩ଶ ଓ ୧୫ଶ ଖଣ୍ଡ ଓଡ଼ିଆ ଗବେଷଣା ପରିଷଦ, କଟକ

୩। ମହାନ୍ତି, ସରୋଜ ରଞ୍ଜନ (ସଂ) — ଝଙ୍କାର, ୩୭ ବର୍ଷ, ବିଷୁବ ସଂଖ୍ୟା, ପ୍ରଜାତନ୍ତ୍ର ପ୍ରଚାର ସମିତି, କଟକ

୪। ମିଶ୍ର, ନରେନ୍ଦ୍ରନାଥ, (ସଂ) ୧୯୮୭ — ବିଶ୍ୱଭାରତୀ ଦୀପିକା– ୮ ଓଡ଼ିଆ ବିଭାଗ, ବିଶ୍ୱଭାରତୀ, ଶାନ୍ତି ନିକେତନ

## ବଙ୍ଗଳା-

୧। ଚଟ୍ଟୋପାଧ୍ୟାୟ, ତୁଷାର — ଲୋକ ସଂସ୍କୃତିର ତତ୍ତ୍ୱରୂପ ଓ ସ୍ୱରୂପ ସନ୍ଧାନ, କଲିକତା

୨। ମଣ୍ଡଲ, ଚିତ୍ତ ୧୯୮୩ — ଫୋକ୍‌ଲୋରେର ସ୍ୱରୂପ, ପୁସ୍ତକ ବିପନୀ, କଲିକତା

## ହିନ୍ଦୀ-

୧। ମେୟର, ଲୁସି, — ସାମାଜିକ ନୃବିଜ୍ଞାନ କି ଭୂମିକା (An Introduction to Social Anthropology~ Lucy Mayerଙ୍କ ପୁସ୍ତକର ହିନ୍ଦୀ ଅନୁବାଦ,ଅନୁବାଦକ-ଡଃ ସଚ୍ଚିଦାନନ୍ଦ, ବିହାର ହିନ୍ଦୀ ଗ୍ରନ୍ଥ ଏକାଡେମୀ, ପାଟଣା ୧୯୭୩

## ENGLISH


1. Arrora, U. P. 1981 : Motifs in Indian Mythology, Munshiram Manoharlal, New Delhi.
2. Bascom, W. R. 1981 : Contributions to Folkloristics, Folklore Institute, Meerut.
3. Ben-Amos, 1972 : Folklore Genre, New York
4. Biswas, H (Ed.) 1967 : Folk Music & Folklore, Folk Music & Folklore Research Institute, Calcutta.
5. Bhattacharya, H (Ed.) 1968 · Cultural Heritage of India, Institute of Culture, Ramkrishna Mission, Calcutta.
6. Bogomolov, 1985 : History of Ancient Philosophy, Progress Publication, Moscow.
7. Brunvand, J. H. 1976 . Folklore; A Study of Research and Guide, New York.
8. Dorson, R. M. (Ed.) 1972 Folklore & Folklife : An Introduction, Chicago University Press, Chicago.
9. Dundes Alan (Ed.) 1965 : Study of Folklore, Prentice Hall, Inc. New Jersey,
10. Dundes Alan 1978 : Essay in Folkloristics, Folklore Institute Meerut.
11. Fuchs Stephen 1968 : Gonds and Bhumias of Eastern Mandala New Literature Publishing House, Bombay,
12. Handoo, J. 1976 : Current Trends in Folklore Mysore.
13. Handoo, J. 1977 : A Bibilography of Indian Folk Literature CIIL. Mysore.





14. Handoo, J. 1987 : Folklore : An Introduction, Mysore.
15. Hammond, Peter B. 1975 : Social and Cultural Anthropology New York.
16. Herskovit, M. J. 1974 : Cultural Anthropology Ox Ford.
17. Islam Mazhaml, 1085 : Folklore : The Pulse of the People Concept Publication Delhi.
18. Misra, B. 1987 : Verrier Elwin A Pioneer Indian Anthropologist, Mayur Publications, Bhubaneswar.
19. Rajgopalachari C, 1986 : The Ramayana, Bharatiya Vidya Bhavan, Bombay.
20. Sokolov Y. M. 1950 : Russian Folklore, New York.
21. Vatuk, Sylvia (Ed.) 1978 : American Studies in Anthropology of India, Manohar Publication, Delhi.

**Journals :** 1. Folklore-Vol. 30, No. 5, May 1987.
2. Journal American Folklore Vol. 67, 1954.
3. Man in India, Vol. 57 July-Sept. 1977.

# ନିବେଦନ

ବିଦ୍ୟୁତ୍ ତାର ଏବଂ ଅନ୍ୟାନ୍ୟ ବିଦ୍ୟୁତ୍ ସାମଗ୍ରୀ ଚୋରି ଦିନକୁ ଦିନ ଏତେ ପ୍ରବଳ ହେଲାଣି ଯେ, ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବା ସର୍ବଦା ସମ୍ଭବପର ହୋଇ ପାରୁନାହିଁ । ଏପରିକି ଅସାମାଜିକ ଲୋକମାନେ ଏବେ ରାଜ୍ୟର ବିଭିନ୍ନ ସ୍ଥାନରୁ ନିୟମିତ ଭାବେ ଅତ୍ୟୁଚ୍ଚ ଶକ୍ତି ସଂପନ୍ନ ବିଦୁତ୍ ଟାୱାରଗୁଡ଼ିକରୁ 'ମେମ୍ବର' (ଲୁହା ଖଣ୍ଡ) ଚୋରି କରି ନେଉଛନ୍ତି । ଏହି ଚୋରି ଜନବସତି ଅଞ୍ଚଳରେ ବେଶୀ ହେଉଥିବା ଲକ୍ଷ୍ୟ କରାଯାଉଛି । ମେମ୍ବର ଚୋରି ଯିବା ଫଳରେ ଟାୱାର ଗୁଡ଼ିକ ଦୁର୍ବଳ ହୋଇ ଭାଙ୍ଗି ପଡ଼ି ବିସ୍ତୃତ ଅଞ୍ଚଳରେ **ବିଦ୍ୟୁତ୍** ଯୋଗାଣ ବାଧାପ୍ରାପ୍ତ ହେବା ସଙ୍ଗେ ସଙ୍ଗେ ବୋର୍ଡ଼ର ଲକ୍ଷ ଲକ୍ଷ ଟଙ୍କା ଆର୍ଥିକ କ୍ଷତି ମଧ୍ୟ ହେଉଛି ।

ପୁନର୍ବାର ଟାୱାର ନିର୍ମାଣ କରି ବିଦ୍ୟୁତ୍ ଯୋଗାଣ ଅବ୍ୟାହତ ରଖିବା ପାଇଁ ଜନସାଧାରଣଙ୍କ ପକ୍ଷରୁ ପ୍ରବଳ ଚାପ ପଡ଼ୁଥିବା ବେଳେ ଯଥା ସମୟରେ ଆର୍ଥିକ ବନ୍ଦୋବସ୍ତ କରି ସାମଗ୍ରୀଗୁଡ଼ିକୁ ଯୋଗାଡ଼ କରିବା ସର୍ବଦା କଷ୍ଟସାଧ୍ୟ ହୋଇ ପଡ଼ୁଛି । ପୁନଶ୍ଚ ଏଥିଯୋଗୁଁ ନୂତନ ଲାଇନ ନିର୍ମାଣ କରି ଅପେକ୍ଷାରତ ଶିଳ୍ପ ପ୍ରତିଷ୍ଠାନ, ବ୍ୟବସାୟ—ବାଣିଜ୍ୟ କେନ୍ଦ୍ର ଇତ୍ୟାଦି ପାଇଁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦେବାରେ ଅଯଥା ବିଳମ୍ବ ହେଉଛି ।

ବୋର୍ଡ଼ କର୍ତ୍ତୃପକ୍ଷ ଜନସାଧାରଣଙ୍କୁ ନିବେଦନ କରୁଛନ୍ତି ଯେ, ଅସାମାଜିକ ଲୋକମାନେ ଯେପରି ଟାୱାର ମେମ୍ବର ଏବଂ ଅନ୍ୟାନ୍ୟ ବିଦ୍ୟୁତ୍ ସାମଗ୍ରୀ ଚୋରି ନ କରନ୍ତି, ସେଥିପାଇଁ ସତର୍କ ରହି ଚୋରି କରୁଥିବା ଲୋକଙ୍କ ଠିକଣା ଏବଂ ଏହି ଜିନିଷଗୁଡ଼ିକ କେଉଁଠି ଅଛି ତା'ର ସଠିକ ବିବରଣୀ ସ୍ଥାନୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ଜଣାଇଲେ ଉପଯୁକ୍ତ ପୁରସ୍କାର ଦିଆଯିବା ସଙ୍ଗେ ସଙ୍ଗେ ଖବରଦାତାଙ୍କ ନାମ ଗୋପନ ରଖାଯିବ ।

## ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ଼

ଭୁବନେଶ୍ୱର

ବୁଲି ବାରଦ୍ୱାର ଖରା ତରାରେ
ଲାଗି ରହିଥିଲେ ଲୋକ ସେବାରେ,

× × × ×

ଦେଶ ଲାଗି ସାରା ଜୀବନ ଦେଲେ
'ପଦ୍ମଭୂଷଣ' ସେ ପଦ ପାଇଲେ ।

(ଜାତୀୟ କବି ବୀରକିଶୋର)

ଯେଉଁ ଲୋକ ସେବା ଓ ଦେଶ ସେବା ପଣ୍ଡିତ ଗୋପବନ୍ଧୁ ଓ ପଣ୍ଡିତ ନୀଳକଂଠ ପ୍ରଭୃତି ପଞ୍ଚସଖାଙ୍କର ଜୀବନର ଲକ୍ଷ୍ୟ ଥିଲା, ସେଇ ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରାଚ୍ୟ ଓ ହିନ୍ଦୁ ସଂସ୍କୃତିର ପ୍ରତୀକ ପରମ ଆରାଧ୍ୟ ମହାପ୍ରଭୁ **ଜଗନ୍ନାଥ**ଙ୍କ ପବିତ୍ର ନାମ ବହନ କରି ଗଢ଼ି ଉଠିଚି ଓ ଆଜି

**ମହାମନୀଷୀ ପଣ୍ଡିତ ନୀଳକଂଠଙ୍କ ପ୍ରତି**
ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି—

# ଜଗନ୍ନାଥ ସେବାସଦନ

—[ ନର୍ସିଂ ହୋମ୍ ]—
ରାଜମହଲ ଛକ, ଭୁବନେଶ୍ୱର-୯
ଫୋନ — ୪୦୧୨୩୩



ବାଣିଜ୍ୟେ ବସତି ଲକ୍ଷ୍ମୀ
ତଦର୍ଦ୍ଧଂ କୃଷି କର୍ମଣି
ତଦର୍ଦ୍ଧଂ ରାଜ ସେବାୟୁ
ଭିକ୍ଷାୟୁଂ ନୈବ ନୈବଚ ।

ମହାମନ୍ତ୍ରକୁ ଅନୁସରଣ କରି ଯେଉଁ ମହାମନୀଷୀମାନେ ରାଜ ସେବା (ଚାକିରୀ)ରୁ ବିରତ ରହି ସେମାନଙ୍କର ସାରା ଜୀବନ ଦେଶ ସେବାରେ କଟାଇ ଦେଇଛନ୍ତି, ସେମାନଙ୍କ ମଧ୍ୟରୁ ଅନ୍ୟତମ ସଖା, 'ସବ୍ୟସାଚୀ', ବକୁଳ ବନର ଗୁରୁ, ଭାରତର ବିଶିଷ୍ଟ ସାହିତ୍ୟିକ, ନିର୍ଭୀକ ରାଜନୈତିକ ନେତା ତଥା ପ୍ରତିଷ୍ଠିତ ମାନବତାବାଦୀ ଦାର୍ଶନିକ

**ପଣ୍ଡିତ ନୀଳକଂଠଙ୍କ** ପବିତ୍ର ସ୍ମୃତିରେ
ଫିଲିପ୍ସ ରେଡ଼ିଓ, ଟେଲିଭିଜନ, ଟୁ-ଇନ୍-ଓ୍ୱାନ୍,

ଏବଂ

ଫିଲିପ୍ସର ସମସ୍ତ ପ୍ରକାର ବୈଦ୍ୟୁତିକ ସରଞ୍ଜାମର କ୍ଷମତାପ୍ରାପ୍ତ ବିକ୍ରେତା
ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି—

# ବାଣିଜ୍ୟ ବିକାଶ

ମାର୍କେଟ୍ ବିଲ୍ଡିଙ୍ଗ୍ସ୍, ଭୁବନେଶ୍ୱର-୯
ଫୋନ — ୫୩୭୯୯

HARNESSING NATURE TO SERVE THE NATION

Harnessing Orissa's rich
natural resources
for rapid industrial
development of the state
and the nation.

ROURKELA STEEL PLANT
is the first public sector
venture to build the
country's steel
infrastructure.

With the widest range of
basic steel products,
today the plant has been
a source of support
for innumerable activities
through the length
and breadth of the country.

Steel Authority of India Limited
ROURKELA STEEL PLANT

Bulk producer of special purpose steel